କେନ୍ରି ଠାକୁର

ଶାନ୍ତନୁକୁମାର ଆଚାର୍ଯ୍ୟ

Digitized by srujanika@gmail.com

ଚଳନ୍ତି ଠାକୁର

ଶାନ୍ତନୁ କୁମାର ଆଚାର୍ଯ୍ୟ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ :

ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

ପ୍ରଥମ ସଂସ୍କରଣ : ନଭେମ୍ବର, ୧୯୯୧

ମୂଲ୍ୟ : ଟ ୨୪.୦୦

ସାଧାବନ୍ଧେଇ : ଟ ୨୦.୦୦

Digitized by srujanika@gmail.com

ସୂଚୀ

୧ । ପିତୃଋଣ — ୧

୨ । ବୃକ୍ଷସାକ୍ଷୀ — ୧୧

୩ । ଚଳନ୍ତଠାକୁର — ୨୨

୪ । ଗ୍ଲାସ୍‌ନଷ୍ଟ — ୩୧

୫ । ଟେଲିଫୋନ କଲ୍ — ୪୧

୬ । ଜନଗଣଙ୍କ ମନ ଓ ତାର ଅଧିନାୟକ — ୫୧

୭ । ପ୍ରେମର ପ୍ରମାଣ — ୬୨

୮ । କଲେଜ ଦ୍ୱାରେ ଜହ୍ନସ୍ୱତ୍ତ — ୭୬

୯ । ମାଟିର ସ୍ୱପ୍ନ — ୮୩

୧୦ । ଅଜାତଶତ୍ରୁଙ୍କ ସମାଧିସ୍ତୂପ — ୯୦

୧୧ । ଅଗଷ୍ଟ ପନ୍ଦର — ୯୮

Digitized by srujanika@gmail.com

ପିତୃଋଣ

ଘଡ଼ିମୂଳ ଗାଁ ଏବେ ବି ସେମିତି ନିପଟ ଗାଁ, ଯେମିତି ଥିଲା ପଚିଶ ବର୍ଷ ତଳେ । ଘଡ଼ିମୂଳ ଗାଁ ତଳ ନଈଟା ଏବେ ବି ସେମିତି ଶିଉଳି ଓସାରିଆ ଗହୀରିଆ ହୋଇ ରହିଚି, ଯେମିତି ଥିଲା ପଚିଶ ବର୍ଷ ତଳେ । ଗାଁର ଗଛବୃକ୍ଷ ପଶୁପକ୍ଷୀ କୀଟପତଙ୍ଗ ସ୍ଥାବରଜଙ୍ଗମ ସେମିତି ଅଛନ୍ତି, ଯେମିତି ଥାଆନ୍ତି ତା' ମଣିଷମାନେ । ମଣିଷଙ୍କ ଘରଦ୍ୱାର ଚାଲିଚଳଣି କଥାବାର୍ତ୍ତା ବେଶଭୂଷା ସବୁ ସେମିତି ରହିଛି, ଯେମିତି ଥିଲା ପଚିଶବର୍ଷ ତଳେ—ବୀର ସାଆଁତର ଗାଁ ଛାଡ଼ି କଲିକତା ପଳେଇଲାବେଳେ ।

ବୀର ସାଆଁତର ଗାଁ ଛାଡ଼ି କଲିକତା ପଳେଇଗଲାବେଳେ ଗାଁଲୋକ ତା' ପଛରେ ଠେଙ୍ଗାବାଡ଼ି ଧରି ଅନେକଦୂର ଯାକେ ଗୋଡ଼େଇ ଗୋଡ଼େଇ ଯାଇ-ଥିଲେ । ତାଙ୍କ ପାଟି-କୁଡ଼ାଟି ସେଦିନ ଯେମିତି ଶୁଭୁଥିଲା କାନକୁ, ଆଜି ବି ସେ ପାଟିକୁଡ଼ାଟି, ସେମିତି ଅବର୍ଜିଆ ଅତର୍କିଆ ଶୁଭୁଚି—"ହେଇ ହେଇ—ଗଲା ଗଲା—ଧର ଧର—ଟେକ ଫୋପାଡ଼ ଦିଅ ଶଳାଟାକୁ ନଈକୁ—ଭିଡ଼ିଆଣ—ଓଟାରିଆଣ—କଣ୍ଠ ଖୋଲିଦିଅ ଶଳାର ।" ଏମିତି ଏମିତି ଲକ୍ଷେ ରକମ ଗାଳି, ଲକ୍ଷେ ରକମ ସ୍ୱର । ସେ ଗାଳି ସେ ସ୍ୱର ସେମିତି ବଞ୍ଚିଛନ୍ତି—ବଞ୍ଚିରହିବେ ମଧ୍ୟ । ମଣିଷମାନେ ସହଜେ ବଦଳନ୍ତି ନାହିଁ । କଥାରେ ଅଛି, 'ମଣିଷ ପ୍ରକୃତି ମଲେ ଛୁଟେ' । କିନ୍ତୁ ପ୍ରକୃତି ଅନାଦି ଅନନ୍ତ । ତା'ର ମରଣ ନଥାଏ । ମଣିଷ ମରିପାରେ, ମରି ପୁଣି ଜନ୍ମହୋଇପାରେ ।

ପଚିଶବର୍ଷ କିଛି କମ୍ ସମୟ ନୁହେଁ । ବୀର ସାଆଁତର ଗାଁ ଛାଡ଼ି ପଳେଇଲା-ବେଳେ ତାକୁ ହୋଇଥିଲା ମୋଟେ ଉଣେଇଶଟା ବର୍ଷ । ଏଇଲେ ତାକୁ ଚାଲୁଚି ଅଣସ୍ତର । ସେଦିନ, ଅର୍ଥାତ୍ ପଚିଶ ବର୍ଷ ତଳେ, ବୀର ସାଆଁନ୍ତର ଦେହରେ କାଠିଏ ବଳ ଥିଲା, ଯୋଉଥିଯୋଗୁ ଗାଁଲୋକେ ତାକୁ ଡରୁଥିଲେ । ଏଇଲେ ବୀର ସାଆଁତର ବଳ ଆଉ ତା' ଦେହରେ ନାହିଁ, ଅଛି ବ୍ୟାଙ୍କ୍ ଖାତାରେ, ଯୋଉଥିପାଇଁ କଲିକତାର ଜ୍ୟୋତିବସୁ ବି ଡରେ ତାକୁ । ବୀର ସାଆଁତର

Digitized by srujanika@gmail.com

ପ୍ରଧାନ ଶବ୍ଦ ହେଲା ଏଇ 'ବଳ' । ପଚିଶବର୍ଷ ଭିତରେ ଏଇ 'ବଳ' ତାକୁ ବଡ଼ ଅକଳିଆରେ ପକେଇଥିଲା ଥରକୁ ଥର ।

ବନ୍ଧୁଆ ବୀର ସାଆଁତ ସେଦିନ ବସିବସି ନିଜ ଜୀବନଟାକୁ ଓମୁଣ୍ଡିଆ ଛଦାରଖି କରୁଥାଏ ଆଉଥରେ । ସେ ଯୋଉଠି ବସିଥାଏ ସେଠି ବହୁ ବର୍ଷ ତଳେ ଆଉ ଜଣେ ବୀରପୁରୁଷ ବସିଥିବେ ନିଶ୍ଚେ—ନହେଲେ ସେ ଜାଗାଟାରେ ବସୁ ନବସୁଣୁ ଏମିତିକିଆ ଗୋଟାଏ ଅଦ୍ଭୁତ ଚିନ୍ତା କାହିଁକି ପଶନ୍ତା ତା' ମନରେ ? ବୀର ସାଆଁନ୍ତ ତ ଏମିତିଆ ମଣିଷ ନୁହେଁ, ଯିଏ ନିଜକୁ ନିଜେ କହନ୍ତା—"ଆରେ ! ବହୁତ ହୋଇଗଲା—ଏଥର ବନ୍ଦ କର ! କୋଟିଏ ଟଙ୍କା ଅର୍ଜି ସାରିଲୁଣି । ଏଥର କୋଟିଏ ଟଙ୍କାକୁ ପକେଇ ଦେ' ପାଣିକୁ । ପାଣି ଛଡ଼େଇ ଦେ ସେ କଷ୍ଟାର୍ଜିତ ସମ୍ପତ୍ତିକୁ । 'ଦୁଃଖେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ' । ଫୋପାଡ଼ ଦେ', ଫୋପାଡ଼ ଦେ' । ଦେଖିବା କେଡ଼େ ବନ୍ଧୁଆ ତୁ ।"

କଲିକତା ଦକ୍ଷିଣେଶ୍ୱର ମନ୍ଦିରର ଅନ୍ଧିକନ୍ଧି ବୁଲିସାରି, ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ବଖରା ଭିତରେ ପଶି ରାମକୃଷ୍ଣଙ୍କ ଖଟିଆ ପାଦତଳେ ଲଥ୍‌କିନା ବସିପଡ଼ୁପଡ଼ୁ ବୀର ସାଆଁତର ମୁଣ୍ଡକୁ ସେଇ ବୀରତ୍ୱପୂର୍ଣ୍ଣ ଚିନ୍ତାଟା ଭୁସ୍‌କିନା ମାଡ଼ିପଡ଼ିଲା । ସେ ସେଠୁ ତରବରରେ ଉଠିପଡ଼ି ସିଧା ପଳେଇଲା ଗଙ୍ଗାଘାଟକୁ । ସେଠି ବଢ଼ିଲା ଗଙ୍ଗା ନଈଟାକୁ ଅନେଇଦବା କ୍ଷଣି ତା' ମନଟା ଟିକିଏ ଉଶ୍ୱାସିଆ ହେଇଆସିଲା । କିନ୍ତୁ ଘାଟ ପାହାଚରେ ନଈ ଆଡ଼କୁ ଦି' ପାହାଚ ଆଗେଇଛି କି ନାହିଁ ପୁଣି ତା' ଭିତରେ କିଏ ହୁଁକାର ମାରିଲା, "ଦେ' ଫୋପାଡ଼ ଦେ' ପାଣିକୁ—ଦେଖିବା କେଡ଼େ ବନ୍ଧୁଆ ତୁ !"

ବୀର ସାଆଁତ ଆଉ ପାହାଚ ଓହ୍ଲେଇଲା ନାହିଁ । ଗଙ୍ଗା ନଈର ପାଣି ଟିକେ ଆଣି ମୁଣ୍ଡରେ ମାରିବା ଲୋଭ ସମ୍ବରଣ କରି ସେ ଗୋଟିଏ ଶୁଖିଲା ଜାଗା ଖୋଜିଲା ସେଇ ଦକ୍ଷିଣେଶ୍ୱର ଘାଟରେ । ଅଳ୍ପ ସମୟ ବସିଛି କି ନାହିଁ ଚିହ୍ନଟା ଜଳଜଳ ହେଇ ନାଚିଉଠିଲା ଆଖି ସାମ୍ନାରେ । ସେ ଚିହ୍ନ ଆଉ କୋଉ ଚିହ୍ନ ନୁହେଁ, ତା ନିଜ ଜୀବନର ଚିହ୍ନ । ତାକୁ ସେତେବେଳେ ହେଇଥିଲା ମୋଟେ ଉଣେଇଶ ବର୍ଷ । ତା' ଆଖି ସାମ୍ନାରେ ବଢ଼ିଲା ଗଙ୍ଗା ନଈଟା କ୍ରମେ କ୍ରମେ ବଦଳି ବଦଳି ସେତେବେଳକୁ ଆଉ ଏକ ବିରାଟ ଓସାରିଆ ଗହୀରିଆ ନଈ ପାଲଟି ଗଲାଣି କେତେବେଳେ, ବୀର ସାଆଁତ ବୁଝିବା ପୂର୍ବରୁ ନିଜ ଜୀବନର ସେଇ

Digitized by srujanika@gmail.com

ଅଦ୍ୱିତୀୟ ବୀରତ୍ୱପୂର୍ଣ୍ଣ ଆଉ ଘୋର ଭୟଙ୍କର ଘଟଣାଟି ଜୀବନ୍ତ ହୋଇ ଯାଉଥିଲା ।

ଗଡ଼ମୂଳ ଗାଁଟି ଦେବୀନଈ କୂଳରେ । ତା' ନିଜ ଗାଁ । ଦିନେ ଏଇଠି ଏକ ପ୍ରାଚୀନ ସମ୍ଭ୍ରାନ୍ତ ପରିବାରରେ ହୋଇଥିଲା ତା'ର ଜନ୍ମ । ପ୍ରାଚୀନ ସମ୍ଭ୍ରାନ୍ତ । ହଁ ହଁ ପ୍ରାଚୀନ ସମ୍ଭ୍ରାନ୍ତ ନୁହେଁ ଆଉ କଅଣ ? ନହେଲେ ଓଡ଼ିଆଙ୍କ ନାଆଁ ସାଙ୍ଗରେ ସାମନ୍ତ, ସାମନ୍ତରାୟ, ନାୟକ, ପଟ୍ଟନାୟକ, ପାତ୍ର, ମହାପାତ୍ର ଭଳି ପଦବୀଗୁଡ଼ିକ କାହିଁକି ଭଲା କିଏ ଯୋଡ଼ି ଦେଇଥାନ୍ତା ନିରର୍ଥକ । ଅତୀତରେ, ଖୁବ୍ ଅତୀତରେ ବୀର ସାଆଁତରାର ପୂର୍ବପୁରୁଷଙ୍କ ଭିତରୁ କେହି କେହି ଜଣେ ନିଶ୍ଚୟ ସେମିତିକିଆ ମଣିଷ ହୋଇଥିବେ ନିଶ୍ଚୟ, ଯାହାଙ୍କୁ ସୋମବଂଶ ହେଉ କି ସୂର୍ଯ୍ୟବଂଶ ହଉ, କୋଉ ବଂଶର କୌଣସି ଦିଗ୍ୱିଜୟୀ ସମ୍ରାଟ୍ ଦେଇଥିବେ ସେଭଳି ଏକ ଉପାଧି—ସାମନ୍ତରାୟ । କିନ୍ତୁ ସେସବୁ ପ୍ରାଚୀନ କଥା—ଆଈମା କାହାଣୀ ଦିନର କଥା ସିନା, ବୀର ସାଆଁତରା ଜନ୍ମବେଳକୁ ଓଡ଼ିଶାରେ ସୋମ ମଙ୍ଗଳ ସୂର୍ଯ୍ୟ ଚନ୍ଦ୍ର ତାରା କାହାରି ବଂଶର ରାଜୁତି ଆଉ ନଥିଲା—ଥିଲା ଜଣକର ରାଜୁତି···ତା' ନାଆଁ କ୍ଷୁଦ୍ର ଓଡ଼ିଆ ।

ବୀର ସାଆଁତରାର ଜନ୍ମ ସେଇଭଳି ଏକ ସାମନ୍ତବାଦୀ କ୍ଷୁଦ୍ର ଓଡ଼ିଆ ପରିବାରରେ । ବାପ କ୍ଷୀର ସାଆଁତରା ଥିଲେ ଗଡ଼ମୂଳ ଗାଁର ଅତି ଦରିଦ୍ର ଅଥଚ ମହାପ୍ରତାପୀ ମଣିଷ ଜଣେ । କ୍ଷୀର ସାଆଁତରାର ଉତ୍ପାତ ଯୋଗୁ ଖଣ୍ଡମଣ୍ଡଳ କମ୍ପୁଥିଲା । ଗାଁର ଝିଅବୋହୂଙ୍କୁ ବାଟ ଚାଲିଲେ ଦେଉଁ ନଥିଲା କ୍ଷୀର ସାଆଁତରା ତା' ବୟସବେଳେ । ବ୍ରାହ୍ମଣଶାସନର ନଡ଼ିଆ ବାଡ଼ିରେ କ୍ଷୀର ସାଆଁତରା ପଶିଗଲେ ଗଛରେ ନଡ଼ିଆ କଷିଟାଏ ବାକି ରହୁନଥିଲା । ହରିଜନ ବସ୍ତିରେ କ୍ଷୀର ସାଆଁତରା ପଶିବା ଅର୍ଥ ସେଦିନ ନିଶ୍ଚେ କୋଉଁଠି ଗୋଟାଏ ବଣଭୋଜି ହବାର ଥିଲା, ଯେଉଁଠି ପୁଞ୍ଜାଏ ଖାସି କ୍ଷୀର ଆଉ ତା' ସାଙ୍ଗଙ୍କ ପେଟକୁ ଯିବାର ବିଧାନ ବିଧାତା ପୂର୍ବରୁ ଖଞ୍ଜିଥିଲା । କିନ୍ତୁ ଏସବୁ ସତ୍ତ୍ୱେ କ୍ଷୀର ସାଆଁତରାର ଗୋଟିଏ ଭଲଗୁଣ ଥିଲା—ସେ ଥିଲା ଖେଷିପିଲା । ଲୁଚେଇ ଲୁଚେଇ ସେ କିଛି କାମ କରୁନଥିଲା; ଯାହା କରୁଥିଲା ସ୍ପଷ୍ଟ ଦିବାଲୋକରେ । ପରସ୍ତ୍ରୀ ହରଣକୁ ସେ ଦୋଷାବହ ମନେକରି ଲୁଚିଛପି ଗଣ୍ଡରେ ଲୁଳଗୁଣ୍ଡି ମାତ୍ର ସେ କାମ କରିବା ପରିବର୍ତ୍ତେ, ପ୍ରତ୍ୟକ୍ଷରେ ଡାକବଜେଇ କାମ କଲାଭଳି ମଣିଷଟାଏ କ୍ଷୀର ସାଆଁତରା । ଗାଁଲୋକେ ଏଇଥିପାଇଁ କ୍ଷୀର ସାଆଁତରାକୁ

Digitized by srujanika@gmail.com

ଖାଲି ଡରୁଥିଲେ ନୁହେଁ, ସମ୍ମାନ ବି କରୁଥିଲେ । ଯାହା ବାଡ଼ିରୁ କ୍ଷୀର ନଡ଼ିଆ ଲୁଟି କରି ନଉଥିଲା, ସେ ଯେତେ ଗଗୁ, ଯେତେ କାହ୍ନୁ, ଯେତେ ଶମ୍ଭୁ, ଅନ୍ୟବେଳେ ମୁହେଁ ମୁହେଁ ମାନିଯାଉଥିଲା—"ଅଃ···ନଉ ମୁଞ୍ଜାଏ ନଡ଼ିଆ । ଗଛ ତ ପୁଣି ଫଳିବ । ହେଲେ ଚୋରଙ୍କ ପରି ରାତିରେ ଲୁଚେଇ ଚୋରେଇ ନେଇଗଲା କି ? ତା' ଗଛଚଢ଼ା ଢଙ୍ଗ ଦେଖିଚ ନା ? କି ବାହା, କି ଜଙ୍ଘ, କି ପିଠି ସେ ! ଏଇଟା ଯଦି ଏ ଗାଁରେ ଉତ୍ପାତ ନ କରି ପଳେଇଥାନ୍ତା ମିଲିଟେରିକି, ଏତେବେଳକୁ କମାଣ୍ଡର କରିଦିଅନ୍ତାଣି ତାକୁ ଗୋରା ସରକାର ।"

କିନ୍ତୁ ସେଇ କ୍ଷୀର ସାଆଁତର ମଲାବେଳକୁ ଲୋକେ କଥା ବଦଳେଇ ଦେଲେ । କିଏ କହିଲା ଚୋର, କିଏ କହିଲା ଖଣ୍ଡ, କିଏ କହିଲା ଡାକୁ । ଗାଁ ମାଇପେ 'ବାଡ଼ିଖିଆ ଯୋଗମାଖିଆ ମଲା, ଭଲ ହେଲା' କହି ଗ୍ରାମଦେବତୀଙ୍କୁ ମୁଣ୍ଡିଆ ମାଇଲେ । କ୍ଷୀର ସାଆଁନ୍ତର ଶବ ଉଠେଇବାକୁ ସାଇଲୋକେ ଆସିଲେ ନାହିଁ । ବାରକୁ ସେତେବେଳେ ଜମାରୁ ଆଠ କି ନଅ । ବାରର ବିଧବା ମା' ସାଇଯାକ ବୁଲି ସାଇଭାଇଙ୍କୁ କେତେ ନେହୁରା ହେଲା । ମୁଣ୍ଡ ପିଟିପିଟି କହିଲା, "ସେ ସିନା ଖରାପ ମଣିଷ ଥିଲା, ମୋର ଉତୁଆଣି ପିଲା ବାର ମୁହଁକୁ ଟିକିଏ ଚାହଁ । ସେ କ'ଣ ତା' ବାପ ମୁହଁରେ ମୁଖାଗ୍ନି ଟିକିଏ ଦବ ନାହିଁ ? ବାସିମଡ଼ା ହେଇ ଘରେ ପଡ଼ି ପଡ଼ି ସଢ଼ିଯିବ ବାପଟିଏ···ପୁଅଟା ତା'ର କିଛି କାମ୍ କରିବନି, ଏଇଆ କଅଣ ଗାଁବାଲାଙ୍କ ଇଚ୍ଛା ?"

ସାଇବାଲା ବହୁ କଷ୍ଟରେ ବାହାରିଲେ । କ୍ଷୀର ସାଆଁତର ଶବ ଉଠିଲା । ଶୁଦ୍ଧିକ୍ରିୟା ହେଲା । କିନ୍ତୁ ବାରବର୍ଷ ଶେଷ ପଙ୍ଗତ ଉଠିଲାବେଳକୁ ବାର ସାଆଁତର ଏକ ନିଃସ୍ୱ ଅନାଥ ଶିଶୁ । ତା' ବାପର ଥିବା ପୈତୃକ ଏକରେ ଦି' ଏକର ସମ୍ପତ୍ତି ସହିତ ଦି'ଗୁଣ୍ଠ ଜାଗା ଉପରର ଛୋଟ ଚାଳଘର ଖଣ୍ଡିକ ବି ବନ୍ଧା ପଡ଼ିସାରିଥାଏ ।

ବାର ସାଆଁତ ସେଇଠୁ ବାହାରିଥିଲା ବାପ କ୍ଷୀର ସାଆଁତର ଦୁଷ୍କୃତର ପ୍ରାୟଶ୍ଚିତ୍ତ କରିବା ପାଇଁ । କ୍ଷୀର'ଭଳି ବାର ଆଦୌ ହୁଣ୍ଡା 'ନୁହେଁ କି ଗୁଣ୍ଡା ନୁହେଁ । ସାଦାସିଧା ସରଳିଆ ପିଲାଟାଏ । ବିଧବା ମା'ର ଦୁଃଖବୁଝି ବାର ସ୍କୁଲପଢ଼ା ଛାଡ଼ିଦେଇ ରୋଜଗାରର ବାଟ ଦେଖିଲା । ନିଜର ଜମି ନାହିଁ କି ଘରଡ଼ିହ ନାହିଁ । ବାରର ବିଧବା ମା' ବାରକୁ କହିଲା--ଯା' ମୂଲ ଲାଗିବୁ । ଆଉ ନିଜେ ବି ଢିଙ୍କି କୁଟି

Digitized by srujanika@gmail.com

ମାଣେ ଗଣ୍ଡିଏ ଗୁଣ୍ଡଲ ରୋଜଗାର କରି କୃତ୍ୟ ଚଳେଇବାକୁ ଘର ମା’ ବାହାରି ପଡ଼ିଲା ।

ଏମିତି ଏମିତି ଦଶ ଏଗାରଟି ବର୍ଷ କଟିଗଲା । ଘରକୁ ଅଠର ପୂରି ଉଣେଇଶ ଚାଲିଲା । ଏଇ ବର୍ଷଗୁଡ଼ାକ ଘରର ବଡ଼ ଭୟଙ୍କର ବର୍ଷ । ବାପ କ୍ଷୀର ସାଆଁନ୍ତର ଉପରେ ଗାଁଲୋକଙ୍କର ଯେତେ ରାଗ ରୋଷ ଥାଏ ସବୁ ଝଡ଼ୁଥାଏ ଗୋଟି ଗୋଟି ହୋଇ ପିଲାଟାର ଗାଲରେ, ପିଠିରେ । ବିନା କାରଣରେ ବି ତା ସାଙ୍ଗେ ଲାଗନ୍ତି । ଥରେ ଗୋଟିଏ ମାଡ଼ୁଣା ଷଣ୍ଢ ପିଠିରେ ନ’ ଦଶ ବର୍ଷର ପିଲାଟାକୁ ବସେଇଦେଲେ କେତେଟା ଗାଁ ଟୋକା । ଷଣ୍ଢ ଶୋଇଥାଏ । କିଏ ଗୋଟାଏ ପିଠିରେ ଚଢ଼ିଗଲା ଦେଖି ସେ ଫଁ ଫଁ ହୋଇ ଉଠିପଡ଼ିଲା । ହେଇଟୁ ଆଡ଼ ପଟେଇ ଚାରିଆଡ଼କୁ ଧାଇଁଲା । ଅନ୍ୟ ଟୋକାମାନେ ପଳେଇଗଲେ । ପିଠିରେ ପଡ଼ିଯାଇଥିବା ପିଲା ଘର ସାଆଁନ୍ତର ଏବେ ଯିବ କୁଆଡ଼େ ? ଘରର ମା’ କାନରେ ପିଲାଙ୍କ କୁହାଟ—‘ମଲିରେ ବୋଉ ମଲି’ ବାଜିଲା । ଠିକି ଚୁଲିଆରୁ ବାହାରି ଆସି ଗାଁ ଦାଣ୍ଡକୁ ଅନେଇଦେବାକ୍ଷଣି ତା’ ଜୀବନ-ନାଟିକାକୁ କିଏ ଯେମିତି ଚପିଦେଲା । ସେ ମୂର୍ଚ୍ଛା ହୋଇଗଲା ।

ଘର ସାଆଁଚରକୁ ସେଥର ଷଣ୍ଢଟା ମାରିପାରିନଥିଲା । ସେତେବେଳେ ଘର କ୍ଷୀର ସାଆଁତର ପୁଅ ! ଗଛଡାଳକୁ ଧରି ଉର୍ଦ୍ଧ୍ୱକି ପଡ଼ି ପିଲାଟା ବଞ୍ଚିଲେ । ଷଣ୍ଢ ଫଁ ଫଁ ହୋଇ ଖେଦ ମନ୍ତ୍ରି ହୋଇ ଦଉଡ଼ପଳେଇଲା ।

ଏହାପରେ ପାଳି ପଡ଼ିଲା ବିଧବା ମା’ର । ଦିନେ ଗାଁବାଲା ଚୋରି ଚଳେ ପକେଇଲେ ତା’ ମା’କୁ । କାହା ଘରେ କାମ କରୁକରୁ ହଜେଇଦେଲା—ରୁପା ବଟଫଳଟା ଏଇଠି ଥିଲା କୁଆଡ଼େ ଗଲା ? ହୁରି ଶୁଣି ଗାଁବାଲା ଘେରିଗଲେ । ଘରମା’କୁ ‘ଛି’ କଲେ । ତା’ଦେହରେ ହାତ ମାରି ସ୍ତ୍ରୀ ପୁରୁଷ ପିଲା-ଛୁଆ ଅଣ୍ଡା-ବଚ୍ଚା ସମସ୍ତେ ‘ଛି’ କଲେ । ଶେଷକୁ ବୁଢ଼ାବୁଢ଼ୀ ଲୋକ ବି ବାହାରି-ପଡ଼ିଲେ ‘ଛି’ କରିବାକୁ । ସେଇ ଗୋଟାଏ ବାତ—ଘରମା’ ଘରମା’ ନୁହେଁ—କ୍ଷୀର ସାଆଁନ୍ତର ମାଇପ, ସେ, ଯେ ଗାଁ ବୋହୂ ଝିଅଙ୍କୁ ଦିନ ଦି’ପହରେ ହଲପଟା କରୁଥିଲା !

ଘରମା’ ସେ ଘଟଣାର ଅଳ୍ପ ଦିନ ପରେ ମରିଗଲେ । ତା’ପରେ ଲୋକ ଲାଗିଲେ ଘର ସାଙ୍ଗରେ । ପ୍ରତିଦିନ କିଛି ନା କିଛି ଗୋଟାଏ ଘଟିଲା । ଘର

Digitized by srujanika@gmail.com

ହୁଏତ ଲହୁଲୁହାଣ ହେଲ, ନହେଲେ ଘୋର ଅପମାନରେ ମର୍ମାହତ ହୋଇ ଆତ୍ମହତ୍ୟାର ଚିନ୍ତାକରିଚାଲନ୍ତି ।

କିନ୍ତୁ ଆଖିର ଯୋଉ ଘଟଣା ବା ଦୁର୍ଘଟଣାଟି ଘଟିଗଲା, ଯାର ଜୀବନରେ ତଥା ଘଡ଼ମୂଳ ଗାଁ ଇତିହାସରେ, ସେଇ ଘଟଣା ବା ଦୁର୍ଘଟଣା ଯୋଗୁ ଯାର ସାଆଁତଘର ମୁକ୍ତିପଥ ପରିଷ୍କାର ହୋଇଗଲା । ସେଇଦିନୁ ସେ ଆଉ କେବେ ଚିନ୍ତାକରିନାହାଁନ୍ତି ଆତ୍ମହତ୍ୟା କଥା ।

ସେ ବର୍ଷ ଆସିଥାଏ ନାହିଁନଥିବା ନଈବଢ଼ି । ଦକେଇଯାଇ ଭାଙ୍ଗିବ ଭାଙ୍ଗିବ ହବା ଭଳି ବଢ଼ି । ଭାଗ୍ୟକୁ ସେକାଳେ ସ'ସାହାବ ନା କିଏସେ ଜଣେ ସାହାବର ସାହସ ଯୋଗୁ ଦକେଇ ଯାଇ ନ ଭାଙ୍ଗି ରହିଗଲା । କିନ୍ତୁ ସେଇ ବଢ଼ିରେ ଯାର ସାଆଁନ୍ତଘର ପିତୃଋଣ ସବୁ ଧୋଇ ପୋଛି ନିର୍ମଳ କରିଦେଲେ ତା' ଜନ୍ମିତ ଗାଁ ଖଣ୍ଡିକର ବାସିନ୍ଦା ଗାଁବାଲା ।

ଶ୍ରାବଣ ମାସ । ଗହ୍ମାପୂନେଇଁ ଆଉ ମୋଟେ ଦିନଟିଏ ଆଗକୁ । ନଈବଢ଼ି ଆସିଲା ସେଇଦିନ ଅଧରାତିରେ । ସକାଳକୁ ଲୋକଙ୍କ ଥାଟପଞ୍ଚାଳ ନଈର ଦୁଇକୂଳ । ସମସ୍ତେ ଡାକ ଛାଡ଼ୁଥାନ୍ତି—"ହେଇ ହେଇ, ଗଲା ଗଲା, ସଇଲା ସଇଲା—ଆରେ ଆରେ ମାଇକିନିଆଟାର କେତେ ସାହସ ! ବଢ଼ିଲା ନଈକୁ ଡେଇଁପଡ଼ିଲା ।"

କିନ୍ତୁ ମାଇକିନିଆଟା ବୁଡ଼ି ମଲା ନାହିଁ । ବୁଡ଼ିପାରୁନଥାଏ । ମଝିମଝିରେ ପଡ଼ି ଟୁବ୍‌କିନା ଉଠି ବୁଡ଼ିଯାଉଥାଏ ତ ପୁଣି ଯାଇ ବାହାରୁଥାଏ ଶହେ ହାତ ତଳକୁ । ଲୋକେ ଗୋଡ଼େଇଥାନ୍ତି । ଏକୂଳ ସେକୂଳ ଦି'କୂଳରୁ ଡାକ ପଡ଼ୁଥାଏ —"ଆରେ କିଏ ସେ ?" ତା'ର ଜବାବ 'ବାହାରୁଥାଏ ଘଡ଼ମୂଳ ଗାଁବାଲାଙ୍କ ମୁହଁରୁ—"ଆଉ କିଏ—ସେଇ ରାଣ୍ଡୀ ସୁଭଦ୍ରା ! ପାପ ଗର୍ଭ ହୋଇଥିଲା । ସକାଳୁଠାରୁ ମାରିଛି ଡିଆଁ ଅତଡ଼ ଉପରୁ । ଦେଖୁନା !"

ସୁଭଦ୍ରା ବ୍ରାହ୍ମଣଘରର ଝିଅ । ବାଳୁତ ବିଧବା । ତା' ନାଆଁରେ ନାନା କଥା ଶୁଣାହଉଥାଏ ବର୍ଷେ ଦି'ବର୍ଷ ହେଲା । ଶେଷକୁ ରଘୀ ଧୋବଣୀ ଥିଲା ଥିଲା କଥାଟା ପ୍ରକଟ କରିଦେଲା । ସୁଭଦ୍ରାର ବଂଶମର୍ଯ୍ୟାଦାରେ ଆଞ୍ଚ୍ ଆସିଗଲା । ଘରେ ମାଡ଼ହେଲା । ବାହାରେ ମୁହଁ ଦେଖେଇ ନପାରି ମାସଟିଏ କୌଣସି ପ୍ରକାରେ ଲୁଚି ଲୁଚି ଚଳୁ ଚଳୁ ଶେଷକୁ ଏଭଳି ଅସହ୍ୟ ହୋଇ-ଉଠିଲା ଯେ ସୁଭଦ୍ରା ସେଇବର୍ଷ ନଈବଢ଼ିକୁ ସ୍ୱାଗତ କରିନେଲା । ହେର ନ

Digitized by srujanika@gmail.com

ହେଉଣ୍ଡ ବାହାରିପଡ଼ିଲା ପଶୁ । ପର ଓଳତଳ ଅତଡ଼ ଉପରୁ ଭୁସ୍‌କିନା ଡେଇଁ-ପଡ଼ିଲା ପୂର୍ଣ୍ଣଗର୍ଭା ଦେବୀନଦୀର ଜଳରାଶିକୁ । ଉଦ୍ଦେଶ୍ୟ—ଆତ୍ମହତ୍ୟା । କିନ୍ତୁ ସୁଭଦ୍ରା ନଈକୂଳିଆ ଝିଅ । ନଈକୁ ଡେଇଁପଡ଼ିଲେ ଯେ ନଈ ତାକୁ କୋଳେଇ ନେଇ ନିଜ ଗର୍ଭରେ ଲୁଚେଇ ଦେଇ ପାରିବ, ସ୍ୱା ହେଉଚି କୋଉଠୁ ! ନଈ ପାଣିରେ ପଡ଼ିଲାକ୍ଷଣି ସୁଭଦ୍ରାର ସହଜାତ ପ୍ରବୃତ୍ତି କାମ କରିବା ଆରମ୍ଭ କରିଦେଲା । ସେ ଗୋଡ଼ ବାଡ଼େଇ ହାତ ହଲେଇ ପହଁରିବାକୁ ଲାଗିଲା । ବଢ଼ିଲା ନଈରେ ପିଲାଦିନ ଗୋଟାକଯାକ କେତେ ପହଁରିଚି ସେ—ଏବେ ବୁଡ଼ି ମରିବାକୁ ଚାହିଁଲେ ବି ମରୁଚି କୋଉଠି ! ସେ ଭାସିଚାଲିଥାଏ । ଦି'କୂଳରୁ ଡାକହାକ ପଡ଼ୁଥାଏ, "ଆରେ କିଏ ସେ ଏମିତି ବରଣା କାମ କଲା ? ବାହାରି ଆସୁନାହିଁ କାହିଁକି ସେ ? ମୁହଁ ଖୋଲି କହିଦଉନି କାହିଁକି ଯେ ! ଆରେ ଖୋଜ ସେ ଶଳା ଚଣ୍ଡାଳକୁ, ଯିଏ ସେ କାମ କରିଚି ! ଧର ସେ ଶଳାକୁ—ସିଧା ଫୋପାଡ଼ି ଦିଅ ବଢ଼ିଲା ନଈକୁ । ମରନ୍ତୁ ଦହିଁଙ୍କି ଦହେଁ । ପାପ ନିର୍ମୂଳ ହେଉ । ଓହୋ, କି ପାପ ନଦେଖିଲା ଏ ଆଖି ! କଳଙ୍କିମାଟା କେଡେ ପାପିମା ଦେଖ ତ' ! ବୁଢ଼ି ମରିବାକୁ ଗଲା; ଆଖର ବୁଡ଼ିଯାଉନି କି ମରୁନାହିଁ । ନିର୍ଲଜ୍ଜା ପୁଣି ପହଁରୁଛି ! ଛି, ଛି, ଛି ... "

ଏତିକିବେଳେ ଘଡ଼ମୂଳ ଗାଁର ଜଣେ ବୁଢ଼ାଲୋକ ଖଡ଼ି ପକେଇ ଗଣନା କରୁଥାନ୍ତି ଏବର୍ଷ ଦଳେଇଘାଇ ଭାଙ୍ଗିବ କି ରହିବ—କାରଣ ଦଳେଇଘାଇ ଯଦି ନ ଭାଙ୍ଗେ, ତେବେ ତାଙ୍କ ଗାଁଟା ବୁଡ଼ିଯିବାର ଢେର୍ ସମ୍ଭାବନା ଅଛି ବୋଲି ମାଳିକାରେ ଲେଖାଥିବା କଥା ତାଙ୍କୁ ବହୁ ପୂର୍ବରୁ ଜଣାଥାଏ । ନଈର ମତିଗତି ବି ଦିଶୁଥାଏ ସେମିତି । ବୃଦ୍ଧ ଜ୍ୟୋତିଷ ନଈଗଳାରେ ବସି ଦଳେଇ-ଘାଇର କୋଷ୍ଠୀ ଗଣନା ଚଳାଇଥାନ୍ତି । ହଠାତ୍ ପହଞ୍ଚିଗଲେ ଦଳେ ଲୋକ । ବଡ଼ ପାଟିରେ ଡାକ ପକେଇଲେ, "ପଣ୍ଡିତେ, ସୁଭଦ୍ରା ଭାସିଯାଉଚି, ଜାଣିଚ ? କହିବଟି ଟିକିଏ, କିଏ ଶଳା କରିଚି ଏ କାମ ? ତାକୁ ପାପଗର୍ଭ କରିଚି କୋଉ ପାଷଣ୍ଡ, ତା ନାଆଁଟା କହିବଟି ଶୀଘ୍ର । ଶଳାକୁ ଆଜି ଶେଷ କରିବାକୁ ପଡ଼ିବ । ଓହୋ, ଢେର୍ ଢେର୍ ପାପ ଦେଖିଲାଣି ଏ ଗାଁ । ଏଥର ଆଉ ସମ୍ଭାଳିବା କଥା ନୁହେଁ । ଝିଅଟା ଭାସିଯାଉଚି । ପାପଗର୍ଭ କଲା କିଏ, ଆମର ଦରକାର ତା'ର ନାଆଁ । ପକାଅ ଖଡ଼ି । କ'ଣ ଶୁଣୁଚଟି ?"

ଜ୍ୟୋତିଷ ଗୋବିନ୍ଦ ନାହାକେ ତତ୍‌କ୍ଷଣାତ୍ ଦଳେଇଘାଇ କୋଷ୍ଠୀ ଛାଡ଼ି

Digitized by srujanika@gmail.com

ଧଇଲେ ସୁଭଦ୍ରାର କୋଷ୍ଠୀ । ଗାଁ ଗୋଟାକଯାକର ବୁଢ଼ାବୁଢ଼ୀଠୁ ଅଣ୍ଡାବଚ୍ଚା ପର୍ଯ୍ୟନ୍ତ ସମସ୍ତଙ୍କ କୋଷ୍ଠୀ ତିଆରି କରିଛନ୍ତି ସେ । ସମସ୍ତଙ୍କ ଭାଗ୍ୟଫଳ ତାଙ୍କ ମୂହେଁ ମୂହେଁ ।

ଟୋକାଗୁଡ଼ା ସେତେବେଳକୁ ଅସ୍ଥିର ହେଲେଣି । ଖୋଧାଖୋଧି ବି ଆରମ୍ଭ କରିଦେଲେଣି । ଗୋବିନ୍ଦ ନାହାକେ ଦେଖିଲେ ସୁଭଦ୍ରାର କୋଷ୍ଠୀ-ଗଣନା ପାଇଁ ଏତେ ବେଳ ଆଉ ନାହିଁ ତାଙ୍କ ହାତରେ । ଗାଁର ସବୁ ପୁରୁଷଲୋକଙ୍କ ମୁହଁଗୁଡ଼ାକୁ ସେ ମନେ ପକେଇଗଲେ । କିଏ ଆଉ କରିଥିବ ସେ କାମ ? ମନେପଡ଼ିଲା ତାଙ୍କର କ୍ଷୀର ସାଆଁନ୍ତର ମୁହଁ । ସେ ତ ମଲଣି । ତା'ଛଡ଼ା ସେ ତ ଲୁଚେଇ ଛପେଇ କାମ କଲାବାଲା ନୁହେଁ । ଏ କାମ ଯିଏ କରିଛି, ସେ ନିଶ୍ଚେ ଆଜକା ଟୋକା—ଲୁଚା ଲମ୍ପଟ ଲୁଙ୍ଗା ଲଫଙ୍ଗା ପେଚକ । ଗାଁ ଗୋଟାକଯାକର ଟୋକାଙ୍କ ମୁହଁ ମନେ ପକେଇଲେ ଗୋବିନ୍ଦ ନାହାକେ । ସବୁଗୁଡ଼ାକ ଦିଶିଲେ ତାଙ୍କୁ ଏକାପରି—ଗୋଟାକୁ ଗୋଟା ପାପୀ । ଗୋଟାକୁ ଗୋଟା ଲୁଚା ଲମ୍ପଟ । ତାଙ୍କ ଭିତରୁ ଏକା ଗୋଟାଏ ମୁହଁ ବାରି ହୋଇପଡ଼ିଲା—କ୍ଷୀର ସାଆଁନ୍ତର ପୁଅ ଘାରର । କିନ୍ତୁ ତାଙ୍କୁ ସ୍ପଷ୍ଟ ଜଣାଗଲା ଏ କାମ ଘାରର ନୁହେଁ । ଯୋଉଦିନ ମାଇଣା ଷଣ୍ଢ ପିଟିରେ ବସେଇ ଆଠ ନ' ବର୍ଷର ଘାରକୁ ଗାଁ ଟୋକାଏ ଦଉଡ଼ଉଥାନ୍ତି ଗାଁ ଭିତରେ, ସେ ଦୃଶ୍ୟ ଦେଖିଥିଲେ ଗୋବିନ୍ଦ ନାହାକ । ସେଦିନ ତାଙ୍କୁ ଲାଗିଥିଲା ଏ ଗାଁରେ ଏଇ ଗୋଟାଏ ମାତ୍ର ଘର ବାଳକ ବୋଧେ ବାକି ରହିଯାଇଛି, କ୍ଷୀର ସାଆଁନ୍ତର ପରେ ପରେ । ଅଜାଣତରେ ମୁହଁରୁ ବାହାରିଗଲା ତାଙ୍କର, "ଆରେ ସେ କ୍ଷୀରି ପୁଅ ଘାର ଅଛଟି ଗାଁରେ ?"

ଜ୍ୟୋତିଷ ଗୋବିନ୍ଦ ନାହାକଙ୍କ ମୁହଁରୁ କଥା ବାହାରିଛି କି ନାହିଁ ଗାଁ ଟୋକାଏ ହୁରି କରିଦେଲେ "ଧର ଧର—ଶଳାକୁ ଧରିଆଣରେ । ଆମେ ସବୁ ଜାଣୁ—ସେଇ ଶଳା ଘାର ଛଡ଼ା ନହେଲେ କିଏ କରନ୍ତା ଏମିତି କାଣ୍ଡ କହୁନ ?"

ତାଙ୍କ ସାଙ୍ଗରେ ମୁଖିଆମାନେ ବି ମିଶିଗଲେ । ଘାର ଅନ୍ୟମାନଙ୍କ ସାଙ୍ଗରେ ନଈ କୂଳେ କୂଳେ ଦଉଡ଼ୁଥାଏ ସୁଭଦ୍ରାର ନଈ ପହଁରା ଦେଖିବା ପାଇଁ । ହଠାତ୍ କିଏ ପଞ୍ଝାଏ ବେଢ଼ିଗଲେ—ମାଡ଼ବସିଲେ । ଦି'ଗୋଡ଼ ଦି'ହାତ ଧରିପକେଇଲେ ଘାରର । ଝୁଲେଇ ଝୁଲେଇ ଛୁଟିଦେଲେ ସିଧା ବଡ଼ିଲା ନଈର ପାଣିସୁଅକୁ ।

Digitized by srujanika@gmail.com

ବୀର ସାଆଁତରାୟ ଦକ୍ଷିଣେଶ୍ୱର ଗଙ୍ଗା କୂଳରେ ବସି ଗଙ୍ଗାକୁ ଅବାକ୍ ହୋଇ ଚାହିଁ ରହିଥାନ୍ତି । ତାଙ୍କ ଆଖିରୁ ଧାର ଧାର ଲୁହ ବୋହିଯାଉଥାଏ । ତାଙ୍କ ବୟସ ବର୍ତ୍ତମାନ ଅଣସ୍ତରି, ସତୁରିରୁ ବର୍ଷେ କମ୍ । ଆଜକୁ ପଚିଶବର୍ଷ ତଳର ସେ ଘଟଣା । ସେତେବେଳେ ତାଙ୍କୁ ହୋଇଥିଲା ମୋଟେ ଊଣେଇଶ । ଆଉ ସୁଭଦ୍ରାକୁ ? ପଚିଶ । ତାଙ୍କଠୁଁ ଛ'ବର୍ଷ ବଡ଼ ଥିଲେ ସେ ବୟସରେ । ଖାଲି ବୟସରେ ନୁହେଁ, ଜାତିରେ ମଧ୍ୟ । ଆଜି ସେ ଇହଜଗତରେ ନାହାନ୍ତି । ତାଙ୍କର ଅବୈଧ ସନ୍ତାନଟି ମଧ୍ୟ ନାହିଁ । ଅଳ୍ପ ବୟସରେ ଶିଶୁଟିର ମୃତ୍ୟୁ ଘଟିଥିଲା ।

ସୁଭଦ୍ରାଙ୍କୁ ବୀର ସାଆଁତରାୟ ବଞ୍ଚେଇ ନଥିଲେ । ବରଂ ଅଦ୍ଭୁତ ପହଁରାଳି ସୁଭଦ୍ରା ବୀରକୁ ନିଶ୍ଚିତ ମୃତ୍ୟୁ ମୁଖରୁ ସେଦିନ ରକ୍ଷା କରିଥିଲେ ସେ ବର୍ଷ ଦେବୀନଦୀର କରାଳ ବନ୍ୟାରୁ । ବୀର ତାଙ୍କ ପାଖ ପର୍ଯ୍ୟନ୍ତ ନଈସୁଅରେ ଭସିଆସିବା ସତ୍ତ୍ୱେ ସେ ସ୍ପଷ୍ଟ ଦେଖିପାରିଥିଲେ—ବୀର ବଞ୍ଚିବାକୁ ଚାହୁଁନି, ଚାହୁଁଚି ବୁଡ଼ିମରିବାକୁ । ଆଉ ସୁଭଦ୍ରା ମଧ୍ୟ ବେଶ୍ ଜାଣିଥିଲେ—ଗାଁ'ବାଲାଙ୍କ ବଦ୍‌ମାସୀ । ଦୋଷୀକୁ ଘଣ୍ଟ ଘୋଡ଼େଇ ନିର୍ଦ୍ଦୋଷକୁ ନଈକୁ ଫୋପାଡ଼ିଦେବାହିଁ ନ୍ୟାୟ ଯୋଉଠି, ସେଇଟି ହିଁ ତାଙ୍କ ଜନ୍ମଭୂମି, ତାଙ୍କ ଦେଶ—ଜାଣିଥିଲେ ସୁଭଦ୍ରା ।

ବୀରକୁ ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ କୋଳରେ ଧରି କୂଳରେ ଲଗିଲା ସୁଭଦ୍ରା । ଗାଁଠୁ ଢେର୍ ତଳକୁ ସେ ଜାଗା । ସେଇଠୁ ସେ ବାହାରି ଆସିଥିଲେ ଆହୁରି ଦୂରକୁ—କଲିକତାକୁ ।

ବୀର ସାଆଁତରାୟ କୁଲିକାମ କଲା କଲିକତାରେ । ସୁଭଦ୍ରା ତା' ଘର ସମ୍ଭାଳିଲେ । ବୀର ସାଆଁତରାୟ କୁଲି ସର୍ଦ୍ଦାର ହେଲା ନିଜ ଗୁଣରେ । ସୁଭଦ୍ରା ତା' ଘର ସମ୍ଭାଳିଥା'ନ୍ତି । ବୀର ସାଆଁତରାୟ ହୋଟେଲ କଲା, ଘରଭଡ଼ାଦେଇ ପ୍ରଚୁର ଧନ କମେଇଲା । ସୁଭଦ୍ରା ସମ୍ଭାଳି ରଖିଥାନ୍ତି ବୀରର ଖାଲି ଘର ନୁହେଁ, ତା'ର ବୀରତ୍ୱକୁ ମଧ୍ୟ । ଶେଷରେ ବୀର ସାଆନ୍ତରାୟ ଗୋଟାଏ ସିନେମା ଘର କିଣିଲା ଖୋଦ୍ କଲିକତା ଏସ୍‌ପ୍ଲାନେଡ୍‌ରେ ।

ବୀର ସାଆଁତରାୟର ଭାଗ୍ୟଲକ୍ଷ୍ମୀ ତା' ପ୍ରତି ଏତେ ପ୍ରସନ୍ନା ହେଲେ କାହିଁକି, ନିଜେ ବୀର ସାଆଁତରାୟକୁ ଜଣାନଥାଏ—କିନ୍ତୁ ଜାଣିଥାନ୍ତି ସୁଭଦ୍ରା । ଅନ୍ୟର ପାପକୁ ନିଜର ବୋଲି ଚିରଜୀବନ କୋଳେଇ ନେଇଥିଲେ ବୀର ସାମନ୍ତରାୟ । ଦିନେ ହେଲେ ସେ ଅସ୍ୱୀକାର କରିନାହାନ୍ତି ସୁଭଦ୍ରାଙ୍କ ଅବୈଧ

Digitized by srujanika@gmail.com

ସନ୍ତାନକୁ । ତେବେ ହେଲେ ସେ ପଶୁର ନାହାନ୍ତି ସୁଭଦ୍ରାଙ୍କୁ—ପାପୀ କିଏ ? ପ୍ରକୃତ ପାପୀ କିଏ ? ପ୍ରକୃତରେ ପାପୀ କିଏ ? କାହା ପାପରୁ ସୁଭଦ୍ରାଙ୍କୁ ଭୋଗିବାକୁ ପଡ଼ିଲା ଆତ୍ମନିର୍ବାସନ ନିଜ ଜନ୍ମସ୍ଥାନରୁ ?

ଦକ୍ଷିଣେଶ୍ୱରର ଗଙ୍ଗାଘାଟର ଯେଉଁ ପଥର ଉପରେ ବସି ବୀର ସାଆଁନ୍ତ ଭାବରୁଥିଲେ, ସେଇଠି ପୂର୍ବେ ନିଶ୍ଚେ କେହି ଜଣେ ବୀରପୁରୁଷ ବସିଥିବେ—ନଚେତ୍ ତାଙ୍କ ମୁଣ୍ଡକୁ କେଉଁ ସେଭଳି ମହତ୍ ଚିନ୍ତା ଆସିନଥାନ୍ତା ।

ସେଦିନ ବୀର ସାଆଁନ୍ତ ଗୋଟିଏ ବୀରତ୍ୱପୂର୍ଣ୍ଣ ଡିସିସନ୍ ନେଲେ ନିଜକୁ ନିଜେ । ତାଙ୍କର ସମସ୍ତ ସମ୍ପତ୍ତିକୁ ସେଇ ପାପୀମାନଙ୍କୁ ଦାନ କରିଦେବେ । ପାପୀମାନଙ୍କ ଉଦ୍ଧାରାର୍ଥେ···

ପ୍ରାୟ ମାସକ ଉତ୍ତାରେ ଓଡ଼ିଶା ସରକାରଙ୍କ ସେକ୍ରେଟେରିଏଟ୍‌ରେ ଗୋଟିଏ ବିରାଟ-ଅଙ୍କ-ବିଶିଷ୍ଟ ଚେକ୍ ପହଞ୍ଚିଲା । ତଳେ ଦସ୍ତଖତ ଥିଲା ବୀରବର ସାମନ୍ତ-ରାୟ । ସଂପୃକ୍ତ ଚିଠିରେ ଲେଖାଥିଲା—ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ରିଲିଫ୍ ପାଣ୍ଠିକୁ ଏତକ । ତା' ସହିତ ପରାମର୍ଶ ଟିକିଏ ଥିଲା—ଯଦି ଏ ଧନର ସଦ୍‌ବ୍ୟୟ କରାଯାଏ, ତେବେ ଏହାର ବହୁଗୁଣ ଧନ ପୁଣି ପଠାଯିବ । ଏହାପରେ ବୀର ସାଆଁନ୍ତ ଓଡ଼ିଶାର ଉନ୍ନତିକଳ୍ପେ ଥରକୁଥର ବହୁ ବିରାଟ ଅଙ୍କର ଧନରାଶି ନିଜର ଜନ୍ମଭୂମିର ଉନ୍ନତିକଳ୍ପେ ପୋପାଡ଼ିଚାଲିଲେ ।

କିନ୍ତୁ, ଘଡ଼ମୂଳ ଗାଁ ଏବେ ବି ସେମିତି ନିପଟ ଗାଁ, ଯେମିତି ଥିଲା ପଚିଶ ବରଷ ତଳେ ।

ବୃକ୍ଷସାକ୍ଷୀ

ଖଜୁରି ଗଛଟା ଥିଲା ଥିଲା ହଠାତ୍ ମାଇପିଟିଏ ଓଳଗି ହେଲାଭଳି ବାଙ୍କି ପଡ଼ିଲା ତଳକୁ । ତା ପତ୍ରଗୁଡ଼ାକ ଭୂଇଁ ଉପରେ ପହଁରିବାକୁ ଲାଗିଲା ।

ଲୋକମାନେ ଏହି ଦୃଶ୍ୟ ଦେଖି ଅବାକ୍ ହୋଇଗଲେ । ପାଖକୁ ପାଖକୁ ଲାଗି ଲାଗି ଆସି ଶେଷରେ ଗୋଟାଏ ଜାଠ ଭଳି ଭିଡ଼ାଭିଡ଼ି ହୋଇ ଠିଆହୋଇ ପଡ଼ିଲେ । ତା' ଭିତରେ ଥା'ନ୍ତି ସ୍ତ୍ରୀ ପୁରୁଷ, ବୁଢ଼ା ପିଲା ମିଶି ଷୋଳଶ ସତରଶ । ସମସ୍ତେ ଦେଖୁଥାନ୍ତି ଏହି ଅଦ୍ଭୁତ ଦୃଶ୍ୟ । ଜୀଅନ୍ତା ଖଜୁରି ଗଛଟାର କାଣ୍ଡ । ଗଛଟା ଭାଙ୍ଗି ପଡ଼ିଲା ନା କଅଣ ? କିନ୍ତୁ ଏମିତି ଦୋହଲୁଛି ଯେ ! ଅବିକଳ ଜୀଅନ୍ତା ମଣିଷଟାଏ ଭଳି :—ଭାଲୁକୁଣୀ ବାଳ ଝୁଣ୍ଟ ମୁଣ୍ଡ ଝୁଙ୍କେଇ ନାଚିଲା ଭଳି !

ଟିକିଏ ବେଳ ସେମିତି ସେମିତି କଟିଗଲା । ହଠାତ୍ ଖଜୁରି ଗଛଟା ପୁଣି ସଳଖେଇଗଲା । ତା ପତ୍ରଗୁଡ଼ାକ ଉପରକୁ ଉଠିଗଲେ । ତାପରେ—ସତେକି କିଛି ହୋଇ ନାହିଁ । ସମସ୍ତେ ଚାହିଁଥାନ୍ତି—ଗଛଟା ଗଛ ପାଲଟିଗଲା । ବହୁ ସମୟ ଧରି ଅପେକ୍ଷା କଲେ ସମସ୍ତେ । ଆଉ କିଛି ଆଚମ୍ବିତ କଥା ଘଟିଲା ନାହିଁ । ଖଜୁରିଗଛ ତା ଜାଗାରେ ଠିଆହୋଇ ରହିଥାଏ ସବୁଦିନ ପରି । ପତ୍ରଗୁଡ଼ାକ ତାରି ପବନରେ ଯାହା ଦୋହଲୁଥାଏ ସେତିକି ।

ଲୋକମାନେ ବଡ଼ା ଭିତରୁ ହୁଗୁଳି ଗଲେ । ସ୍ତ୍ରୀ ପୁରୁଷ ଅଲଗା ଅଲଗା ହୋଇଗଲେ । ବୁଢ଼ାବୁଢ଼ୀମାନେ ପିଲାମାନଙ୍କୁ କାଖେଇ କୁଣ୍ଢେଇ ଘରକୁ ଗଲେ । କିନ୍ତୁ, ଏକା ଏକା ଘରକୁ ଫେରିବା ସମ୍ଭବ ନୁହେଁ ଜାଣି ଡକାହକା ହୋଇ ଚାଲିଲେ ସେମାନେ ।

"ଦେଖିଲ ତ ? ପ୍ରତ୍ୟକ୍ଷରେ ଦେଖିଲ ନା ନାହିଁ ? ଏଣିକି ଆହୁରି ଆହୁରି ଘଟିବ ।"

"ହଁ ପରା—କି କଥା ଘଟିଲାଲୋ ମା ! ଏଡ଼େ ଡେଙ୍ଗା ଗଛଟା ! ଆମ ଜେଜେଆ ବୋଉ ଭଳି ଦିଶୁଥାଏ ମ ସେ ନଇଁପଡ଼ିଲା ବେଳେ । ଜେଜେଆବୋଉକୁ ଦେଖି

Digitized by srujanika@gmail.com

ନା ? ଡେଙ୍ଗା ସର ସର । ମୁଣ୍ଡରେ ମୁଣ୍ଡେ ବାଳ । ଗାଧୋଇ ସାରି ଚୁଳକୁ ନଇଁ-ପଡ଼ ମୁଣ୍ଡ ଝାଡ଼ିଲା ବେଳେ ଦେଖିନ କେମିତି ଦେଖାଯାଏ ସେ ?”

“ଆଲୋ ହେ ! ସତେ ତ ! ଏ ମା ! ଗଛଟାକୁ ଉଦଆ ବୋଉ ଲାଗିଲା କି ଆଉ ?”

ଘଣ୍ଟାକ ଭିତରେ କଣ୍ଟାପଡ଼ା ଗାଁରେ ଖବର ରଟିଗଲା—ସେ ଆଉ କେହି ନୁହଁ—ଖୋଦ ଉଦଆବୋଉ । ସେତେବେଳକୁ ଉଦଆବୋଉ ମରିବା ଦୁ’ବର୍ଷ ପାଖାପାଖି ।

ଉଦଆବୋଉ କଣ୍ଟାପଡ଼ା ଗାଁର ଝିଅଟିଏ ହୋଇ ବଢ଼ିଥିଲା । ପୁଣି ହେଇ କଣ୍ଟାପଡ଼ା ଗାଁର ବୋହୂ ବି ହୋଇଥିଲା ସେ । ଗାଁ ଝିଅ ସେଇ ଗାଁର ବୋହୂ ହେଲେ ଭଲ ଯେତିକ ଖରାପ ସେତିକ । ଝିଅଟାର ବୋହୂପଣିଆ ଦେଖେଇବାକୁ ସୁଯୋଗ ନଥିଲା । ବାପ ଘରେ ପିଲାଦିନେ ଝିଅ ହୋଇ ଯେମିତି ହୁମୁଦୁମୁ ହଉଥିଲା, ଶାଶୁଘରେ ବୋହୂ ହୋଇ ସେମିତି ହୁମୁଦୁମୁ ହେଲା । ଖାସ୍ ଏଇ କାରଣରୁ ତାକୁ ତା ବର ଛାଡ଼ିଦେଇ ପଳେଇଲା । ସେତେବେଳକୁ ତା ପୁଅ ଉଦଆ ଜନମ ହୋଇ ମରିସାରିଥିଲା ବି ।

ବର ଛାଡ଼ିଦେଲା ପରେ ଉଦଆବୋଉ ବାପଘରକୁ ପଳେଇ ଆସିଲା । ଗୁଡ଼ିଆ ଘର ଝିଅ—ପୁଣି ବାପର ବଡ଼ ଝିଅ । ମା ବାପ କାନ୍ଦିଲେ ବୋବେଇଲେ । ଝିଅକୁ କିଛି ନକହି ତାକୁ ଆଉ ଠାଏ ବାହା କରିଦେବା ଚିନ୍ତାରେ ରହିଲେ । ଏଥର ନିଜ ଗାଁରେ ନୁହେଁ—ଦୂରପୂର ବିଦେଶରେ ଦବାକୁ ହବ ଜାଣି ବାପ ଅଲେଖ ସାହୁ ମଝି ମଝିରେ ବନ୍ଧୁଘର ଯାଉଚି ବାହାନାରେ କୁଆଡ଼େ ନାଇଁ କୁଆଡ଼େ ଚାଲିଯାଏ ଯେ ଆସେ ତିନଦିନ ଚାରିଦିନରେ । ଝିଅ ପେମି ଘର କାମରେ ଲାଗିପଡ଼ିଥାଏ । ତାକୁ ଏଣିକ ଉଦଆବୋଉ ନାଁରେ କେହି ଡାକିଲେ ସେ ଚିଡ଼ିଯାଏ । କହେ, “ମୋ ନାଁ ପେମି ବୋଲି ଜାଣିନ କି ? ଉଦଆବୋଉ ଉଦଆବୋଉ ହଉଚ କାଇଁକି ଯେ !”

ଏମିତି ବର୍ଷେ ଦେଢ଼ବର୍ଷ କଟିଗଲା । ପେମି, ଘର ଝିଅ, ଘରେ ଥାଏ । ବାପା ମା’ଙ୍କ ବୋଲହାକ କରୁଥାଏ । ଅଲେଖ ସାହୁର ମୁଢ଼ି ବ୍ୟବସାୟ । ମୁଢ଼ି ଭାଜିବା କାମ ସକାଳୁ ସଞ୍ଜଯାଏ । ପେମି ଭଲଆ କାମିକା ଝିଅ ବାପକୁ କୁଳ ବେଉସାରେ ମଦଦ କଲାରୁ ବ୍ୟବସାୟ ବଢ଼ିଉଠିଲା । ପେମିର ଯୋଡ଼ାଏ ଭାଇ ।

Digitized by srujanika@gmail.com

ସାନପିଲା । ସେମାନେ ସେଯାକେ ପାଶ ଉଠି ନଥାନ୍ତି । ପେମି ବାପ ମା'ଙ୍କୁ ସାହସ ଦିଏ । କହେ, "ମୁଁ ତମର ଝିଅ ନୁହଁ—ପୁଅ । ମୁଁ ଏଇଠି ଥିବାଯାକେ ତମର ଚିନ୍ତା କଅଣ ?"

ପେମିର ମା ଝିଅ କଥା ଶୁଣି କାନ୍ଦେ । ତାକୁ ଲାଗେ—ଝିଅଟା ଅଭିମାନରେ ସେମିତି କହୁଛି । କେଉଁ ଝିଅ ନିଜ ଘର ନ କରି ବାପ ଘର କରିବାକୁ ଭଲ ମନକରେ ? ପେମି ପେଇଁ ଦୁସରା ବର କାହିଁକି ନ ଖୋଜି ବସିଛି ବୋଲି ପେମିର ମା ତା ବାପ ଉପରେ ସବୁବେଳେ ଗରଗର ହେଉଥାଏ ।

ଅଲେଖ ସାହୁ ବନ୍ଧୁଘର ଯିବା ବାହାନାରେ ପୁଣି ବାହାରିଯାଏ । ପେମିକୁ ବାହା ନକରିଦବା ଯାକେ ଘରେ ସୁଖ ନାହିଁ ବୁଝେ ସେ । ଇଆରି ଭିତରେ ଜଣେ ଜଣେ କିଏ ଆସନ୍ତି ଗାଡି ମଟରରେ । ଅଲେଖ ସାହୁ ତାଙ୍କୁ ଚିହ୍ନିଲା ଭଳି ସଂଖୋଳେ । ଖାଇବା ପିଇବା ବନ୍ଦୋବସ୍ତ ଆଗରୁ କରି ହେଇ-ଥାଏ । କନ୍ୟା ଦେଖାଳିମାନେ ପେମିକୁ ଦେଖନ୍ତି । ପ୍ରେମି ତ ସହଜେ ଆଖିଦୃଷ୍ଟିଆ ଝିଅଟିଏ । ଏତେ ଢେଙ୍ଗା ! ଜହ୍ନିଫୁଲ ଭଳି ଦେହ ରଙ୍ଗ ସାଙ୍ଗକୁ ଦେହ ଗଢ଼ଣ ବି କାମିକା ମଣିଷର । ତାକୁ ଦେଖିଲେ କେହି ଭାବନ୍ତି ନାହିଁ ସେଭଳି କନ୍ୟାର ଅସଲ ନାଁ ପେମି ନୁହେଁ ଉଦଆବୋଉ !

ଝିଅ ଦେଖିଲାବାଲା ଖୁସି ହେଇ ପେମି ହାତରେ ଦଶ ଟଙ୍କା କୋଡିଏ ଟଙ୍କା ଝିଅଦେଖା ଟେକ ଦିଅନ୍ତି । ବାହାଘର ତିଥି ମଧ୍ୟ ସ୍ଥିର ହୋଇଯାଏ । କିନ୍ତୁ ପେମିର ବାହାଘର ହବା କଥା ଦୂରେ ଥାଉ, ବରପକ୍ଷ ଗାଡ଼ି କଣ୍ଟାପଡ଼ା ଗାଁ ମୁଣ୍ଡ ଟପି ଫେରନ୍ତି ରାସ୍ତା ନଧରୁଣୁ କିଏ ଗୋଟାଏ କୋଉଠୁ ବାହାରିପଡ଼ି ଗାଡ଼ି ଆଗରେ ଭୂତଭଳି ଠିଆ ହେଇପଡ଼େ । ଗାଡ଼ି ଅଟକିଗଲାକ୍ଷଣି ଭୂତଟା ଗାଡ଼ି ଭିତରକୁ ମୁହଁ ଗଳେଇ ଅନେଇଦିଏ । ତା ମୁହଁରେ ପିଶାଚର ହସ । ହସି ହସି ସେ ଭୂତ କି ପିଶାଚ ସେ ହଉ କହିବା ଶୁଣାଯାଏ, "ଅଲେଖ ସାହୁ ଝିଅ ମନକୁ ପାଇଲଟି ? ତା ନାଁ ପେମି ନୁହଁ—ଉଦଆବୋଉ । ତା ବାଇ ତାକୁ ଛାଡ଼ି ପଳେଇଛି । ତାର ପୁଅଟାଏ ଥିଲା—ଉଦଆ । ତାକୁ ତଣ୍ଟି ଚିପି ମାରିଛି ଆଉ କିଏ ? ସେଇ—ଯାହାକୁ ଦେଖିଲ । ହାଁ ଏମିତିକିଆ ମାଇକିନା ଝଣ୍ଡେ; ଅଲେଖ ସାହୁ ଝିଅ ସେ । ହଉ ଯାଅ ଯାଅ । ଏଥର ଯାଅ । ଏଥର ଯାଅ ।"

ବରପକ୍ଷ ଗାଡ଼ି ଫେରିଯାଏ । ତିଥି ଟଳିଯାଏ । ପେମି 'ଉଦଆ-ବୋଉ'

Digitized by srujanika@gmail.com

ହୋଇ ରହୁଯାଏ । ଅଲେଖ ସାହୁର ବେଉସା ବଢ଼େ । ସାନ ସାନ ପୁଅମାନେ ବଢ଼ିଉଠନ୍ତି । ସେମିର ମା ଝିଅ-ଚନ୍ଦାରେ ବାଧିକା ପଡ଼େ । ଅଲେଖ ସାହୁ ତଥାପି ସେମି ପାଇଁ ବଦେଶରେ ବର ଘର ଖୋଜବୁଲେ । ଥରକୁ ଥର ଅଜଣା ଅଜଣା ଲୋକ ଆସୁଥାନ୍ତି । ସେମିକୁ ଦେଖି ମନ ସ୍ଥିର କର ଫେରବା ବାଟରେ କଣ୍ଡାପଡ଼ା ଗାଁ ମୁଣ୍ଡରେ କଣ୍ଡା ମାଡ଼ପକାନ୍ତି । ତାଙ୍କ କାନରେ ପଡ଼େ ସେଇ ପଦେ କଥା—"ତା ନାଁ ସେମିନୁହଁ—ଉଦଆ-ବୋଉ !"

ସେମିର ମା ମରଗଲା । ଅଲେଖ ସାହୁ ବ ମଲା । ସେମିକୁ ସେତେବେଳେ ବୟସ ତିରଣ । ବାରବର୍ଷ ଗଲାଣି ସିଏ ଇଆରି ଭିତରେ ସେ ଶାଶୁଘରୁ ଗୁଡ଼ ବାପ ଘରକୁ ଫେରବା । ସାନ ସାନ ଭାଇମାନେ ବଡ଼ ବଡ଼ ହୋଇଗଲେଣି । ବାପର ବେଉସା ଧରପକେଇଲେଣି । ବଡ଼ଭଉଣୀକୁ ମା ଭଳି ମାନନ୍ତି ସେମାନେ ।

ଦିନେ କଣ୍ଡାପଡ଼ା ଗାଁ ସରପଞ୍ଚ ଚନ୍ଦ୍ରମଣି ହୋଇ ଗାଁରେ ଢୋଲଆ ଜାର କଲା—"କଲକତାରେ ନାରୀମାନଙ୍କର ବଡ଼ ସମ୍ମିଳନୀ ବସିବ । ରାଜ୍ୟ ରାଜ୍ୟରୁ କର୍ମୀ ଯିବେ । ସେଠି ଲକ୍ଷେ କର୍ମୀ ଦରକାର । ଆମ ଓଡ଼ିଶାରୁ ଯିବେ ଦଶ ହଜାର । ବସ୍ ଆସିବ ଗାଁ ମୁଣ୍ଡକୁ । ଏ ଗାଁରୁ ତିରଶ ପଡ଼ିବ କୋଟାରେ । ଏଇ ଏଇ ନାରୀମାନଙ୍କ ନାଁ ଯାଇଚି ଉପରକୁ । ଅମୁକ ତାରଖକୁ ଆସନଇ ବସ ସମସ୍ତେ । ଯେ ନଯିବ ନା—ଆମକୁ ଆଉ ଦୋଷ ଦବନାଇଁ ସେତେବେଳେ ।"

ଚନ୍ଦ୍ରମଣି ହୋଇ ସରପଞ୍ଚ ଲୋକଟା ଖୁବ ଭଲ ମଣିଷ । ଶ୍ରୀଅକ୍ଷର ବିବର୍ଜିତ ହେଲେ କଅଣ ହେଲା ଭାରି ବିଚ୍ଛରମନ୍ତ ମଣିଷଟାଏ । ଗାଁ ନ୍ୟାୟ ନିଶାପରେ ସଭା ମଝିରେ ବସେ ସେ । ସେତେ ବଡ଼ କଷ୍ଟିଆ ମକଦ୍ଦମା ହଉ, ଘଡ଼କ ଭିତରେ ଓ୍ଵାଜିବ ନ୍ୟାୟ କଥାଟା ବାହାରପଡ଼େ ତା ତୁଣ୍ଡରୁ । ଲୋକେ କହନ୍ତି, "ଖୋଦ ସରସ୍ୱତୀ ବସିଥାନ୍ତି ତା ଜିଭ ଅଗରେ ସେତେବେଳେ ।" ଗାଁର ପୁରୁଖା ପୁରୁଖା ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି । କହନ୍ତି—"ପୂର୍ବେ ଏଭଳି ମକଦ୍ଦମା ନିଶାପ କଲାବେଳେ ତାଙ୍କ ମୁଣ୍ଡ ଘୂରିଯାଉଥିଲା । ବଡ଼ ବଡ଼ ଜମିଦାର ମକଦ୍ଦମମାନେ କଚେରି ଘରେ ବସି ମଧ୍ୟ ଏଭଳି ମକଦ୍ଦମାର ନିଶାପ କଲାବେଳେ ପାଣି ପିଇ ଯାଉଥିଲେ । ଥରକରୁ ଦଶଥର ଶୁଣାଣି ହଉଥିଲା । କିନ୍ତୁ, ଚନ୍ଦର ହୋଇ ଜିଭ ଅଗରେ ସୋରଯୋଗ ନ ବସିଥିଲେ ତାକୁ ଧର୍ମ ନ୍ୟାୟ ଦିଶନ୍ତା କେମିତି ଏତେ ବେଗେ !"

Digitized by srujanika@gmail.com

ନାଗ୍ମ ସନ୍ଥିଳମା ପାଇଁ କର୍ମୀ ବଛା ବେଳେ ପେମି ନାଁଟା ରହିଲା ସବା ଉପରେ । ତା' ତଳକୁ ଅଣଭରଣ ନାଁ । ସରପଞ୍ଚ ଚନ୍ଦ୍ରମଣି ଭୋଇ ପେମିକୁ ଡାକେଇ ସତର୍କ କରିଦେଲେ—

"ଦେଖ୍, କଲିକତା ଯିବୁ । ସେଠିକି ଏମିତି ସେମିତି ହେଇ ଗଲେ ଓଡ଼ିଶା ବଦନାମ । ତମକୁ ଶାଢି ବ୍ଲାଉଜ ଶାୟାଫାୟା ସବୁ ମିଳିବ । ସ୍ନୋ ପାଉଡ଼ର ବି ମିଳିବ । ଖାଇବା ଖର୍ଚ୍ଚ ଗାଡ଼ି ଖର୍ଚ୍ଚ ରହିବା ଖର୍ଚ୍ଚ ସବୁ ଆମର । ତମ କାମ ହେଲା—ଫିଟ୍‌ଫାଟ୍ ରହିବା । ଡାକିଲେ ମାସେ ମୁହଁ ଫିଟେଇ କଥା କହିବା । ଆଉ ହଁ—ରାସ୍ତାରେ ମାଇଲିଏ ଚାଲିବା କାମ ଅଛି । ଚାଲିବାବେଳେ ବଡ଼ ପାଟିରେ ଜୁହା ଧରୁଥିବ—ଯାହା ଶିଖାଯିବ ସେଠି । ପୁଣି ହାତ ଯୋଡ଼ାକୁ ଫ୍ରି କରିଦେବାକୁ ପଡ଼ିବ । ଯୋଡ଼ାକ ଯାକ ହାତର କାମ ଦରକାର ବାଟଯାକ..."

"ମାନେ ?" ପେମି ଫେଁକିନା ହସି ଠକେଇଲା । ସେ ତ ଗାଁ ଝିଅ ଗାଁ ବୋହୂ । କାହାକୁ ଡରେନା । ସମସ୍ତଙ୍କ ସାଙ୍ଗରେ ଫ୍ରି । ଚନ୍ଦର ଭୋଇ ସରପଞ୍ଚଙ୍କୁ ସେ ଡାକେ ପରପଞ୍ଚ ।

ଚନ୍ଦର ବି ପେମିକୁ ଜାଣେ । ସାହୁଘର ଝିଅ ସେ ବଡ଼ ମୁହଁଖୋର । ବୟସରେ ଚନ୍ଦର ଦି' ତିନି ବର୍ଷ ବଡ଼ ହେଲେ କଅଣ ହବ ପେମି ଆଗରେ ତା ନିଶାପ କଲି ମୁଣ୍ଡ ଟିକିଏ ଦବିଯାଏ । ପେମି ଇସ୍କୁଲରେ ପଢ଼ିଲାବେଳେ ଚନ୍ଦର ଥରେ ତା ହାତରୁ କାନମୋଡ଼ା ଖାଇଚି । ପେମି ମାନସାଙ୍କରେ ଦୋରସ୍ତ । ତା ପାସଙ୍ଗରେ ଅନ୍ୟ କେହି ପଡ଼ନ୍ତି ନାହିଁ । ଗଣିତ ମାଷ୍ଟ୍ରେ ଥରେ ଥରେ ମାନସାଙ୍କ ପଚାରନ୍ତି । ଯେ ନ କହିପାରେ ପେମିକୁ ମାଷ୍ଟ୍ରେ କହନ୍ତି—"ମୋଡ଼ ତା କାନ !" ପେମି ଝିଅପିଲା । ପୁଅଙ୍କ କାନ ମୋଡ଼ିବାକୁ ରାଜି ହୁଏ ନାଇଁ । ମାଷ୍ଟ୍ରେ ବି ଜିଦ୍ କରନ୍ତି ନାହିଁ । ସବୁ ଶାସନ କଥାରେ କଥାରେ । କିନ୍ତୁ ଦିନେ ପେମି ଚନ୍ଦରର କାନ ଧରି ଠାଇକିନା ଚଟକଣାଟାଏ ମାରିଥିଲା । ଗଣିତ ମାଷ୍ଟ୍ରେ କାବା ହେଇ ଅନେଇଥିଲେ ପେମିକୁ । ପେମି ତଳକୁ ମୁହଁ ପୋତି ବସିପଡ଼ିଲା । ଚନ୍ଦର ଇସ୍କୁଲକୁ ଦି' ତିନି ଦିନ ଆସି ନଥିଲା । ଘଟଣାଟା କ'ଣ କେହି ଜାଣିଲେ ନାହିଁ । ବୁଝିବାକୁ ଚେଷ୍ଟା ବି କରିନଥିଲେ ।

ପେମିର ହସ ଦେଖି ଚନ୍ଦର ଆଗ ଟିକିଏ ଶଙ୍କିଗଲା । ସେଇଠୁ ତା ମନରେ

Digitized by srujanika@gmail.com

ସ୍ବାଗ ପଶିଲା । ମନକୁ ମନ କହିଲା ସେ, "ଭଲ ଭଲ—ଏଥର କଲିକତା ଗଲି । ଟିକେ ହାଉଡ଼ାଷ୍ଟା ଗଲ ନ ଦେଖେଇବ ଯଦି··· ।"

କାନ୍ଥ ଉପର ମୁହଁରେ ହସିପକେଇଲା ଚନ୍ଦର । ପେମିକୁ ଦି' ହାତରେ କଅଣ ଧରୁ କାମ ପଡ଼ବ ବାଟରେ ସେଇକଥା ବୁଝେଇବାକୁ ଲାଗିପଡ଼ିଲା । କହିଲା, "ବୁଝିଲୁ ! ସ୍ବଜମାନ୍ତର କାମ ହେଲା ହାତ ଉଠେଇବା । ଦି' ଦି ହାତ ଏକା-ବେଳକେ ଉପରକୁ ଉଠେଇ ମାଇପମାନେ ଯେତେବେଳେ କଲିକତା ରାସ୍ତାରେ ଗଲୁଥିବେ କେମିତି ଦିଶୁଥିବ ସେ ରାସ୍ତା ଭାବ । ମାଇକିନିଆଙ୍କ ଖଡ଼ୁମୁଷାକୁ କାହାର ଡର ନଥାଏ ! ଏଥର ବେଳରେ ମାଇକିନିଆଁଙ୍କ ଖଡ଼ୁମୁଷାର ପରାଭବ ଜଣାପଡ଼ିବ । ଗଲ ଗଲ—ମୋ ସାଙ୍ଗେ କଲିକତା ଗୁଆଲି । ନିଜ ଆଖିରେ ଦେଖିବୁ ସବୁ କଥା । ଆଖି ଫିଟିଯିବ ।"

ନିର୍ଦ୍ଧାରିତ ତାରିଖରେ ଗୋଟାଏ ବଡ଼ ବସ୍ ଆସି ଲାଗିଲା ଗାଁ ମୁଣ୍ଡରେ । ସେଥିରେ ଭଡ଼ଡେ ଫିଟ୍ ହୋଇଥାଏ । ବସିବା ପେଇଁ ଯୋଉ ଗଦି ପଡ଼ିଥାଏ ତା ଭିତରକୁ ଥରେ ଗଲ ପଡ଼ିଲେ ଆଉ ଉଠି ବାହାରିବାକୁ ମନ ହବନାହିଁ ଜମାରୁ ।

ବସ୍‌ରେ ବସି ଗାଁ ର ତିରିଶ ପଇଁତିରିଶ ସ୍ତ୍ରୀଲୋକଙ୍କ ସହିତ କୋଡ଼ିଏ ପଚିଶ ପୁରୁଷ ଲୋକ ମଧ୍ୟ ବାହାରିପଡ଼ିଲେ କଲିକତା । ବାଟରେ ବସ୍ ପଶିଲା ଆଉ ଗୋଟାଏ ଗାଁରେ । ସେଠୁ ଉଠିଲେ କୋଡ଼ିଏ ତିରିଶ ସ୍ତ୍ରୀ ଲୋକ । ତାଙ୍କ ସାଙ୍ଗରେ ଆହୁରି ଦଶ କୋଡ଼ିଏ ପୁରୁଷ । ଭିଡ଼ାଭିଡ଼ି ଠେଲାଠେଲି ଚିପାଚିପି ଭିତରେ ଭଡ଼ଡେ ଦେଖା ଗଲୁଥାଏ । ପାଟିଗୋଳ ଭିତରେ ଭଡ଼ଡେର ସ୍ବର ହଜିଗଲେ ବି ଚିତ୍ରଗୁଡ଼ାକୁ ଦେଖି ଦେଖି ସାରାରାତି ଉଜାଗର ସମସ୍ତେ । ବସ୍ ପହଞ୍ଚିଲା ବଡ଼ ଭୋର୍‌କୁ କଲିକତା ଧରମଚାଲାରେ ।

ପେମି ତା' ଗାଁର ଲୋକଙ୍କ ସାଙ୍ଗେ ବସ୍‌ରୁ ଓହ୍ଲେଇଲା । କଲିକତା ସହର କଥା ସେ ଗାଁରେ ଶୁଣିଥିଲା । ବର୍ତ୍ତମାନ ସେଇ ସହରରେ ସେ ସତରେ ପହଞ୍ଚିଛି ନା ସ୍ବପ୍ନ ଦେଖୁଚି ନଜାଣିପାରି ଚାରିଆଡ଼କୁ ବୁଲି ବୁଲି ଅନେଇ ଲାଗିଲା । ସେତିକବେଳେ ଚନ୍ଦର ତା ପାଖକୁ ଆସିଲା । ହାତଟାକୁ ଟେଲ୍‌ରେ ଧରି ପକେଇ କାନରେ ଥଟ୍ଟା ଥଟ୍ଟାରେ କହିଲା, "ହାଉଡ଼ାଷ୍ଟା ଲେନ୍ ଦେଖିବୁ ପରା ! ଏଁ ?"

ପେମି ବୁଝିପାରିଲା ନାହିଁ ଆଦୌ ଚନ୍ଦର ଭୋଇର ସେ ଉଦସିଆ କଥା ।

Digitized by srujanika@gmail.com

ଛା'ପରେ ଦଳବଳ ଧରି ଚନ୍ଦର ସେମାନଙ୍କୁ •ଚଳେଇଲା କଲିକତାର ରାସ୍ତା ଉପରେ ।

ନାସ୍ତା ସନ୍ନିକଟ ହଇଲା । ଏଥର ଗାଁକୁ ଫେରିବା କଥା । କଣ୍ଟାପଡ଼ା ଗାଁର ସବୁ ଝିଅବୋହୂ କଲିକତା ବୁଲି ସାରି, ଯୋଉ ବସ୍‌ରେ ବସି ଭଡ୍ଡଓ ଦେଖି ଦେଖି ଯାଇଥିଲେ ସେଇ ବସ୍‌ରେ ଫେରିଆସିଲେ—ଏକା ପେମି ନଥିଲା ସେ ଦଳରେ ।

ବାଟସାକ ସମସ୍ତେ ସେଇ ବିଷୟ କଥାବାର୍ତ୍ତା ହଉଥାନ୍ତି—ପେମି ଗଲା କୁଆଡ଼େ ? ସରପଞ୍ଚ ଚନ୍ଦର ଖୋଇ ମୁଣ୍ଡରେ ହାତ ଦେଇ ବସିଥାଏ । ତା ମୁହଁରୁ ଉଁ କି ଚୁଁ ବାହାରୁ ନ ଥାଏ । ଝିଅବୋହୂମାନେ ନାନା କଥା ସନ୍ଦେହ କଲେ । କିଏ କହିଲା—"ପେମିର ବର ଉଦିଆବାପା କଲିକତାରେ ଚାକିରି କରେ—ପେମିକୁ ନେଇଗଲା ସେ ।" ଆଉ କିଏ କହିଲା, "ନା ନା—ଆମେ ଯେତେ ବେଳେ ହାବୁଡ଼ା ପୋଲ ଉପରେ ପଟୁଆର ଭିତରେ ଚାଲୁଥିଲେ, ପେମି ଗଲା-ପଡ଼ିଚି ପୋଲ ତଳକୁ ନିଶ୍ଚେ । ତା' ପରଠୁଁ ତ ମୁଁ ଆଉ ତାକୁ ଦେଖି ନାହିଁ ।" ଆଉ କିଏ କହିଲା, "କଲିକତା ଗୁଣ୍ଡାଙ୍କୁ ଚିହ୍ନିଲଟି ? ଏଠି ଟିକେ ରାସ୍ତା ଭୁଲିଲେ ଯାଇ ରସାତଳରେ । ମତେ ଚାରିଜଣ ଗୁଣ୍ଡା ଚାରିଆଡ଼ୁ ଘେରିଯାଇ ଟେକି ନେଉଥିଲେ । ଚନ୍ଦରଭାଇଙ୍କ ଯୋଗୁ ପ୍ରାଣ ରହିଗଲା । ପେମିର ନିଶ୍ଚେ ସେଇ ଦଶା ହୋଇଥିବ ମତେ ଲାଗୁଚି ।"

ଏହାପରେ କଣ୍ଟାପଡ଼ା ଗାଁର ଝିଅବୋହୂମାନେ କଲିକତା ଗୁଣ୍ଡାଙ୍କୁ ନେଇ ନିଜ ନିଜର ଅନୁଭୂତି କଥା ପରସ୍ପରକୁ ଶୁଣେଇବାକୁ ଲାଗିଲେ । ବସର ଘଁ ଘଁ, ଭଡ୍ଡଓର କାନଫଟା ନାଚଗୀତ ଶବ୍ଦ ଭିତରେ ସେମାନେ ବେଶ୍ ବଢ଼ାଇଟିରେ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରି ଲାଗିଥାନ୍ତି । ଚନ୍ଦର ଖୋଇ ସବୁ ଶୁଣୁଥାଏ । ମୁରୁକେଇ ମୁରୁକେଇ ହସୁଥାଏ । ମନକୁ ମନ କହୁଥାଏ, "କେଡ଼େ ନିର୍ଲଜ୍ଜୀ-ଗୁଡ଼ାଏ । ଏଥରକ ସ୍ୱାଧୀନତାର ମଜା ଚାଖିଗଲେ ତ !"

ପେମି କଥା ଗାଁରେ ହନାକେତେ ଖୁବ୍ ଘମାଘୋଟ ଆଲୋଚନା ଚାଲିଲା । ସବୁ ସବୁ କଥା ବସ୍ତୁର ନିଶାପ ହୋଇ ସ୍ଥିର ହୋଇଗଲା ପେମି ଆଉ ନାହିଁ । ହାବୁଡ଼ା ପୋଲ ତଳକୁ ଡେଇଁପଡ଼ିଚି, ଗଙ୍ଗା ନଦୀରେ କାୟା ବିସର୍ଜନ କରି ସ୍ୱର୍ଗକୁ ଚାଲିଗଲାଣି ନିଶ୍ଚେ ସ୍ୱଇଚ୍ଛାରେ ।

Digitized by srujanika@gmail.com

ସେମିକଥା କଣ୍ଟାପଡ଼ା ଗାଁବାଲା ଏକେବାରେ ଭୁଲିଯାଇଥାନ୍ତି । ପାଞ୍ଚ ବର୍ଷ ପାଖାପାଖି କଟିଗଲାଣି ଏଇ ଭିତରେ । ଚନ୍ଦରବାଜାର ସରପଞ୍ଚରୁ ପ୍ରମୋସନ ପାଇ ବସିଲାଣି ଭୋବନକିଶୋର ବଡ଼ କୋଠାରେ ।

ଏତିକିବେଳେ ଗାଁ ମୁଣ୍ଡ ଖଜୁରିଗଛକୁ ଭୂତ ଲାଗିଲା । ଥରେ ନୁହଁ ଦି'ଥର ନୁହଁ, ପ୍ରତିଦିନ ଦ୍ୱିପହରକୁ ସୂର୍ଯ୍ୟ ଦେବତା ମୁଣ୍ଡ ଉପରକୁ ଉଠିଲେ ଖଜୁରି ଗଛଟା ମାଇପିଟିଏ ଓଳଗି ହେଲା ଭଳି ବଙ୍କେଇ ଆସେ ଭୂଇଁ ଉପରକୁ । ସେଇଠୁ ମୁଣ୍ଡ ଝୁଲେଇ ଝୁଲେଇ ହଲେ । ତା ପତ୍ରଗୁଡ଼ାକ ଝାମ୍ପୁରା ବାଳ ଭଳି ଓହଳି ପଡ଼ି ଭୂଇଁ ଉପରେ ଘାଲୁରୁ ବାଲୁରୁ ହୁଏ । ସୂର୍ଯ୍ୟ ବୁଡ଼ିବା ପର୍ଯ୍ୟନ୍ତ ଏଇ ଲୀଳା ଲାଗିରହେ । ସୂର୍ଯ୍ୟ ବୁଡ଼ିଲେ ବାଳଝାମ୍ପୁରା ଆସ୍ତେ ଆସ୍ତେ ମୁଣ୍ଡ ଟେକି ଉପରକୁ ଅନାଏ ।

କଣ୍ଟାପଡ଼ା ଗାଁର ଏ ଅଦ୍ଭୁତ ଖଜୁରିଗଛ ଖବର ଆଖ ପାଖ ଗାଁକୁ ଖେଳିଗଲା । ଲୋକ ଜମା ହେଇ ପଡ଼ୁଥାନ୍ତି ସେ ଦୃଶ୍ୟ ଦେଖିବାକୁ । ସେ ଖବର ମଧ୍ୟ ଖବରକାଗଜରେ ବାହାରିପଡ଼ିଲା । ସେଇଠୁ ଆସିଲେ ଦେଖଣାହାରିଏ ଦୂରଦୂରାନ୍ତରୁ । ଦେଶର ବୈଜ୍ଞାନିକ ମହଲରେ ବି ଏ ଖବର କେମିତି ଗୋଟାଏ ଚମକ ସୃଷ୍ଟି କରିଦେଲା । ଛୁଟି ଆସିଲେ ବୈଜ୍ଞାନିକମାନେ । ଗାଡ଼ି ମଟର କ୍ୟାମେରା, ଟି. ଭି. ସାଙ୍ଗକୁ ବୈଜ୍ଞାନିକମାନଙ୍କ ଯନ୍ତ୍ରପାତି । ତା' ସାଙ୍ଗେ ସାଙ୍ଗେ ଶଙ୍ଖ ମହୁରି ହରିବୋଲ ହୁଳହୁଳି ଆଉ ପୂଜା ସାମଗ୍ରୀ । ଦଳ ଦଳ ବାବାଜି ବି କୁଆଡ଼ୁ କୁଆଡ଼ୁ ଆସି ପହଞ୍ଚିଗଲେ । କଣ୍ଟାପଡ଼ା ଗାଁ ଉଠିଲା ପଡ଼ିଲା । ଖଜୁରି-ଗଛଟି ଉପରେ ଦୁଇଆଡ଼ୁ ଦୁଇ ପ୍ରକାର ଦୃଷ୍ଟି ତୀକ୍ଷ୍ଣଭାବେ ନିକ୍ଷେପ କରାଗଲା । ବୈଜ୍ଞାନିକମାନେ ବିଜ୍ଞାନ ଦୃଷ୍ଟିରୁ; ବାବାଜି, ଗୁଣିଆ, ତନ୍ତ୍ରସାଧକ, ଧାର୍ମିକ-ମାନେ ଧର୍ମ ଦୃଷ୍ଟିରୁ ଗଛଟିକୁ ଦିନରାତି ଘେରିରହିଲେ । ଚାଲିଥାଏ ତର୍କବିତର୍କ । ବୈଜ୍ଞାନିକମାନେ କହୁଥାନ୍ତି, "ଏସବୁ ମୂଳରେ ଅଛି ବୈଜ୍ଞାନିକ କାରଣ । ଆମେ ପରୀକ୍ଷା କରୁଛୁ ।" ଧାର୍ମିକମାନେ କହୁଥାନ୍ତି, "ଘୋର ଅଧର୍ମ ହେଉଛି ଯାର କାରଣ । ନିଶ୍ଚେ କିଛି ଅଧର୍ମ ଘଟିଛି ଏଠି ଏ ଗାଁରେ ।"

ଚନ୍ଦର ଭାଇ ଭୋବନକିଶୋରରୁ ଖବର ପାଇ ଗାଁକୁ ଆସିଥାଏ । ସେତେ-ବେଳକୁ କିଏ ତା କାନରେ ଫୋଡ଼ିଦେଲାଣି ଉଡ଼ାଆବାଜ ଭୂତ ଭାରି ଉତ୍ପାତ ଆରମ୍ଭ କରିଦେଲାଣି ଗାଁରେ । ଚନ୍ଦର ଖଜୁରି ଗଛଟାକୁ ଦେଖିବାକୁ ଆସିଲା । ଦେଖୁ ଦେଖୁ ତାକୁ କାଳସୀ ଲାଗିଗଲା । ତା' ପାଟିରୁ ଅନର୍ଗଳ

Digitized by srujanika@gmail.com

କଅଣ ଗୁଡ଼ାଏ ଶବ୍ଦ ବାହାରିଲା । କି ଶବ୍ଦ ସେ କେଜାଣି ! ଲୋକ ଘେରିଗଲେ ତାଙ୍କୁ । ଗାଁର ସବୁଠୁଁ ବଡ଼ ମଣିଷ ସେ—ଉଭୟ ଧନ ଓ ମାନରେ । ଖାଲି ଗାଁରେ ନୁହେଁ; ଭୁବନେଶ୍ୱରରେ ବି ବଡ଼ ପ୍ରତିପତ୍ତି ତାର । ବଡ଼ କୋଠାରେ ଅଫିସ କରେ ସେ । ଗଲା ପାଞ୍ଚ ବରଷ ଭିତରେ ଗାଁକୁ ପିଚ୍ ରାସ୍ତା, ବିଜୁଳି ଆଲୁଅ, ପାଣି କଳ ଦେଇଛି ସେ । ପୁଣି ଶିକ୍ଷା ବିସ୍ତାର ପାଇଁ କଲେଜଟିଏ ପାଇଁ ଲାଗିଛି ସେ । ଏଭଳି ମଣିଷମାନେ ଲୋକ ସମାଗମ ଦେଖିଲେ ମଞ୍ଚଟିଏ ଖୋଜନ୍ତି । ତାଙ୍କ ଜିଭ ଲହଲହ ହୁଏ ବକ୍ତୃତା ଦବା ପାଇଁ । ଅତି ସ୍ୱାଭାବିକ କଥା ଏ । କିନ୍ତୁ ଏ କଅଣ ? ଚନ୍ଦ୍ରମଣି ବାବୁ କୋଉ ଭାଷାରେ ବକ୍ତୃତା କରୁଛନ୍ତି ଆଜି କେଜାଣି ! ସମସ୍ତେ କାବାଭୂତ । ଚନ୍ଦ୍ରମଣି କିନ୍ତୁ ଅନର୍ଗଳ ବକ୍ତୃତା କରି-ଚାଲିଥାନ୍ତି । କେତେବେଳେ ତାଙ୍କ ଦୃଷ୍ଟି ପଡୁଥାଏ ବୈଜ୍ଞାନିକ, ସାମ୍ବାଦିକମାନଙ୍କ ଉପରେ ତ କେତେବେଳେ ବାବାଜିମାନଙ୍କ ଉପରେ । କେହି କିନ୍ତୁ ବିନ୍ଦୁବିସର୍ଗ ବୁଝିପାରୁ ନଥାନ୍ତି ସେ ଭାଷାରୁ । ସମସ୍ତେ ପରସ୍ପର ମୁହଁକୁ ଚାହାଁଚାହିଁ ହୋଇ ସ୍ତବ୍ଧ ଅବସ୍ଥାରେ ଠିଆହୋଇ ରହିଥାନ୍ତି ।

ବକ୍ତୃତା ମଝିରେ ଚନ୍ଦ୍ରମଣିଙ୍କ ଚେତା ବୁଡ଼ିଗଲା । ସେ ଗଛ କାଟିଲା ଭଳି ଦୁମ୍‌କିନା ତଳେ ପଡ଼ିଗଲେ । ଲୋକେ ତାଙ୍କୁ ଟେକିନେଇ ଚାଲିଲେ ଡାକ୍ତର-ଖାନା ।

ଖଜୁରି ଗଛଟା ବି ତା ଆରଦିନଠୁଁ ଆଉ ଅବଲମ୍ବ ନଦେଖି ଚୁପ୍‌ଚାପ୍ ଖାଡ଼ା ଠିଆହୋଇ ରହିଲା ।

ବୈଜ୍ଞାନିକମାନେ ଯେଝା ବିଜ୍ଞାନାଗାରକୁ ଫେରିଆସିଲେ । ବାବାଜିମାନେ ମଧ୍ୟ ଦିନ ଗୋଟାଏ ଦିଇଟା ରହି କମ୍ବଳ କମଣ୍ଡଳୁ ଆଉ ଚିମୁଟା ଧରି ବାହାରି ଗଲେ ପୁରୀଆଡ଼େ । ବାକି ରହିଗଲେ କଣ୍ଟାପଡ଼ା ଗାଁର ଗାଁବାଲା । ଘଟଣାଟା କଅଣ କେହି ବୁଝିପାରିଲେ ନାହିଁ ।

କେତେଦିନ ପରେ ଖବରକାଗଜରେ ଗୋଟିଏ ବକ୍ସ-ଖବର ଭଳି ଖବରଟିଏ ବାହାରିଲା । ସେଥିରେ ଲେଖା ଥିଲା—"ବୈଜ୍ଞାନିକଙ୍କ ଭୂତ ବିଶ୍ୱାସ—ବୈଜ୍ଞାନିକମାନେ ଭୂତପ୍ରେତରେ ବିଶ୍ୱାସ କରନ୍ତି ନାହିଁ—ଏହା ଜଣାଶୁଣା । କିନ୍ତୁ ଅଧୁନା ଏମିତି କେତେଟା ଅବାସ୍ତବ ଘଟଣା ସାରା ବିଶ୍ୱରେ ଘଟିବାର ପ୍ରମାଣ ମିଳୁଛି, ଯେଉଁଥିରୁ ଭୂତ ପ୍ରତି ବୈଜ୍ଞାନିକମାନଙ୍କ ଅବିଶ୍ୱାସ କ୍ରମଶଃ ତୁଟିବାରେ

Digitized by srujanika@gmail.com

ଲଗିଛି । ଅଳ୍ପଦିନ ତଳେ କଣ୍ଟାପଡ଼ା ବୋଲି ଗୋଟିଏ ଗାଁରେ ଏକ ଅଘଟଣ ଘଟିଯାଇଛି । ଗୋଟିଏ ଖଜୁରି ଗଛର ଅସ୍ୱାଭାବିକ ବ୍ୟବହାର ରିପୋର୍ଟ ପାଇ ବଡ଼ ବଡ଼ ବୈଜ୍ଞାନିକମାନେ ସେଠାକୁ ଯାଇଥିଲେ । ଗଛଟା ଦିନ ଦିପହର ହେଲେ ଆପେ ତଳ ଆଡ଼କୁ ନଇଁ ପଡ଼ୁଥିଲା, ପୁଣି ସନ୍ଧ୍ୟାକୁ ସିଧା ହୋଇ-ଯାଉଥିଲା । ଏକଥା ଚାଲିଥିଲା ବେଳେ ଜଣେ ସ୍ଥାନୀୟ ନେତାଙ୍କୁ ଭୂତ ଲାଗିଲା । ସେ ଘଟଣା ସ୍ଥଳରେ ପହଞ୍ଚିଲା କ୍ଷଣି ଏକ ଅଜବ ଭାଷାରେ ବକ୍ତୃତା କରିବାକୁ ଆରମ୍ଭ କଲେ । ତାଙ୍କର ସମୁଦାୟ ସ୍ପିଚକୁ ରେକର୍ଡ କରାଯାଇ ଭାଷା ବିଜ୍ଞାନ ଗବେଷଣାଗାରକୁ ପଠାଯାଇଥିଲା । ଯୋଉ ଭାଷାକୁ ସ୍ଥାନୀୟ ଲୋକେ ଓ ଉପସ୍ଥିତ ଲୋକେ କାଳିସୀ ବା ଭୂତ ଲାଗିବା ବେଳର ବାଉଳା ଚାଉଳା କଥା ବୋଲି ଭାବିଥିଲେ ସେ ଭାଷା ପ୍ରକୃତରେ ବାଉଳା ଚାଉଳା କଥା ନୁହେଁ; ଏକ ଖାଣ୍ଟି ବିଦେଶୀ ଭାଷା ଅର୍ଥାତ୍ ଆରବିକ ଭାଷା ବୋଲି ଜାଣିପାରି ବୈଜ୍ଞାନିକ ମହଲରେ ଚହଳ ପଡ଼ିଯାଇଛି । ସ୍ଥାନୀୟ ନେତା—ଜଣେ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି । ସେ ଇଂରେଜୀ ଜାଣନ୍ତି ନାହିଁ । ଆରବୀ ପାରସୀଠାରୁ ବହୁଦୂରରେ ତାଙ୍କ ଭାଷାଜ୍ଞାନ···”

ଏହି ସମ୍ବାଦରେ ସଂକ୍ଷେପରେ ଆଉ ଏକ ମଜା କଥା ଉଲ୍ଲେଖ କରାଯାଇ-ଥିଲା—

“ଉକ୍ତ ନେତାଙ୍କୁ ପେମି ନାମକ କୌଣସି ନାରୀର ଭୂତ ଗ୍ରାସ କରିଥିବା କଥା ତାଙ୍କ ବକ୍ତୃତାର ଅନୁଶୀଳନରୁ ଜଣାପଡ଼େ । ପେମିକୁ କଲିକତାର ହାଡ଼କଟା ଗଳିରେ ଦିନେ ରାତି ଅଧରେ ଉକ୍ତ ନେତା ଛାଡ଼ିଦେଇ ଆସିବା ପରେ ଓଡ଼ିଆ ଝିଅଟିର କି ସୌଭାଗ୍ୟ ତା'ପରେ ଉଦୟ ହୋଇଥିଲା ଭୂତଟି ସେଇ କଥା ଗାଁ ଲୋକଙ୍କୁ ଜଣେଇ ଦେବାକୁ ଚାହୁଁଥିଲା । ପେମିକୁ ଜଣେ ମୁସଲମାନ ସୌଦାଗର ସାଙ୍ଗରେ ନେଇ ଆରବ ଚାଲିଗଲେ । ସେଠାରେ ଉକ୍ତ ଧନୀ ସୌଦାଗର ପେମିକୁ ଖୁବ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ବେଗମ ବନେଇ ରଖିଥିଲେ । ପେମି ଥିଲା ଖୁବ୍ ସୁନ୍ଦରୀ ତରୁଣୀ । ତାକୁ ତା ବାପା ଗାଁଠୁଁ ଦୂରରେ କୌଣସି ଭଲ ଘରେ ବିବାହ ଦବାକୁ ଚାହୁଁଥିଲେ । କିନ୍ତୁ ପ୍ରତିଥର ବିଭାଘର ପ୍ରସ୍ତାବ ପକ୍କା ହୋଇଗଲା ପରେ ଗାଁରେ ଜନୈକ ଖଳ ଲୋକ ସେ ବିବାହକୁ କୌଣସିମତେ ଭଣ୍ଡୁର କରିଦେଉଥିଲା । ସେ ଖଳ ଲୋକଟି ଅନ୍ୟ କେହି ନୁହେଁ — ସେଇ ଗ୍ରାମ୍ୟ ନେତୃତ୍ୱର ଭୌତିକକାଣ୍ଡ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ପେମିର ଭୂତ ଗାଁ ଲୋକଙ୍କୁ ସତର୍କ କରିଦେବାକୁ ଇଚ୍ଛା କରିଥିଲା । ଉକ୍ତ

Digitized by srujanika@gmail.com

ଭୌତିକ ସମ୍ବାଦର ସବୁଠୁଁ ଆଶ୍ଚର୍ଯ୍ୟଜନକ ବିଷୟଟି ହେଲ—ସେମି ତା ଗାଁର ଲୋକଙ୍କୁ କହିଦେବାକୁ ଚାହିଁଥିଲ ଯେ ଗାଁର ଝିଅ ବୋହୂଙ୍କୁ ଘର କଣରେ ଚାପିଚୁପି ନରଖି ସେମାନଙ୍କୁ ସ୍ୱାଧୀନତା ଦିଅ । ସେମାନେ ହାଡ଼କଟା ଗଳିକୁ ଭପ୍ସ ନଜର ସ୍ୱଚକ୍ଷୁରେ ଦେଖନ୍ତୁ । ସେଠାରେ ବନ୍ଦିନୀ ହୋଇଥିବା ଭଉଣୀମାନଙ୍କୁ ମୁକ୍ତ ଦିଅନ୍ତୁ । ମୁକ୍ତ ହୋଇ ପଚିଶ ମୁସଲମାନ ସାଙ୍ଗରେ ଆରବ ପଳେଇ ଆସନ୍ତୁ, କିନ୍ତୁ ଗ୍ରାମ୍ୟ ନେତୃତ୍ୱର ଚାଲରେ ପଡ଼ି ହାବୁଡ଼ା ଟୋପାଲରୁ ଡେଇଁପଡ଼ି ଆତ୍ମହତ୍ୟା କଲ ବୋଲି ଅପବାଦ ନ ମୁଣ୍ଡାନ୍ତୁ । ଆଉ, ହିଁ, ବର୍ଣ୍ଣିତ ଘଟଣାର ଅଳ୍ପ କିଛି ଦିନ ପୂର୍ବରୁ ଏକ ବୋମା ବିସ୍ଫୋରଣରେ ସ୍ୱାମୀଙ୍କ ସହିତ ଦେମିର ମୃତ୍ୟୁ ଘଟିଥିଲ । ଏସବୁ ସମ୍ବାଦ ସଂପୃକ୍ତ ଆରବିକ ଭାଷାରେ କୁହାଯାଇଥିବା ବକ୍ତୃତାର ଅନୁଶୀଳନରୁ ସଂଗୃହୀତ ।”

Digitized by srujanika@gmail.com

ଚଳନ୍ତଠାକୁର

"ଏ ଘରଟା କଅଣ ଡାଡ଼ ?"

ପାଞ୍ଚ ବରଷର ପୁଅ ମିଣ୍ଟୁନ ତା ଡାଡ଼କୁ ପଚାରିଲା ।

"ଏଇଟା ଘର ନୁହେଁ, ସନ୍ ! ଏଇଟା ଗୋଟାଏ ପ୍ଲେସ୍ ଅଫ୍ ଓ୍ବରସିପ୍ । ଏଠି ଗଡ୍ ଥାଆନ୍ତି । ଏ ହଉଚି ଆମ ହିନ୍ଦୁମାନଙ୍କ ଟେମ୍ପଲ୍ । ଏଇଟା ଗୋଟାଏ ଭେରି ଆନ୍‌ସିଏଣ୍ଟ ଟେମ୍ପଲ୍ । ଫିଫ୍‌ଥ୍ ସେଞ୍ଚୁରି ଏ. ଡ଼ି. ର ।"

ମିଣ୍ଟୁନ୍ ପାଇଁ ଏ ସବୁ ଇନ୍‌ଫର୍ମେସନ୍ ଗୁଡ଼ାକ ବଡ଼ ଷ୍ଟ୍ରେଂଜ୍ ଷ୍ଟ୍ରେଂଜ୍ ମନେହେଉଥିଲା । ମିଣ୍ଟୁନ ଯଦିଚ ପାଞ୍ଚ ବର୍ଷର ସାନ ପିଲାଟାଏ, ତଥାପି ସେ ଇନ୍‌ଫର୍ମେସନ୍ ଦୃଷ୍ଟିରୁ କାହା ପଛରେ ପଡ଼ୁନଥିଲା । ସେ ଜନ୍ମ ହୋଇଥିଲା ଆମେରିକାରେ । କନେକ୍‌ଟିକଟ୍‌ର ଗ୍ଲାସଟନ୍‌ବେରିରେ ତାର ଜନ୍ମ । ତା ଘରଠୁଁ ମାର୍କଟ୍ୱେନ୍‌ଙ୍କ ଘର ମୋଟେ ଡାକେ ବାଟ । ମାର୍କଟ୍ୱେନ୍‌ଙ୍କ ଘରକୁ ମିଣ୍ଟୁନ୍ ତା ଡାଡ଼ମମିଙ୍କ ସାଙ୍ଗରେ ଅନେକଥର ଯାଇଚି ବୁଲି ଦେଖିବାକୁ । ମାର୍କଟ୍ୱେନ୍‌ଙ୍କ ହକଲ୍‌ବେରି ଫିନ୍ ଚରିତ୍ର ସାଙ୍ଗରେ ତାର ପରିଚୟ ଖୁବ୍ ଘନିଷ୍ଠ । ଖାଲି ମାର୍କ-ଟ୍ୱେନ୍ ନୁହନ୍ତି; ମିଣ୍ଟୁନ୍ ଚିହ୍ନିଚି ମଧ୍ୟ ହେନ୍‌ରି ଥୋରୋ, ଇମରସନ୍ ପ୍ରଭୃତିଙ୍କୁ । ସେମାନଙ୍କ ଘର ମଧ୍ୟ ସେଇ ଆଖ ପାଖରେ ଗ୍ଲାସ୍‌ଟନ୍‌ବେରିରେ । କିନ୍ତୁ, ମିଣ୍ଟୁନ୍ ପାଇଁ ଏ ଗୋଟାଏ ଅଭିନବ ଏକ୍‌ସପିରିଏନ୍‌ସ । ଆଶ୍ଚର୍ଯ୍ୟ ହୋଇଗଲା ସେ । ନିଜ ଆଡ଼କୁ ଲମ୍ବି ଆସିଥିବା ତା ଡାଡ଼ର ହାତ ପାପୁଲିକୁ ନିଜର କୁନି ନରମ ପାପୁଲିରେ ଜାବୁଡ଼ି ଧରି ସେ ସେଇ ଅଦ୍ଭୁତ ଘରଟାକୁ ଗାଡ଼ିର ଝରକା ଭିତରୁ ଝୁଙ୍କିପଡ଼ି ଗୁହାଁରୁହାଁ କଅଣ ସବୁ ଭାବୁଥିଲା କିଏ ଜାଣେ ?

ବ୍ରଜନ୍ ସେନାପତି କାର୍‌ର ପଛ ସିଟ୍‌ରେ ବସିଥିଲେ । ତାଙ୍କ ପାଖରେ ମିସେସ୍ ସେନାପତି । ମିଣ୍ଟୁନ୍ ବସିଥାଏ ଆଗ ସିଟ୍‌ରେ । ଗାଡ଼ି ଡ୍ରାଇଭ୍ କରୁଥାନ୍ତି ବ୍ରଜନ୍ ବାବୁଙ୍କ ଶଳା ସିଦ୍ଧାର୍ଥ । ସିଦ୍ଧାର୍ଥ ଜଣେ ବଡ଼ ଅଫିସର୍—ଅଲ୍‌ଇଣ୍ଡିଆ ସର୍ଭିସର ବଡ଼ ର୍‍ୟାଙ୍କର ଅଫିସର୍ ।

Digitized by srujanika@gmail.com

ସିଦ୍ଧାର୍ଥ ତାଙ୍କ ଭଣଜା ମିଷ୍ଟୁନ୍‌କୁ ଖୁବ୍ ଭଲପାଆନ୍ତି । ଗୋଟିଏ ବୋଲି ଭଉଣୀ ସୀମା ତାଙ୍କର ମଧ ଅତି ପ୍ରିୟ ଭଉଣୀଟିଏ ପିଲାଦିନୁ । ରଜନ୍ ପଟ୍ଟନାୟକ ସିଦ୍ଧାର୍ଥଙ୍କର ପରିଚୟ ମଧ ଖୁବ୍ ନୂଆ ନୁହେଁ । ଭଉଣୀ ସୀମା ସାଙ୍ଗରେ ରଜନ୍‌ର ବାହାଘର ତେର୍ ପୂର୍ବରୁ ସିଦ୍ଧାର୍ଥ ଜାଣିଥିଲେ ରଜନ୍ ସେନାପତିଙ୍କୁ । ରଜନ୍ ଥିଲା ତା ସମୟର ଖୁବ୍ ବ୍ରିଲିୟାଣ୍ଟ ଛାତ୍ର । ତେବେ ସେ ଟିକିଏ ବୋକା—ସାଂସାରିକ ଦୃଷ୍ଟିରୁ । ତାଙ୍କ ସମୟର ଅଧିକାଂଶ ବ୍ରିଲିୟାଣ୍ଟ ଛାତ୍ରମାନେ ଆଇ. ଏସ୍. ସି ପରେ ଆର୍ଟସ୍‌କୁ ଚେଞ୍ଜ୍ କରିଦେଇ ବି.ଏ. ପଢ଼ିବାକୁ ଆସୁଥିଲେ ମଧ ରଜନ୍ ପଢ଼ିଲା ବି. ଏସ୍‌ସି. । ବି. ଏସ୍‌ସି.ରେ ସେ ଖୁବ୍ ଭଲକଲା । ଫିଜିକ୍‌ସ ଅନର୍ସରେ ଫାଷ୍ଟ୍‌କ୍ଲାସ ଫାଷ୍ଟ୍ ଅବଶ୍ୟ ହେଲା ସେ; କିନ୍ତୁ ଏମ୍. ଏସ୍‌ସି. ନପଢ଼ି ସେ ଗଲା ଇଂଜିନିୟରିଂ ପଢ଼ିବାକୁ । ଏଇ ଭିତରେ ସିଦ୍ଧାର୍ଥ ଏମ୍. ଏ. ପାସ୍ କରି ବସିପଡ଼ିଥିଲା ଅଲ୍ ଇଣ୍ଡିଆ ସର୍ଭିସ୍ ପରୀକ୍ଷାରେ । ପ୍ରଥମ ଥରକ ମନ୍ଦା ବାଜିଲା ନାହିଁ । ଦ୍ୱିତୀୟ ଥର ଏ ବାଜିଲା । ରଜନ୍ ଇଂଜିନିୟରିଂ ପାସ୍ କଲା ବର୍ଷ ସିଦ୍ଧାର୍ଥର ପୋଷ୍ଟିଂ ହେଇ-ସାରିଥାଏ । ରଜନ୍ ଇଞ୍ଜିନିୟରିଂ ପାସ୍ କରି ଆସିଷ୍ଟାଣ୍ଟ ତ ନୁହେଁ; ଜୁନିୟର ଇଂଜିନିୟର୍ ହେଇ ଯୋଗଦେଲା ସରକାରୀ ଚାକିରିରେ । ସେଇ ବର୍ଷ ସୀମା ସାଙ୍ଗରେ ତାର ବାହାଘର ହେଇଗଲା ଅବଶ୍ୟ । ସୀମାର ବାହାଘର ବେଳେ ସିଦ୍ଧାର୍ଥକୁ ତା ବାପା ପଚାରିଥିଲେ, "ପିଲାଟି କେମିତିରେ ସିଦ୍ଧୁ ?" ସିଦ୍ଧାର୍ଥ ସାର୍ଟିଫିକେଟ୍ ଦେଇଥିଲା, "ଭେରି ବ୍ରିଲିୟାଣ୍ଟ୍ କିନ୍ତୁ ବୋକା ।"

"ବୋକା ?" ସିଦ୍ଧାର୍ଥର ବାପା ଆଶ୍ଚର୍ଯ୍ୟ ହେଇ ଅନାଇଥିଲେ ପୁଅ ମୁହଁକୁ ।

"ବୋକା ନୁହେଁ ତ ଆଉ କଅଣ ? ସେ ସେତେବେଳେ ଏକ୍‌ଜିକ୍ୟୁଟିଭ ଇଂଜିନିୟର ହେଇଥିବ ମୁଁ ହେଇଥିବି ତାଙ୍କ ବିଭାଗ ସେକ୍ରେଟେରି ।" ସିଦ୍ଧାର୍ଥ ହସି ପକେଇଥିଲା ।

"କିନ୍ତୁ ସେ ତ ଥ୍ରୁଆଉଟ୍ ଫାଷ୍ଟ୍‌କ୍ଲାସ ଫାଷ୍ଟ୍ ! ଇଂଜିନିୟରିଂରେ ଅଇ. ଆଇ.ଟି.ରୁ ପାଇଛି ଗୋଲ୍ଡ଼୍ ମେଡ଼ାଲ । ସିଦ୍ଧାର୍ଥର ବାପା ହାଇସ୍କୁଲ ହେଡ୍‌ମାଷ୍ଟର ଶଙ୍କରବାବୁ ନାପସନ୍ଦ କରିଥିଲେ ପୁଅର ବଢ଼େଇକୁ ସେଦିନ । ଫଳରେ ବାପାଙ୍କ ଜିଦ୍ ଯୋଗୁ ସୀମାର ବାହାଘର ହେଇଥିଲା ରଜନ ସାଥିରେ ସେଦିନ । ସିଦ୍ଧାର୍ଥ ସେ ବାହାଘରକୁ ସ୍ୱୀକୃତି ଦେବାକୁ ବାଧହୋଇଥିଲା । ଭଉଣୀ ସୀମାକୁ ଖୁବ୍ ଭଲପାଉଥିବା ସତ୍ତ୍ୱେ ରଜନକୁ ସେ ଦେଖୁଥିଲା ହୀନଚକ୍ଷୁରେ । ରଜନକୁ

Digitized by srujanika@gmail.com

ଦେଖିଲେ ତା ମନରେ ବରାବର ସେଇ ଧାରଣାଟା ଜାତ ହଉଥାଏ—ସେ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ହେଲାବେଳେ ମୁଁ ହେଇଥିବ କମିଶନର-କମ୍‌ପେଟେଣ୍ଟେଶ ଯେ ବାପାଗର୍ । ଆହା ବଚରା ବଜନ୍ !

କିନ୍ତୁ ପରିସ୍ଥିତି ଖୁବ୍ ଶୀଘ୍ର ବଦଳିଗଲା । ବଜନ୍ ସେନାପତି ପଳେଇଲା ଆମେରିକା । ଆମେରିକାର ବିଖ୍ୟାତ ଏମ୍. ଆଇ. ଟି.ରୁ ଇଞ୍ଜିନିୟରିଂରେ ପି. ଏଚ୍. ଡି. କଲାପରେ ସେ ଜଏନ୍ କଲା ଜେନେରାଲ୍ ମୋଟରସରେ । ମିଷ୍ଟୁନ୍‌ର ଜନ୍ମ ବର୍ଷ ବଜନ୍ ଭର୍ତ୍ତି ହେଇଥିଲା ଆମେରିକାର ସେ ବିଖ୍ୟାତ କମ୍ପାନୀ ଜେନେରାଲ ମୋଟର୍‌ସରେ । ମିଷ୍ଟୁନକୁ ନେଇ ବଜନ ଓ ସୀମା ଏଇ ପ୍ରଥମ ଥର ଆସନ୍ତି ଦେଶକୁ । ସେମାନଙ୍କୁ ପୁରୀ, କୋଣାର୍କ ବୁଲେଇବା କାମ ଥିଲା ସିଦ୍ଧାର୍ଥର । ଅଫିସ୍ ଗାଡ଼ି, ଅଫିସ୍ ଡ୍ରାଇଭର୍ ଦେଇ ଭଉଣୀ ଭଣେଇଙ୍କୁ ଦୂରଦୂରାନ୍ତ ଜାଗା ସବୁ ବୁଲେଇ ଆଣିବା ପ୍ରୋଗ୍ରାମ ସ୍ଥିରକରିସାରି ଘର ଆଖପାଖ କେଇଟା ଜାଗା ପ୍ରଥମେ ନିଜେ ବୁଲେଇ ଆଣିବା ପାଇଁ ବାହାରିଥିଲା ସିଦ୍ଧାର୍ଥ । ସେଦିନ ଛୁଟି ଦିନ । ଗାଡ଼ି ବାହାର କରି ସିଦ୍ଧାର୍ଥ ପଚାରିଲା ତା ଭଉଣୀକୁ, "କୁଆଡ଼େ ଯିବୁ କହ । ତୁ ମ୍ୟୁଜିୟମ୍ ଦେଖିଚୁ ?"

ମ୍ୟୁଜିୟମ ଆଡ଼େ ବୁଲିଯିବା ବେଳେ ସୀମା କହିଲା, "ଭାଇ, ଏଠି ତମ ଭୁବନେଶ୍ୱରରେ କୁଆଡ଼େ ଲକ୍ଷେ ମନ୍ଦିର ଅଛି ?"

ସିଦ୍ଧାର୍ଥ ହସିଦେଲା । କହିଲା, "ଏଇଟା ମନ୍ଦିରମାଳିନୀ ରାଜ୍ୟ ଜାଣିନୁ ? ଆ ତତେ ନେଇ ଆଗ ଦେଖେଇ ଆଣିବି ସବୁଠୁଁ ପୁରୁଣା ମନ୍ଦିର ଏଠିକାର—"

ଏହାପରେ ସେମାନେ ମ୍ୟୁଜିୟମ ପାସ୍ କରି ଗଲେ କେଦାରଗୌରୀ ଆଡ଼େ । ପରଶୁରାମେଶ୍ୱର ମନ୍ଦିର ପାଖରେ ଗାଡ଼ି ଅଟକେଇ ସିଦ୍ଧାର୍ଥ କହିଲା, "ଦେଖ ! ଏଇଟି ଆରମ୍ଭ ଓଡ଼ିଶାର ଗୌରବ । ଏ ହେଲା ପରଶୁରାମେଶ୍ୱର ମନ୍ଦିର—ଫିଫ୍‌ଥ ସେଞ୍ଚୁରୀ ।"

ସେତିକିବେଳେ ଗାଡ଼ି ସାମନା ସିଟ୍‌ରେ ମାମୁଙ୍କ ପାଖରେ ଏକା ଏକା ବସିଥିବା ପିଲାଟି ମୁହଁରୁ ଶୁଣାଯାଇଥିଲା, "ଏ ଘରଟା କଅଣ ଡାଡ଼ି ?"

ଡାଡ଼ିଙ୍କ ମୁହଁରୁ "ଫିଫ୍‌ଥ ସେଞ୍ଚୁରୀ ଏ. ଡ଼ି." ଶୁଣିବାକ୍ଷଣି ମିଷ୍ଟୁନର ମନେପଡ଼ିଗଲା ସେଇଭଳି ଗୋଟିଏ ଏକ୍‌ସପ୍ରେସନ "ନାଇନ୍‌ଟିନ୍‌ଥ ସେଞ୍ଚୁରୀ ଏ. ଡ଼ି. ରେ ମାର୍କଟ୍ୱେନଙ୍କ ବାର୍ଥ, ନା ଡାଡ଼ି ?"

"ୟେସ୍ ୟେସ୍—ମାର୍କଟ୍ୱେନ୍ ଶହେ ବର୍ଷ ତଳେ ଜନ୍ମ ହେଇଥିଲେ ।

Digitized by srujanika@gmail.com

ୟୁ ଆର୍ ରାଇଟ୍ ମାଇଁ ବୟ୍ ! କିନ୍ତୁ ଏ ମନ୍ଦିରଟାକୁ କେତେ ବର୍ଷ ହେଲାଣି ଜାଣୁ ? ପନ୍ଦର ଶହ ବର୍ଷ । ଓ୍ୱାନ୍ ଥାଉଜାଣ୍ଡ ଫାଇଭ ହଣ୍ଡ୍ରେଡ୍ ଇୟର୍ସ ! ଜଷ୍ଟ ଇମାଜିନ୍...!"

"ହାଃ, ହାଃ, ହାଃ—" ସିଦ୍ଧାର୍ଥ ହସିପକେଇଲେ । ପାଞ୍ଚ ବର୍ଷର ପିଲାକୁ ପନ୍ଦର ଶହ ବର୍ଷ ବିଷୟରେ କଳ୍ପନା କରିବାକୁ କହିବା କଥାଟା ତାଙ୍କୁ କେମିତି ଅପସନ୍ଦ ଅପସନ୍ଦ ଲାଗିଲା । ତେଣୁ ସେ ପ୍ରସଙ୍ଗଟାକୁ ବଦଳେଇ ଦବାକୁ କହିଲେ, "ବିଜନ୍ ! ତମର ସେଠି ଆମେରିକାରେ ଏବର୍ଷ ଇଲେକ୍‌ସନ ପରା ? କିଏ ଜିତିବ ଭାବୁଛ ? ବୁସ୍ ଆସିବ ? ରିପବ୍ଲିକାନ ପାର୍ଟିର ଚାନ୍‌ସ କେମିତି ବୋଲି ଭାବୁଛ ?"

"ନୋ ନୋ ନୋ—", ମିଷ୍ଟୁନ ତତ୍‌କ୍ଷଣାତ୍ ପ୍ରତିବାଦ କରିଉଠିଲା, "ଡୁକା-କସ୍ ଡୁକାକସ୍—ମାଇକେଲ ଡୁକାକସ । ଡିମୋକ୍ରାଟିକ କ୍ୟାଣ୍ଡିଡେଟ୍ ଆସିବେ ଅଙ୍କଲ । ରିପବ୍ଲିକାନ ହାଜ୍ ପୁଅର୍ ଚାନ୍‌ସ ।"

ସିଦ୍ଧାର୍ଥ ଚମକି ପଡ଼ିଲେ । ଆଶ୍ଚର୍ଯ୍ୟ ହୋଇଗଲେ । ପାଞ୍ଚ ବର୍ଷର ଭଣଜାଟିକୁ ତାଙ୍କର ଆଉଥରେ ଭଲକରି ଆପାଦମସ୍ତକ ନିରୀକ୍ଷଣ କରିନେଇ ସେ ତାଙ୍କ ଭଉଣୀ ସୀମା ଆଡ଼େ ମୁହଁ ବୁଲେଇ ଅନେଇଲେ । ସ୍ମିତହାସରେ ଭରିଉଠିଲା ତାଙ୍କ ସାରା ମୁହଁଟା । କଅଣ ଭାବୁଥିଲେ କେଜାଣି ?

ସୀମା ମଧ୍ୟ ଭାଇଙ୍କ ହସର ଜବାବ ଦେଲା ଗୋଟିଏ ଗ୍ରେଟ ଆମେରିକାନ୍ ହସରେ । ତାର ମୁହଁଟି ଭାରି ସୁନ୍ଦର । ଇଣ୍ଡିଆରେ ଥିଲାବେଳେ ଅବଶ୍ୟ ସେ ଏତେ ସୁନ୍ଦର ଦିଶୁନଥିଲା । ତା'ଛଡ଼ା ହସିବା କଅଣ, ସେକଥା ସୀମାକୁ ପ୍ରାୟ ଅଜଣା ଥିଲା । ହାଇସ୍କୁଲ୍ ଶିକ୍ଷକ ଶଙ୍କରବାବୁଙ୍କ ଏଇ ଝିଅଟି ତା ଭାଇ ସିଦ୍ଧାର୍ଥ ଭଳି ସେତେ ଭଲ ଷ୍ଟୁଡେଣ୍ଟ ନଥିଲା । ତଥାପି ଘୋଷାରି ଓଟାରି ହୋଇ ସେ ବି. ଏ. ପର୍ଯ୍ୟନ୍ତ ଚଳାଇପାରିଥିଲା । ସେତିକିବେଳେ ତାର ବାହାଘର ହୋଇଥିଲା ଜୟପୁର ଇଂଜିନିୟର ବିଜନ ସେନାପତିଙ୍କ ସାଙ୍ଗରେ । ବିଜନ ଗରିବ ଘରର ପିଲା । ତା ସାଙ୍ଗଙ୍କୁ ନିଜ ଭାଇ ତୁଳନାରେ କେତେ ଶ୍ରେଷ୍ଠ ସ୍ୱୀକରିଆଟିଏ ଥିଲା ବି ବିଜନ୍ । ସୀମା ସେତେବେଳେ ବହୁତ ମନ ଖରାପ କରି ବସୁଥିଲା । ବେଳେ-ବେଳେ ଭାଇକୁ ତାର ଗୁପ୍ତରେ ପଚାରୁଥିଲା—"ସତରେ ଭାଇ, ସେ ଏକ୍‌ଜିକ୍ୟୁଟିଭ ଇଂଜିନିୟର ହବାକୁ ଏତେଗୁଡ଼ାଏ ବର୍ଷ ଲାଗିବ—ତମେ କମିଶନର ହବା-ଯାକେ ? ଏ ବୋକା ଲୋକଟା ସାଙ୍ଗରେ ମୋତେ ଛନ୍ଦିଦେଲେ କେଜ ବାପା ?" ସୀମାର ଆଖିରୁ ଲୁହ ବୋହିଯାଉଥିଲା ଧାର ଧାର । ସିଦ୍ଧାର୍ଥ ସେତେବେଳେ

Digitized by srujanika@gmail.com

ସାନଭଉଣୀକୁ ପ୍ରବୋଧ ଦେବା ପାଇଁ କହୁଥିଲେ—"ତୁ ଜାଣିନୁ ସୀମା । ବଜନ ଭାଇ ବ୍ରିଲିୟାଣ୍ଟ ଷ୍ଟୁଡେଣ୍ଟ ତା ସମୟର । ଆମେ ସବୁ ତା ପାଖରେ ପଢ଼ିବା ପିଲା ନଥିଲୁ । କିନ୍ତୁ ସେଇଟା ପ୍ରକୃତରେ ବୋକା । ସେ ଯଦି ଆଇ. ଏସ୍‌ସି. ପରେ ଆର୍ଟସକୁ ଚେଞ୍ଜ କରି ଦେଇଥାନ୍ତା, ଫିଜିକ୍ସ ନେଇ ପଲିଟିକାଲ ସାଇନ୍‌ସ ନେଇଯାଇଥାନ୍ତା, ଆଜି ସେ ନିଶ୍ଚେ ବସିଥାନ୍ତା ଆମ ଡାକଘର ସବା ଉପରେ । ତେବେ ଦୁଃଖ କରନା—ସେ ଭାରି ବ୍ରିଲିୟାଣ୍ଟ ଟୋକା ।"

"ବ୍ରିଲିୟାଣ୍ଟ ନା ଛେଳିଗୁଡ଼ !" ସୀମା ମୁହଁମୋଡ଼ି ଦେଇଥିଲା ସେଦିନ ବଜନ କଥା ତାଙ୍କ ଘରେ ପଡ଼ିଲାବେଳେ । ତା ମୁହଁଟି ସବୁଦିନେ ଶୁଖିଲା କାନ୍ଦୁରା କାନ୍ଦୁରା ଦିଶେ । କିନ୍ତୁ ଆଜି ସୀମା ଉପରେ ବୁଢ଼ୀସୁଆଇଲା । ଆମେରିକାନ୍-ମାନେ ଯେମିତି ବଡ଼ଗଡ଼ା ଧଳା ଧଳା ଦାନ୍ତ ଦେଖେଇ ହସନ୍ତି, ସୀମା ହସୁଥାଏ ସେମିତି । ସୀମାର ବ୍ୟକ୍ତିତ୍ୱ ଏଇ ବର୍ଷ କେତେଟା ଭିତରେ ଯେ ଏତେ ବେଶି ଡେଭଲପ କରିଯାଇପାରିବ ସିଦ୍ଧାର୍ଥ ପାଇଁ ତାହା ଥିଲା ଆଉ ଏକ ବିସ୍ମୟ ।

ନିଜର ବ୍ୟକ୍ତିତ୍ୱକୁ ଆହୁରି ଟିକିଏ ଅଭିବ୍ୟକ୍ତ ଦେଇ ସୀମା କହିଲା—"ଭାଇ, ଆମେରିକାରେ ପିଲାଗୁଡ଼ାକ ଜନ୍ମରୁ ଚାଲାଖ । ମିଷ୍ଟୁନ ଆମର କମ୍ପ୍ୟୁଟର ଅପରେଟ କରିଦେବ ଏଇକ୍ଷିଣି ଯଦି ତାକୁ ଦେଖେଇଦବ ଗୋଟାଏ କମ୍ପ୍ୟୁଟର ।"

ଭଣଜାର ବୁଦ୍ଧି ଓ ଗୁଣଗ୍ରାମ ଦେଖି ଶୁଣି ସିଦ୍ଧାର୍ଥ ଖୁବ୍ ଖୁସି ହେଲେ । କେଦାରଗୌରୀ ଭ୍ରମଣ ସାରି ସେମାନେ ଫେରିଆସିଲେ ମ୍ୟୁଜିୟମ ପାଖକୁ । ମ୍ୟୁଜିୟମ ଗେଟ୍ ଭିତରକୁ ଗାଡ଼ି ବୁଲେଇବା ପୂର୍ବରୁ ମିଷ୍ଟୁନ ପଚାରିଲା, "ଅଙ୍କଲ ! ଏଇଟା କଅଣ ସାଇନ୍‌ସ ମ୍ୟୁଜିୟମ ? ଆମ ବଷ୍ଟନର..."

"ନୋ ନୋ ମାଇଁ ବୟ ! ଏଇଟା ହେଉଛି ଆର୍କିଓଲଜିକାଲ ମ୍ୟୁଜିୟମ । ଏଠି ହଜାର ହଜାର ବର୍ଷ ତଳର ପୁରୁଣା ପଥର ମୂର୍ତ୍ତି ସବୁ ରଖାଯାଇଛି । ଚାଲ ଦେଖିବୁ ।" – ବଜନ୍ ବୁଝେଇଦେଲେ ପୁଅକୁ ।

ସିଦ୍ଧାର୍ଥ ହସିହସି ଯୋଡ଼ିଲେ ବଜନଙ୍କ କଥାରେ ନିଜ ଅଭିମତ, "ଚାଲ୍ ଦେଖିବୁ କେତେ ପୁରୁଣା ପଥରର ଗଡ୍‌ସ – ଅଲ୍ଡ ଡେଡ୍ ଗଡ୍‌ସ । "ମାନେ – ଯୋଉ ଭଗବାନମାନେ ମରିଗଲେଣି – ଡେଡ଼୍ ଗଡ୍‌ସ – ବୁଝିଲୁ ତ ?"

"ଡେଡ଼୍ ଗଅଡ୍‌ସ"...ଆଶ୍ଚର୍ଯ୍ୟ ହୋଇଗଲା ମିଷ୍ଟୁନ । ବିଶ୍ୱାସ କରି-ପାରିଲାନି ସେ ତା ମାମୁଙ୍କ କଥାକୁ । ଆମେରିକାନ ଆକ୍‌ସେଣ୍ଟ ମିଶା ଓଡ଼ିଆରେ

Digitized by srujanika@gmail.com

ପଚାରିଲା ସେ ଡେଣ୍ଟ୍, "ଗଅଡ଼୍ ଗୁଡ଼ାକ ମରିଯାଇଛନ୍ତି ? ଏଟା ତେବେ ଗୋଟାଏ ସିମେଟ୍ରି ଅଙ୍କଲ୍ ? ଗଅଡ଼୍‌ମାନଙ୍କର ?"

ସିଦ୍ଧାର୍ଥ ହସିଲେ । ବିଜନ ମଜା କରିବା ପାଇଁ ସୀମା ଓ ସିଦ୍ଧାର୍ଥଙ୍କୁ ବୁଝାଇ ଦେଲା ଭଳି କହିଲେ, "ସେ ଦେଶରେ ଈଶ୍ୱରଅବିଶ୍ୱାସୀ ଲୋକ ବହୁତ । କିନ୍ତୁ ଈଶ୍ୱର ମରିଗଲେଣି କହିଲେ ଲୋକେ ତମକୁ ଭାବିବେ କମ୍ୟୁନିଷ୍ଟ । ଲୋକଟା ବୋଧେ ତା' ମାମୁଁକୁ କମ୍ୟୁନିଷ୍ଟ ବୋଲି ସନ୍ଦେହ କରି ଚମକୁଚି ନା କଅଣ ! ହାଃ, ହାଃ — "

"ହଁ ହଁ, ମୁଁ ଏକ ପକ୍କା କମ୍ୟୁନିଷ୍ଟ । ତମେ ତ ଜାଣ ମୁଁ କଲେଜରେ ପଢ଼ିଲା ବେଳେ ଏ. ଆଇ. ଏସ୍. ଏଫ୍.ର ମେମ୍ବର ଥିଲି । କଲେଜ ୟୁନିୟନ ପ୍ରେସିଡେଣ୍ଟ ପାଇଁ ଠିଆ ହେଲାବେଳେ ମତେ ଦେଖିଥିବ । ମୋ ବକ୍ତୃତା ଶୁଣିଥିବ । ମୁଁ ଏବେ ବି ସୋସାଲିଜମ୍‌ରେ ବିଶ୍ୱାସ କରେ ।" — ସିଦ୍ଧାର୍ଥ ଗମ୍ଭୀର ହୋଇଉଠିଲେ କାହିଁକି କେଜାଣି ।

ମ୍ୟୁଜିୟମ ବୁଲା ସରିଲା । ବର୍ତ୍ତମାନ କଅଣ ଦେଖୁଥିଲେ କେଜାଣି — ମିଷ୍ଟୁନ କିନ୍ତୁ ପଚାରି ଚାଲିଥାଏ, "ଡାଡ଼ି ଏ ଗଡ଼୍‌ଙ୍କ ନାଁ କଅଣ ? ଅଙ୍କଲ ଏ ଗଡ଼୍ କଅଣ ଭାରି ଫୁଏଲ ଗଡ୍ ଥିଲେ ? ଏ କି ଭୟଙ୍କର ଦିଶୁଛନ୍ତି ! ମମି, ଏ ଜଣେ ଗଡ଼୍ ନା ଗଡେସ୍ ? ଏମାନେ କଅଣ ସତରେ ବଞ୍ଚିଥିଲେ ?"

ମିଷ୍ଟୁନର ପ୍ରଶ୍ନର ଉତ୍ତର ମିଳୁଥାଏ ଯଥାସମ୍ଭବ । ଡାଡ଼ି କହୁଥାନ୍ତି, "ଏ ଗଡ୍‌ଙ୍କ ନାଁ ଅବଲୋକିତେଶ୍ୱର । ଏ ଚନ୍ଦ୍ରାଣି । ଏମାନେ ଟେନ୍ଥ ସେଞ୍ଚୁରିର ।"

ଅଙ୍କଲ୍ କହୁଥାନ୍ତି, "ହେଇ ଦେଖ୍ ଦେଖ୍ — ଏ ଗଅଡ଼୍‌ଙ୍କ ନାଁ ମହାକାଳ । ଏ ବଡ଼ ଭୟଙ୍କର ଗଅଡ଼୍ । ଏ ସମସ୍ତଙ୍କୁ ମାରି ଖାଇଯାଆନ୍ତି । ଓଃ କି ଭୟଙ୍କର !"

ମିଷ୍ଟୁନର ମମି ତାରା ଦେବୀଙ୍କ ମୂର୍ତ୍ତିକୁ ଲକ୍ଷ୍ୟ କରି କଅଣ ଭାବୁଭାବୁ କହୁଥାନ୍ତି, "ଆହା କି ସୁନ୍ଦର ! ଭାଇ ଏଥିରୁ ଗୋଟିଏ ଗୋଟିଏ ମୂର୍ତ୍ତିର ଦାମ୍ କେତେ ହବ ଜାଣିଚ ? ଦଶ ହଜାର ଡଲାରରୁ କମ୍ ନୁହେଁ । ନା ନା — ଦଶହଜାର କିଛି ନୁହେଁ । ତମେ ଯଦି ଏଗୁଡ଼ାକୁ ବିକ୍ରୀ କରିବାକୁ ରାଜି ହବ ଆମେରିକାନ୍‌ମାନେ ବିଲିୟନ ବିଲିୟନ ଡଲାର ଦେଇ ତମର ଏ ମ୍ୟୁଜିୟମ ସମେତ ପୁରୁଣା ଭଙ୍ଗା ମନ୍ଦିର ଗୁଡ଼ାକୁ ଏଠୁ ଉଠେଇ ନେଇ ଥୋଇଦିଅନ୍ତେ ସିଧା ଆମେରିକାରେ ।"

ସିଦ୍ଧାର୍ଥ ହସୁଥାନ୍ତି । କହୁଥାନ୍ତି, "ଖୁବ୍ ଭଲ ହୁଅନ୍ତା । ଇଣ୍ଡିଆରୁ ପଭର୍ଟି

Digitized by srujanika@gmail.com

ହଡିଯାତ୍ରା ଏକାଦିନକେ । ତୁ ଗୋଟାଏ କାମ କର – ଆର୍ଣ୍ଣିକ୍ ବିଜିନେସ କର । ଏ ପେଡ଼ଣ୍ଟ୍ ପେଡ଼୍ମାନଙ୍କୁ ଏ ଦେଶରୁ ନ ହଟେଇବା ଯାକେ ଏ ଦେଶରୁ ଗରିବି ଯିବ ନାହିଁ । କ ଫୁଲମ୍ପେନସ୍ ! କୋଟି କୋଟି ଟଙ୍କାର ସମ୍ପତ୍ତି ଏଇ ପଥର ଗୁଡ଼ାକ ଦେହରେ ଭର୍ତ୍ତି ହେଇଛ – ଅଥଚ ଆମେ ଦରିଦ୍ର !"

ମିଣ୍ଟୁ ନ ସବୁ ଶୁଣୁଥାଏ ।

ମ୍ୟୁଜିୟମ ବୁଲା ସରିଲା । ଏହାପରେ ସେମାନେ ପଶିବେ ହୋଟେଲ କଳିଙ୍ଗ ଅଶୋକରେ । ବହୁବେଳ ଧରି ବୁଲାହେଲାଣି । ସମସ୍ତେ ଟାୟାର୍ଡ୍ । ଲଞ୍ଚ୍ବେଳ ଟିକଏ ଗଡ଼ିଗଲାଣି ମଧ୍ୟ ।

ସମସ୍ତେ କାର୍‌ରେ ବସିଲେ । ମିଣ୍ଟୁ ନ ତା ଅଙ୍କଲ୍‌ଙ୍କ ପାଖ ସିଟ୍‌ରେ ବସିଲା ମୁହଁପରି । କିନ୍ତୁ ସେ କିଛି ସମୟ ହେବ ଚୁପ୍‌ହୋଇ ଯାଇଥାଏ । ପୂର୍ବଭଳି ବକ୍ ବକ୍ ହଉନଥାଏ । ବୋଧହୁଏ ତାକୁ ଭୋକଲାଗୁଥାଏ । ସେ ଖୁବ୍ ଟାୟାର୍ଡ୍ ହେଇ-ପଡ଼ିଥାଏ ।

ଗାଡ଼ି ହୋଟେଲ କଳିଙ୍ଗ ଅଶୋକ ପୋର୍ଟିକୋରେ ଲାଗିଲା । ସମସ୍ତେ ଓହ୍ଲାଇଲେ । ପଶିଲେ ହୋଟେଲ ଲାଉଞ୍ଜ୍‌କୁ ।

ସିଦ୍ଧାର୍ଥଙ୍କୁ ଏ ହୋଟେଲ୍‌ରେ ସମସ୍ତେ ଚିହ୍ନନ୍ତି । ମ୍ୟାନେଜର ପାଛୋଟି ନେଲେ । ଆଉ କେତେଜଣ ଚିହ୍ନା ବନ୍ଧୁ ମଧ୍ୟ ଦେଖାହେଲେ । ଲବ୍‌ବିରେ ବନ୍ଧୁ ମେଳରେ ବସିପଡ଼ିଲେ ସିଦ୍ଧାର୍ଥ, ବିଜନ ଓ ସୀମା । ମିଣ୍ଟୁ ନ କଥା ଅଳ୍ପ ସମୟ ପାଇଁ ଭୁଲିଗଲେ ସମସ୍ତେ ।

ଲଞ୍ଚ ସର୍ଭ ହେଇସାରିଛି ବୋଲି କେହି ଜଣେ ଆସି ସିଦ୍ଧାର୍ଥଙ୍କ କାନ ପାଖରେ କହିଁଗଲା କହିବା ପରେ ସେମାନେ ଉଠିପଡ଼ିଲେ । ସେତିକିବେଳେ ଖୋଜାପଡ଼ିଲା ମିଣ୍ଟୁ ନକୁ । କିନ୍ତୁ ମିଣ୍ଟୁ ନ କୁଆଡ଼େ ଉଭେଇଯାଇଥାଏ ସେତେବେଳକୁ ।

ସୀମା ହାଉଳି ଖାଇଲେ । ବିଜନ ବ୍ୟସ୍ତ ହୋଇ ପଡ଼ି ହୋଟେଲ ଚାରିପାଖେ ବୁଲି ବୁଲି ଅନୁସନ୍ଧାନ କଲେ କେଉଁଠି ସ୍ୱିମିଂପୁଲ୍ ବା ପାଣିକୁଣ୍ଡ ନାହିଁ ତ ! ମିଣ୍ଟୁ ନ ହୋଟେଲରେ ପଶିଲେ ସ୍ୱିମିଂପୁଲ୍ ପାଖକୁ ବରାବର ପଳାଇଯାଏ ଆମେରିକାରେ । ସିଦ୍ଧାର୍ଥ ଆହୁରି ବ୍ୟସ୍ତ ହୋଇପଡ଼ିଲେ । ବଡ଼ପାଟି କରୁଥିଲେ, "ଆଇ ସାଲ ସ୍ୟାକ୍ ୟୁ ଅଲ ! ଆଇ ସାଲ ସ୍ୟାକ୍ ୟୁ ଅଲ୍ ......"

ଚାରିଆଡ଼େ ଧାଁଧପଡ଼ । ପିଲାଟା ଏଇଠି ଥିଲା ଗଲାଭରି କୁଆଡ଼େ ?

Digitized by srujanika@gmail.com

ହୋଟେଲରୁ ପିଲା ଚୋରି ! ପୁଣି ଏଭଳି ବଡ଼ ହୋଟେଲରୁ !

ହଠାତ୍ ସଜନଙ୍କୁ ଷ୍ଟ୍ରାଇକ୍ କଲା । ସେ ସୀମାଙ୍କୁ ପଚାରିଲେ, "ଏମିତି ଆଉ ଥରେ ହୋଇନଥିଲା ? ମାର୍କଟ୍ୱେନଙ୍କ ଘରେ ବୁଲୁଥିଲା ବେଳେ ଏ ପିଲା ହଜିଯାଇଥିଲା ?"

ସୀମା କାନ୍ଦପ୍ରକେଇ କହିଲେ, "ହଁ ଠିକ୍ ତ ଅବିକଳ ଏମିତି । ମୁଁ କଅଣ କରିବି ? ଏ ପାଗଳା କଅଣ ପଟେଇଚି କି ମ୍ୟୁଜିୟମକୁ ଆଜି ! ଭୁଲିଲି ଭୁଲିଲି !"

ଆଗେ ଆଗେ ସୀମା, ପଛେ ପଛେ ସଜନ ଓ ସିଦ୍ଧାର୍ଥ ।

ହୋଟେଲ୍ କଳିଙ୍ଗ ଅଶୋକ ଓ ମ୍ୟୁଜିୟମ ମଧ୍ୟରେ ଗୋଟିଏ ଚଉଡ଼ା ରାସ୍ତାର ବ୍ୟବଧାନ ମାତ୍ର ।

ସୀମା ଓ ସଜନ ମ୍ୟୁଜିୟମ ଗେଟ୍ ବାଟେ ପଶୁ ନପଶୁଣୁ ସିଦ୍ଧାର୍ଥଙ୍କ ଲୋକେ ପାଚେରି ଡେଇଁପଡ଼ିଥିଲେ ।

ମ୍ୟୁଜିୟମର ଚତୁର୍ଦ୍ଦିଗ ଖୋଜା ସରିଗଲା — କିନ୍ତୁ ମିଷ୍ଟୁନ ନାହିଁ !

ସୀମା ଆଉ ସମ୍ଭାଳି ପାରିଲେ ନାହିଁ । ପାଗଳୀ ଭଳି ସେ ଉଚ୍ଚ କଣ୍ଠରେ ବାହୁନିବାକୁ ଲାଗିଲେ, "ମିଷ୍ଟୁନ···ମିଷ୍ଟୁନ···ହେ ଭଗବାନ, ହେ ଭଗବାନ··· ମୋ ମିଷ୍ଟୁନ ଗଲା କୁଆଡ଼େ ?"

ସେଥର ମାର୍କଟ୍ୱେନ ମ୍ୟୁଜିୟମରେ ଏଇଆଇ ହୋଇଥିଲା । ମିଷ୍ଟୁନ ହଜିଯିବା ଖବର ପୁଲିସକୁ ଦିଆଯିବା ପରେ ପୁଲିସ ଚତୁର୍ଦ୍ଦିଗ ଅନୁସନ୍ଧାନ କରି ସୁଦ୍ଧା ପିଲାଟାର ପତ୍ତା ପାଇନଥିଲେ । ସୀମା ସମ୍ଭାଳି ନପାରି ମାର୍କଟ୍ୱେନଙ୍କ ବାସଗୃହ —ସେଇ ବିରାଟ ଘରଟାକୁ ହଲେଇ ଦେଲା ଭଳି ଚିତ୍କାର କରିଉଠିଲେ, ମାର୍କଟ୍ୱେନ ! ମୋ ପିଲାକୁ ଫେରେଇଦିଅ ମାର୍କଟ୍ୱେନ ······

କିଛି ସମୟ ପରେ ମାର୍କଟ୍ୱେନଙ୍କ ମିଉଜିୟମର ଗୋଟିଏ ଅସମ୍ଭବ ସ୍ଥାନରୁ ମିଷ୍ଟୁନର ସନ୍ଧାନ ପାଇଥିଲା ପୁଲିସ ସେଦିନ । ମାର୍କଟ୍ୱେନଙ୍କ ଲାଇବ୍ରେରୀର ଗୋଟିଏ କାଉଚ୍ ଉପରେ ପିଲାଟି ଶୋଇପଡ଼ିଥାଏ କି କଅଣ' । ତା' ହାତରେ ଖଣ୍ଡିଏ ବହି—ଟମ୍‌ସୟର । ବିଶାଳ ମାର୍କଟ୍ୱେନ କାଉଚ୍‌ରେ ବସିପଡ଼ି ମୁହଁ ଉପରେ ଟମ୍‌ସୟର ବହି ଖଣ୍ଡକ ଧରି ସେ ସେଇଠି ବସିଥିବା ବେଳେ ଶୋଇପଡ଼ିଛି ନିଶ୍ଚୟ । କିନ୍ତୁ ଶୀତୁର କଥା ତାକୁ କାଳେ ଥଣ୍ଡା ଲାଗିବ ବୋଲି କେହି ଜଣେ ନିଶ୍ଚୟ ପିଲାଟି ଉପରେ ଗୋଟିଏ ଓଭର କୋଟ୍ ଘୋଡ଼େଇ ଦେଇ ଯାଇଥାଏ । ଆଉ ସେ

Digitized by srujanika@gmail.com

ଓଭର କୋଟ୍‌ଟା ଥିଲା ଅନ୍ୟ କାହାର ନୁହେଁ—ମାର୍କେଣ୍ଟ୍ୱେନଙ୍କର ସେଇ ପୁରୁଣା ଓଭରକୋଟ୍ ଯୋଉଟା ମ୍ୟୁଜିୟମ ପିସ୍ ହୋଇ ଟଙ୍ଗା ହୋଇଥିବାର ସମସ୍ତେ ପ୍ରତିଦିନ ଦେଖନ୍ତି ମାର୍କଟ୍ୱେନଙ୍କ ଓ୍ୱାର୍ଡ ରୋବ୍‌ରେ, ଅନ୍ୟ ରୁମ୍‌ରେ ।

ମିସ୍କୁନକୁ ମାର୍କଟ୍ୱେନ-କାଉଚ ଉପରେ ସେଭଳି ସ୍ୱାଭାବିକ ଆବିଷ୍କାର କରି ବିଜନ ଓ ସୀମା ଅଭିଭୂତ ହୋଇପଡ଼ିଥିଲେ । ପୁଲିସ ମଧ୍ୟ ବିସ୍ମୟ ପ୍ରକାଶ କରିଥିଲା । ସେମାନେ ସେ ମିଷ୍ଟ୍ରିଟାକୁ ସଲ୍‌ଭ କରିପାରି ନଥିଲେ । ଓଭରକୋଟ୍‌ଟା ଅନ୍ୟ ରୁମର ଓ୍ୱାର୍ଡ୍ ରୋବ୍‌ରୁ ବାହାରି ଆସି ଏଠି ପହଞ୍ଚିଲା କିପରି—ଲାଇବ୍ରେରିରେ ? ଏଟା କଅଣ ମାର୍କଟ୍ୱେନ୍ ଭୂତର କାମ ? ସନ୍ଦେହ କରିଥିଲେ ସମସ୍ତେ । କିନ୍ତୁ ଏ ବିଷୟରେ କେହି ପଦେ ହେଲେ ମୁହଁ ଖୋଲି ପଚାରି ନଥିଲେ ପିଲାଟାକୁ ।

ବର୍ତ୍ତମାନ ପୁଣି ଥରେ ମିସ୍କୁନ ଜୀବନରେ ସେଇଭଳି ଏକ ଭୌତିକକାଣ୍ଡ ଦ୍ୱିତୀୟଥର ପାଇଁ ଘଟିଥିଲା ।

ଗୋଟିଏ ବିରାଟ ବୁଦ୍ଧମୂର୍ତ୍ତିର ଠିକ୍ ପଛପଟକୁ ଲାଗି କାନ୍ଥ ଓ ମୂର୍ତ୍ତି ମଝିରେ ପଦ୍ମାସନରେ ବସିରହିଥିଲା ମିସ୍କୁନ । ତା' ମା'ର ଡାକ ଶୁଣି ତା'ର ଧ୍ୟାନ ବୋଧହୁଏ ଭାଙ୍ଗିଗଲା । ସେ ନିଜେ ଜବାବ ଦେଲା, "ଆଇ ଆମ୍ ହିଅର୍ ମମି ।"

ଲୋକେ ଦଉଡ଼ାଦଉଡ଼ ହୋଇ ମ୍ୟୁଜିୟମର ସେଇ ବିରାଟ ହଲଟା ଭିତରକୁ ପଶିଗଲେ ଯୋଉଠୁ ଶୁଣାଗଲା ମିସ୍କୁନର ଆଓ୍ୱାଜ ।

ସେ ସେମିତି ପଦ୍ମାସନରେ ବସିଥାଏ । ତାର ଆଖି ଯୋଡ଼ିକ ଅର୍ଦ୍ଧନିମିଳିତ – ସତେକି ସେ ମହାଧ୍ୟାନରୁ ସେଇ ସଦ୍ୟ ଜାଗ୍ରତ ହୋଇଥାଏ ।

ସିଦ୍ଧାର୍ଥ ତାକୁ କୁଣ୍ଢେଇ ଉଠେଇବାକୁ ହାତ ବଢ଼େଇଦେଲେ । କିନ୍ତୁ ମିସ୍କୁନ ସେ ହାତ ଦୁଇଟାକୁ ଆଡ଼େଇ ଦେଇ କହିଲା, "ଆଇ ଆମ୍ ନଟ୍ ଏ ଡେଡ୍ ଗଡ୍ । ନୋ--ୟୁ କାନ୍‌ଟ ସେଲ୍ ମି – ୟୁ କାନ୍‌ଟ ସେଲ୍ ମି ।"

ସେ କଅଣ କହୁଛି ? ସମସ୍ତେ ପଚାରାପଚାରି ହେଲେ । କେହି କିଛି କହିଲେ ନାହିଁ କାହାକୁ । ପୁଅକୁ କାଖକୁ ଟେକି ନେଇ ସୀମା ବାହୁନିଉଠିଲେ, "ନା ନା, କେହି ବିକ୍ରି କରିବେନାହିଁ ତତେ ପୁଅ— ତତେ କେହି ବିକି ପାରିବେ ନାହିଁ । ହେ ମୋର ଚନ୍ଦନଠାକୁର ! ହେ ଭଗବାନ ବୁଦ୍ଧ ! ହେ ଅବଲୋକିତେଶ୍ୱର ! ହେ ମା' ତାରା ମୋ ପୁଅକୁ କୋଟିଏ ପରମାୟୁ ଦିଅ !" ସେ ବାହୁନୁଥିଲେ ଜଣେ ସାଧାରଣ ଇଣ୍ଡିଆନ୍ ମା' ପରି ।

Digitized by srujanika@gmail.com

ଗ୍ଲାସ୍‌ନଷ୍ଟ

"ନମ୍ବର ଯୁଗ ସରିଗଲା—ଏଣିକି ପିସ୍...ପିଇସ୍—ବୁଝିଲେ ?" ଏତିକି କହି ପୂର୍ଣ୍ଣେନ୍ଦୁ ତାଙ୍କ ସେକ୍ରେଟେରିଏଟ୍ ଅଫିସ୍ ରୁମ୍ ଭିତରକୁ ପଶିଗଲେ । ବାହାରେ ମୁହୂର୍ତ୍ତିକ ପାଇଁ ଅଟକିଯାଇଥାଏ ଅର୍ଦ୍ଧେନ୍ଦୁ । ପରେ ପରେ ସେକ୍ରେଟେରିଏଟ୍‌ର ବିରାଟ ଲମ୍ବ କରିଡ଼ର୍‌ରେ କିଛି ବାଟ ଅଗ୍ରସର ହେବା ପରେ ଅର୍ଦ୍ଧେନ୍ଦୁ ମଧ୍ୟ ନିଜ ଅଫିସ୍‌ରୁମ୍ କବାଟ ସାମ୍ନାରେ ମରାଯାଇଥିବା ନେମ୍‌ପ୍ଲେଟ୍‌ଟାକୁ ଦେଖିଲା । ସେଥିରେ ଲେଖାଥିଲା ଅର୍ଦ୍ଧେନ୍ଦୁ ଦାସ, ଆଇ. ଏ. ଏସ୍. । ମୁହୂର୍ତ୍ତିକ ପାଇଁ ପୁଣିଥରେ ଅଟକିଗଲା ସେ ସେଇ ନେମ୍‌ପ୍ଲେଟ୍‌କୁ ଦେଖିବା କ୍ଷଣି । ହଠାତ୍ କଅଣ ମନରେ ପଶିଗଲା କେଜାଣି ସେତିକିବେଳେ । ତା ହାତ ଗୁଁଏ ପଶିଗଲା ପକେଟ୍ ଭିତରକୁ । କିନ୍ତୁ କଅଣ ପାଇଁ ? ପକେଟରୁ ବାହାର ଆସିଲା ମାତ୍ରେ ହାତଟା ଆଉ ଥରେ କଅଣ ଯେମିତି ଅଣ୍ଡାଳିବାକୁ ଲାଗିଲା । କଅଣ ଖୋଜୁଥାଏ କେଜାଣି ! ଏହାପରେ ଅର୍ଦ୍ଧେନ୍ଦୁ ସଚେତନ ହୋଇଉଠିଲା । ନିକଟରେ ଅର୍ଡର୍ଲିର ଖାଲି ଟୁଲ୍ ଖଣ୍ଡିକ । କରିଡର୍‌ର ଏମୁଣ୍ଡ ସେମୁଣ୍ଡ ମଝିରେ ଯାଆସ ଚଳାଇଛନ୍ତି ଲୋକମାନେ । ଅଫିସ୍ ଆୱାର୍ ଆରମ୍ଭ ହୋଇଛି । ଏପର୍ଯ୍ୟନ୍ତ ପୁରା ଜମିନଥାଏ ସେକ୍ରେଟେରିଏଟ୍ ।

ଜଣେ କିଏ ଅଚିହ୍ନା ଲୋକ ଠିକ୍ ତାଙ୍କର କଡ଼ଦେଇ ପାସ୍ କଲା । ସେପଟୁ ଆହୁରି ଦୁଇ ତିନିଜଣ ଆସୁଥାନ୍ତି । ସେମାନେ ବେଶ୍ ବଡ଼ପାଟିରେ କଥାବାର୍ତ୍ତା ହୋଇ ଅର୍ଦ୍ଧେନ୍ଦୁ ଦିଗରେ ଆଗେଇ ଆସୁଥାନ୍ତି । ଏତେ ଗୁଡ଼ାଏ ଲୋକଙ୍କ ଉପସ୍ଥିତି ହେତୁ ବା ଅନ୍ୟ ଯେ କୌଣସି କାରଣରୁ ହେଉ ଅର୍ଦ୍ଧେନ୍ଦୁ ନିଜ ଡିସିଜନ୍‌ଟାକୁ କ୍ୟାରିଆଉଟ୍ କରିପାରିଲା ନାହିଁ । ନେମ୍‌ପ୍ଲେଟ୍‌ରେ ନିଜ ନାଁ ପଛକୁ ଯେ ଯେଉଁ ତିନୋଟା ଅକ୍ଷର ଲେଖାଯାଇଥାଏ ସେଇ ତିନୋଟି ଅକ୍ଷରକୁ ନିଜ ନାଁଠୁଁ ବିଚ୍ୟୁତ କରିଦେବା ପାଇଁ ସହସା ବଳବତୀ ଇଚ୍ଛାଟା ତାର ଚରିତାର୍ଥ ହୋଇପାରିଲା ନାହିଁ । ନିଜ ପକେଟ୍‌ରେ ଯଦି ସେତେବେଳେ ଛୁରି ବା ଚକୁ ଖଣ୍ଡିଏ ଥାଆନ୍ତା ତେବେ ଏହା ସୁନିଶ୍ଚିତ ଯେ ଅର୍ଦ୍ଧେନ୍ଦୁ ସେଦିନ ସେଇକ୍ଷଣି

Digitized by srujanika@gmail.com

ତାର ଇଚ୍ଛାଟିକୁ ପରିପୂର୍ଣ୍ଣ କରିଦେଇ ପାରିଥାନ୍ତା । ସୌଭାଗ୍ୟବଶତଃ ସେଭଳି ପାଗଳାମି କାମରୁ ନିଜକୁ ନିଜେ ସେ କୌଣସି ପ୍ରକାରେ ବଞ୍ଚେଇ ନେଇ ପାରିଲା । ସେ ନିଜ ଅଫିସ୍‌ରୁମ୍ ଭିତରକୁ ପଶିଯିବା କ୍ଷଣି ଭେଟିଲା ଅର୍ଡର୍ଲି ହାସ୍‌ନାନ୍‌କୁ । ଏୟାର କଣ୍ଡିସନର୍‌ରୁ ପାଣି ନିଗିଡ଼ି ପଡ଼ୁଚି ନା କଅଣ ? ଲାଲ୍ ୱାଲ୍-ଟୁ-ୱାଲ୍ କାର୍ପେଟ୍‌ଟା ଠିକ୍ ଏୟାରକଣ୍ଡିସନର୍ ତଳକୁ କିନା ଏଡ଼େ ବଡ଼ ଅଧାଏ ଦିଶୁଚି ଆହୁରି ଲାଲ୍—ଗାଢ଼ ଲାଲ୍ । ଦୃଶ୍ୟଟା ଖୁବ୍ ବିରକ୍ତିକର ଦେଖାଗଲା ଅର୍ଦ୍ଧେନ୍ଦୁର ଆଖିକୁ ।

"କ୍ୟା କର୍‌ତା ଉଧର ହାସ୍‌ନାନ ?" କଣ୍ଡିସର୍‌ସେ ପାନି ଆତା ହେ କ୍ୟା ?'

"ହାଁ ସାବ୍, ମୈନେ ଶୋଚା—ଖୁନ୍ !" ହାସ୍‌ନାନ୍ ନଇଁପଡ଼ି ଆଉଥରେ କାର୍ପେଟ୍‌ର ସେଇ ଅଂଶରେ ହାତ ମାରିଲା । ସେଇଠୁ ହାତକୁ ଶୁଙ୍ଘିଲା ।

"ଆରେ ଚଲ୍—ଖୁନ୍ ! ଇଧର୍ କାହାଁ ଆଏଗା ଖୁନ୍ ! ବଡ଼ା ସାହାବ୍ ତ କହତେ ହେଁ କି ରିଭଲ୍ୟୁସନ୍ ଖତମ୍ ହୋ ଚୁକା । ୟେ ଅବ୍ ଚଲ୍ ରହାହେ ପୋଷ୍ଟ-ରିଭଲ୍ୟୁସନାରୀ ପିଇସ୍ ଟାଇମ୍ ! ସବ୍ ଠିକ୍ ହେ... ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ !" କିନ୍ତୁ ଏସବୁ କଥା ସେ ପାଟିଖୋଲି ନିଜ ଅର୍ଡର୍ଲି ହାସ୍‌ନାନ୍‌କୁ ପୂରା-ପୂରି କହିନଥିଲା—କେବଳ ତା ପାଟିରୁ ବାହାରି ଯାଇଥିଲା—ସେଇ ଆରମ୍ଭ ଦୁଇ ତିନିଟା ଶବ୍ଦ "ଆରେ ଚଲ୍—ଖୁନ୍" । ଏହା ପରେ ସେ ସ୍ୱତଃ ସ୍ୱଗତୋକ୍ତିରେ ନିଜର ମନୋଭାବ ନିଜ ପାଖରେ ବ୍ୟକ୍ତ କରିଥିଲା ।

ଏହାପରେ ଆରମ୍ଭ ହୋଇଗଲା ଅଫିସ୍ କାମ । ନିଜ ଟେବୁଲ୍‌କୁ ଭଲକରି ଥରେ ଚାହିଁନେଲା ଅର୍ଦ୍ଧେନ୍ଦୁ । ହାସ୍‌ନାନ୍ ତା କାମ ଠିକ୍ ଠିକ୍ କରିପାରିଚି ଦେଖି ତା ମନରେ ସାମାନ୍ୟ ସରସତା ଫେରିଆସିଲା । ଫ୍ଲାୱାର୍ ଭେସ୍‌ରେ ଗୋଟାଏ ମସ୍ତବଡ଼ ପଦ୍ମ—ଦରଫୁଟିଲା କଢ଼ିଟିଏ ତା ପାଖକୁ ।

ଅର୍ଦ୍ଧେନ୍ଦୁର ପ୍ରିୟ ଫୁଲ ହେଲା ଏଇ ପଦ୍ମ । ନିଜ ପକେଟ୍‌ରୁ ଟଙ୍କା ଖର୍ଚ୍ଚକରି ସେ ଏ ପଦ୍ମ ମଗାଏ ଅଫିସ୍ ଟେବୁଲର ଫ୍ଲାୱାର୍ ଭେସ୍ ପାଇଁ । ଟେବୁଲ୍ ଉପରେ ଫୁଟିଲା ପଦ୍ମଟିଏ ଦେଖିବାର ଇଚ୍ଛା ତାର ବହୁ ଦିନର । ଗାଁ ସ୍କୁଲ୍‌ରେ ପାଠ ପଢ଼ୁଥିଲାବେଳେ ବି ସେ ନିଜ ପଢ଼ା ଜାଗାରେ ଗୋଟିଏ ପଦ୍ମ ଥୋଇଲେ ଯାଇ ପଢ଼ିବାକୁ ବସୁଥିଲା । ସେତେବେଳେ ପଦ୍ମ ପୋଖରୀଟାଏ ଥାଏ ଘର

Digitized by srujanika@gmail.com

ପାଖରେ । ପଦ୍ମ ପୋଖରୀ ହୁଡ଼ାରେ ତାଙ୍କ ଘର । ଘର ତ ନୁହେଁ କୁଡ଼ିଆ । ନୁଆଁଣିଆ ଚାଳକନ୍ଥପରି ଦି' ବଖରା ମାଟି ଘର । ଘରକୁ ଲଗି ଗୁହାଳ । ଗୋରୁ, ଗୋବର ଛଡ଼ା ଆଉ ଗୋଟିଏ ଗନ୍ଧ ବାସ୍ନା ହେଲା ପଦ୍ମ ପୋଖରୀର ଦଳୁଆ ପାଣି । ଏସବୁ ଭିତରେ ପଦ୍ମ ! ଅର୍ଦ୍ଧେନ୍ଦୁର ପିଲା ଦିନଟା ଖୁବ୍ ଶାନ୍ତିରେ କଟି-ଯାଇଥାଏ ସେଇ ଧୀର ଶାନ୍ତ ଆଉ ସୁସ୍ଥ ପରିବେଶ ଭିତରେ । କିନ୍ତୁ ଗାଁ ଛାଡ଼ି ସେ ଯେତେବେଳେ ଆସିଲା ସହରକୁ—ହାଇସ୍କୁଲକୁ, ସେଇଠି ପ୍ରଥମ ଅଭାବଟା ତାକୁ ଲାଗିଲା । ପଢ଼ା ଟେବୁଲ ଉପରେ ଆଉ ପଦ୍ମଟିଏ ରଖି ପାରୁନଥିଲା ସେ । ସହରରେ ପଦ୍ମ ଦୁଷ୍ପ୍ରାପ୍ୟ ନୁହେଁ ସତେ, ତଥାପି ସହରରେ ପଦ୍ମ କେଉଁଠି ମିଳେ ଏ କଥା ଚାକିରି ଆରମ୍ଭଯାକେ ଥିଲା ଅଜ୍ଞାତ ତା ପାଇଁ ।

ହାଇସ୍କୁଲ୍‌ରୁ କଲେଜ୍, କଲେଜ୍‌ରୁ ଚାକିରି ଆରମ୍ଭ । ପ୍ରାୟ ଦଶନ୍ଧିଟିଏ ପଦ୍ମ-ଠାରୁ ବିଚ୍ୟୁତ ରହିବାଗଲା ପରେ ଅର୍ଦ୍ଧେନ୍ଦୁ ଓ ପଦ୍ମ ଏ ଦୁହେଁ ପ୍ରାୟ ଦୁଇଟି ବିପରୀତ ମେରୁ ଆଡ଼କୁ ନିଜକୁ ନିଜେ ଘୁଞ୍ଚେଇ ନେଇ ଯାଉଥିଲେ—ଜୀବନର ଅବଶିଷ୍ଟ ଲମ୍ବା ବର୍ଷଗୁଡ଼ାକ ପାଇଁ । ଏଇ ଦଶନ୍ଧି ଭିତରେ 'ପଦ୍ମ' ପରିବର୍ତ୍ତେ 'ରକ୍ତ' 'ରକ୍ତ' ହେଇ ଅନେକଟି ମୂଲ୍ୟବାନ୍ ବର୍ଷ ବିତିଯାଇଥିଲା ବରଂ । ଅର୍ଦ୍ଧେନ୍ଦୁ ଥିଲା ଜଣେ ଖ୍ୟାତନାମା ଛାତ୍ରନେତା କଲେଜ କ୍ୟାରିଅରରେ । ତା ପଢ଼ାଟେବୁଲ ଉପରେ ଗଦାଗଦା ବହି ଭିତରେ ସବୁଠୁଁ ବେଶି ଦୃଷ୍ଟିଆକର୍ଷଣକାରୀ ବହି ତିନିଖଣ୍ଡକୁ ଏଯାଏ ମଧ୍ୟ ଭୁଲି ପାରିନାହିଁ ସେ—ଡାସ୍‌କ୍ୟାପିଟାଲ ଭଲ୍ୟୁମ୍ ୧, ୨ ଓ ୩ । ତା'ଛଡ଼ା ଷ୍ଟାଲିନ୍‌ଙ୍କ ଜୀବନୀ ! ମସ୍କୋ ପବ୍ଲିକେଶନ୍‌ର ସେଇ ନୂଆ ବହିଟାର ବାସ୍ନା ଏବେ ମଧ୍ୟ ତାଜା ରହିଛି ତା' ନାକରେ । ପାଇନ୍ ପଲ୍‌ପରୁ ତିଆରି ସେଇ କାଗଜର ବାସ୍ନା ସହିତ ଅର୍ଦ୍ଧେନ୍ଦୁର ସ୍ମୃତି ବିସ୍ତୃତି ଲାଭ କରେ ଏତେ ଦ୍ରୁତ ବେଗରେ ଯେ ନିଜକୁ ଆୟତ୍ତ କରିପାରୁନଥିଲା ସେ ସେତେବେଳେ । ପଢ଼ା ଟେବୁଲରେ ବସିଲାବେଳେ ପ୍ରଥମେ ପ୍ରଥମେ ସେ ତାର ସେଇଭଳି ଅଣ-ଆୟତ୍ତ ଭାବଟାକୁ ଅନୁଭବ କରୁଥିଲା ସେଇ ବହିଟାର ବାସ୍ନା ଯୋଗୁ । କ୍ରମେ ସେ ଭାବ ମଧ୍ୟ ବହି ବ୍ୟତିରେକେ ତାକୁ ଉଚ୍ଛନ୍ନ କରିବାକୁ ଲାଗିଲା । ତାକୁ ସେତେବେଳେ ପ୍ରାୟ ସବୁବେଳେ ଲାଗୁଥାଏ ଯେମିତିକି ସେ ମସ୍କୋ କି ଲେନିନ୍‌ଗ୍ରାଡ଼୍ କି ଷ୍ଟାଲିନ୍‌ଗ୍ରାଡ଼୍‌ରେ ବୁଲୁଛି । ଥରେ ଥରେ ବି ସେ ସ୍ୱପ୍ନ ଦେଖେ ସାଇବେରିଆର କମ୍ବା ଭଲ୍‌ଗା ନଦୀର । ଏହାଛଡ଼ା ତାର ସେତେବେଳର ଅତି ପ୍ରିୟ ରଙ୍ଗଟି ଥିଲା ଲାଲ୍—ଗାଢ଼ ଲାଲ । ଏହା ବ୍ୟତୀତ ଅନ୍ୟ ଯେକୌଣସି

Digitized by srujanika@gmail.com

ରଙ୍ଗ ଦେଖିଲେ ତାର କେବଳ ବିରକ୍ତି ନୁହେଁ, ଏକ ଅହେତୁକ ହିଂସ୍ରତା ତାକୁ ଆଚ୍ଛନ୍ନ କରିପକାଉଥିଲା । ଉଦାହରଣ ସ୍ୱରୂପ ତାର ଶତ୍ରୁଭଳି ରଙ୍ଗଟା ଥିଲା ଗେରୁଆ ରଙ୍ଗଟା ପୋଜଟା ଲାଲ୍ ନୁହେଁ କି ମାଟିଆ ନୁହେଁ । ଏଇ କାରଣରୁ ସେ ଭୀଷଣ ପ୍ରତିବାଦ କରେ ସେଇ ରଙ୍ଗଟା ବିରୋଧରେ । ରାମକୃଷ୍ଣ ମଠର ଯେ କୌଣସି ବାବାଜିଙ୍କୁ ଦେଖିଲେ ସେ ଅସ୍ୱସ୍ତ୍ ହୋଇପଡ଼େ ତତ୍‌କ୍ଷଣାତ୍ । ସେତେବେଳକାର ମନୋବୃତ୍ତିକୁ ତାର ନିନ୍ଦାକଲେ ସେ ନିଜେ ସ୍ୱୀକାର କରେ— "ହଁ, ସେଦିନ ସ୍ୱାମୀ ବିବେକାନନ୍ଦଙ୍କୁ ମଧ୍ୟ ଜଣେ ଭଣ୍ଡ ଶଠ ବାବାଜିଛଡ଼ା ଆଉ କିଛି ଚିନ୍ତା କରିପାରୁନଥିଲି ।" ଏଇ କାରଣରୁ ସେ ତା ଛାତ୍ରଜୀବନରେ ସମଗ୍ର ଭାରତୀୟ ସନ୍ନ୍ୟାସ ପରମ୍ପରାକୁ କଠୋର ସମାଲୋଚନା ସହିତ ନିନ୍ଦା କରୁନଥିଲା କେବଳ—ବ୍ଲାସ୍‌ଫେମି ମଧ୍ୟ କରିଆସୁଥିଲା । ତାର ଏ ମନୋବୃତ୍ତି ଆଜି ମଧ୍ୟ ଜୀବିତ । ତେବେ ଯେଉଁଦିନ ସର୍ବଭାରତୀୟ ମେଧାର ସର୍ବୋଚ୍ଚ ସ୍ୱୀକୃତିର ସନ୍ତକ ସ୍ୱରୂପ ଏଇ ତିନୋଟି ଅକ୍ଷର ଆଇ. ଏ. ଏସ୍. ତା ନାଁ ପରେ ଯୋଡ଼ିହୋଇଗଲା ସେଦିନ ଅର୍ଦ୍ଧେନ୍ଦୁ ଆଉ ରହିପାରି ନଥିଲା ତାର ଛାତ୍ରଜୀବନର ଅର୍ଦ୍ଧେନ୍ଦୁ ହୋଇ । ତଥାପି ସେଦିନ ବି ତା ଟେବଲ୍ ଉପରେ ଗୋଟିଏ ଫ୍ଲାୱାର୍‌ ଭେସ୍ ଭିତରୁ, ଗୋଟିଏ ଗୋଟିଏ ଅର୍ଦ୍ଧଚନ୍ଦ୍ରାକାର ମୃଣାଳ ପ୍ରାନ୍ତରୁ ଝୁଲି-ପଡ଼ିଥିବା ପ୍ରାୟ ଅଧଡଜନେ ପଦ୍ମକୁ ଅନେଇଦେଇ ସେଇ ସ୍ୱୀକୃତିର ଆରମ୍ଭ ଦିନ ବି ସେ ଚମକିପଡ଼ି ପଚାରିଥିଲା ତାର ସେତେବେଳର ଅର୍ଦ୍ଦଳିକୁ, "ରାମୁଡ଼ୁ ! ଏସବୁ କି କାମ ! କିଏ କହିଲା ତତେ ଏଗୁଡ଼ାକ ଏଠି ଆଣି ଥୋଇବାକୁ — ଏଁ ? ନେ ଫୋପାଡ଼୍ !"

ସେତେବେଳେ ତାର ପ୍ରଥମ ପୋଷ୍ଟିଂ ହୋଇଥିଲା ସେଇ ରାମୁଡ଼ୁର ରାଜ୍ୟରେ ଯେଉଁଠି ନାରୀମାନେ ବେଣୀରେ କଆଁ, କେତକୀ, ଗୁମେଳଠାରୁ ପଦ୍ମ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଫୁଲ ଖୋସିବାର ସଉକ୍ ଥାଏ ବୋଲି ନୁହେଁ—ଫୁଲହିଁ ନାରୀ, ଫୁଲହିଁ ଐଶ୍ୱର୍ଯ୍ୟ, ଫୁଲହିଁ ଶକ୍ତି ବୋଲି ସାଧାରଣ ଲୋକେ ବିଶ୍ୱାସ କରି-ଆସିଥାନ୍ତି ଆବହମାନ କାଳରୁ ।

ପଦ୍ମଫୁଲକୁ ଏ ଟୋକା ହାକିମ ଫୋପାଡ଼୍ ଫୋପାଡ଼୍ କହୁଛି ଶୁଣି ମଧ୍ୟ କାନକୁ ବିଶ୍ୱାସ କରିପାରିଲା ନାହିଁ ରାମୁଡ଼ୁ । କହିଲା ଖାଲି, "ଗଲତମ୍, ଗଲତମ୍, ହଜୁର୍ ଗଲତମ୍..."

Digitized by srujanika@gmail.com

ଅର୍ଦ୍ଧେନ୍ଦୁ କଅଣ କରିବ ସ୍ଥିର କରିପାରିଲା ନାହିଁ । ଭେସ୍‌ଟାରୁ ପଦ୍ମଫୁଲର ଗୁଚ୍ଛଟାକୁ ଉଠେଇ ବାହାରକୁ ଫୋପାଡ଼ି ଦେଲା ସେ । ହଠାତ୍ ସେତିକିବେଳେ ତା ଦୃଷ୍ଟିରେ ପଡ଼ିଲା—ଏକ ଅର୍ଦ୍ଧଉଲଗ୍ନା ସ୍ତ୍ରୀଲୋକ ! ମୁଣ୍ଡରେ ବଣାକ କାଠ-ଗୋଛା ମୁଣ୍ଡେଇ ବଣ ଆଡ଼ୁ ଆକରୁ ବାହାରିଆସିଲା—ଏକା ନୁହେଁ ତା ପଛରେ ଆଉ ଅନେକ—ଅବିକଳ ସେଇ ରୂପ । କୌପୁନୀ ଖଣ୍ଡେ ଖଣ୍ଡ ଅଣ୍ଟା ଘୁରି-ପଟେ—ମୁଣ୍ଡରେ ବିରାଟ କାଠଗୋଛା । ତା ସହିତ ନଗ୍ନ ବକ୍ଷରୁ କାହାର କାହାର ଝୁଲି ପଡ଼ିଥିବା ଗୋଟିଏ ଗୋଟିଏ କଅଁଳା ଛୁଆ ତ କାହାର ଉଦରକୁଣ୍ଡରୁ ମନେ-ହେଉଥାଏ ସମ୍ଭବତଃ ଆସନ୍ନପ୍ରସବା ।

କିନ୍ତୁ ସେଇ ଉଲଗ୍ନା ଶବରୁଣୀ ଗୁଡ଼ାକ ହଠାତ୍ ଏକ ଭୁମୂଳ କାଣ୍ଡ ଆରମ୍ଭ କରିଦେଲେ ଅର୍ଦ୍ଧେନ୍ଦୁର ଅଫିସ୍ ସାମ୍ନାରେ । ମୁଣ୍ଡର ବୋଝକୁ ତଳେ ଫୋପାଡ଼ି ଦେଇ ପ୍ରତ୍ୟେକେ ଦଉଡ଼ି ଆସିଲେ ସେଇ ଗୋଟାଏ ଲକ୍ଷ୍ୟରେ—ଫୁଲ, ପଦ୍ମଫୁଲ । କିଛି ସମୟ ପାଇଁ ସ୍ତ୍ରୀଲୋକମାନଙ୍କର କଳରୋଳରେ ସ୍ଥାନଟା ମୁଖରିତ ହୋଇ-ଉଠିଲା ।

ଏସ୍. ଡ଼ି. ଓ. ଅଫିସ୍‌ର ସାମନାପଟେ ହୋଇଥିବାରୁ ଓକିଲ ମହକିଲମାନେ ଘେରିଗଲେ ଚାରିଆଡ଼ୁ । କିଛି ସମୟ ପର୍ଯ୍ୟନ୍ତ ସେ କାକଳି ବା କଳରୋଳ ନତୁଟିବା ଯୋଗୁ ଅର୍ଦ୍ଧେନ୍ଦୁ ବିରକ୍ତ ହୋଇ ପୁଲିସ୍ ଗାର୍ଡ଼କୁ ଡ଼ାକେଇ ପଠେଇଲା । କିନ୍ତୁ ସେତେବେଳକୁ ସେମାନେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ବାହାରିଥିଲେ । କାଠ-ଗୋଛାଗୁଡ଼ିକୁ ପୁଣିଥରେ ମୁଣ୍ଡେଇ ନେଇଥାନ୍ତି ସେମାନେ । କିନ୍ତୁ ସେଇ ଗୋଛା ଅନ୍ତରାଳରୁ, ଅଦୃଶ୍ୟ ନାରୀମୁଖକୁ ଦୃଶ୍ୟମାନ କରିଦେଉଥିଲା ଗୋଟିଏ ଗୋଟିଏ ପଦ୍ମଫୁଲ ! ଆଶ୍ଚର୍ଯ୍ୟ ହେଲା ଅର୍ଦ୍ଧେନ୍ଦୁ । ଉଲଗ୍ନ ଅର୍ଦ୍ଧଭୁକ୍ତ ଶ୍ରମଜୀବୀ ଶ୍ରମିକ ଶ୍ରେଣୀ ମଣିଷର ଫୁଲ କଅଣ ଏତେ ଲୋଡ଼ା—? ଚିନ୍ତା କରିପାରିଲା ନାହିଁ ସେ ।

"ଆର୍ ଦେ ଫୁଲ୍‌ସ ?"—ତା ତଳ ଅଫିସର୍ ସ୍ୱାମୀପୁ ଜଣେ ସବ୍ ଡ଼େପୁଟିଙ୍କୁ ପଚାରିଥିଲା ସେ, "ହଙ୍ଗ୍ରି ମେନ୍ ଫୁଡ୍ ନ ଖୋଜି ଫୁଲ ଖୋଜନ୍ତି କାହିଁକି ଏଠି ପଟ୍ଟନାୟକବାବୁ ?"

ପଟ୍ଟନାୟକ ହସିଦେଇଥିଲେ ।

କିନ୍ତୁ, ତା'ର ପରଠୁଁ ଫ୍ଲାୱାର ଭେସ୍‌ରେ ପାଣିରଖି ତହିଁରେ ତାଜା ପଦ୍ମ ବା କଇଁଫୁଲ ଆଣି ରଖିବାକୁ ସେ ଅର୍ଡ଼ର ଦେଇଥିଲା ଅର୍ଡ଼ରଲି ସମୁଡ଼ୁକୁ । ସମୁଡ଼ୁ

Digitized by srujanika@gmail.com

ନିଜ ବସ୍ପୁଙ୍କୁ ସ୍ନୁପିରସି ଆଦେଶ ଜାମିଲ କରସ୍ନୁକଥିଲା ତା ପରଠୁଁ ।

ଅର୍ଦ୍ଧେନ୍ଦୁ ଇତିମଧ୍ୟରେ ଅନେକ ଅଞ୍ଚଳ ଓ ଅନେକ ଅଫିସ୍ ଅତିକ୍ରମ କରି ଆସି ପହଞ୍ଚିଲଣି ସେକ୍ରେଟେରିଏଟ୍‌ରେ । ପ୍ରାୟ ଚଉଦବର୍ଷ ବିତିଗଲଣି ଏଇ ହିତରେ । ସେ ବର୍ତ୍ତମାନ କମିସନ୍‌ର ସ୍ୱୀୟଙ୍କର ଜଣେ ହାକିମ । କିନ୍ତୁ ଅର୍ଦ୍ଧେନ୍ଦୁ ଏଯାଏଁ ସେଇ ଅର୍ଦ୍ଧେନ୍ଦୁ ହିଁ ହୋଇ ରହିଛନ୍ତି ତା ଅନ୍ତରର କେଉଁ ନିଭୃତ ଅଞ୍ଚଳରେ । ସେ ତାର ସଂଗୀତ ଅଫିସର୍ ପୂର୍ଣ୍ଣେନ୍ଦୁ ପରି ନିଜକୁ ବୁଝାଇ ଦେଇ ପାରିନାହାଁନ୍ତି, "ବିପ୍ଳବର ଯୁଗ ସରିଗଲା—ଏଣିକି ପିଇସ୍ ପିଇସ୍—ବୁଝିଲେ ?"

ଅଫିସ୍ ଟାଇମ୍ ଗଡ଼ଗଡ଼ ଗ୍ଳୁଳଥାଏ ଦଶରୁ ଏଗାର । ଫାଇଲ୍ ଗଦାଟାକୁ ସେପର୍ଯ୍ୟନ୍ତ ଛୁଇଁନଥାଏ ମଧ୍ୟ ସେ । କଅଣ ଭାବୁଥାଏ କେବଳ ସେଇ ଏକା ଜାଣେ । କାନ୍ଥ ଘଡ଼ିକୁ ସ୍ନୁହିଁଲା ସେ – ଏଗାରଟା ପାଞ୍ଚ । ଚମକି ପଡ଼ିଲା ଅର୍ଦ୍ଧେନ୍ଦୁ । ପୂର୍ଣ୍ଣେନ୍ଦୁଙ୍କ ସହିତ ପୁଣି ମିଟିଂ । ଏନ୍‌ଗେଜ୍‌ମେଣ୍ଟ ପ୍ୟାଡ଼୍‌କୁ ଅନେଇ ଦେଖିଲା— ମିଟିଂଟା ହବ ଏକ ନମ୍ବର କନ୍‌ଫରେନ୍‌ସ ହଲ୍‌ରେ । ବେଶ୍ ବଡ଼ ମିଟିଂ । କେନ୍ଦ୍ରରୁ ସେକ୍ରେଟେରି ସ୍ୱୀୟଙ୍କର ଅଫିସର୍‌ଙ୍କ ସହିତ ଡିପାର୍ଟମେଣ୍ଟାଲ୍ ହେଡ୍‌ଙ୍କ ମିଟିଂ । ମିଟିଂ ଟାଇମ୍ ସାଢ଼େ ଏଗାର । ବିଷୟ ସୂଚୀକୁ ନିଘା କଲା ସେ ଆଉଥରେ— କଳାହାଣ୍ଡିରେ ଦୁର୍ଭିକ୍ଷ । ପ୍ରଧାନମନ୍ତ୍ରୀଙ୍କ ଭିଜିଟ୍‌ର ଫଳାଫଳ—ଅାଫ୍‌ଟର୍ ମାଥ୍ ! ଆଶଙ୍କିତ ହୋଇପଡ଼ିଲା ଅର୍ଦ୍ଧେନ୍ଦୁ । ଫାଇଲ୍ ଗଦାଟାକୁ ଆଉ ଥରେ ଅନେଇ ଦେଇ ଶିହରି ଉଠିଲା ସେ । ଓଡ଼୍ ! ଏ ପର୍ଯ୍ୟନ୍ତ ଗୋଟାଏ ହେଲେ ଫାଇଲ୍ ଛୁଇଁନାହିଁ ତ ସେ ! ଏ ସବୁଗୁଡ଼ାକ ନିଶ୍ଚେ ସେହି କଳାହାଣ୍ଡି ଫାଇଲ୍ ! କନ୍‌ଫରେନ୍‌ସକୁ ନେଇ ଏତେ ଗୁଡ଼ାଏ ଫାଇଲ୍ – ଅଥଚ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ଖୋଲି ନାହିଁ ସେ ! ଓଃ ଗଡ୍ !

ଅର୍ଦ୍ଧେନ୍ଦୁ କଲିଂବେଲ୍ ଚିପିଲା । ହାସନାନ୍ ମୁହଁ କାଢ଼ିଲା ପରଦା ପାର୍ଟିସନ୍ ଫାଙ୍କରୁ । "ସାର୍ ?" ହାସନାନ୍ ମୁହଁରେ ମୁହେଁ ଦାଢ଼ି ।

"ଷ୍ଟେନୋବାବୁଙ୍କୁ ଡାକ ।" ଅର୍ଦ୍ଧେନ୍ଦୁ ହାସ୍‌ନାନ୍‌ର ଦାଢ଼ିକୁ ଅନେଇ ସେତେବେଳକୁ ବୁଝିନେଇ ସାରିଥାଏ—ହାସ୍‌ନାନ୍‌ର ରମ୍‌ଜାନ୍ ମାସ ଗ୍ଳୁଲିଛି । କିଛି ଖାଇ ନଥିବ ସେ ଅଫିସ୍ ଆସିବା ପୂର୍ବରୁ ।

ହାସନାନ୍ ଅନ୍ତର୍ଦ୍ଧାନ ହୋଇଗଲା । ଆସିଲେ ଷ୍ଟେନୋବାବୁ । ସଫା ଧଳା ଧୋତି ପଞ୍ଜାବି ସାଙ୍ଗକୁ ଗହଳ ଭ୍ରୂଲତା ହସ୍ନୁର ଠିକ୍ ମଝିରେ ଗୋଟିଏ ଚମତ୍କାର

Digitized by srujanika@gmail.com

ଚନ୍ଦନଟୋପା ଯୋଗୁଁ ଲୋକଟା ଖୁବ୍ ଖାଣ୍ଟି ଖାଣ୍ଟି ଲାଗେ ଅର୍ଦ୍ଧେନ୍ଦୁଙ୍କୁ ।

"ମିଶ୍ରବାବୁ, କଳାହାଣ୍ଡି ଦୁର୍ଭିକ୍ଷ ଫାଇଲ୍ ଗୁଡ଼ାକ ରେଡ଼ି ତ ? କନ୍‌ଫରେନ୍‌ସ ପରା ସାଢ଼େ ଏଗାରଟାରେ ?"

ଇନ୍‌ଫରମେସନ୍ ସିଟ୍‌ଟାକୁ ସସମ୍ମାନେ ଅର୍ଦ୍ଧେନ୍ଦୁ ସମ୍ମୁଖରେ ରଖିଦେଲେ ଷ୍ଟେନୋଗ୍ରାଫର୍ । ଅଳ୍ପ ହସି କହିଲେ, "ଏଥିରେ ସବୁ ଅଛି ସାର୍—କଳାହାଣ୍ଡି ବିଷୟରେ ଯାହା ଦରକାର । ପନ୍ଦର ଦିନ ଲାଗିଲାଣି ସାର୍ ! କିନ୍ତୁ···"

"କିନ୍ତୁ ?" ଅର୍ଦ୍ଧେନ୍ଦୁ ପ୍ରାୟ ପଚିଶ ପୃଷ୍ଠାର ସେଇ ଟାଇପ୍ କରା କାଗଜ ତାଡ଼ାଟା ଉପରୁ ମୁହଁ ଟେକିଲେ । ଚନ୍ଦନ ଟୋପାଟା ଦୁଇ ଭ୍ରୂରୁ ମଝିରୁ ଜଳ ଜଳ ଲୁହିଁଥାଏ ଲୋକଟାର କପାଳରୁ ସେମିତି ଅର୍ଦ୍ଧେନ୍ଦୁର ଆଖିକୁ ।

"ସବୁ ପଲିଟିକାଲ୍ ସାର୍—ଆପଣ ଜାଣନ୍ତି !" ମିଶ୍ର ଲୋକଟା ଖାଣ୍ଟି ଖାଣ୍ଟି ଲାଗେ ଅର୍ଦ୍ଧେନ୍ଦୁଙ୍କୁ ।

"ତା ମାନେ ? ଏ ଇନ୍‌ଫର୍ମେସନ୍ ଡାଟା, ଏ ଫାଇଲ୍ ଗଦା ଏଗୁଡ଼ାକ ସବୁ ଫଲ୍‌ସ୍ ? ମିଛ ?"

"ମିଛ ନୁହେଁ—କିନ୍ତୁ ପଲିଟିକାଲ୍ ସାର୍, ସବୁ ପଲିଟିକାଲ୍ । ଏବାଟେ କଳାହାଣ୍ଡିରୁ ଦୁର୍ଭିକ୍ଷ ଯିବ ନାହିଁ ସାର୍ ।" ଚନ୍ଦନ ଟୋପାଟାର ଉଜ୍ଜଳ୍ୟ ହଠାତ୍ ବଢ଼ିଗଲେ ଭଳି ଦିଶିଲା ଅର୍ଦ୍ଧେନ୍ଦୁଙ୍କୁ ।

"ତେବେ କଅଣ କଲେ ଯିବ ଭାବୁଛନ୍ତି ଆପଣ ?"—ଆଶ୍ଚର୍ଯ୍ୟ ହେଲା ଅର୍ଦ୍ଧେନ୍ଦୁ ନିଜ ସ୍ୱର ନିଜେ ଶୁଣି । ନିଜଠୁଁ ତଳ ଲେଭଲ୍ ତଳ ର୍ୟାଙ୍କ୍‌ର ଲୋକଙ୍କ ସାଙ୍ଗରେ ଏତେ ଫ୍ରାଙ୍କ୍ ସେ ହୁଏନା ସାଧାରଣତଃ ।

"ମୁଁ କଅଣ ଜାଣେ ସାର୍ ?" ମିଶ୍ରଙ୍କ ଚନ୍ଦନଟିପାର ଉଜ୍ଜଳ୍ୟ କିନ୍ତୁ ବଢ଼ିଚାଲିଥାଏ ତାଙ୍କ କପାଳରେ । ହଠାତ୍ ଲୋକଟା ମୁହଁରୁ ବାହାରିପଡ଼ିଲା, "ଆପଣଙ୍କ ହାତରେ ଅଛି ସବୁ ଗୁମର । ଆପଣ ଯଦି ଚାହିଁବେ ଆଜିର ହାଇ ଲେଭଲ୍ କନ୍‌ଫରେନ୍‌ସରେ ସମସ୍ତଙ୍କ ମୁଖା ଖୋଲିଯିବ । କିନ୍ତୁ ଏ କ'ଣ ସମ୍ଭବ !"

ଅର୍ଦ୍ଧେନ୍ଦୁ ଧଡ଼୍‌କିନା ଉଠି ଠିଆହୋଇ ପଡ଼ିଲା । ଏତେ ଜୋର୍‌ରେ ଉଠିପଡ଼ିଲା ଯେ ତା ରିଭଲ୍‌ଭିଂ ଚେୟାର୍‌ଟାର ଚକଗୋଡ଼ରେ ଲାଗିଥିବା ବଲ୍ ଗୁଡ଼ାକ ପଛକୁ ଠେଲିହୋଇ ସେ'ଟା କିଛି ଦୂର ଘୁଞ୍ଚିଗଲା ।

ସେଦିନ କନ୍‌ଫରେନ୍‌ସରୁ ଫେରୁ ଫେରୁ ସାଢ଼େ-ପାଞ୍ଚ । ମଝିରେ ସାମାନ୍ୟ

Digitized by srujanika@gmail.com

ସ୍ନାକ୍‌ସ—ଲଞ୍ଚ ପାଇଁ କିଛି ସମୟ ବ୍ରେକ୍ ଛଡ଼ା କନ୍‌ଫରେନ୍‌ସ ହଲ୍‌ରେ ଆଲୋଚନା ପ୍ରାୟ୍ଃ ଲଗାତାର ସାଢ଼େ ଏଗାରରୁ ସାଢ଼େ ପାଞ୍ଚ ଚାଲିଲା ।

. . ମିଟିଂ ସରିଗଲା । ଅର୍ଦ୍ଧେନ୍ଦୁକୁ ନିଜ ରୁମ୍‌କୁ ଡାକିନେଲେ ପୂର୍ଣ୍ଣେନ୍ଦୁ—"ୟୁ ଦେଭିଡ୍ ଆଓ୍ୱାର୍ ନେକ୍‌ସ ଅର୍ଦ୍ଧେନ୍ଦୁ—ଥ୍ୟାଙ୍କ୍ ୟୁ !" ପୂର୍ଣ୍ଣେନ୍ଦୁଙ୍କ କମ୍ପ୍ଲି-ମେଣ୍ଟ୍‌ସ୍ ଶୁଣି ଅର୍ଦ୍ଧେନ୍ଦୁର ମୁଣ୍ଡ ଟେକିକୁ ହୋଇଗଲେ ।

"ତମେ ଯୋଉ ଫ୍ୟାକ୍ଟ୍‌ସ ଫିଗର୍ ଗୋଟାକ ପରେ ଗୋଟାଏ ତାଙ୍କ ମୁହଁକୁ ଏମ୍ କରି ଫାୟାରିଂ କଲ ସେଥିରେ ସେଣ୍ଟ୍ରାଲ୍ ଟିମ୍ ଚୁପ୍ । ଚୁପ୍ କରିଦେଲ ସମସ୍ତଙ୍କୁ ତମେ ଆଜି । ଅଲ୍ କ୍ୱାଏଟ ଅନ୍ ଦ ଓ୍ୱେଷ୍ଟର୍ଣ୍ଣ ଫ୍ରଣ୍ଟ୍ !"

"ତା ମାନେ ? କିଛି ଗୋଟାଏ ହବ ? ଆଇ ମିନ୍—କଳାହାଣ୍ଡିର ଦୁର୍ଭିକ୍ଷକୁ ଏଡ଼ାଇ···"

ଏଥର ଅର୍ଦ୍ଧେନ୍ଦୁ ମୁହଁ ଉପରକୁ ଗୋଟିକ ପରେ ଗୋଟିଏ ସାଙ୍ଘାତିକ ସାଲ୍‌ଭୋ ଛାଡ଼ିଲେ ପୂର୍ଣ୍ଣେନ୍ଦୁ, "ଡୋଣ୍ଟ ଥିଙ୍କ୍ ଅଫ୍ କଳାହାଣ୍ଡି ନାଓ ! ନାଓ ଥିଙ୍କ୍ ଅଫ୍ ୟୋର୍‌ସେଲ୍‌ଫ ! ନିଜ କଥା ଭାବ । ଏ ଖବର ଚିଫ୍‌ମିନିଷ୍ଟରଙ୍କ କାନକୁ ଯିବ । ପ୍ରାଇମ୍ ମିନିଷ୍ଟରଙ୍କ କାନକୁ ଯିବ । ହ୍ୱାଟ୍ ଡୁ ୟୁ ଥିଙ୍କ୍ ଅଫ୍ ୟୋର୍‌ସେଲ୍‌ଫ ? ମୁଁ ତୁମକୁ ଆଜି ଅଫିସ ଫାଷ୍ଟ୍ ଆଓ୍ୱାର୍‌ରେ ଚେତେଇନଥିଲି—ଏଇଟା ବ୍ଲଡ଼ ରିଭଲ୍ୟୁସନ୍‌ର ଯୁଗ ନୁହେଁ—ଏଟା ଗ୍ଲାସ୍‌ନଷ୍ଟ୍, ପେରେସ୍ତ୍ରୋଇକାର ଯୁଗ ! ଯେତେବେଳେ ସୋଭିଏଟ୍ ରୁଷ୍‌ରୁ ରିଭଲ୍ୟୁସନ୍ ମରିଗଲାଣି, ଚାଇନାରେ ଡେଙ୍ଗ୍‌ଜିଆଓ ପିଙ୍ଗ୍ ଏଜ୍ ଷ୍ଟାର୍ଟ ହୋଇଗଲାଣି ତମେ ଏଇ ଇଣ୍ଡିଆରେ ବ୍ଲଡ଼ ରିଭଲ୍ୟୁସନ୍ କଥା ଉଠାଉଚ ?"

ଅର୍ଦ୍ଧେନ୍ଦୁର ଚଳପେଟ ଭିତରେ ବରଫ ବରଫ ଅନୁଭୂତି ।

"କିନ୍ତୁ ଗ୍ଲାସ୍‌ନଷ୍ଟ୍, ପେରେସ୍ତ୍ରୋଇକା ମାନେ ତ ଏଇଆ—ବୁରୋକ୍ରାଟିକ୍ ରିଭଲ୍ୟୁସନ୍ ! ଯୋଉମାନେ ଅଫିସ୍ ଭିତରେ ରିଭୋଲ୍ଟ କରିବାକୁ ଚାହାନ୍ତି, ଗ୍ଲାସ୍‌ନଷ୍ଟ ତ ତାଙ୍କରି ପାଇଁ, ସାର୍ !"

"ଦେନ୍ ଫେସ୍ ଦ ମ୍ୟୁଜିକ୍···କିନ୍ତୁ ମନେରଖ ଅର୍ଦ୍ଧେନ୍ଦୁ ଏଇଟା ଇଣ୍ଡିଆ; ଋଷିଆ ନୁହେଁ କି ଚାଇନା ନୁହେଁ । ସେଣ୍ଟ୍ରାଲ୍ ଟିମ୍ ଦିଲ୍ଲୀ ପହଞ୍ଚିସାରନ୍ତୁ ଟିକେ । ବଳେ ଦେଖିବ ଯେ !" ପୂର୍ଣ୍ଣେନ୍ଦୁ ମୁହଁ ବୁଲେଇ ଝରକା ଆଡ଼କୁ ଅନାଇ ରହିଲେ ।

Digitized by srujanika@gmail.com

ଚୁଟ୍‌ଗ୍ଲାସ୍ ଉଠିଆସିଲା ଅର୍ଦ୍ଧେନ୍ଦୁ । ପୃଷ୍ଠ୍ରୁ ଚାରି ବସ୍ । ବସ୍ ଆଗରେ ନିଜକୁ ଡିଫେଣ୍ଡ୍ କରିବାକୁ ଯିବା ଅର୍ଥ ପୁଣି ଥରେ ବ୍ଲଡ୍ ରିଭଲ୍ୟୁସନ୍— ଜାଣିଥାଏ ସେ ।

ନିଜ ଅଫିସ୍ ରୁମ୍‌କୁ ଫେରି ଆସୁ ଆସୁ ଦର୍ଜା ପାଖରେ ଅଟକିଗଲେ ତା ପାଦ । ଫାଷ୍ଟ ଆଓ୍ୱାର୍‌ରେ ନିଜର ଅଫିସ୍‌କୁ ପଶିବାକୁ ଯିବା ପୂର୍ବରୁ ଯୋଉ ନାମ ଫଳକଟାକୁ ଦେଖି ସେ ପକେଟରେ ହାତ ପୂରାଇ ଚୁଇଁ ବା ଗ୍ଲଭ୍ଲୁ ଖୋଜୁଥିଲା ଏଇ ଭିତରେ ହଠାତ୍ ସେ ନାମଫଳକଟା ମୂଳରୁ ହେଠୁ କୁଆଡ଼େ ଉଭାନ୍ ହେଇ-ଯାଇଥିବା ଦେଖି ସେ ହତଡାକ୍ ହେଇଗଲା ।

ଫାଇଲ୍‌ପତ୍ର ଧରି ଷ୍ଟେନୋ ଅନେକ ବେଳୁ ଫେରିସାରିବେଣି କନ୍‌ଫରେନ୍‌ସ ହଲ୍‌ରୁ ।

ଡୋର୍ ଠେଲି ଅଫିସ୍ ରୁମ୍ ଭିତରକୁ ପଶିଲା ଅର୍ଦ୍ଧେନ୍ଦୁ ।

ଭିତରେ କେହି ନାହାନ୍ତି ।

କଲିଂ ବେଲ୍ ଚପିଲା ସେ ।

କେହି ଆସିଲେ ନାହିଁ ।

ହାତ ଘଡ଼ିକୁ ଚାହିଁଲା ସେ—ମୋଟେ ସାଢ଼େ ଛ' । ଅଫିସ୍‌ରେ ଆଠଟା ସାଢ଼େ ଆଠଟା ଯାଏ ବସି ଫାଇଲ୍ ଦେଖିବା ତା ଅଭ୍ୟାସ । କିନ୍ତୁ ଫାଇଲ୍ ଗୁଡ଼ାକ ବି ଗଲେ କୁଆଡ଼େ ? ତେବେ କ'ଣ...ଗୋଟାଏ ଅସମ୍ଭବ ଶଙ୍କା ଆସିଗଲା ତା ମନକୁ । ତେବେ କ'ଣ ସେଣ୍ଟ୍ରାଲ୍ ଟିମ୍ ଦିଲ୍ଲୀକୁ ଫୋନ୍ କରି... ? ଓ ନୋ ! ଅସମ୍ଭବ । ଏଇଟା ଇଣ୍ଡିଆ । ଏ ଋଷ ନୁହଁ କି ଚାଇନା ନୁହଁ । ଏଠି କମିସନର୍ ର୍ୟାଙ୍କ୍‌ର ଜଣେ ଆଇ. ଏ. ଏସ୍. ଅଫିସର୍‌କୁ ଏମିତି ପାଞ୍ଚ ମିନିଟ୍‌ରେ ବରଖାସ୍ତ କରି ହୁଏନା । ଇମ୍ପସିବ୍ଲ ! ଇମ୍ପସିବ୍ଲ !

ଅର୍ଦ୍ଧେନ୍ଦୁର ଜୋତା ଭିତରେ ଗୋଡ଼ ଆଙ୍ଗୁଠି ଗୁଡ଼ାକ ଝଜବଜ ହବା ଆରମ୍ଭ କରିଦେଲେ । ସେ ପୁଣି ଥରେ ପାଦ ଚଳାଇ କଲିଂବେଲ୍ ସୁଇଚ୍ ଟିପିଲା । ବେଲ୍ ରିଂ କଲା—ଥରକୁଥର —ପରେ ପରେ ଖୁବ୍ ଦୀର୍ଘ ସମୟ ପର୍ଯ୍ୟନ୍ତ । କିନ୍ତୁ ସେ ସବୁର ଫଳ କିଛି ହେଉନଥିଲା ।

ବରଫ ମୁଣ୍ଡାଟା ତଳ ପେଟ ଓ ଛାତି ଉଭୟ ଅଞ୍ଚଳକୁ ଗ୍ରାସ କରିସାରି

Digitized by srujanika@gmail.com

ଉପରକୁ ଉପରକୁ ଫୁଲ ଫୁଲ ଗୋଟିଏ ବୃହଦାକାର ଆଇସ୍‌ବର୍ଗ ପାଲଟୁ-ଥାଏ ।

ଅର୍ଦ୍ଧେନ୍ଦୁ ଫ୍ଲାଓ୍ୱାର୍ ଭେସ୍‌ର ମଉଳା ପଦ୍ମ ଫୁଲଟିକୁ ଅନାଇ ରହିଯାଇ-ଥାଏ । ତା ଆଖିରେ ଭାସିଯାଉଥାଏ ଗୋଟିଏ ସ୍ଲେଟ ମାଟି କୁଡ଼ିଆ ଭଳି ଘର । କୁଡ଼ିଆକୁ ଲାଗି ଗୁହାଳ ଓ ପଦ୍ମପୋଖରୀ । ନାକରେ ତାର ବାଜୁଥାଏ ଗୁହାଳର ଗୋବର ଗନ୍ଧ ଆଉ ତା'ର ମଝିରେ ମଝିରେ ପଦ୍ମ ପୋଖରୀର ବାସ୍ନା । ସେଇଠୁ ଆରମ୍ଭ ହୋଇଥିଲା ତାର ଯାତ୍ରା — ବର୍ତ୍ତମାନ ସେଇଠିକି ଫେରିଯାଉଥାଏ ସେ । ଇଏ ଆଉ ନାଁ ତେବେ "ଗ୍ଲାସ୍‌ନସ୍ତ୍ ? ପେରେସ୍ତ୍ରୋଇକା ?"

ଟେଲିଫୋନ୍ କଲ୍—ଇଣ୍ଟରଭ୍ୟୁ ପୂର୍ବଦିନର

'ନୃପେନ୍ ବାବୁ ଘରେ ଅଛନ୍ତି ? ହାଲୋ ? ହାଲୋ ? ହାଲୋ ?'

ଟେଲିଫୋନ୍ ରିସିଭର୍‌ଟାକୁ ଧରି ନୃପେନ୍ ସେଇଭଳି ଚୁପ୍‌ଚାପ୍ ଠିଆ-ହୋଇଥାନ୍ତି । ସକାଳ ଛ'ଟାରୁ ଘଣ୍ଟା ଦଶ ଭିତରେ ସେଇଟା ଥିଲା ବୋଧହୁଏ ହଜାରେଏକ ଥରର କଲ୍ । ପ୍ରତିଥର ନୃପେନ୍ ରିସିଭର୍ ଉଠେଇ ଜବାବ ଦେଉଥାନ୍ତି—ମୁଁ ନୃପେନ୍ ସାହାବେଦଓ କହୁଛି । ତାପରେ ଆରପଟୁ ଶୁଣାଯାଉ-ଥିଲା—'ଓ ! ଆପଣ ? ଆଚ୍ଛା ଶୁଣନ୍ତୁ—କାଲି ଆପଣଙ୍କ ଅଫିସରେ ଯେ ପିଅନ ଇଣ୍ଟରଭ୍ୟୁଟା ହବାର ଅଛି ନା ?' 'ଆଜ୍ଞା ହଁ—', ନୃପେନ୍‌ଙ୍କ ମୁହଁରୁ ଏତିକି ବାହାରିବା ମାତ୍ରେ ଆରପଟୁ ପ୍ରାୟ ଏକ ରକମର ବକ୍ତବ୍ୟର ସ୍ରୋତ ବହୁଥିଲା ତାଙ୍କ କାନ ପରଦା ଉପରେ—'ମୁଁ ମିନିଷ୍ଟରଙ୍କ ପି. ଏ.କହୁଛି...' ବା ମୁଁ ସେକ୍ରେ-ଟେରିଙ୍କ ଷ୍ଟେନୋ କହୁଛି' ଅଥବା 'ଶୁଣନ୍ତୁ ନୃପେନ୍ ବାବୁ ! ଆପଣ ଜଣେ ପ୍ରିନସିପ୍‌ଲଡ୍ ଅଫିସର ଜାଣେ ମୁଁ । କିନ୍ତୁ ଏ କେଶ୍‌ରେ ଆପଣଙ୍କୁ କଂପ୍ରମାଇଜ କରିବାକୁ ପଡ଼ିବ । ଆପଣ ତ ଜାଣନ୍ତି ଭୁବନେଶ୍ୱରରେ ରହିବାକୁ ହେଲେ ଏତେ ହେଡ୍‌ଷ୍ଟ୍ରଙ୍ଗନେସ୍ ଚଳେନା । ଏଟା ଗିଭ୍ ଆଣ୍ଡ୍ ଟେକ୍‌ର ଯୁଗ । ପ୍ଲିଜ୍ ଅଣ୍ଡର-ଷ୍ଟାଣ୍ଡ ମାଇଁ ପଏଣ୍ଟ—ଡୋଣ୍ଟ ଟେକ୍ ଆମିସ୍—ହ୍ୱି ଇଜ୍ ରେଡ଼ି ଟୁ ଗିଭ୍..ନୋ ନୋ ଏଟାକୁ ବ୍ରାଇବ୍ ଭାବନ୍ତୁ ନାହିଁ...ଇଟ୍‌ସ ଏ ଜିକ୍‌ଚରସ୍ ଫି ଓନ୍‌ଲି...'

ନୃପେନ୍ ଶୁଣିଚାଲିଥାନ୍ତି । ଟେଲିଫୋନ୍ ଉପରେ ଏଭଳି କଥାବାର୍ତ୍ତା ଶୁଣିବା ତାଙ୍କ ପାଇଁ ନୂଆ ନଥିଲା ଆଦୌ । ଜୀବନଯାକ ଏଇଭଳି ଧମକ ଚମକ ଖୋସାମତି ଅନୁରୋଧ୍ୟକ୍ତି ଭିତରେ ତାଙ୍କର ଚାକିରିକାଳ ପ୍ରାୟ ସରିଆସିବାକୁ ବସିଲାଣି । କିନ୍ତୁ ଟେଲିଫୋନ୍ ଉପରେ ସିଧାସଳଖ ଏଭଳି କଥା ଶୁଣିବା ଏଇ ଥିଲା ତାଙ୍କର ପ୍ରଥମ ଅଭିଜ୍ଞତା—'ହ୍ୱି ଇଜ୍ ରେଡ଼ି ଟୁ ଗିଭ୍ !'

ଟେଲିଫୋନ୍ ରିସିଭରଟାକୁ ଧରି ନୃପେନ ସେଇଭଳି ଚୁପ୍‌ଚାପ୍ ଠିଆ-ହୋଇଥାନ୍ତି । କାହିଁକି କେଜାଣି ସେଇ ଶେଷ ଥରକର କଲ୍‌ର ଜବାବ ଦେବା ପୂର୍ବରୁ ତାଙ୍କ ଭିତରେ ଜବାବ ଦେଇଥିବା ସେଇ ନୃପେନ୍ ସାହାବେଦଓ ଲୋକଟା

Digitized by srujanika@gmail.com

ଧୂଵଧୂଵ ଚୂପ୍ ପଡ଼ିଯାଇପାରିଥାଏ; ଆଜ ତାଙ୍କର ଶବ୍ଦଚରିତ ଜବାବ 'ମୁଁ ନୃପେନ୍ ସାହାଦେଓ କହୁଚି' ବୋଲି କହିବାକୁ ଭୁଲିଯାଇପାରିଥାଏ ।

'ହାଲୋ ? ହାଲୋ ? ହାଲୋ ! !···'

ରିସିଭର୍‌ଟାକୁ ଯଥାସ୍ଥାନରେ ରଖିଦେଇ ନୃପେନ୍ ସାହାଦେଓ କିଛି ସମୟ ଚୁପ୍‌ଚୁପ୍ ଠିଆହୋଇ ରହିଲେ । ଆକାଶୀ ରଙ୍ଗର ନେଳି ଟେଲିଫୋନଟା ଉପରେ ତାଙ୍କ ଆଖି ଅହେତୁକ ଭାବେ ସ୍ଥିର ହୋଇ ରହିଯାଇଥାଏ । ମନ ଭିତରେ ସେତେବେଳେ ତାଙ୍କର କି କି ଭାବ ସବୁ ଖେଳୁଥାନ୍ତି ବା କୁହୁଳିଥାନ୍ତି, ତାଙ୍କୁ ଜଣାନଥାଏ । କିନ୍ତୁ ସେଇ ନେଳି ରଙ୍ଗଟା ତାଙ୍କ ଆଖିରେ ପଡ଼ିବା ଯୋଗୁଁ ତାଙ୍କୁ କିଞ୍ଚିତ୍ ଆଶ୍ୱସ୍ତ ଲାଗିଲା । ନେଳି ରଙ୍ଗ ପରି ତାଙ୍କର ଆସକ୍ତି ବିଷୟରେ ସେ କେବଳ ସଚେତନ ନୁହେଁ—ଅଚେତନ ମଧ୍ୟ । ବୋଧହୁଏ ସେଥିପାଇଁ କାରଣରୁ ଦିନମାନ ସେଇ ନେଳି ରଙ୍ଗର ଜିନିଷଟା ଭିତରୁ ପାଞ୍ଚ ସାତ ମିନିଟରେ ବାହାରୁଥିବା ଆଲାର୍ମ ଶବ୍ଦ ସହିତ ଶୁଣାଯାଉଥିବା ଅସହ୍ୟ ଭଲ୍‌ଗାରିଟିକୁ ସେ ସହ୍ୟ କରିବାକୁ ସକ୍ଷମ ହେଉଥିଲେ ।

ସେତିକିବେଳେ ଟ୍ରିଂ ଟ୍ରିଂ···ଟ୍ରିଂ ଟ୍ରିଂ···ନେଳି ଜିନିଷଟା ପୁଣି ଥରେ ସବାକ୍ ହୋଇଉଠିବାକୁ ଚେଷ୍ଟାକଲା । ନୃପେନ୍‌ଙ୍କର ହାତ ଏଥର ଆଉ ଲମ୍ବିଲା ନାହିଁ ରିସିଭର୍ ଉଠାଇବା ପାଇଁ । ବରଂ ଯନ୍ତ୍ରଟାକୁ ପଛ କରିଦେଇ ସେ ଊର୍ଦ୍ଧ୍ୱଶ୍ୱାସରେ ହୋଇ ବାହାରି ଗ୍ଳଲଗଲେ । ଟେଲିଫୋନଟା ସେଇଭଳି ବାଜି ଗ୍ଳଲିଥାଏ ଅନେକ ବେଳ ପର୍ଯ୍ୟନ୍ତ ।

ନୃପେନ୍ ସାହାଦେଓ ସେଦିନ ରାତିରେ ଖାଇ ବସିଲା ବେଳେ ହଠାତ୍ ତାଙ୍କ ମୁହଁରୁ ବାହାରିଲେ, 'ଓଃ କି ବିପଦ ପଡ଼ିବାକୁ ଅଛି କାଲିକୁ···'

'କି ବିପଦ ?—ଚମକି ପଡ଼ିଲେ ଶ୍ରୀମତୀ ସାହାଦେଓ ରୁଟି ଦୁଇଖଣ୍ଡ ସ୍ୱାମୀଙ୍କ ପ୍ଲେଟ୍ ଉପରେ ପରଷ୍ଟି ପରଷ୍ଟି ।

'ଆଃ—ନାଃ—ସେ କିଛି ନୁହେଁ—ଗୋଟିଏ ପିଅନ୍ ପୋଷ୍ଟ ପାଇଁ—ମାଇଁ ଲର୍ଡ଼ !' ସାହାଦେଓ ରୁଟି ଛିଣ୍ଡେଇ ବସିଥାନ୍ତି ମେଇ ମାସ । ତାଙ୍କର ମନେ ନଥାଏ ବୋଷେଇ ଘରେ ପୃଷ୍ଠାଶ୍ରୀ ଝୋକାଟିର କାନ ଯୋଡ଼ିକ ବିରାଡ଼ି କାନ ଭଳି ଟିଆ ହୋଇ ରହିଥାଏ କେତେବେଳୁ ।

ମିସେସ୍ ସାହାଦେଓ ତରକାରି ଆଣିବା ପାଇଁ ବୋଷେଇ ଘର ଭିତରକୁ ପଶିଗଲେ । ଅଳ୍ପ ସମୟ ପରେ ତରତର ହୋଇ ଫେରିଆସିଲେ ସେ ।

Digitized by srujanika@gmail.com

"ଆଚ୍ଛା, ତମ ଅଫିସରେ ପିଅନ ପୋଷ୍ଟ ପାଇଁ କାଲି ଇଣ୍ଟରଭ୍ୟୁ ? ନରି କଅଣ କହୁଚି—", ମିସେସ୍ ସାହାଦେଓଙ୍କ ସ୍ୱରଟା ହଠାତ୍ ବିଷଭଳି ମନେହେଲା ନୃପେନ୍‌ଙ୍କୁ । ପୁଣି ତା' ସହିତ ତାଙ୍କ କାନରେ ବାଜିଲା, 'ନରିକୁ ଯେ କୌଣସି-ମତେ ସ୍ୱକରରେ ପୂରେଇବାକୁ ପଡ଼ିବ କାଲି । ତା ନାଁ ଯାଇଚି ତମ ଅଫିସକୁ । ପିଲାଟା ଅନେକ ଆଶା କରି ପଡ଼ିଚି ଏ ଘରେ । କଅଣ ଶୁଣୁଚ ?'

ନୃପେନ୍ ଚଟାପଟ୍ ଖିଆପିଆ କାମ ତୁଟେଇ ଉଠିପଡ଼ିଲେ ହାତ ଧୋଇ ପକେଇବାକୁ ।

ମିସେସ୍ ସାହାଦେଓ ବୁଝିପାରିଲେ । ସେ ଜାଣନ୍ତି — ଜଣେ ଖିଆଲି ମଣିଷ । ପୁଣି ଅଫିସ ବ୍ୟାପାରରେ ଅନ୍ୟାନ୍ୟ ଲୋକଙ୍କ ପରି ସେ ଘରକୁହା କଥା କାନରେ ପୂରାନ୍ତି ନାହିଁ । କିନ୍ତୁ ନରିର ଦୁଃଖ ତ କେବେ ନା କେବେ ଶୁଣିବାକୁ ପଡ଼ିବ ତାଙ୍କୁ ! ତା ପାଇଁ ନୃପେନଙ୍କୁ ତ ଆଜି କିଏ ଟେଲିଫୋନ କରି କହିବାକୁ ନାହିଁ ! ପିଲାଟା ଆଖି ଆଗରେ ବଧ ଖଟଣି ଖଟୁଚି କୋଉ ଆଶାରେ ଯେ ଆଜି ? କୋଉ ଗଡ଼ଜାତ ଅଞ୍ଚଳର ଗରିବ ପିଲାଟିଏ । ବାପା ମା ତାକୁ ଆଣି ଛାଡ଼ିଛନ୍ତି ରଜାଘରେ । ଗାଁରେ ସାହାଦେଓଙ୍କ ଘରକୁ ଲୋକେ କହନ୍ତି ରଜାଘର । କୋଉ ଅଜ୍ଞାତ କାଳରେ ସେ ଘରର କୋଉ ପୂଅ ରଜା ହୋଇ ରାଜୁତି କରୁଥିଲା ସେ ଅଞ୍ଚଳରେ । ସେଇ ଖାତିର୍‌ରେ ରଜା ଡାକ ଗୋଡ଼େଇ ଆସିଚି ସେ ଘରକୁ ।

'ତମେ ଯଦି ନରିକୁ ଏଥରକ ସ୍ୱକରିରେ ନ ପୂରେଇବ, ତେବେ ଗାଁକୁ ଫେରିଯାଇ କ'ଣ କହିବ ସେ ଭାବୁଛତି ? ନିଜ ଲୋକଙ୍କ ମୁହଁକୁ ଟିକିଏ ଅନାଅ । ମନ୍ତ୍ରୀ ସେକ୍ରେଟେରିଙ୍କ ଲୋକ ତ ସବୁଥର ରହୁଛନ୍ତି — ଏଥର ନରିକଥା କଷ୍ଟେ ଯେମିତି ରହିବ···', ଶ୍ରୀମତୀ ସାହାଦେଓ ଦୁଧ ଗ୍ଲାସ୍‌ଟା ବଢ଼େଇ ଧରି ଠିଆ ହୋଇପଡ଼ିଲେ ସ୍ୱାମୀଙ୍କ ସାମ୍ନାରେ ।

ନୃପେନ୍ ସ୍ତ୍ରୀଙ୍କ ହାତରୁ ଦୁଧ ଗ୍ଲାସଟା ନେଇ ବେସିନ୍‌ରେ ଢାଳି ଦେଲେ ଆଉ ସତେକି କିଛି ଘଟିନାହିଁ ସେଇଭଳି ମୁରୁକି ହସଟିଏ ହସିଦେଇ ଚାଲିଗଲେ ବେଡ୍‌ରୁମ୍ ଆଡ଼େ ।

ଟେଲିଫୋନଟା ଇତିମଧ୍ୟରେ ବେଶ୍ କିଛି ସମୟ ଚୁପ୍ ପଡ଼ିଯାଇଥିଲା । କିନ୍ତୁ ନୃପେନଙ୍କ ଆଖି ଲାଗିଆସିବା କ୍ଷଣି ତା'ର ଶବ୍ଦରେ ସେ ଚମକିପଡ଼ିଲା ପରି ଧଡ଼୍‌ପଡ଼୍ ହୋଇ ଉଠି ବସିଲେ । ସେତେବେଳକୁ ରାତି ପ୍ରାୟ ବାରଟା ।

ଧରିବେ କି ନା ଏଇଭଳି ଦୋଦୋପାଞ୍ଚ ହୋଇ ଅବଶେଷରେ ଉଦ୍ରାଟା

Digitized by srujanika@gmail.com

ଝାଡରରେ ନୃପେନ୍ ରିସିଭର ଉଠେଇଲେ । ହଠାତ୍ ନାରୀ କଣ୍ଠରୁ ନିଜ ପିଲାଦିନର ଡାକ ନାଁ, 'କିଏ ନୁପ୍ କହୁଚ, ନୁପ୍ ?' ଶୁଣି ତାଙ୍କର ଶରୀର ରୋମାଞ୍ଚିତ ହୋଇଉଠିଲା । ପ୍ରାୟ ତିରିଶ ବର୍ଷ ତଳେ ସେଇ 'ନୁପ୍' ନାମଟି ସେଇ କଣ୍ଠରୁ ପ୍ରଥମଥର ଶୁଣିଲା ପରେ 'ବସନ୍ତ-କୋକିଳ' ବୋଲି ଗୋଟିଏ ଶବ୍ଦର ଭାବାର୍ଥ ତାଙ୍କର ସମଗ୍ର ସତ୍ତାରେ ଆପେ ଆପେ ସଞ୍ଚରିତ ହୋଇଯାଇଥିଲା ।

ନୃପେନଙ୍କ ରୁଦ୍ଧ କଣ୍ଠରୁ ଅନେକ ବେଳ ପର୍ଯ୍ୟନ୍ତ କୌଣସି ସ୍ୱର କ୍ଷରଣ ହେବା ସମ୍ଭବପର ନଥିବା ବୁଝିପାରି ଆରପଟ୍ଟୁ ହସର ଝରଣାଟିଏ ମଧ୍ୟ ଅନେକ ମୁହୂର୍ତ୍ତ ପର୍ଯ୍ୟନ୍ତ କୁଳୁକୁଳୁ ହୋଇ ବହିଚାଲିଥାଏ । ଅବଶେଷରେ ନୃପେନଙ୍କ କାନରେ ପଡ଼ିଲା, 'ମୁଁ ବୁଝିପାରୁଚି ନୁପ୍ — ମହାରାଣୀ ପାଖରେ ଶୋଇଚନ୍ତି — ସେଇଥିପାଇଁ ତମର ଏ ନୀରବତା । ତେବେ ଆଶ୍ଚର୍ଯ୍ୟ ହୁଅନା ନୁପ ! ମୁଁ ତମର ସେଇ ବସନ୍ତକୋକିଳ — ସୀତା — ଅନ୍ୟ କେହି ନୁହେଁ !'

ନୃପେନ୍ ଚୋର ପରି ଶେଯରୁ ଉଠିଲେ । ଲଙ୍ଗ୍ କର୍ଡ଼ ଟେଲିଫୋନ୍‌ଟିକୁ ହାଣ୍ଡଲ୍‌ସହ ଆସ୍ତେ ଉଠେଇ ନେଇ ଅନ୍ୟ ଏକ ରୁମ୍‌କୁ ଚାଲିଗଲେ । ମିସେସ୍ ସାହାଦେଓ ନିଶ୍ଚଳ ଭାବେ ତଥାପି ଶୋଇରହିଥିବା ଦେଖି ତାଙ୍କର ସାରା ଦେହ ଦ୍ୱିତୀୟବାର ରୋମାଞ୍ଚିତ ହୋଇଉଠିଲା ।

ଲାଇବ୍ରେରିର ଗୋଟିଏ କଣବାଡ଼ିଆ ଜାଗାରେ ନରମ ଗଦିଲଗା ଏକଣା ସୋଫାଟିଏ ପଡ଼ିଥାଏ ନୃପେନଙ୍କ ସରକାରୀ ବାସଭବନରେ । ଏଇଠି ମଧ୍ୟ ସେ ଅନେକ ଗୁପ୍ତ ଅଫିସ ଚିଠିପତ୍ର ଲେଖନ୍ତି । ଆଉ ଏଇଠି ମଧ୍ୟ ବସିବସି ସାଲମନ୍ ରସିଦ୍‌ଙ୍କ ଭଳି ଲେଖକଙ୍କ ସାଟାନିକ୍ ଭର୍ସେସ୍ ଭଳି ନିଷିଦ୍ଧ ପୁସ୍ତକମାନ ପଢ଼ିବାକୁ ସେ ନିରାପଦ ମନେକରନ୍ତି ।

ଟେଲିଫୋନ୍ ହାଣ୍ଡଲ୍‌ଟିକୁ ଛାତିରେ ଜାକି ଧରି ନୃପେନ ସୋଫା ଉପରେ ବସିପଡ଼ିଲେ । ରିସିଭର୍ ଭିତରୁ ସୀତାର 'ନୁପ୍' 'ନୁପ୍' ଡାକ ସହିତ ତାର ସେଇ ତିରିଶ ବର୍ଷ ତଳର ଅବିସ୍ମୃତ ରୂପଟି କ୍ରମଶଃ ଜୀବନ୍ତରୁ ଜୀବନ୍ତତର ହୋଇଉଠୁଥାଏ ତାଙ୍କ ଛାତି ଭିତରେ ।

ସୀତା ଥିଲା ନୃପେନଙ୍କ କଲେଜ ସଙ୍ଗିନୀ ଯାହା ସହିତ ତାଙ୍କର ବିବାହ ପ୍ରସ୍ତାବ ମଧ୍ୟ ପଡ଼ିସାରିଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ନୃପେନଙ୍କ ଦାରିଦ୍ର୍ୟ ହିଁ ପ୍ରତିବନ୍ଧକ ସୃଷ୍ଟି କରିଥିଲା ସେଥିରେ । ସୀତାର ବାପା ଥିଲେ ସେ କାଳର ବ୍ରିଟିଶ୍

Digitized by srujanika@gmail.com

ସାମ୍ରାଜ୍ୟର ଗୋଟିଏ ଚଳନ୍ତ ସମ୍ରାଟ୍—ଡେପୁଟି ମ୍ୟାଜିଷ୍ଟ୍ରେଟ୍ । ଗୋଟିଏ ଗଡ଼ଜାତ ରାଜକୁଳର 'ସାହାବେଦେଓ' ପଦବୀଧାରୀ ଦରିଦ୍ର ଲୋକର ପିଲାକୁ ସେ ବା କାହିଁକି ଜୋଇଁ ରୂପେ ବରଣ କରିବାକୁ ଇଚ୍ଛା କରିଥାନ୍ତେ ? ରୀତାକୁ ସେ ବିବାହ ଦେଲେ ତାଙ୍କର ସମକକ୍ଷ ଅନ୍ୟ ଜଣେ ଡେପୁଟି ମ୍ୟାଜିଷ୍ଟ୍ରେଟ୍‌ଙ୍କ ପୁଅ ଡେପୁଟି ମ୍ୟାଜିଷ୍ଟ୍ରେଟ୍‌ଙ୍କ ସଙ୍ଗେ ।

'ନୃପ୍ ଶୁଣୁଛ ତ ? ମୁଁ ଜାଣେ ତମେ କ'ଣ ଭାବୁଛ ବର୍ତ୍ତମାନ । ମୋର ହସ ଶୁଣି ତମେ ନିଶ୍ଚେ ଭାବୁଥିବ ନୃପ୍ ମୁଁ ଖୁବ୍ ସୁଖରେ ଅଛି—ନା ? ପୁଣି ଭାବୁଥିବ—ତିରିଶ ବର୍ଷ ଧରି ମରିସାରିଥିବା ଗୋଟାଏ ସ୍ୱର ପୁଣି ପ୍ରତିଧ୍ୱନିତ ହେଉଚି କୋଉଠୁ—କାହିଁକି ଏଭଳି ଅବେଳରେ ରାତି ଅଧରେ ! ନା ?' ଟେଲି-ଫୋନରୁ ଅବିରତ ଏକତରଫା ହଜାପଟିଏ ଅନୁରଣିତ ହୋଇ ଚାଲିଥାଏ ନୃପେନଙ୍କ କାନ ଦେଇ ହୃଦୟ କନ୍ଦରରେ ।

'ନୃପ୍ ! ମହାରାଣୀଙ୍କ ଆଲିଙ୍ଗନ ଭିତରେ ସୁଖ ନିଦ୍ରାରେ ଶୋଇଥିବା ବେଳେ ମୋର ଏ ଅନଧିକାର ପ୍ରବେଶକୁ ତୁମେ ନିଶ୍ଚୟ କ୍ଷମା କରିବ ନାହିଁ ଜାଣେ ମୁଁ ନୃପ୍ ! କିନ୍ତୁ କାହିଁକି କେଜାଣି ବିଗତ ଦୀର୍ଘ ତିରିଶ ବର୍ଷ ଧରି ରାତିର ଏଇ ବେଳେ ମତେ ଲାଗେ ଯେମିତି କି ତମେ ମତେ ଖୋଜୁଛ, ଖୋଜିଚାଲିଚ, ଅଧୀର ହୋଇ ଡାକୁଥାଅ ମଧ୍ୟ ମୋର ଅସଂଖ୍ୟ ନାଁ ଧରି—ସେଇ ଯୋଉ ଅଜବ ନାଁ ସବୁ ତମେଇ ସୃଷ୍ଟି କରିଥିଲ, ମନେଅଛି ନା ? ସେଥିମଧ୍ୟରୁ ଗୋଟିଏ ଆଜିଯାଏ ମତେ ଆଚ୍ଛନ୍ନ କରି ରଖିଛି—କୋଉଟା କହିଲ ? ମନେଅଛି ନା ? ବୋଧହୁଏ ନା—କାରଣ ତମେ ତ ମତେ ବଡ଼ ପାଟିରେ ଡାକନାହିଁ କେବେ ! ସବୁ ସେଇ ମନ ଭିତରେ ଚାଲିଥାଏ ତମର । ଜାଣେ ମୁଁ । ସବୁ ଜାଣେ । ତମେ ମତେ ଯେତେ ସବୁ ଅଜବ ନାଁ ଦେଇଥିଲ ସେଥିରୁ ସେଇ ଗୋଟିକୁ ମୁଁ ଜମାରୁ ଭୁଲି-ପାରେନା ନୃପ୍ । ସେତେବେଳେ ତମେ ଋଷୀ ଟଲ୍‌ଷ୍ଟୟଙ୍କର ମହାକାବ୍ୟ 'ୱାର୍ ଆଣ୍ଡ ପିସ୍' ବହି ଖଣ୍ଡିକ ପଢ଼ୁଥିଲ ନିଶ୍ଚେ । ତମ ମୁହଁରୁ ସେତେବେଳେ ମୁହୂର୍ତ୍ତକୁ ମୁହୂର୍ତ୍ତ ଉଚ୍ଚାରିତ ହେଉଥିଲା ସେଇ ଗୋଟିକ ଶବ୍ଦ—ନାଟାସା...ନାଟାସା... । କେତେବାର ପଚାରିଚି ମୁଁ—କିଏ ସେ ହତଭାଗିନୀ ? ନାଟାସା...ନାଟାସା ହଉଚି ସେ ଏତେଥର ? କିନ୍ତୁ ଥରେ ହେଲେ ଭଲ ତମ ମୁହଁରୁ ମୁଁ ଶୁଣିଥାନ୍ତି ତମର ସେ ସିକ୍ରେଟ୍‌ଟା ! ମତେ ଲୁଚେଇ ରଖିଥିଲ ନା ! କିନ୍ତୁ ତମେ ବୋଧହୁଏ ଜାଣିନା ନୃପ୍—ଅନେକ ବର୍ଷ ଲାଗିଲେ ମତେ ସହିଚ ତଥାପି ତମ ସିକ୍ରେଟ୍‌କୁ

Digitized by srujanika@gmail.com

ଆବିଷ୍କାର କଲି ମୁଁ ଦିନେ । ଜାଣ ? ଜାଣିଚ ? ତମର ସେଇ ସିମ୍ଫୋନିଟା ଅନ୍‌କଭର୍ କରିବାକୁ କେତେ ବର୍ଷ ଲାଗିଗଲା ମୋତେ ? ତମେ ମତେ ଲୁଚେଇଥିଲ ନା ? କିନ୍ତୁ ବର୍ଷ ପରେ ବର୍ଷ ଲାଇବ୍ରେରୀରୁ ବହି ଅଣ୍ଡାଳି ଅଣ୍ଡାଳି ଦିନେ ନାଟାସା ତାଁର ସନ୍ଧାନ ପାଇଲି ମୁଁ ନୃପ । ତମେ ଜାଣି ସୁଖୀ ହେବ ନିଶ୍ଚୟ ମୁଁ ମୋ ନିଜ ଅଧ୍ୟବସାୟ ଯୋଗୁଁ ତମର ସିମ୍ଫୋନିର ସନ୍ଧାନ ପାଇଲି ଅବଶେଷରେ । ତମେ ନିଶ୍ଚେ ଭାବୁନେଇଥିଲ ଯେ ମୁଁ ଅର୍ଥାତ୍ ଆମଭଳି ନାରୀମାନେ ବହି ପଢ଼ାରେ କଦାପି ସମକକ୍ଷ ହୋଇପାରିବୁ ନାହିଁ ତମ ଭଳି ପୁରୁଷମାନଙ୍କର ! ନା ?' ଏହାପରେ ରୀତାର କଣ୍ଠରୁ ଉଚ୍ଛୁଳି ଉଠିଲା ସେଇ ହସଟା ଯାହାକୁ ଶୁଣିଲା ପରେ ନୃପେନ ଆଉ ଚୁପ୍ ହୋଇ ରହିପାରିଲେ ନାହିଁ ।

ଟେଲିଫୋନ୍ ମାଉଥ୍ ପିସ୍‌ଟିକୁ ଅଶେଷ ମର୍ଯ୍ୟାଦାବନ୍ତ ଚୁମ୍ବନ ସହକାରେ ଥରେ ଦୁଇଥର ଓଠରେ ସ୍ପର୍ଶ କରୁ କରୁ ତାଙ୍କ ପାଟିରୁ ଅସ୍ପଷ୍ଟ ଶବ୍ଦଟିଏ ଶୁଣାଗଲା ।

'ତମର ଦେହ ଖରାପ ନାହିଁ ତ ନୃପ ?' — ସହସା ହସ ବନ୍ଦ ହୋଇଗଲା ଆରପାଖେ । ରୀତା ବା ନାଟାସା ବା ସେ ଯେ କେହି ହୋଇଥାନ୍ତୁ ନା କାହିଁକି । ନୃପେନଙ୍କ 'ଓଃ' ଉଚ୍ଚାରଣର ତାତ୍ପର୍ଯ୍ୟ ସେ ନିଶ୍ଚୟ ବୁଝିପାରିନଥିଲେ, କାରଣ ସେଇ 'ଓଃ'ଟି ଭିତରେ ସାରା ଦିନର ସମସ୍ତ ଅବସାଦ ସେଇମାନେ ତାଙ୍କ ଶରୀର ଓ ମନରୁ ଲଥ୍‌କିନା ଖସିପଡ଼ିଲା—ପୁରୁଣା ଘାରୁ ଖୋଳପା ଛାଡ଼ିଗଲା ପରି । ସାରାଦିନ ଧରି ସେଇ ଟେଲିଫୋନ୍‌ଟା ଉପରେ କି ଅବ୍ୟକ୍ତ ବେଦନା ସହକାରେ ସେ ଅଭିଶାପ ପରେ ଅଭିଶାପ ବର୍ଷି ଚାଲିନଥିଲେ ! ଗୋଟାଏ ବୁଲାକୁକୁରର ରାତ୍ରିକାଳୀନ ମର୍ମନ୍ତୁଦ ବିଳାପ ପରି ଟେଲିଫୋନ୍‌ର କିଁ କିଁକୁ ସେ ଘୃଣା କରି ଆସିଥିଲେ ଆଜି ଦିନ ସାରା । ଛୁଟି ଦିନଟାକୁ ପ୍ରତି ଘଣ୍ଟାରେ ଅନ୍ୟୂନ ଦଶଥର ହାରରେ ବ୍ୟାହତ କରୁଥିବା ସେଇ ଘୃଣ୍ୟ ଯନ୍ତ୍ରଟାକୁ ଯେ ସେ ଅବଶେଷରେ ଚୁମ୍ବନ ଦେଇ ପାରିଲେ ତାହାହିଁ ଥିଲା ତାଙ୍କର ସେ ଅସ୍ପଷ୍ଟ 'ଓଃ'ର ଅନ୍ୟତମ କାରଣ ।

'ଓଃ···ନା ରୀତୁ ମୁଁ ଠିକ୍ ଅଛି···ପୁରାପୁରି ଠିକ୍ ଅଛି । ଆଜି ମୋର ପରମ ସୌଭାଗ୍ୟ—ଦେବୀ ସରସ୍ୱତୀ ସ୍ୱୟଂ ମୋ କାନ ପାଖରେ ବୀଣା ବାଦନ କରୁଛନ୍ତି । ଆଃ ! ଅନନ୍ତକାଳ ବିତିଯାଇଚି ଏଇ ଭିତରେ । ସତରେ ରୀତା ଦେଖ ! ମୁଁ ତନ୍ମୟ ହୋଇ ଶୁଣୁଥିଲି ତମର ପ୍ରତ୍ୟେକଟି ଶବ୍ଦ—ପ୍ରତ୍ୟେକଟି ନିଶ୍ୱାସର ପସନ୍ଦର ଶବ୍ଦର ସଙ୍ଗୀତ ! ଆଃ, ମୁଁ କେତେ ବିହ୍ୱଳିତ ! ତାହେଲେ ନାଟାସା

Digitized by srujanika@gmail.com

ନାଁର ମନ୍ତ୍ର ମାଇଗଲ ? ହିମାଳୟର ଗିରିଗହ୍ୱର ଭିତରେ ସ୍ୱୟଂ ଗଙ୍ଗାଙ୍କର ଉତ୍ପତ୍ତିସ୍ଥଳ ଖୋଜିବା ପାଇଁ ପର୍ବତାରୋହଣ କୌଶଳ ଆୟତ୍ତ କରିନେଲ ? ଓ୍ୱାର୍ ଆଣ୍ଡ୍ ପିସ୍ ପଢ଼ିଲ ? କେବେ···କେବେ ? ଆଶ୍ଚର୍ଯ୍ୟ ! ଆଃ ଚମତ୍କାର ! କିନ୍ତୁ, ସେତେବେଳେ ? ମୁଁ ଯେତେବେଳେ ସେସବୁ ବିଷୟର ନାଁ କହୁଥିଲି ତମକୁ, ତମେ କେମିତି ମୁହଁ ମୋଡ଼ିଦେଉଥିଲ ମନେଅଛିନା ?···' ନୃପେନଙ୍କର ଅସ୍ପଷ୍ଟ ସ୍ୱର ସ୍ପଷ୍ଟ ହେଉଥାଏ ଆସ୍ତେ ଆସ୍ତେ । ପାଖ ବିଛଣାରେ ସୁଷୁପ୍ତା ମିସେସ୍ ସାହାଦେଓଙ୍କ ସ୍ଥିତି ବିଷୟ ସେ ପାସୋରି ଯାଉଥାନ୍ତି ଧୀରେ ଧୀରେ ।

'ମନେଅଛି—କିନ୍ତୁ ସେଦିନ ଆଉ ନାହିଁ ନୃପ୍ । ତମେ ବୋଧହୁଏ ଆମର କୌଣସି ଖବର ରଖିନ ନୃପ୍ !' ଆରପଟୁ ଏକ ପ୍ରକାର କାନ୍ଦଣାର ସ୍ୱର ଶୁଣି ଚମକିପଡ଼ିଲେ ନୃପେନ୍ ।

'ନୋ ଡିଅର୍ ନୋ—କ'ଣ ଘଟଣା କୁହ ତ ! କ୍ଷମା କରିବ ମିଷ୍ଟେ—ମିଷ୍ଟର ସୁନ୍ଦରରାୟଙ୍କ ସମ୍ପର୍କରେ ମୁଁ ସେଇଦିନଠାରୁ ଆଉ ବିଶେଷ କିଛି ଖବର ରଖିବାକୁ ଚେଷ୍ଟା କରିନାହିଁ । ତମେ ଜାଣ, ତମ ବାପାଙ୍କ ବିଚାର ପ୍ରତି ମୋର ପ୍ରଗାଢ଼ ସମ୍ମାନ ଏବେ ମଧ୍ୟ ରହିଛି ଗୀତା ଦେବୀ ! ମୁଁ ଆଦୌ ଦୁଃଖିତ ନୁହେଁ ବିବାହ ପ୍ରସ୍ତାବଟା ସେଦିନ ଭାଙ୍ଗିଗଲା ବୋଲି । କିନ୍ତୁ, ୟୁ ଆର୍ ରାଇଟ୍ ଗୀତା ଦେବୀ—ମୁଁ ଆପଣଙ୍କୁ ମନେପକାଏ । ଆପଣ ପ୍ରାୟ ସବୁଦିନେ ମୋ ମନ ଉପରକୁ ପ୍ରଗାଢ଼ ସ୍ମୃତିର ଫୁଲ ଆଞ୍ଜୁଳିସବୁ ପକାନ୍ତି – ଖାଲି ରାତି ଅଧରେ ନୁହେଁ, ନାନା ଦୈନନ୍ଦିନ ଜୀବନର ଅନେକ ଦୁରୂହ ମୁହୂର୍ତ୍ତସବୁ ଅଛି ଯୋଉଠି ବାସ୍ତବତାକୁ ଅତିକ୍ରମ କରିବା ପାଇଁ ସ୍ୱପ୍ନରଥମାନେ ଦରକାର ପଡ଼ନ୍ତି । ଆପଣ ସେଇ ସ୍ୱପ୍ନ ରଥରେ ବସି ଠିକ୍ ସମୟରେ ଆସିଯାନ୍ତି ମତେ ନେଇଯିବା ପାଇଁ । ଆଜି ସତରେ ସେମିତି ଗୋଟାଏ ଦୁରୂହ ଦିନ ମୋ ଜୀବନରେ ଗୀତା ଦେବୀ ! ମୁଁ ଆପଣଙ୍କୁ ସତରେ ମନେପକାଉଥିଲି ଆପଣ ଠିକ୍ ସେତେବେଳେ ଅଚାନକ ଏମିତି ଫୋନ୍ କରିବେ କି ନା ହୁଏତ ବିଚାରୁଥିବେ ସେତେବେଳେ । ଆଃ, ମୋର ପରମ ସୌଭାଗ୍ୟ । ଏ ଟେଲିଫୋନ୍ ଟାକୁ ଦିନତମାମ ମୁଁ 'କର୍ସ' କରି ଚାଲିଥିଲି····· ଅଭିଶାପ ଦେଇଚାଲିଛି !'

'କର୍ସ କରିଚାଲିଥିଲେ ? କାହାକୁ ? ମତେ ?'

'ଆଃ ନା···ତା କେବେ ହୋଇପାରେନା ଗୀତା ଦେବୀ ! ଏଇ ଟେଲି-ଫୋନ୍ ଟାକୁ ମୁଁ ମୋର ନିତ୍ୟ ଶତ୍ରୁ ବୋଲି ମନେକରେ ।'

Digitized by srujanika@gmail.com

'ଓ, ତାହାହେଲେ ମୁଁ ଟେଲିଫୋନ୍‌ରେ ଖୁବ୍ ଡିଷ୍ଟର୍ବ କରୁଛି ତୁମକୁ ନୃପ୍···ତେବେ ରଖୁଛି ।'

'ଆହା; ନା ଗୀତା ନା । ତୁମର କଲ୍ ମତେ ବଞ୍ଚେଇଦେଲା ବୋଲି କୁହ । ମୁଁ ମୁମୂର୍ଷୁ ହୋଇ ପଡ଼ିଥିଲି ଶେଯ ଉପରେ । ଗୁରଆଡ଼୍ଭ ଆଟାକ୍ । ଏପରିକି ମିସେସ୍ ସାହାଦେଓ ମତେ ଗ୍ଲାସେ କ୍ଷୀର ଦେଲେ ଯେ ମୁଁ ତାକୁ ବେସିନ୍‌ରେ ଢାଳିଦେଲି ରାଗରେ । ଓଃ ଅସହ୍ୟ ସେ ସବୁ ! ଗୁଡ଼ । ସେ ବିଷୟ ଆଉ ପକାଅନା ଦୟାକରି । ଏବେ କୁହତ ମିଷ୍ଟର ସୁନ୍ଦରରାୟ ତ ଦିଲ୍ଲୀରେ ଥିଲେ -- ରିଟାୟାର୍ ଟାଇମ୍ ଛ···'

'ଓ ! ଏଇ ଖବର ରଖିଛ ତେବେ ଆମର — ନୃପ୍ ?' ଲାଇନ୍ ସେପଟୁ ପୁଣି ଥରେ ହସ ଶୁଣାଗଲା । ଏ ହସଟା କିନ୍ତୁ ଥିଲା ଭିନ୍ନ ପ୍ରକାରର । ସେଥିରେ ଗୀତା ବା ନାଟାସା କେହି ନଥିଲେ ।

'ଆଇ'ମ୍ ସରି ମିସେସ୍ ସୁନ୍ଦରରାୟ !' ନୃପେନ୍ ଛେପ ଢୋକିଲେ ।

'ମୁଁ ମିସେସ୍ ସୁନ୍ଦରରାୟ କେବେ ନଥିଲି — ଏବେ ବି ନାହିଁ — ତଥାପି ସେଇ ସୁନ୍ଦରରାୟ ବଂଶଟି ପାଇଁ ମୁଁ ନିଜେ ଦାୟୀ ନୃପ୍ ! ସୁନ୍ଦରରାୟ ମତେ ଦୁଇଟି ସୁନ୍ଦର ପୁଅ ସନ୍ତାନ ଉପହାର ଦେଇ ମୋ ସହିତ ସମସ୍ତ ସମ୍ପର୍କ ତୁଟେଇ ଦେଇଛନ୍ତି ବୋଲି କେବେହେଲେ କେହି କହି ନାହାଁ ତମକୁ ନୃପ୍ ?'

'ନା — ନା — ନୋ ! ନେଭର୍ ! ହ୍ୱାଟ ଏ ଘାଷ୍ଟ୍ଲି ନିଉଜ୍ ! କି ଜଘନ୍ୟ ସମ୍ବାଦ ଦେଉଛ ତମେ ଗୀତା ?' ନୃପେନ୍‌ଙ୍କୁ ମନେହେଲା ଯେମିତି ନିଜର କାରୁଣ୍ୟ ପ୍ରକାଶ କରିବାକୁ ଯାଇ ସେ ସ୍ୱୟଂ ଟେଲିଫୋନର ମାଉଥପିସ୍ ଭିତରକୁ ନିଜକୁ ବଳିତାଟିଏ କରି ଠେଲିଦେଉଥିଲେ ।

'ଆହୁରି ଅନେକ ଜଘନ୍ୟ ସମ୍ବାଦ ଦେବାକୁ ଅଛି ନୃପ୍ — ତମର ଧୈର୍ଯ୍ୟ ଅଛି ତ ଶୁଣିବାକୁ ? ତେବେ ଶୁଣ !' ସେପଟେ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ନୀରବତାର ରାଜୁତି ଶୁଣି ନୃପେନ ମନେକଲେ ବୋଧହୁଏ ଲାଇନ୍ କଟିଗଲା । କିନ୍ତୁ ଅଳ୍ପ ସମୟ ପରେ ଦୀର୍ଘଶ୍ୱାସଟିଏ ଶୁଣାଗଲା ।

'ହାଲୋ ! ଗୀତା ? ହାଲୋ — ପ୍ଲିଜ୍ — ମୁଁ ଭାବିଲି ଲାଇନ୍ କଟିଗଲା —', ନୃପେନ୍ ବ୍ୟଗ୍ର ହୋଇଉଠିଲେ ଗୀତା ସମ୍ପର୍କରେ ସମ୍ପୂର୍ଣ୍ଣ ସମ୍ବାଦଟା ଜାଣିବା ପାଇଁ । ସେତିକିବେଳେ ତାଙ୍କ କାନକୁ ଛୁଞ୍ଚିରେ ଫୋଡ଼ିଦେଲା ଭଳି ସେଇ ଜଘନ୍ୟ ବାକ୍ୟଟି ପ୍ରଥମେ ଶୁଣାଗଲା —

Digitized by srujanika@gmail.com

'ତମର—ତମ ଅଫିସ୍‌ରେ ଗୋଟିଏ ପିଅନ୍ ପୋଷ୍ଟ ପାଇଁ କାଲି କୁଆଡ଼େ ଇଣ୍ଟରଭ୍ୟୁ ହେବାର ଅଛି ନୃପ୍ ?'

ନୃପେନ୍ ସେ ପର୍ଯ୍ୟନ୍ତ ଟେଲିଫୋନ୍‌ଟାକୁ ହାଣ୍ଡଲ୍ ସମେତ ମୁଣ୍ଡରେ ଧରି ରଖିଥାନ୍ତି । ସେଇଟିକୁ ଆସ୍ତେକିନା ତଳେ ରଖୁ ରଖୁ ଜନସଟା କସ୍ମଡ଼ ହୋଇ ପଡ଼ଗଲା କାର୍ପେଟ୍ ଉପରେ ।

'ହାଲୋ ! ହାଲୋ...' ଲାଇନ୍‌ଟା ତଥାପି କଟିନଥାଏ ଆଉ ରିସିଭର୍‌ଟା ନୃପେନ୍‌ଙ୍କ କାନ ପାଖରେ ତଥାପି ଲାଗିରହିଥାଏ ।

'ୟେସ୍—ୟେସ୍—କହନ୍ତୁ ଆପଣ କିଏ ?'—ନୃପେନ ଯନ୍ତ୍ରବତ୍ ଜବାବ ଦେଉଥାନ୍ତି ଅବିକଳ ସେମିତି ସ୍ୱରରେ ଯେମିତି ସେ ଜବାବ ଦିଅନ୍ତି ଯେତେବେଳେ ତାଙ୍କ କାନରେ ବାଜେ—'ମୁଁ ମିନିଷ୍ଟରଙ୍କ ପି. ଏ. କହୁଚି' କିମ୍ବା 'ମୁଁ ସେକ୍ରେଟାରିଙ୍କ ଷ୍ଟେନୋ କହୁଚି !'

'ମୋର ବଡ଼ପୁଅ ଶିବୁ—ଶିବ ସୁନ୍ଦର ସୁନ୍ଦରରାୟ...'

ଚମକି ପଡ଼ିଲେ ନୃପେନ ସାହାଦେଓ । ତାଙ୍କ ପାଟିରୁ ବାହାରିପଡ଼ିଲା, 'ହ୍ୱାଟ୍ ଡୁ ୟୁ ମିନ୍ ? ଆପଣଙ୍କ ପୁଅ ଆପ୍ଲାଇକରିଚି ପିଅନ ପୋଷ୍ଟ ପାଇଁ ? କ'ଣ କହୁଚନ୍ତି ମିସେସ୍ ସୁନ୍ଦରରାୟ ?'

'ମୁଁ ଆଉ ମିସେସ୍ ସୁନ୍ଦରରାୟ ନୁହେଁ ନୃପେନ୍ ବାବୁ ! ଆପଣ ଭୁଲିଯାଉଛନ୍ତି । ସୁନ୍ଦରରାୟଙ୍କ ଦୁଇଟି ସୁନ୍ଦର ପୁଅଙ୍କର ମାଆ ମୁଁ—ଆଉ ସେତିକି ମାତ୍ର ମୋର ପରିଚୟ ।'

'କିନ୍ତୁ ଆପଣଙ୍କର ସେ ସୁନ୍ଦର ପୁଅଟିକୁ ଆପଣ ଗୋଟିଏ ଅଫିସ୍‌ର ପିଅନ୍ ଚାକିରିରେ ପୂରେଇବାକୁ ଚାହାନ୍ତି ? ଅସମ୍ଭବ ! ଅସମ୍ଭବ !' ନୃପେନ୍ ସାହାଦେଓଙ୍କ ସ୍ୱର ମରମର ଆସୁଥାଏ ।

କିନ୍ତୁ, ଆର ପଟେ ସ୍ୱରର ଗାମ୍ଭୀର୍ଯ୍ୟ କ୍ରମେ ବଢ଼ି ବଢ଼ି ଚାଲିଥାଏ । ନାରୀ ସ୍ୱରଟି ସ୍ପଷ୍ଟ ଶୁଭୁଥାଏ ନୃପେନ୍‌ଙ୍କ କାନକୁ ।

'ଦେଖ ନୃପ୍ ! ତମ ପାଖକୁ ଆଜି ଶହ ଶହ ଫୋନ୍ କଲ୍ ଆସିଥିବ । ମନ୍ତ୍ରୀ କହିଥିବେ, ସେକ୍ରେଟେରି କହିଥିବେ, ଆହୁରି ଅନେକ କେହି କହିଥିବେ ନିଶ୍ଚୟ । ହଁ ମିସେସ୍ ସାହାଦେଓ ମଧ୍ୟ କହିଥାଇପାରନ୍ତି—ନହେଲେ ଦୁଧ ଗ୍ଲାସକ ବେସିନ୍‌କୁ ଯାଇଥାନ୍ତା ବା କାହିଁକି ? ମୁଁ ସବୁ ବୁଝିଚି ନୃପ୍ ! କିନ୍ତୁ, ମୁଁ ଯୋଉ

ପିଲାଟି କଥା କହୁଚି ତାହାର ଏକ ସ୍ୱତନ୍ତ୍ର ଦାବି ଅଛି ନିଶ୍ଚୟ । ତମେ ଜାଣନା ଲୁପ୍, ମୋର ବଡ଼ପୁଅ ଶିବ—ଯାହାର ପୁରା ନାଁ ଶିବ ସୁନ୍ଦର ସୁନ୍ଦରରାୟ, ସେ ବି. ଏ. ପାସ୍ କରିଚି, ଅନର୍ସ ରଖିଚି ଇକନମିକ୍ସରେ ! କିନ୍ତୁ ସେ କିଛି ନୁହେଁ । ତାର ଦାବି ସ୍ୱତନ୍ତ୍ର—କହିଲି ନା—ଏକ ସ୍ୱତନ୍ତ୍ର ଦାବି ଜାହିର୍ କରିବାକୁ ଚାହେଁ ସେ । ସେ ଚାହେଁ ମେରିଟ୍‌ର ଜୟହେଉ—ହଁ ମେରିଟ୍‌ର ଜୟ କେବଳ ଚାହେଁ ସେ । ସେ କାଲି ଇଣ୍ଟରଭ୍ୟୁରେ ତାର ସବୁ କଥା କହିବ ଯଦି ତାକୁ ପଚରାଯାଏ । ଏଥରକୁ ମିଶେଇ କୋଡ଼ିଏଟି ଇଣ୍ଟରଭ୍ୟୁ ଦେଇସାରିଲଣି ସେ—ଆଇ. ଏ. ଏସ୍.ରୁ କ୍ଲରିକାଲ୍ ଯାଏ । କିନ୍ତୁ ତାର ସେଇ ଗୋଟିଏ କଂପ୍ଲେନ—ଆଜିର ଇଣ୍ଟର-ଭ୍ୟୁରେ ମେରିଟ୍‌ର ସ୍ଥାନ ନାହିଁ । କାଲି ଇଣ୍ଟରଭ୍ୟୁରେ କଅଣ ହେବ ଜାଣେନା ମୁଁ । ଯେତେହେଲେ ମୁଁ ତାର ମା—ଯଦି ପଦେଟିଏ କଥାରେ ତାର କିଛି ଉପକାର ହେଇପାରେ—କିଛି ମନେ କରିବ ନାହିଁ ଲୁପ୍ । ରାତି ଅଧରେ ଏ ବଚନ ଟେଲିଫୋନ୍ କଲ୍ ଯେମିତି ତୁମର ଦାମ୍ପତ୍ୟ ଜୀବନରେ ଆଦୌ ବାଧା ସୃଷ୍ଟି ନକରେ, ସେତିକି ଭଗବାନଙ୍କୁ ପ୍ରାର୍ଥନା । ଶୁଭରାତ୍ରି ! ନା, ନା—ଶୁଭ ପ୍ରଭାତ । ଘଣ୍ଟାକୁ ଚାହିଁଲଣି ତ ? ରାତି ଦୁଇ । ହଁ, ତା ନାଁ ଶିବ—ଶିବସୁନ୍ଦର··· । ବାକିଟା ତ ନିଶ୍ଚୟ ମନେରହିଥିବ ତମର । ରହିଲି···ଏଁ ?'

ଜନଗଣଙ୍କ ମନ ଓ ତାର ଅଧିନାୟକ

ବସ୍‌ଷ୍ଟାଣ୍ଡ୍‌ର ସେଇ ଜାଗାରେ—ଇସ୍ କି କୁତ୍ସିତ ! କି କଦର୍ଯ୍ୟ ! କି ଦୁର୍ଗନ୍ଧ ! କିନ୍ତୁ, ଆହା, କି ସୁନ୍ଦର ପିଲାଟି ଖେଳୁଚି ସେଠି ? ଥାକୁଲ୍ ଥୁକୁଲ୍—ଗୋଲ ଚକ୍‌ଚକ୍ । ଏଡ଼େ ବଡ଼ ମୁଣ୍ଡ । ମୁହଁ ଝଲସୁଚି ପୂର୍ଣ୍ଣଚନ୍ଦ୍ର । ଆହାରେ ଶିଶୁ ! କିଏ ତତେ ଏଡ଼େ ସୁନ୍ଦର କରି ଗଢ଼ିଦେଲା ! ପୁଣି କିଏ ତତେ ଆଣି ଏଠି ଏ ନର୍ଦ୍ଦମା ପାଖରେ ପକାଇଲା ? କିଏ ସେ ? କିଏ ସେ ବଦ୍‌ମାସ୍ କିଏ ସେ ଶ··· ?

ମୁଁ ବସ୍‌ରେ ବସିଥାଏ, ଆଉ ବସ୍‌ଷ୍ଟାଣ୍ଡ୍‌ର କଡ଼ପଟକୁ ସେଇ ଅପରିଷ୍କାର ନାଳପାଖ ଜାଗାଟାକୁ ଝରକା ବାଟେ ନିର୍ନିମେଷ ନୟନରେ ଅନାଇରହିଥାଏ। ସେଇଠି ପିଲାଟି ଖେଳୁଥାଏ । ହଁ, ଖେଳୁଥାଏ—ହାତ ଗୋଡ଼ ହଲାଇ ଖେଳୁଥାଏ। ଖୁବ୍ ଅଳ୍ପଦିନ ହେବ ସେ ବୋଧହୁଏ ଗୁରୁଣ୍ଡିବାକୁ ବସି ଶିଖିଥାଏ । ବସୁବସୁ ଟଳିପଡୁଥାଏ। କିନ୍ତୁ ଟଳିପଡିବା ମାତ୍ରେ ସେ ପୁଣି ଆଣ୍ଠୁ ପକେଇ ଗୁରୁଣ୍ଡିବା ଅବସ୍ଥାକୁ ପ୍ରାପ୍ତ ହେବା କ୍ଷଣି, ବସିପଡ଼ିବାକୁ ଅନବରତ ସଚେଷ୍ଟ ହେଉଥାଏ। ସେଥିପାଇଁ ପ୍ରଗାଢ଼ ଆୟାସର ଆବଶ୍ୟକତା ଥାଏ । ପ୍ରଗାଢ଼ ନିଷ୍ଠା, କଠୋର ସାଧନାର ଆବଶ୍ୟକତା ମଧ୍ୟ। ଏ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସେଇ କ୍ଷୁଦ୍ର, କୋମଳ ମାଂସର ପିଣ୍ଡୁଳାଟି ଭିତରୁ କି ଅଦ୍ଭୁତ ଶକ୍ତି ଯେ କେଉଁଠୁ କିପରି ସଂଚରୁଥାଏ ! ପିଲାଟି ବସିପଡ଼ୁଥାଏ। ତାକାପକେଇ କେତୋଟି ମୁହୂର୍ତ୍ତ ପାଇଁ 'ଝୁଲରେ ହାଣ୍ଡି ଝୁଲ୍' ଭଳି ନିଜକୁ ନିଜେ ଝୁଲାଉଥାଏ। ପୁଣି ନିଜକୁ ନିଜେ ଖୁବ୍ ତାରିଫ୍ କଲାଭଳି, ଘୁର ଆଡ଼କୁ ଆଖି ବୁଲେଇ ନେଇ ହସିଦେଉଥାଏ ! ଆହା, କି ସୁନ୍ଦର ସେ ହସ ! କି ଐଶ୍ୱର୍ଯ୍ୟମୟ ! କି ଅବର୍ଣ୍ଣନୀୟ ! କିନ୍ତୁ ହାୟ··· ମୁଁ ବସ୍ ଝରକାରୁ କେବଳ ଅନାଇ ରହିଥାଏ ।

"ମାନନୀୟ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଗଣ !···"

ବସ୍‌ଭିତରର କୋଳାହଳ ଅହେତୁକ ଭାବେ କ୍ଷଣକ ପାଇଁ ସ୍ତବ୍ଧ ହୋଇଗଲା । କାନ ଗୁଡ଼ିକ ସତର୍କ ହୋଇଗଲା । ଆଖିମାନେ ଜକଜକ ହେଇଉଠିଲେ । କି ଅଦ୍ଭୁତ

Digitized by srujanika@gmail.com

ସ୍ୱର ସତେ ! କି ଗାମ୍ଭୀର୍ଯ୍ୟ, କି ଅନବଚ୍ଛିନ୍ନ ନିଷ୍ଠା ସତରେ ସେ ସ୍ୱରରେ ! କୌଣସି ମହାମାନ୍ୟ, ନେତୃସ୍ଥାନୀୟ, ଗୁରୁସ୍ଥାନୀୟ, ଉଚ୍ଚକୋଟୀର ମହତ୍ତ୍ୱପୂର୍ଣ୍ଣ ସୁପ୍ରତିଷ୍ଠ କଣ୍ଠସ୍ୱର ବ୍ୟତୀତ ଏଭଳି ସ୍ୱର, ଏଭଳି ଉଚ୍ଚାରଣ ବାସ୍ତବିକ ଆଉ କାହାର ବା ହୋଇପାରେ ? ବସ୍‌ରେ ଆକ୍ରବସ୍ତା ଭଳି ଲଦା ହୋଇ ଗ୍ଳାଇଥିବା ଯାତ୍ରୀଙ୍କ କ୍ରନ୍ଦନ ଅନ୍ତରାଳରୁ ଯେଉଁ ପ୍ରଶସ୍ତ ମୁହୂର୍ତ୍ତଟି ଗୋଟିଏ ଅସଭ୍ୟ କୋଳାହଳକୁ ଅତିକ୍ରମ କରି ହଠାତ୍ ଏକ ଶାନ୍ତ ସଭ୍ୟ ଔଗ୍ରୀକତାମୟ ନୀରବତାର ବାତାବରଣ ସର୍ଜନା କରିଦେଲା ଠିକ୍ ସେଇ ସୁଯୋଗଟିକୁ ହାସଲ କରିନେବା ପାଇଁ ମୋ ଭିତରେ କିଏ ଯେମିତି ଗର୍ଜି ଉଠିବାକୁ ମୁହଁ ଖୋଲିଆସୁଥିଲା ।

"ହେଇକି ! ଆରେ ହେଇକି ! ଦେଖ ଦେଖ—ସେ ପିଲାଟାକୁ କିଏ ଯେମିତି ପକେଇ ଦେଇଯାଇଛି ସେଠି ସେ ନଳା ପାଖରେ ଦେଖ ତ !"

କିନ୍ତୁ ମୋ ମୁହଁରୁ କଥା ବାହାରିବା ପୂର୍ବରୁ ସେଇ ଅପୂର୍ବ ଦୁର୍ଲଭ ନୀରବତାକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟିତ କରିଦେଲା ଗୋଟାଏ ବୁଲା ବେପାରୀର ଭାଷା—

"ଏଇ ଦେଖନ୍ତୁ ଆସିଗଲା ବମ୍ବେର ସୁଖ୍ୟାତ କଳାକାର ଅପାଲସ୍ୱାମୀ ନାଇଡୁଙ୍କ ଯୁଗପତ୍ ସୃଷ୍ଟିର ଚରମ କୃତିତ୍ୱର ଏଇ ଚମତ୍କାର ନମୁନା ! ଧାତୁ-ବିଦ୍ୟା ଉପରେ ଅନ୍ୟୂନ ଦଶବର୍ଷର ପ୍ରଗାଢ଼ ଗବେଷଣାର ଯୁଗାନ୍ତକାରୀ ସୁଫଳର ଜ୍ୱଳନ୍ତ ପ୍ରମାଣ – ଏଇ ନେକ୍‌ଲେସ୍‌···ମାନନୀୟ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା ଗଣ···!"

କି ଅଦ୍ଭୁତ ସ୍ୱର ସତେ ଲୋକଟାର ! ବସ୍ ଗୋଟାକଯାକର ଲୋକ ମେସ୍-ମରାଇଜ୍‌ଡ୍ ହୋଇଗଲା ପରି ସେଇ ଲୋକଟା ଆଡ଼କୁ ଅନାଇ ରହିଲେ, ଆଉ ତା'ର ଅପୂର୍ବ ବଚଣିକୁ ତାରିଫ୍ କଲାପରି ସତୃଷ୍ଣ ନୟନରେ ଲୋକଟାର ଗୋଟାଏ ହାତ ଆଙ୍ଗୁଠିରୁ ଝୁଲିପଡ଼ିଥିବା ପାଖପାଖି ଝଲମଲ୍ ଝଲ୍‌ମଲ୍ କରୁଥିବା କୌଣସି ଧାତୁର ସୂକ୍ଷ୍ମ ତାରରୁ ତିଆରି ହାରଗୁଡ଼ିକୁ ପିଇଲେ ଭଳି ଗିଳିଁରହି ତାର ଯାଦୁ-କରୀ ଭାଷାକୁ ଉପଭୋଗ କରିଲାଗିଲେ ।

"ଭଦ୍ର ମହୋଦୟଗଣ ! ଆମର ମାତୃଭୂମି ଭାରତବର୍ଷର ଯୋଗ୍ୟତମ ସନ୍ତାନ ମହାନ୍ କଳାକାର ଅପାଲସ୍ୱାମୀ ନାଇଡୁଙ୍କ ନାମ ଆପଣମାନେ ଅବଶ୍ୟ ଶ୍ରବଣ କରିଥିବେ । ଖୁବ୍ ଅଳ୍ପଦିନ ତଳେ ଏଇ ସୁବିଖ୍ୟାତ କଳାକାର ନାଇଡୁ

Digitized by srujanika@gmail.com

ମହାଶୟଙ୍କୁ ମସ୍କୋଠାରେ ଭାରତ ଉତ୍ସବର ସମ୍ମାନିତ କଳାକାରବର୍ଗଙ୍କ ମଧ୍ୟରେ ଶ୍ରେଷ୍ଠତମ ଶିଳ୍ପୀର ଉପାଧିରେ ଭୂଷିତ କରାଯାଇଥିବା ସମ୍ବାଦ ଅବଶ୍ୟ ଆପଣମାନେ ଖବରକାଗଜରୁ ପାଠକରିଥିବେ । ବର୍ତ୍ତମାନ ମୋର ଏଇ ତର୍ଜମାଟିକୁ ନିରୀକ୍ଷଣ କରନ୍ତୁ । ଏଥିରୁ ଝୁଲିପଡ଼ିଥିବା ଏଇ ଅପୂର୍ବ ଧାତୁନିର୍ମିତ ହାରଗୁଡ଼ିକର ଐକାନ୍ତିକ ସୌନ୍ଦର୍ଯ୍ୟ ଅବଲୋକନ କରନ୍ତୁ । ଏଇ ଧାତୁଟିର ସ୍ୱରୂପ ନିରୂପଣ କରିବାପାଇଁ ଥରେ ଚେଷ୍ଟାକରି ଦେଖନ୍ତୁ । ଏହାକୁ ଆପଣ ସାଧାରଣ କୌଣସି ଧାତୁ; ଯଥା ରୁପା, ଆଲୁମିନିୟମ୍ ଅଥବା ଜର୍ମାନ୍ ସିଲ୍‌ଭର୍ ଜ୍ଞାନ କରି ନିଜର ଅଜ୍ଞତା ପ୍ରକାଶ କରିବା ପୂର୍ବରୁ ଥରେ ସ୍ୱହସ୍ତକୁ ନେଇ ଏହାର ଯଥାର୍ଥ ସ୍ୱରୂପ ଓ ସ୍ୱଗୁଣ ନିରୂପଣ କରନ୍ତୁ । ଆପଣ ନିଶ୍ଚିତ ଭାବେ ବିସ୍ମିତ ହେବେ ଯେ ଏହା ଆପଣଙ୍କର ଜ୍ଞାନ ଅନ୍ତର୍ଗତ କୌଣସି ସାଧାରଣ ଧାତୁ ନୁହେଁ ନିଶ୍ଚୟ । ଏହାହିଁ ଆଜି ବିଶ୍ୱକୁ ଶ୍ରୀଯୁକ୍ତ ନାଇଡ଼ୁଙ୍କ ଅବଦାନ—ଯେଉଁଥିପାଇଁ ସେହି ମହାନ୍ ଧାତୁ ବିଜ୍ଞାନୀ ତଥା ବିଖ୍ୟାତ କଳାକାରଙ୍କୁ ମସ୍କୋଠାରେ ଭାରତ-ସୋଭିଏତ୍ ମୈତ୍ରୀ ସଂଘ ପକ୍ଷରୁ ପ୍ରଦତ୍ତ ହୋଇଅଛି ସେହି ମହାନ୍ ସମ୍ମାନ···”

ଲୋକଟା କହିଚାଲିଥାଏ—ଅବିଶ୍ରାନ୍ତ ! ଶବ୍ଦସମ୍ଭାରର ଜଣେ ସମର୍ଥ ମାଲିକ ନିଶ୍ଚୟ ସେ । ତା ଛଡ଼ା ପ୍ରାଚୀନ ଓଡ଼ିଆ ଭାଷାସାହିତ୍ୟ ଉପରେ ତାର ଅସମ୍ଭବ ଦକ୍ଷତା ଯୋଗୁଁ ସେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ହୋଇଥିବା ସୁନିଶ୍ଚିତ—ଏଥିରେ ମଧ୍ୟ ସନ୍ଦେହର ଅବକାଶ ନଥାଏ । ତା'ର ଶ୍ରୋତୃବର୍ଗଙ୍କ ଉପରେ ଭାଷା ଓ କଣ୍ଠ ସ୍ୱରର ଯାଦୁକରୀ ପ୍ରଭାବ ଅତି ଅଳ୍ପ ସମୟ ଭିତରେ ବିସ୍ତାର କରି ନେଇସାରି ବକ୍ତା ଜଣକ ଏଥର ବସ୍‌ର ପ୍ରତ୍ୟେକ ଯାତ୍ରୀଙ୍କ ପାଖକୁ ନାଟକୀୟ ଭଙ୍ଗୀରେ ଆଗେଇଆସି ଜଣ ଜଣ କରି ପ୍ରତ୍ୟେକଟି ଯାତ୍ରୀର ହାତକୁ ସେଇ ଉଜ୍ଜ୍ୱଳ ଧାତୁ ନିର୍ମିତ ବହୁମୂଲ୍ୟ (?) ହାରଗୁଡ଼ିକୁ ଅକାତରରେ ବଢ଼େଇଦେଇ ସ୍ମିତହାସ୍ୟ ପୂର୍ବକ ଆହ୍ୱାନ କରୁଥାଏ—

“ଖାଲି ହାତରେ ନୁହେଁ—ଗଳାରେ ପିନ୍ଧି ପରୀକ୍ଷା ମଧ୍ୟ କରନ୍ତୁ । ପ୍ରଭେଦ ସ୍ପଷ୍ଟତଃ ହୃଦୟଙ୍ଗମ କରିପାରିବେ ଭଦ୍ର ମହୋଦୟ ମହୋଦୟାଗଣ ! ଆପଣ ଯେ ଏଇ ଆଭୂଷଣଟି ଯୋଗୁଁ ଅସାମାନ୍ୟ ସୌନ୍ଦର୍ଯ୍ୟର ଅଧିକାରୀ ହୋଇପାରିଛନ୍ତି, ଏହାର ପ୍ରମାଣ ଆପଣ ଅତି ଶୀଘ୍ର ପ୍ରାପ୍ତ ହୋଇପାରିବେ ! ଦୟାପୂର୍ବକ ଏଇ ଦର୍ପଣଟିରେ ନିଜର ମୁଖାବଲୋକନ କରନ୍ତୁ !”

ଲୋକଟା ଏଥର ଜଣ ଜଣ କରି ବସ୍ ପ୍ୟାସେଞ୍ଜରଙ୍କ ପାଖକୁ ଆସି ପ୍ରତ୍ୟେକ

Digitized by srujanika@gmail.com

ପ୍ୟାସେଞ୍ଜର ହାତରେ ଗୋଟିଏ ହାର ଧରେଇ ଦଉ ଦଉ ଷ୍ଟେଟ ହାତ ଦର୍ପଣଟିଏ ମଧ୍ୟ ତାଙ୍କ ମୁହଁ ସାମ୍ନାରେ ଧରିରଖୁଥାଏ କେତେ ସେକେଣ୍ଡ ପାଇଁ । ତା ପରେ ସେ ଆଗେଇଯାଉଥାଏ ଅନ୍ୟ କୌଣସି ପ୍ୟାସେଞ୍ଜର ଆଡ଼କୁ । ଯାତ୍ରୀମାନେ ମଧ୍ୟ ଅତ୍ୟଧିକ ଆଗ୍ରହ ପ୍ରକାଶପୂର୍ବକ ଲୋକଟାକୁ ପ୍ରଶ୍ରୟ ଦେଉଥାନ୍ତି । ସେଇ ସୁଯୋଗରେ ବୁଲା ବେପାରୀଟି ନାରୀ ଯାତ୍ରୀମାନଙ୍କ ସିଟ୍ ପାଖକୁ ଆସି ସେମାନଙ୍କୁ ତା'ର ସେଇ ଅପୂର୍ବ ଦର୍ପଣଟି ପ୍ରଦର୍ଶନ କରାଇ, ନାନା ମନଭୁଲା ସାହିତ୍ୟିକ ଭାଷାର ଗୁଡ଼ୁ ବାକ୍ୟ ପ୍ରୟୋଗ ପୂର୍ବକ, ନିଜର ବ୍ୟବସାୟ ଗୁଲୁ କରିଦେବା ପାଇଁ ଆୟୋଜନରତ ହୋଇପଡ଼ୁଥାଏ ।

ବସ୍ ଭିତରେ ଏଇ ନିତିଦିନିଆ ଜୀବନ ସହିତ ତାଳ ଦେଇ ବସ୍ ବାହାରେ ମୂତ ନଳାରୁ ବାହାରୁଥିବା ନାକଫଟା ଦୁର୍ଗନ୍ଧ ପବନ ସହିତ ଜୀବନର ଅନ୍ୟ ଏକ ନିତି-ଦିନିଆ ଦୃଶ୍ୟ ମଧ୍ୟ ସମତାଳରେ ମୋ ଆଖି ଆଗରେ ନାଚିଗୁଲଥାଏ । ଅବୋଧ ଶିଶୁଟି ତଥାପି 'ଝୁଲରେ ହାଣ୍ଡି ଝୁଲ୍' କରୁଥାଏ ନିଜକୁ ନିଜେ । ଏଯାବତ୍ କେହି ଜଣେ ହେଲେ ଦାବୀଦାର୍ ଶିଶୁଟିର ପାଖ ମାଡ଼ିବାର ଦେଖାଯାଉନଥାଏ । ସମୟ ସେତିକ ସେତିକ ଗଡ଼ିଗୁଲଥାଏ, ମୋ ମନରେ ସନ୍ଦେହ ଓ ଆଶଙ୍କା ସେତିକ ସେତିକ ମାଡ଼ ମାଡ଼ ପଡ଼ୁଥାଏ । ମନକୁମନ ମୁଁ କେତେ ଥର ପଚାରିସାରିଲଣି ସେତେବେଳକୁ—

"ଏ କଅଣ ସତକୁ ସତ ଏକ ଅରକ୍ଷିତ ! ସ୍ତ୍ରୀର ମା' ଏଇଠି କୋଉଠି ବସି ସ୍ତ୍ରୀକୁ ଗୁହଁ ନାହିଁ ସତରେ ନା କଅଣ ? ଏଡ଼େ ସୁନ୍ଦର ପିଲାଟା ! ଏଭଳି ପିଲାକୁ କଅଣ ଏମିତି ଛାଡ଼ି ଦେଇ ଗୁଲଯାଇପାରେ କୋଉ ମା ? ଆଶ୍ଚର୍ଯ୍ୟ ! ଏଭଳି ଗୋଟିଏ ସୁନ୍ଦର ସ୍ୱାସ୍ଥ୍ୟବାନ୍ ପିଲାକୁ ବସ୍‌ଷ୍ଟାଣ୍ଡ୍‌ର ନଳା ପାଖରେ ବସେଇଦେଇ ଗୁଲଯିବାକୁ କୋଉ ମା'ର ମନ ହେଲା ? ଶଳା ଏ ଦେଶରେ ମା'ମାନେ କଅଣ ସତକୁସତ ମରିଗଲେଣି ? ବସ୍‌ଷ୍ଟାଣ୍ଡକୁ ଶହ ଶହ ବସ୍ ଆସୁଛ ଯାଉଛ । ହଜାର ହଜାର ଯାତ୍ରୀଲୋକ ତ ବସିଥିବେ ଗାଡ଼ିରେ । ଅନାଉଥିବେ ଝରକା ବାଟେ ଏଣିକି ତେଣିକି ? କଅଣ କାହାର ଆଖିରେ ପଡ଼ୁ ନାହିଁ ଏ ଦୃଶ୍ୟ ? ଏ ଭୟଙ୍କର ଦୃଶ୍ୟ ? ପିଲାଟା ନଳା ପାଖରେ ଖେଳୁଛ ! ସେ କି ଜାଗା ! କି କି ରୋଗର ଜୀବାଣୁ ନଥିବେ ସେଇ ମାଟିରେ ସେଠି ? ପିଲାଟା ସେ ସେଠି ଗୁରୁଣ୍ଡୁଛ, ବସୁଛ, ପେଟୋଉଛ, ମାଟି ଖାଇ ଦେଉଛ—ଏ ସେ କି ଭୟଙ୍କର ଘଟଣା, କି ହାହାକାରମୟ ଦାରୁଣ ଏ ଦୃଶ୍ୟ, ଏକଥା କଅଣ

Digitized by srujanika@gmail.com

କେଜାଣି ଦେଖିପାରୁନାହିଁ, ଜାଣିପାରୁନାହିଁ ?"

ମୋ ଦେହ ଭିଡ଼ି ମୋଡ଼ି ହୋଇଗଲା । ମୁଁ ଆଉ ସ୍ଥିର ହୋଇ ବସି ପାରିଲି ନାହିଁ । ହୁଏତ ଖୁବ୍ ବଡ଼ ପାଟିରେ ଚିତ୍କାରଟାଏ କରିପକାଇବି କିମ୍ବା ଭୁସ୍କିନା ଉଠିପଡ଼ି ପିଲଟାକୁ ସେଠୁ ଟେକିଆଣି ଝାଡ଼ିଝୁଡ଼ି ସଫା କରିଦେଇ ଡାକିମାରିବି, "ଆରେ ହେ ଶଳା ! ଏ ଛୁଆ କାହାର ? ଯାଙ୍କୁ ଏମିତି ହାରଖାର କରୁଚ କାହିଁକି ବେ ଶାଳୀମାନେ !"

କିନ୍ତୁ ସେକଥା ହବାର ନ ଥିଲା । ମୁଁ ଯେ ଜଣେ ସାମାଜିକ ପ୍ରାଣୀ, ଉଚ୍ଚ ଶ୍ରେଣୀର ପ୍ରାଣୀଟିଏ, ପୁଣି ଯାହାର ଏପରି ପରିସ୍ଥିତିରେ ଆଦୌ କୌଣସି କିଛି କରିପାରିବାର ଶକ୍ତି ସାମର୍ଥ୍ୟ ନ ଥିଲା—ମୁଁ ବେଶ୍ ଭଲ କରି ସେ କଥା ହୃଦୟଙ୍ଗମ କରିପାରୁଥିଲି । ବସ୍ ଭିତରେ ପାଟିକରିବା ବା ବସ୍ ଭିତରୁ ଧଡ଼୍‌କିନା ଉଠିପଡ଼ି ଲୋକଦେଖାଣିଆ ଭାବେ କିଛି ନା କିଛି ହେଲେ ଗୋଟିଏ ଦୃଶ୍ୟ ସୃଷ୍ଟି କରିଦେବା ଯେ ମୋର ସାମାଜିକ ସମ୍ମାନ, ମୋର ରୁଚିକର, ମୋର 'ମୋ' ପଣିଆର ଘୋର ବିରୋଧୀ ଏକ ଅନୁଚିତ କାମ ତା ମୁଁ ଖୁବ୍ ବୁଝିପାରୁଥିଲି । କିନ୍ତୁ କଥାଟା ଠିକ୍ ସେଇଆ ନୁହେଁ । ମୋର ଅକର୍ତ୍ତବ୍ୟବୋଧର ପ୍ରଧାନ କାରଣ ବିଷୟରେ ମୁଁ ମଧ୍ୟ କ୍ରମଶଃ ସଚେତନ ହୋଇଉଠିଥିଲି । ବସ୍ ଭିତରେ ବସିଥିବା ଯାତ୍ରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ମତେ ଯେ ବର୍ତ୍ତମାନ ଏଇ ବୁଲାବେପାରୀଟି ସହିତ ଏକ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପଡ଼ିବ, ତାହା ମୁଁ ଅନୁମାନ କରିନେଇପାରିଥିଲି ଓ ସେଥିପାଇଁ ପଛେଇ ଯାଉଥିଲି । ଲୋକଟାର ଅଦ୍ଭୁତ ଶକ୍ତିଶାଳୀ କଣ୍ଠସ୍ୱର, ତା'ର ଭାଷାର ସୃଷ୍ଟିକାରୀ କ୍ଷମତା, ସାହିତ୍ୟିକ ଶବ୍ଦ ସମ୍ବଳିତ ବାକ୍ୟ ସମ୍ବେଦନଶୀଳତା ଓ କୃତ୍ରିମ ନାଟକୀୟତାର ଲୌକିକ ପ୍ରଭାବକୁ ଅତିକ୍ରମ କରି ମୁଁ କିପରି ଅବା ଏ ମୂଢ଼ ଦର୍ଶକର ଦୃଷ୍ଟିକୁ ଗୋଟାଏ ଚକଚକିଆ ଧାତୁ ନିର୍ମିତ ହାର ଭଳି ଅଳଙ୍କାର ଆଡ଼ୁ ଘୁରାଇନେଇ ଲୀନ କରିଦେଇ ପାରିବ ସେଇ ମୂତଖାନା ନଳା ପାଖର ଇଲାକାଟା ଉପରେ ଯେଉଁଠି ଖେଳୁଚି ଗୋଟିଏ ଶିଶୁ—ଛୁଆ ମଣିଷ ପିଲାଟାଏ ମାତ୍ର ? ମୋର କ'ଣ ସେଭଳି ଶକ୍ତି ଅଛି ? ବେକରେ ଗୋଟିଏ ଗୋଟିଏ ଢ'ଟଙ୍କିଆ ହାର ପକେଇ ବୁଲାବେପାରୀର ଦର୍ପଣରେ ନିଜର ମୁହଁ ଦେଖି ବିଭୋର ହୋଇ ଉଠୁଥିବା ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଏଇ ସ୍ଥୂଳ, ବସ୍ତୁବାଦୀ ମଣିଷଗୁଡ଼ାକୁ କୋଉ ଭାଷାରେ ସମ୍ବୋଧନ କଲେ ସେମାନେ ଏ ବୁଲାବେପାରୀଠୁଁ ମୁହଁ ବୁଲେଇଆଣି ମୋ ଆଖିରେ ଆଖି ମିଳେଇ ଅନେଇବେ ସେଇ ମୂତଖାନା

Digitized by srujanika@gmail.com

ଦିଗକୁ ? କି ଭାଷା, କି ସାହିତ୍ୟ ସେ — ମୁଁ ବୁଝିପାରୁନଥିଲି ଆଦୌ ।

ଏଇ ଭିତରେ ବୁଲାବେପାରୀଟି ତା'ର ସୁନିର୍ଦ୍ଦିଷ୍ଟ ବ୍ୟାବସାୟିକ ପନ୍ଥା ଅବଲମ୍ବନ ପୂର୍ବକ ଗରାଖମାନଙ୍କଠାରୁ ପଇସା ଆଦାୟ କରିବା ଅଭିଯାନଟି ଆରମ୍ଭ କରିଦେଇଥିଲା । ତାର ସେଇ ଈଶ୍ୱରଦତ୍ତ ସ୍ୱର ଗାମ୍ଭୀର୍ଯ୍ୟ ଓ ସୁନିର୍ବାଚିତ ସାହିତ୍ୟିକ ଶବ୍ଦାବଳୀଯୁକ୍ତ ଭାଷାରେ ଶ୍ରୋତୃବର୍ଗଙ୍କ ମନୋହରଣ କରିପାରି ସେ ଅବଶେଷରେ ବିଶ୍ୱବିଖ୍ୟାତ ଶିଳ୍ପୀ ଓ ଧାତୁବିଦ୍ୟା ବିଶାରଦ, ଭାରତ-ସୋଭିଏତ୍ ମୈତ୍ରୀ ସଂଘ ଦ୍ୱାରା ମସ୍କୋଠାରେ ପୁରସ୍କୃତ ମହାମାନବ ଜନୈକ ଅପାଲସ୍ୱାମୀ ନାଇଡୁଙ୍କ ପରିକଳ୍ପିତ ଅଳଙ୍କାରଟିକୁ ମାତ୍ର ଦୁଇଟି ଟଙ୍କାରେ ହସ୍ତାନ୍ତର କରିଦେବାର ପ୍ରସ୍ତାବଟିକୁ ଆଗତ କରିପାରିଥାଏ । ତାହାର ସହିତ ସେ ବାରମ୍ବାର ଘୋଷଣା କରିଚାଲିଥାଏ ମଧ୍ୟ — "ନା, ମୁହୂର୍ତ୍ତିକ ପାଇଁ ଭାବନ୍ତୁ ନାହିଁ ଯେ ଏଭଳି ଏକ ଅମୂଲ୍ୟ କଳା ସାମଗ୍ରୀର ମୂଲ୍ୟ ମାତ୍ର ଦୁଇ ଟଙ୍କା ! ମାନନୀୟ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଗଣ ! ଏ ଜଗତରେ କଳାର ମୂଲ୍ୟ, ପ୍ରକୃତ ମୂଲ୍ୟ କ'ଣ କଦାପି ସ୍ଥିରୀକୃତ ବା ନିର୍ଦ୍ଧାରିତ ହୋଇପାରିଛି—କେବେ ନା କେବେ ? ଆପଣ ହୁଏତ କାଲି ସକାଳୁ ଶୁଣିବେ ଏଇ ଅଳଙ୍କାରଟି ଠିକ୍ ଏଇଠି, ଏଇ ବସ୍ ଷ୍ଟାଣ୍ଡରେ ବିକ୍ରି ହେଉଛି ପାଞ୍ଚ ଟଙ୍କାରେ, ପୁଣି ପଅରଦିନ ଶୁଣିବେ—ଯାହାର ମୂଲ୍ୟ ବର୍ଦ୍ଧିତ ହୋଇଛି ଦଶ ବା ପନ୍ଦର ଟଙ୍କାକୁ । ଏହାହିଁ କଳାକୃତିର ଦୁର୍ଭାଗ୍ୟ ବା ସୌଭାଗ୍ୟ । ଅପରିଚିତ କଳାକାରମାନେ ଏହି କାରଣରୁ ପ୍ରଥମେ ଅତି ଶସ୍ତାରେ ନିଜର ଦପଣିଟିକୁ ମେଲିଦେବାକୁ ବାଧ୍ୟ ହୁଅନ୍ତି ଅଜଣା କଳା-ପ୍ରେମୀ ଗ୍ରାହକମାନଙ୍କ ସମ୍ମୁଖରେ । କିନ୍ତୁ ପରେ ? ଯେତେବେଳେ ସେଇ ଅପରିଚିତ ଅଜ୍ଞାତ କଳାକାର ସୁପରିଚିତ, ସୁବିଖ୍ୟାତ ହୋଇ କଳାପ୍ରେମୀଙ୍କ ଦୃଷ୍ଟି ପଥାରୂଢ଼ ହୁଅନ୍ତି, ସାମାନ୍ୟ ଚିତ୍ରପଟଟିଏ ଆଜ ଏକ ଡଲାର୍‌ରେ ବିଦେଶରେ ବିକ୍ରୀ ହେବାକୁ ଯୋଗ୍ୟ ନ ହେଉଥିବା ସ୍ଥଳେ ସେଇ ଚିତ୍ରପଟଟିକୁ କାଲି ଏକ ମିଲିୟନ୍ ଡଲାର୍ ଦେଇ କିଣି ନେବାକୁ ଆଗ୍ରହୀ ଗ୍ରାହକ ବାହାରି ପଡନ୍ତି—ଏ ସମ୍ବାଦ ତ ଆପଣମାନେ ନିଶ୍ଚୟ ଶୁଣିଥିବେ । ବିଶ୍ୱବିଖ୍ୟାତ ଶିଳ୍ପୀ 'ଭାନ୍‌ଗଗ୍'ଙ୍କ ନାମ ହୁଏତ ଶୁଣିଥାଇପାରନ୍ତି ଆପଣ···"

ଏଇ ମୁହୂର୍ତ୍ତରେ ବୁଲାବେପାରୀ ମୁହଁରୁ 'ଭାନ୍‌ଗଗ୍'ଙ୍କ ନାଁଟା ବାହାରି ପଡ଼ିବା ମାତ୍ରେ ମୋ ଦେହ ଭିତରେ ଏକ ବିଦ୍ୟୁତ୍ ସ୍ଫୁରଣ ଘଟିଲା । ଆଶ୍ଚର୍ଯ୍ୟ ! ଏ ଲୋକଟା 'ଭାନ୍‌ଗଗ୍' ନାଁ ସହିତ ମଧ୍ୟ ପରିଚିତ ? ଏ କ'ଣ ତେବେ ସେହି

Digitized by srujanika@gmail.com

ବହିଟା ପଢ଼ିଛ—'ଦ ଲଷ୍ଟ୍ ଫର୍ ଲାଇଫ୍' ? ଆର୍ଭିଂ ଷ୍ଟୋନ୍‌ଙ୍କର ବହୁ ବିଖ୍ୟାତ ପୁସ୍ତକ ?

ଏଥର ଝରକା ଆଡ଼ୁ, କମ୍ପାର୍ଟମେଣ୍ଟର ଶୌଚାଳୟ ପାଖରେ ମାଟିରେ ଶୋଇଥିବା ଶିଶୁଟି ଆଡ଼ୁ ଆଖି ଫେରାଇ ଆଣି ଲୋକଟାକୁ ନିରୀକ୍ଷଣ କରିବାକୁ ପଡ଼ିଲା ମତେ । କେହି ଜଣେ ଉଚ୍ଚ ଶିକ୍ଷିତ ବେକାର ଯୁବକ ନିଶ୍ଚୟ ଯେ ଦାୟରେ ପଡି ଏଭଳି ଏକ ତୁଚ୍ଛ ଧନ୍ଦା ଧରିନେବାକୁ ବାଧ୍ୟ ହୋଇଛି ନା କଅଣ ? ଲୋକଟି ଆଡ଼କୁ ସହାନୁଭୂତିଶୀଳ ହୋଇ ଅନାଇବା ମାତ୍ରେ ତାର ଶରୀରର ବୈକଲ୍ୟ ପ୍ରତି ମୋର ଦୃଷ୍ଟି ଆକୃଷ୍ଟ ହୋଇପଡ଼ିଲା । ତେଙ୍ଗା ସରୁସରୁ ଏତେ ବଡ଼ ଟୋକାଟିଏ । କିନ୍ତୁ ଏ କ'ଣ—ତାର ଅଣ୍ଟାଟା ଏମିତି କଣ ଦିଶୁଛି ? ପେଟ ବୋଲି ଗୋଟାଏ ଜିନିଷ ତା ଶରୀରର କେଉଁ ସ୍ଥାନରେ ? ଆରେ ! ଅଦ୍ଭୁତ ! ଏଭଳି ଏକ ଶରୀରରୁ ଏଭଳି ଗମ୍ଭୀର ସ୍ୱର, ଏଭଳି ଶିକ୍ଷିତଜନସୁଲଭ ଭାଷାର ଉତ୍ପତ୍ତି ହେଉଛି କିପରି ? ଲୋକଟା ପ୍ରତି ମୋର ସାମୟିକ ହେୟଜ୍ଞାନ, ତାର ତୁଚ୍ଛ ମନୋହରଣକାରୀ ଭାଷା ପ୍ରତି ମୋ ବିଦ୍ୱେଷ କ୍ଷଣକ ପାଇଁ ପ୍ରଶମିତ ହୋଇଆସିଲା । ଅହେତୁକ ସହାନୁଭୂତିବଶତଃ ମୋ ପାଟିରୁ ବାହାରି ପଡ଼ିଲା—"ହୋ ବାବୁ, ଟିକିଏ ଏଆଡ଼େ ଆସିଲ !…"

ଲୋକଟି ବୋଧହୁଏ ଭାବିଲା ମୁଁ ତାର ସେଇ ଅପୂର୍ବ ବିପଣି ପ୍ରତି ଆକୃଷ୍ଟ ହୋଇପଡ଼ିଛି । ତେଣୁ ତରବର ହୋଇ ସେ ମୋ ଆଡ଼କୁ ଆଗେଇ ଆସିଲା । ମୋ ପାଖରେ ପହଞ୍ଚିଯାଇ ମୋ ହାତକୁ ଗୋଟାଏ ସେଇ ହ' ଟଙ୍କିଆ ହାରକୁ ବଢ଼ାଇ ଦେଇ କହିଲା—"ମୁଁ ଜାଣେ ଆସିଥାଆନ୍ତି ଯେ ଆପଣଙ୍କ ପାଖକୁ । ଏ ଭିଡ଼ ଦେଖୁଛନ୍ତି ତ ? ଆପଣ ତ ବସିଚନ୍ତି ଏ ସାଇଡ୍ ସିଟ୍‌ରେ ନା…"

"ନା, ନା—" ତା ହାତରୁ ହାରଟାକୁ ଗ୍ରହଣ କରିବା ପରିବର୍ତ୍ତେ ମୁଁ ତା ମୁହଁକୁ ଚାହିଁ ହସିଦେଇ କହିଲି, "ମୁଁ ଆପଣଙ୍କୁ ଆପଣଙ୍କ ମୂଲ୍ୟ ଦେବାକୁ ପ୍ରସ୍ତୁତ । କିନ୍ତୁ ତା ବଦଳରେ ମତେ ଆପଣ ଗୋଟିଏ କଥା ଦେବେ…ଦେବେ କି ?"

ଆଶ୍ଚର୍ଯ୍ୟ ହୋଇଗଲା ଟୋକାଟା । ଅଳ୍ପ ଟିକିଏ ହସିଦେଇ ସନ୍ଦେହରେ ଚାହିଁଦେଲା ସେ ମୋ ଆଡ଼କୁ । ବୁଝି ପାରିଲାନାହିଁ ନିଶ୍ଚେ ମୋ ଅଭିପ୍ରାୟ । ପାଖ ପ୍ୟାସେଞ୍ଜରମାନେ ମଧ୍ୟ ସନ୍ଦେହରେ ପଡ଼ିଲା ଭଳି ଚାହାଁଚାହିଁ ହେଲେଣି ପରସ୍ପର ମୁହଁକୁ ।

"ମୁଁ ଆପଣଙ୍କୁ ପଚଶୋଟି ଟଙ୍କା ଦେବ···"

ଲୋକଟାର ସନ୍ଦେହ ତ ଏଥର ଢେର୍ ବଢ଼ିଗଲା । କିନ୍ତୁ ତା ସତ୍ତ୍ୱେ ସେ ମୋ ଆଡ଼କୁ ଆଗ୍ରହାତ୍ମକ ଦୃଷ୍ଟିଟିଏ ନିକ୍ଷେପ କରିବା ଜାଣି ମୁଁ ତତ୍‌କ୍ଷଣାତ୍ ମୋ ପ୍ରସ୍ତାବ ଆଗତ କରିଦେଲି, "ମତେ ଆପଣଙ୍କର ସ୍ୱର ଏବଂ ଭାଷା—ଈଶ୍ୱର-ଦତ୍ତ କଣ୍ଠସ୍ୱର ଏବଂ କବି ଲେଖକ ସାହିତ୍ୟିକଙ୍କ ଏ ଯୋଗ୍ୟ ଅତୁଳନୀୟ ଭାଷା-ସମ୍ଭାର ଆପଣ ବ୍ୟବହାର କରିଆସିଛନ୍ତି, ତାର ଏକ ସାମାନ୍ୟାଂଶ ଭଡ଼ାରେ ଦେବାକୁ ଅନୁରୋଧ କରୁଛି—ଅନ୍ତତଃ ପାଞ୍ଚୋଟି ମିନିଟ୍ ପାଇଁ ଦେବେ କି ? ବିନିମୟରେ ମୁଁ ଆପଣଙ୍କୁ ଦେବି ପଚଶୋଟି ମାତ୍ର ମୁଦ୍ରା ।"

ଯୁବକଟି ମୋର ଅସଲ ଉଦ୍ଦେଶ୍ୟ ସେ ପର୍ଯ୍ୟନ୍ତ ଅନୁମାନ କରି ପାରି-ନଥିଲା । କେବଳ ସାମାନ୍ୟ ଆତ୍ମସଚେତନ ହୋଇଉଠି ସେ ଏକ ସନ୍ଦିଗ୍ଧ ସ୍ୱର ପ୍ରକାଶ କରି ପଚାରିଲା, "ମୋର ସ୍ୱର ? ମୋ ଭାଷା ? ଭଡ଼ାରେ ? ବୁଝି-ପାରୁନାହିଁ ଆଜ୍ଞା ?"

"ମୁଁ ବୁଝାଇ ଦେବି—କିନ୍ତୁ ଆପଣ ସମ୍ମତ କି ? ପାଞ୍ଚ ମିନିଟ୍ ପାଇଁ ଆପଣଙ୍କର ଏ ଅତୁଳନୀୟ ଐଶ୍ୱରୀୟ ଦାନକୁ ବାଣିଜ୍ୟ ବା କର୍ମମୟ ଜୀବନ ବା ଯଥାର୍ଥ କଳାର ଦିଗରୁ ଦୂରେଇ ଆଣି ପାରିବେ କି ?"

"ମୁଁ ବୁଝିପାରୁନାହିଁ ଆଜ୍ଞା"—ଲୋକଟି ଏଥର ବ୍ୟସ୍ତ ବିବ୍ରତ ହୋଇ-ଉଠିଲା । ତା'ର ସମସ୍ତ ବାଣିଜ୍ୟିକ ବିପଣିଟିକୁ ସେ ବସ୍ ଭିତରେ ବସିଥିବା ଅଜ୍ଞାତ ଯାତ୍ରୀଙ୍କ ହାତକୁ ବଢ଼ାଇଦେଇସାରିଛି । ସେଗୁଡ଼ିକର ମୂଲ୍ୟ ଏ ପର୍ଯ୍ୟନ୍ତ ସଂଗ୍ରହ କରିନାହିଁ ସେ । ବସ୍‌ଟା ଯେକୌଣସି ମୁହୂର୍ତ୍ତରେ ଛାଡ଼ି ଦେଇପାରେ । ଡ୍ରାଇଭର୍ ହର୍ଣ୍ଣ ଦେବା ଆରମ୍ଭ କରିଦେଇଛି ।

"ଦେଖ ବାବୁ, ମୁଁ ମଧ୍ୟ ତତ୍ପର ହୋଇଉଠିଲି ଲୋକଟାକୁ କରିଛଡ଼ା ନକରିବା ଉଦ୍ଦେଶ୍ୟରେ । ଟିକିଏ ମାତ୍ର ଆଉ ବିଳମ୍ବ ନକରି ମୁଁ ମୋ ଉଦ୍ଦେଶ୍ୟ ପ୍ରକାଶ କରିଦେଲି—କହିଲି ହେଇ ଦେଖ—ଅନାଅ ଟିକିଏ ଏ ଝରକା ବାଟେ —ହେଇ ଏଇଠିକି—ସେ ମୃତଖାନା ଆଡ଼କୁ । ଦେଖିଲ ? ଦେଖୁଚ ଟି ? ସେ ଜାଗାରେ, ସେଇ ମୃତ ସନ୍ତପନ୍ତ ମାଟି ଉପରେ ମଣିଷ ପିଲାଟାଏ ଖେଳୁଛି କେମିତି ଦେଖୁଚଟି ? ସେ ପିଲାଟି କାହାର ? କିଏ ତା ବାପ ମା ? କିଏ ତାର ହାକ-ଦାର ? ସେ କଅଣ ସେଇଠି ସେମିତି ଖେଳୁଥିବ, ଆଉ ଆମେ ଏ ଆପଲସ୍ୱାମୀ

Digitized by srujanika@gmail.com

ନାଇଲନ୍‌ଙ୍କ ନିର୍ମିତ ହାର ପିନ୍ଧୁଥିବା ? ଦର୍ପଣରେ ମୁହଁ ଦେଖୁଥିବା ? ଟିକଏ ଦୟାକରି ଏ ବସ୍‌ର ଯାତ୍ରୀମାନଙ୍କୁ ତମର ଏ ଅଦ୍ଭୁତ ଈଶ୍ୱରଦତ୍ତ ସ୍ୱରସମ୍ଭାର, ଭାଷାସମ୍ଭାର ପ୍ରୟୋଗ କରି ଶୁଣାଇଦିଅ ତ ବାବୁ—ସମସ୍ତେ ଏ ନାଇଲନ୍‌ହାର ଆଡୁ ଆଖି ବୁଲେଇ ଅନାନ୍ତୁ ଥରେ ସେ ପିଲାଟି ଆଡ଼କୁ !"

ମୋର କ୍ଷୁଦ୍ର ବା ଦୀର୍ଘ ବକ୍ତୃତାର ପ୍ରଭାବ ତା ଉପରେ କିଛିହେଲେ କିଛି ବୋଧହୁଏ ପଡ଼ିଲା । କିନ୍ତୁ ସେ ମୋର କଥାକୁହା ଢଙ୍ଗକୁ ନାପସନ୍ଦ କଲାପରି ମତେ ଲାଗିଲା । ହେୟ ହସଟିଏ ପ୍ରକାଶ ପାଇଲା ତା ଓଠ ଉପରେ । ତା' ପଶ୍ଚାତ ସେଇ ଅଦ୍ଭୁତ ଗମ୍ଭୀର ସ୍ୱରଟି ଶୁଣାଗଲା—

"ଆପଣ ତ ବେଶ୍ କଥା କହିଜାଣିଚନ୍ତି ସାର୍—ନିଜେ କହୁନାହାନ୍ତି ?"

"ମୋର ସ୍ୱର କାହିଁ ? ଭାଷା କାହିଁ ? କହିବା ଭଙ୍ଗୀ କାହିଁ ? ମୁଁ ତ କମର୍ସିଆଲ ଆର୍ଟିଷ୍ଟ୍ ନୁହଁ—ଆମ କଥା କିଏ କାହିଁକି ଶୁଣିବ ? ପୃଥିବୀର ସବୁ କାନଗୁଡ଼ିକୁ ତ ସେମାନେ ଖରିଦ କରି ନେଇ ସାରିଚନ୍ତି ନା !"

"ତା ଠିକ୍ । କିନ୍ତୁ ଆପଣ ମୁହଁ ଖୋଲୁନାହାନ୍ତି କାହିଁକି ? ଥରେ ଠିଆ-ହୋଇପଡ଼ି କୁହନ୍ତୁ—ମୁହଁ ଫିଟାଇ ପଚାରନ୍ତୁ—ସେ ପିଲାଟି କାହାର ? ଏଭଳି ଏକ ଅମୂଲ୍ୟ ଐଶ୍ୱରିକ ଅବଦାନକୁ ଏ ମାନବଜାତି ଦଳା ମୁହଁକୁ ଫିଙ୍ଗି ଦେଇଛି କାହିଁକି ? ପଚାରନ୍ତୁ ନା ଏ ପ୍ରଶ୍ନଟା ଥରେ ମୁହଁ ଖୋଲି ଏମାନଙ୍କୁ, ଏ ଯୋଉମାନେ ନିର୍ବେଦ ହୋଇ ବସିଚନ୍ତି ଏମିତି ଏଠି ଏ ଗାଡି ଭିତରେ ! ପଚାରନ୍ତୁ ···ହଁ ହଁ ପଚାରନ୍ତୁ !"

ଲୋକଟା ସତେ ଯେମିତି ଏକ ଚ୍ୟାଲେଞ୍ଜ୍ ନିକ୍ଷେପ କଲା ମୋ ମୁହଁ ଉପରକୁ । ମୋର ଧୈର୍ଯ୍ୟ ଭୁଷୁଡ଼ି ପଡ଼ିଲା । କ୍ରୋଧ ଜାତ ହେଲା । ଏପର୍ଯ୍ୟନ୍ତ ବହୁ ଆୟାସ ସହକାରେ ଅବଦମିତ ହୋଇ ରହିଥିବା ମୋର ବିରକ୍ତି ଓ କ୍ରୋଧ ହଠାତ୍ ମୋ କଣ୍ଠରୁ ଉଦ୍‌ଗତ ହୋଇଉଠିଲା ସୋଡ଼ା ବୋତଲରୁ ଠିପି ଖୋଲିଗଲା ପରି । ମୁଁ ଉଠିପଡ଼ିଲି । ଅଜାଣତରେ ମୋ ମୁହଁରୁ ବାହାରିଗଲା—

"ହେଇକ୍ । ଏଠି ହାର କିଣା କଉଣ ଚଳେଇଚ ସମସ୍ତେ—ପେଟକୁ ଅନାଅ ! ହେଇ ସେଠି ମୂତଖାନା ପାଖରେ କାହା ପିଲା ସେ ? କିଏ ଛାଡ଼ି ଦେଇ ଆସିଚ ସେ ପିଲାକୁ ଯେଠି ସେମିତି ? ଦେଖିପାରୁନ ? ଜାଣିପାରୁନ ସେ ଜାଗାରେ କି କି ଜୀବାଣୁ ଅଛନ୍ତି ? ଗୋଲଓ ହୋଇଯିବ ! ହଇଜା ହୋଇଯିବ !

Digitized by srujanika@gmail.com

ଚିତ୍ତାନସ୍ ହେଇଯିବ ! ଜାଣିପାରୁନ ! ବୁଝିପାରୁନ ! ଏଠି ହାର କଣା ଯାଉଛ ? ଆହା ! ଯୋଉ ସୁନ୍ଦର ମୁହଁଗୁଡ଼ାକ ତ – ପୁଣି ଦର୍ପଣ ଦେଖା ଯାଉଛ ? ଛୁ – ଛୁଇଃ !"

ହଠାତ୍ ବସ୍ ଭିତରେ କୋଳାହଳ ସ୍ତବ୍ଧ ହୋଇଗଲା ।

ସେଇ ସ୍ତବ୍ଧତା ଭିତରୁ ଶୁଣାଗଲା ପ୍ରଥମେ ଏକ କ୍ଷୀଣ ହସ – ହସ ତ ନୁହେଁ ଉପହାସ । ତା'ର ପରେ ପରେ ସେଇ ଅଦ୍ଭୁତ କଣ୍ଠ ସ୍ୱର ! ସେଇ ଗମ୍ଭୀର ଅନାବଚମାସ୍ୱ କଣ୍ଠସ୍ୱର –

"ମାନମାସ୍ୱ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଗଣ ! ସେଇ ଶିଶୁଟିକୁ ଦେଖନ୍ତୁ । ସେଇ ଅବହେଳିତ ସ୍ୱର୍ଗୀୟ ସୌନ୍ଦର୍ଯ୍ୟକୁ ଅବଲୋକନ କରନ୍ତୁ । ଭଦ୍ରବ୍ୟକ୍ତି ପଚାରୁଛନ୍ତି – ସେ ଶିଶୁଟି କାହାର ? କିଏ ତାର ପିତା ମାତା, କିଏ ତାର ରକ୍ଷକ ପାଳକ ? ଭଦ୍ର ମହାଶୟଗଣ, ଆପଣ କ'ଣ ସତେ ବିଶ୍ୱାସ କରିବେ, ପ୍ରତ୍ୟୟ ଯିବେ, ଯଦି ମୁଁ ସ୍ୱୀକାର କରେ ଯେ, ସେ ଶିଶୁଟି ପ୍ରକୃତରେ ମୋର ? ମୁଁ ତାର ପିତାମାତା, ପାଳକ ରକ୍ଷକ ସବୁ କିଛି । ଆଜକୁ ସାତ ଦିନ ତଳେ ପିଲାଟିର ମା ଇହଧାମ ତ୍ୟାଗ କରି ଯାଇଗଲାବେଳେ..."

ହଠାତ୍ ଯୁବକଟିର ସ୍ୱର ଭଙ୍ଗା ଭଙ୍ଗା ଶୁଣାଗଲା । କିନ୍ତୁ ସେଇ ଭଙ୍ଗା ସ୍ୱରଟା ତା'ର ଆହୁରି ଗମ୍ଭୀର, ଆହୁରି ଉଦାର, ଆହୁରି କରୁଣ, ଆହୁରି କେମିତି କେମିତି ଶୁଭିଗଲା କାନକୁ । ଶ୍ରୋତୃବର୍ଗ ବିଚଳିତ ହୋଇପଡ଼ିଲେ । ତତ୍‌କ୍ଷଣାତ୍ ଅଧିକାଂଶ ହାତରୁ ଦୁଇଟଙ୍କିଆ ନୋଟ ପାଞ୍ଚ ଟଙ୍କିଆ ନୋଟ୍‌ମାନ ଯୁବକଟି ଆଡ଼କୁ ଲମ୍ବି ଆସିଲା । କେଶ୍ବ କେଶ୍ବ ନାରୀ ସହଯାତ୍ରୀ ସହସା ଦୟାର୍ଦ୍ର ହୋଇ- ଉଠି ସକେଇବାକୁ ଆରମ୍ଭ କରିଦେଲେ ମଧ୍ୟ ।

ଲୋକଟି ବର୍ତ୍ତମାନ ଟଙ୍କା ସଂଗ୍ରହ ପାଇଁ ତତ୍ପର ହୋଇଉଠିଲା । ବୁଲି- ବୁଲିକା ହାତରୁ ହାତ ଲମ୍ବି ଆସିଥିବା ନୋଟ୍‌ଗୁଡ଼ିକୁ ସଂଗ୍ରହ କରିନେଇ ସେ ତରବର ହୋଇ ଗାଡ଼ିରୁ ଓହ୍ଲେଇପଡ଼ିଲା ।

ମୁଁ ବସିପଡ଼ିଲି । ଝରକା ବାଟ ଦେଇ ବସ୍‌ଷ୍ଟାଣ୍ଡ ମୂତଖାନା ଆଡ଼କୁ ବେକ ଝୁଙ୍କାଇ ଅନାଇ ରହି ଅପେକ୍ଷା କଲି—ବୋଧହୁଏ ଏହାର ପରେ ପିଲାଟିକୁ ସେଇ ନରକରୁ ଉଦ୍ଧାର କରିନେବା ପାଇଁ ତା'ର ଜନ୍ମଦାତା ସେଇ ଅଦ୍ଭୁତ ଯୁବକଟି ନିଶ୍ଚୟ ଆଗେଇ ଆସିବ । ସେଇ ମାର୍ମିକ ଦୃଶ୍ୟଟିକୁ ଅପେକ୍ଷା କରି ମୁଁ ବସି

Digitized by srujanika@gmail.com

ବାହାରକୁ ବେକ କାଢ଼ି କଇଁଚଟିଏ ପରି ଦୀର୍ଘ ସମୟ ଅନାଇ ରହିଲି । ମୁଁ ଏକା ନୁହେଁ—ଏଥର ବସ୍ ଭିତରର ପ୍ରାୟ ସବୁ ଯାତ୍ରୀଙ୍କ ଦୃଷ୍ଟି ମଧ୍ୟ ପ୍ରଲମ୍ବିତ ହୋଇ ରହିଥାଏ ସେଇ ଦୃଶ୍ୟଟି ଆଡ଼କୁ । କିନ୍ତୁ, କାହିଁ ? ଯୁବକଟି ଗଲା କୁଆଡ଼େ ? ବସ୍‌ରୁ ତରବର ହୋଇ ଓହ୍ଲେଇପଡ଼ି ଗଲା କୁଆଡ଼େ ସେ ?

ଶିଶୁଟି ପୂର୍ବପରି ସେଇ ପୂତିଗନ୍ଧମୟ ନରକ କୁଣ୍ଡ ଭିତରେ ତାର ଐଶ୍ୱରିକ କ୍ରୀଡ଼ାରେ ପ୍ରମତ୍ତ ରହିଥାଏ । ହାତ ଗୋଡ଼ ହଲାଇ ଖେଳୁଥାଏ । ଗୁରୁଣ୍ଡି ଗୁରୁଣ୍ଡି କିଛି ବାଟ ଆଗେଇଯାଇ ବସିପଡ଼ିବାକୁ ଚେଷ୍ଟା କରୁଥାଏ । ବସୁ ବସୁ ପୁଣି ଟଳିପଡ଼ୁଥାଏ । ଟଳିପଡ଼ି ପୁଣି ଉଠି ବସିବାକୁ ସତତ ଚେଷ୍ଟିତ ହେଉ ହେଉ ଏପଟ ସେପଟକୁ ଅନାଇ ଦେଉଥାଏ । କଅଣ ଦେଖିପାରୁଥାଏ କେଜାଣି—ତା ଓଠରୁ ଅନବଚ୍ଛିନ୍ନ ସ୍ୱର୍ଗୀୟ ହସଟିଏ ଝରିପଡ଼ି ପୁଣି ଶୁଖିଯାଉଥାଏ ମଧ୍ୟ । ଆହା —ଆହା !

ବସ୍ ଗୋଟାକଯାକ ବର୍ତ୍ତମାନ ପ୍ରତିଧ୍ୱନିତ ହେଉଥାଏ ସେଇ ଗୋଟିଏ ଶବ୍ଦ—ଆହା, ଆହା ! କିନ୍ତୁ ସେଇ ଆହା ଶବ୍ଦରୁ ବହୁ ପ୍ରତ୍ୟାଶିତ ଘଟଣାଟି ଆଉ ଘଟୁନଥାଏ । କୌଣସି ହାତ ସେଇ ଶିଶୁଟି ଉପରକୁ ଲମ୍ବିଯାଇ ତାକୁ କୋଳକୁ ଟେକି ନେବାର ସମ୍ଭାବ୍ୟ ଘଟଣାଟି ଆଉ ଘଟୁନଥାଏ ।

ବସ୍ ଛାଡ଼ିଲା । ପିଲାଟି ସେମିତି ଖେଳୁଥାଏ ।

ହଠାତ୍ ମୋ ପାଖରୁ ଜଣେ ଯାତ୍ରୀଙ୍କ ଫୁସ୍‌ଫାସ୍ କଥା କାନରେ ବାଜିଲା— "ଠକିଦେଲା—ଏ ପିଲା ତାର ନୁହେଁ—ମିଛ କହି ଟଙ୍କା ନେଇ ପଳେଇଗଲା—ଛି ଛି..."

"କିନ୍ତୁ ତା'ର କ'ଣ ଦୋଷ ?" ଅନ୍ୟ ଜଣେ ସହଯାତ୍ରୀ ସେଇଭଳି ନରମ ଗଳାରେ ପ୍ରତିବାଦ କଲେ, "ସେ ପୁଣି ବ୍ୟବସାୟ କରିବ ତ ! ପିଲାଟିକୁ କୋଉଠି ଛାଡ଼ିଲେ ତ ସେ ତା ଧନ୍ଦା କରିବ ? କୋଉଠି ଛାଡ଼ିବ ? ତାର ତ ସ୍ତ୍ରୀ ମରିଯାଇଚି ଶୁଣିଲେ—ପିଲାଟିକୁ ରଖନ୍ତା କୋଉଠି ସେ ସେ ?"

"ରଖିବାକୁ କ'ଣ ଏଇ ଜାଗା ? ଏ ନଳାମୁହଁ ? ଏଇ ନର୍କ ?" ଅନ୍ୟ ଜଣେ ସହଯାତ୍ରୀ ପ୍ରତିବାଦ ଜଣେଇଲେ ।

ତାର ଉତ୍ତର ମିଳିଲା— "ନରକ କହିଁ ଆଜିର ମଣିଷର ନିବାସ । ଏ ପୃଥିବୀଟା ତ ଗୋଟାଏ ବିଶାଳ ନରକ ଯୋଉଠି ପଡ଼ିଯାଇଚୁ ଆମେ ସମସ୍ତେ । ଏଥିରୁ ରକ୍ଷା କାହିଁ କହନ୍ତୁ ତ !"

Digitized by srujanika@gmail.com

ପ୍ରେମର ପ୍ରମାଣ

"ଆହା, କି ସୁନ୍ଦର ଧାନକ୍ଷେତ, କି ବିଶାଳ ଆକାଶ—କେଡ଼େ ନେଳି ସତରେ ଏଠିକା ଆକାଶର ରଙ୍ଗ !" ଭଦ୍ରଲୋକ ଏଇଭଳି ଭାବୁଥା'ନ୍ତି ହୁଏତ । କିଏ ଜାଣେ ସେ କୋଉଠିକା ଭଦ୍ରଲୋକ ? କାହିଁକି ଏମିତି ବୁଲି ବୁଲି ଘୁଞ୍ଚୁଁଚନ୍ତି ଘରଆଡ଼କୁ ? ଅଦୂରରେ ତାଳଦଣ୍ଡା କେନାଲର ଗାଢ଼ ନେଳିପାଣିର ଧାର । ସେପଟେ କୂଳରେ ମାଇପେ ଗାଧୋଉଚନ୍ତି । ପରିଷ୍କାର ନେଳିପାଣି ଭିତରୁ ଝଲଝଲ ଦିଶୁଚି ଦୁଇ ତିନି ପୁଞ୍ଜା ଗୋରା ଗୋରା କଳା କଳା ଗୋଡ଼, ଜଙ୍ଘ, ପିଠି, ପେଟ, ନିତମ୍ବ । ଏ ଭଦ୍ରଲୋକ କଅଣ ସେଇଆଡ଼େ ଅନେଇଚନ୍ତି କି ଆଉ ଏମିତି ତନ୍ମୟ ଆଖିରେ ? ଏଁ ? ଆରେ ଆରେ ! ଏ ତ ଖାସା ଭଦ୍ରଲୋକ ! ବାଃ, ଆରେ ବାଃ ! ପିଇଯାଉଛି ନା କଅଣ ଏ ବୁଢ଼ାଟା ! ନାଇଁ ନାଇଁ ବୁଢ଼ା ହେବ କାହିଁକି — ବାଳ ତ ସେତେ ଧଳା ଦିଶୁନାଇଁ ଶଳା ମୁଣ୍ଡରେ ? ବୁଢ଼ା ହେବ କାହିଁକି ମ ! ଆରେ ଆରେ ସାଇଲା ସାଇଲା — ଆମ ଝିଅବୋହୂଙ୍କ ମାନମହତ ଭଣ୍ଡୁର କରିବୁଲାଚି ଶଳାଟା କେଡ଼େ ନିର୍ଲଜ୍ଜରେ ଦେଖ ତ ! ଏଁ ? ବସିଚି କେମିତି ଦେଖ ! ପୁଣି ଯୋଉ ଗଛମୂଳେ ବସିଚି ସେଇଟା ବି କଦମ୍ବ ! ବାହାରେ ରସିକ ! ପର ଗାଁକୁ ଆସି, ଝିଅବୋହୂଙ୍କ ଗାଧୁଆକୂଳରେ ବସି, ପୁଣି କଦମ୍ବ ଗଛ ମୂଳରେ ଏ କାମ ! ଭାରି ସାହସ ତ !

ଆଖିପିଛୁଳାକେ ଗୋଟାଏ ବୋଲୁଅ କାହୁଁ ଉଡ଼ିଆସିଲା ଆଉ ବାଲୁକିନା ପଡ଼ିଲା ବଳଭଦ୍ରବାବୁଙ୍କ ଗୋଡ଼ଠୁଁ ମୋଟେ ଇଞ୍ଚେ କି ଦି'ଇଞ୍ଚ ଛଡ଼ାରେ । ବଳଭଦ୍ର ଚମକିପଡ଼ିଲେ । ଆକାଶର ଗାଢ଼ନେଳି ରଙ୍ଗଟା ପଟାକିନା ଉଭେଇ-ଗଲା ତାଙ୍କ ଆଖିରୁ । ତାଙ୍କର ଲମ୍ବିଲା ଡାହାଣ ଗୋଡ଼ଟା ରିଫ୍ଲେକ୍ସ ଆକ୍ସନ-ବଶତଃ ଜାକିହୋଇ ଆସିଲା ଏତେ ଜୋର୍‌ରେ ଯେ ସେ ପ୍ରାୟ ଟଳିପଡ଼ିଥାନ୍ତେ ପଛକୁ ଆଉ ଗଡ଼ଗଡ଼ା ମାରି ପଡ଼ିଥାନ୍ତେ ନାଳବନ୍ଧ ଆରପଟକୁ । କିନ୍ତୁ ଭାଗ୍ୟକୁ କଦମ୍ବ ଗଛଟା ରକ୍ଷା କରିଦେଲା ତାଙ୍କୁ । କାରଣ ତା'ର ଗଣ୍ଡିକୁ ଅଧାଆଉଜି ବସି, ବଡ଼ସକାଳୁ ସେ ଦେଖିବୁଲୁଥିଲେ ସୂର୍ଯ୍ୟୋଦୟର ସେଇ ଚିରନ୍ତନ ଆଉ

Digitized by srujanika@gmail.com

ନିତ୍ୟନୂତନ ଅଦ୍ଭୁତକାଶ୍ର ପଟ୍ଟ-ପରିବର୍ତ୍ତନ—ଯାହାକୁ ଦେଖିବା ପାଇଁ ସେ ବହୁ-ବର୍ଷର ବ୍ୟବଧାନ ପରେ ଆସିଥିଲେ ତାଙ୍କର ଜନ୍ମଭୂମି, ନିଜର ବାଲ୍ୟଲୀଳା କ୍ଷେତ୍ର, ସେଇ ଗାଁକୁ, ଯାହାର ଅବସ୍ଥିତି ସେଇଠି ଯେଉଁ ତାଳଦଣ୍ଡା କେନାଲ ତଟ ସନ୍ନିକଟ ଅଞ୍ଚଳରେ ।

ବଳଭଦ୍ର ଚମକିପଡ଼ିଲେ ଆଉ ଥରେ । ସେତେବେଳକୁ ତିନି-ଚାରିଜଣ ଗ୍ରାମୀଣ ଯୁବକ ତାଙ୍କୁ ପ୍ରାୟ ଘେରିଯାଇ ସାରିଥାନ୍ତି । ତାଙ୍କ ପେଛକୁ ଆହୁରି ପାଞ୍ଚ-ଛ'ଜଣ ସେହି ବେଶ ପୋଷାକର ଟୋକା କୌଣସି କାରଣରୁ ନିକଟକୁ ନ ଆସି ଦୂରଛଡ଼ା ହୋଇ ଠିଆହୋଇ ରହିଥାନ୍ତି । ସେମାନଙ୍କ ହାବଭାବ ,ବଡ଼ ସନ୍ଦେହଜନକ ମନେହେଲାଣି ସେତେବେଳକୁ ବଳଭଦ୍ରଙ୍କୁ । କଅଣ ଉଦ୍ଦେଶ୍ୟ ? ସକାଳୁ କିଛି ଗୋଟିଏ ଝମେଲା ଘଟିଯିବାକୁ ଯାଉଚି ନା କଅଣ ? ଆତଙ୍କିତ ହୋଇଉଠିଲେ ବଳଭଦ୍ର । ଟିକିଏ ପୂର୍ବରୁ ଯୋଉ ସୁନ୍ଦର ଧାନକ୍ଷେତ, ବିଶାଳ ନୀଳ ଆକାଶକୁ ଅନାଇ ରୋମାଞ୍ଚିତ ହୋଇଉଠିଥିଲେ ସେ, ଏଇ ଭିତରେ କୁଆଡ଼େ ହଜିଗଲାଣି ସେସବୁ ସ୍ୱର୍ଗୀୟ ଭାବାବେଗ । ବର୍ତ୍ତମାନ ସେ ଏକ ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ—ଏହା ହୃଦୟଙ୍ଗମ କରିବା ମାତ୍ରେ ତାଙ୍କ ଭିତରେ ଆହୁରି ଏକ ଅପ୍ରତ୍ୟାଶିତ ଆବେଗର ଆବିର୍ଭାବ ଯେ ଏତେ ଶୀଘ୍ର ଘଟିଯିବ, ଏହା ଥିଲା ତାଙ୍କର ଆତଙ୍କର ମୌଳିକ କାରଣ ।

"ଏ ତେଲ କିଏ ଫୋପାଡ଼ିଲା ମୋ ଉପରକୁ ? ତମେ ?" ତଳକୁ ନଇଁପଡ଼ି ତେଲଟାକୁ ଉଠେଇନେଲେ ବଳଭଦ୍ର, ଆଉ ତାଙ୍କଠୁଁ ଚାରି-ପାଞ୍ଚଫୁଟ ଛଡ଼ାରେ ତାଙ୍କୁ ଘେରିଗଲା ଭଳି ଛଡ଼ା ଛଡ଼ା ଠିଆହୋଇ, ଗାଲେଇଡ଼େଇ ଗାଲେଇଡ଼େଇ ଚାହିଁ, ଛକିଲା ଭଳି ଦିଶୁଥିବା ଟୋକା ତିନିଟାଙ୍କୁ କଟମଟ ଆଖିରେ ଅନେଇ ଦେଇ ଆଉ ଥରେ ଆଗର ପ୍ରଶ୍ନଟିଏ ପଚାରିବା ସ୍ୱରରେ ପଚାରିଦେଲେ ସେ, "କିଏ ଫୋପାଡ଼ିଲା ? କୁହ !"

ଟୋକାମାନେ ବଢ଼େଇଲେ ଗୋଡ଼ଗୁଡ଼ିକୁ ପଛେଇ ନେଇ ଆହାଉଚଲେ ଟିକିଏ । ସେଇଠୁ ପରସ୍ପରକୁ ଚାହାଁଚୁହିଁ ହୋଇଗଲେ ମଧ୍ୟ ।

ବଳଭଦ୍ର ହୁଏତ ଅପେକ୍ଷା କରୁଥିଲେ ସେଇ ସୁଯୋଗକୁ । ହଠାତ୍ ସେ ଆରମ୍ଭ କରିଦେଲେ ନିଜଆଡ଼ୁ ଏକ ବିଚିତ୍ର ଓ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଖେଳ୍ । ଝୋଉପଡ଼ିଲେ ସେ ବାଘ ଭଳି ଜଣକ ଉପରକୁ; ଯେ ଥିଲା ସେମାନଙ୍କ ଭିତରେ ସବୁଠୁଁ ଡେଙ୍ଗା, ବଳୁଆ ଆଉ ଦିଶୁଥିଲା ସବୁଠୁଁ ବେଶି ମାରମୁହାଁ ତା'ର

Digitized by srujanika@gmail.com

ବେକର ବାଘଦାନ୍ତୀ ତାବିଜ ତଳକୁ ଖଣ୍ଡେ ହଳଦିଆ ରଙ୍ଗର ଗେଞ୍ଜି ଯୋଗୁଁ —ଯୋଉଟା ଉପରେ ନେଳି ଅକ୍ଷରରେ ଲେଖାହୋଇଥିଲା—LOVE ।

ବଳଭଦ୍ର ତାଙ୍କ ଜୀବନକାଳ ଭିତରେ କଦାପି ଏଭଳି ହୁଣ୍ଡାମସ୍ତିଆ କାମ କରିନଥିଲେ, ଯାହା କରିବା ପାଇଁ ଏକ ଭୟଙ୍କର ଶକ୍ତି କୁଆଡ଼ୁ ନାହିଁ କୁଆଡ଼ୁ କେମିତି କେଜାଣି ଭରପୂର ହୋଇ ଉଛୁଳିଉଠିଲା ତାଙ୍କ ମାଂସପେଶୀରେ । ଗୋଟାଏ ଲମ୍ଫରେ ସେ ଟୋକାଟାକୁ ମାଡ଼ିବସି କାବୁକରିନେଲେ । ତା'ର ପରେ ପରେ ଘଟିଗଲା ସେଇ ଅଭାବନୀୟ ଦୁର୍ଘଟନାଟି ଯୋଉଥିପାଇଁ ବଳଭଦ୍ର କଦାପି ପ୍ରସ୍ତୁତ କରିପାରିନଥିଲେ ନିଜକୁ ।

ଆଖି ପିଛୁଳାକ ଭିତରେ ସେ ସେଇ ହୁଣ୍ଡା, ଗାଉଁଲି, ବଜାରି ଟୋକାଟିକୁ ପୁରାପୁରି ସାବାଡ଼୍ କରିଦେବା ଲକ୍ଷ୍ୟରେ ତାକୁ ଜାକିଆଣିଲେ ନିଜ ଛାତି ଆଡ଼କୁ । ତା'ପରେ ହଠାତ୍ ଯୁବତୀ ମା'ଟିଏ ନିଜର ଦୁଧପିଆ ଛୁଆକୁ କୋଳକୁ ଟାଣିଆଣି ଲୋକଲୋଚନର ଅନ୍ତରାଳରେ ପିଲାଟି ମୁହଁକୁ ଅମୃତଭରା ସ୍ତନଟିକୁ ନିଜ ଛାତିରୁ ଅଜାଡ଼ି ଦେବା ଭଳି ସେ ସେଇ ଗାଉଁଲି ହୁଣ୍ଡା ଗୁଣ୍ଡା ଟୋକାଟି ଉପରେ ଅଜାଡ଼ି-ଦେଲେ ତାଙ୍କର ଦୀର୍ଘ ଜୀବନବ୍ୟାପୀ ସଞ୍ଚିତ କୌଣସି ଏକ ସଂଗୁପ୍ତ ଭାବସମ୍ଭାରକୁ; ଯାହାର ସ୍ଥିତି ସମ୍ପର୍କରେ ସେ ଏଯାବତ୍ ଥିଲେ ସମ୍ପୂର୍ଣ୍ଣ ଅଚେତନ ।

"ତା ହେଲେ···ତୁଇ ଫୋପାଡ଼ିଥିଲୁ ଏ ଟେକା ମୋ ଉପରକୁ ? ଏଁ ? ହଉ ତେବେ ନେ ! ନେ ସ୍ୱାଲୁ ! ନେ ସମ୍ଭାଳ ! ହାଁ, ନେ, ନେ, ନେ—ସମ୍ଭାଳ ସମ୍ଭାଳ ସମ୍ଭାଳ ସ୍ୱାଲୁ !" ବଳଭଦ୍ରଙ୍କ ଓଠରୁ ଖାଲି ଏଭଳି ଭାଷା ନୁହେଁ, ଏକ ବିଚିତ୍ର ଶବ୍ଦ ଲଗାତର ବାହାରିଚାଲିଲା ପ୍ରତିଟି ପଦ କଥାର ପ୍ରତିଧ୍ୱନି ପରି ତା'ପଛକୁ ତା' ପଛକୁ । ସେଇ ପ୍ରତିଧ୍ୱନିରେ ଶିହରିଉଠିଲା କେବଳ ସେଇ କବଳିତ ଯୁବକଟି ନୁହେଁ, ତାର ଦୁରବସ୍ଥା ଲକ୍ଷ୍ୟକରୁଥିବା ଆଖପାଖର ଅନ୍ୟାନ୍ୟ ହୁଣ୍ଡା ଗୁଣ୍ଡା ଗାଉଁଲି ଟୋକାଙ୍କ ସମେତ ସମଗ୍ର ଗ୍ରାମୀଣ ପରିବେଶଟି ମଧ୍ୟ ।

ସେତେବେଳକୁ କଦମ୍ବ ଗଛରେ ଅସଂଖ୍ୟ କଦମ୍ବ ଫୁଲ ଫୁଟିସାରିଥାଏ । ସାରା ଗଛଟା ଦିଶୁଥାଏ ଅନ୍ଧକାରାଚ୍ଛନ୍ନ ମହାକାଶରେ ସହସା ଉଦୟ ହୋଇଉଠିଥିବା ଗଣି ଗଣି ଉଜ୍ଜ୍ୱଳ ନକ୍ଷତ୍ରଙ୍କ ମହାସମାରୋହ ପରି ।

"କଅଣ ଦେଖୁଛ ? ଏଠିକି ଆସ ! ମୁଁ ତମ ସମସ୍ତଙ୍କୁ ଏଇଭଳି ଲକ୍ଷ ଲକ୍ଷ ଚୁମ୍ବନରେ ଧୋଇଦେବାକୁ ଚାହେଁ ! ଆସ ! ନିକଟକୁ ଆସ । ଚାଲିଆସ । ଏଠି

Digitized by srujanika@gmail.com

ବିନା ମୂଲ୍ୟରେ ଏ ସବୁ ଦୁଷ୍ପ୍ରାପ୍ୟ ବସ୍ତୁକୁ ମୁଁ ବିତରଣ କରିଦେବାକୁ ଚାହେଁ ତମ-ମାନଙ୍କ ଭିତରେ । ଆସ—ପାଖକୁ ଲାଗିଆସ । ନିଅ—ଲୁଟିନିଅ ଏସବୁ ଅମୂଲ୍ୟ ପଦାର୍ଥ ଗୁଡ଼ିକୁ । ମୋ ପାଖରେ ଏତେଗୁଡ଼ାଏ ସଂପତ୍ତି ଥିଲା ବୋଲି ମତେ ମଧ୍ୟ ମାଲୁମ ନଥିଲା ବାବୁମାନେ । ଭଲକଲ—ଅମୃତ ମାଟିଆକୁ ତେଲିମାରି କଣା କରିଦେଲ । ଖୁବ୍ ଭଲକଲ—ଏଥର ନିଅ—ବୋହି ନିଅ—ଲୁଟି ନିଅ—ଆଉ ଅପେକ୍ଷା କାହାକୁ ?”

ବଳଭଦ୍ର ଅନ୍ୟମନସ୍କ ହୋଇ ବସିପଡ଼ିଲେ ସେଇଠି—ଯୋଉଠି ବସି ମହା-ପ୍ରକୃତିର ଅନନ୍ତ ଶ୍ୟାମଳିମା, ଅନନ୍ତ ନୀଳିମାର ପ୍ରତିବିମ୍ବକୁ ତାଳଦଣ୍ଡା କେନାଲର ନୀଳ ଜଳଧାରରେ ବିମୋହିତ ହୋଇ ଦେଖୁ ଦେଖୁ ଗୋଟାଏ ବୋଲୁଅ କୁଆଡ଼ୁ ଆସି ପଡ଼ିଥିଲା ତାଙ୍କ ପାଖାପାଖି, ଆଉ ଧ୍ୟାନ ଭାଙ୍ଗିଗଲା ପରେ ସେ ଆବିଷ୍କାର କରିଥିଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ପରିସ୍ଥିତିକୁ । ସେତେବେଳକୁ ସେ ଆଉ ଏକା ହୋଇ ବସିନଥିଲେ ସେଠି ଅବଶ୍ୟ—ତାଙ୍କୁ ଘେରି ବସିପଡ଼ିଥିଲେ ସେମାନେ ସମସ୍ତେ ସେଇ ଗ୍ରାମୀଣ ହୁଣ୍ଡାଗୁଣ୍ଡା ଯୁବକଦଳ ।

“ତାହେଲେ ଆପଣ ଆସିଚନ୍ତି ରିଟାୟାରମେଣ୍ଟ ପରେ ଏ ଗାଁରେ ରହିବାକୁ ? କିନ୍ତୁ କିଏ ଆପଣ ? ଆମେ ତ କେବେ ଆପଣଙ୍କୁ ଦେଖିନୁ କି ଆପଣଙ୍କ ନାଁ ଶୁଣିନୁ ?” ବଳଭଦ୍ରଙ୍କୁ ଘେରି ବସିଥିବା ଟୋକାମାନଙ୍କ ଭିତରୁ ଜଣେ ତଥାପି ସନ୍ଦିହାନ ଅବସ୍ଥାରେ ଘାଲେଇ ଘାଲେଇ ପଚାରୁଥାଏ ସେଇଭଳି ପ୍ରଶ୍ନ ।

“ହିଁ, ଅବସର ନେବା ପରେ ଗାଁରେ ବାକିତକ ଜୀବନ କଟେଇଦେବା ଅଛି ମୋର ଲକ୍ଷ୍ୟ; କିନ୍ତୁ ରହିବି କୋଉଠି ? ଘର ଖଣ୍ଡିଏ ତ ଅନ୍ତତଃ କରିବାକୁ ପଡ଼ିବ ! ସେ କଅଣ ସହଜ କାମ ?” ବଳଭଦ୍ରଙ୍କ ଧ୍ୟାନ ପୁଣି ଥରେ ଫେରି ଆସୁଥାଏ ଶ୍ୟାମଳ ଶସ୍ୟକ୍ଷେତ୍ର, ସୁନୀଳ ଆକାଶ ଆଡ଼କୁ ।

“କିଛି ପରୱା ନାହିଁ ମଉସା, ଆମେ ଆପଣଙ୍କୁ ସାହାଯ୍ୟ କରିବୁ ଘର ତିଆରି କରିବାକୁ । ଆପଣ ଏ ଗାଁର କୋଉ ଜମିଟା ଖରିଦ କରିବାକୁ ଚାହାନ୍ତି, କୋଉ ଭିହ ଆପଣଙ୍କ ପସନ୍ଦ; କୋଉଠି ମୂଳଦୁଆ ପକେଇବେ, କହନ୍ତୁ ନା ? ଆମେ ଯୁବକଦଳ ସବୁ କରିବାକୁ ପ୍ରସ୍ତୁତ ଆପଣଙ୍କ ପାଇଁ ।”

“କାଇଁ, ଆପଣ ମଉସା ଗୋଟାଏ କାମ କରୁନାହାନ୍ତି—ଆପଣ ଜମି କିଣିବାକୁ ଚାହୁଁଚନ୍ତି ନା ? ଆସନ୍ତୁ ମୋ ସାଙ୍ଗରେ । କେତେ ଜମି ନେବେ ?

Digitized by srujanika@gmail.com

ଏଠାକାର ପୁରୁଣା ଜମିଦାରଙ୍କର ଜମିସବୁ ପଡ଼ିଚ । ଅଡ଼ଲ ଜମି । ବଢ଼ିଆ ଉଦ୍ଧ ଜମି । ସେ ବକର କରଦବାକୁ ବସିଚନ୍ତି । କଷ୍ଟମର ପାଉନାହାନ୍ତି । ନେବେ ଆପଣ ?"

"ଆଜେ କଣିବେ କଅଣ କହୁଚୁ ! ଜମିଦାର ମଲେଣି । ଜମିଦାରୀ ଉଠିଗଲଣି । ତାଙ୍କ ଖାନାବାଡ଼ି ସବୁ ପଡ଼ିଚ ଆଉ କାହା ପାଇଁ ? ଏ ଶଳା ଚୂଡ଼ଆ ସରପଞ୍ଚ ପେଇଁ ? ଲୋକ ଲଗେଇ ଖଣ୍ଡିକୁ ଖଣ୍ଡ ଜମି ମାଡ଼ିବସୁଚ ଜମିଦାରର ପୁଅମାନେ ଅନଉ ନାହାନ୍ତି ବୋଲ । ସେମାନେ ବସିଚନ୍ତି ସେଣେ କ୍ୱାଟେଣ୍ଡ—କଟକରେ, କଲିକତାରେ, ଦିଲ୍ଲୀରେ । ଆଉ ଏଣେ ଏ ଚୂଡ଼ଆ ବନା ଟାଉଟର ହେଇଚ ସରପଞ୍ଚ । ନିଜ ନାଁ ଲେଖି ଜାଣି ନାଇଁ, ହେଲେ ଡ଼ୋଲ ଲେଖାଯାଉଚ ଏତାଲ୍ଲ ଗାଁ ଫାଣ୍ଡିରେ—ମିଛ ଏତାଲ । ପୁଣି କାହା ନାଁରେ—ଆମ ଭଳଆ ପିଲଙ୍କ ନାଁରେ; ଯେ ବି.ଏ. ପାସ୍ କର ବେକାର ! ଛିଃ ଛିଃ, ଶଳା କି ଯୁଗ ହେଲ ଏ ! ହଁ ମଉସା, ଜମି ଆପଣଙ୍କର ଦରକାର ?"

ବଳଭଦ୍ରଙ୍କ କାନରେ ପଡ଼ୁଥାଏ ସେସବୁ; କନ୍ତୁ ଏ ପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ସ୍ଥିରତା ଅନୁଭବ କରିପାର ନଥାନ୍ତି । ବୟସ ଅଠାବନ—ଷାଠିଏରେ ପଞ୍ଚାଏ ଗାଁ ଟୋକାଙ୍କ ସାଙ୍ଗେ ତାଙ୍କର ଏଭଳ ନାଟକୀୟ ମୁକାବଲ ଦ୍ୱାର ଯେଉଁ ପରମାଣର ଉତ୍ତେଜନା ତାଙ୍କୁ ଉଠାପକା କର ଶେଷରେ ଏକ ଅଦ୍ଭୁତ ସ୍ଥିତି ଭିତରେ ପକାଇ ଦେଇଥିଲି, ସେ ସମସ୍ତ ଉତ୍ତେଜନାର ପ୍ରଭାବ ଏ ପର୍ଯ୍ୟନ୍ତ ପ୍ରଶମିତ ହେଇନଥାଏ ପୂରାପୂର ତାଙ୍କ ମସ୍ତିଷ୍କ ଓ ହୃଦୟରୁ । ତେଣୁ ଯୁବକମାନଙ୍କର କୌତୂହଳ ସହିତ ତାଳଦେଇ ଗପ କରିନପାର ସେ ଚୂପ୍‌ଚାପ୍ ବସିପଡ଼ିଥାନ୍ତି ଟିକଏ ଖାଲ ଭଲକର ଦମ୍ ନବାକୁ । କନ୍ତୁ ବଳଭଦ୍ରଙ୍କ ପାଟି ଫିଟିଗଲ ତାଙ୍କ ଅଜାଣତରେ—

"କଅଣ କହିଲ ବାବୁମାନେ ? ଏ ଗାଁରେ ଗୋଟିଏ ଫାଣ୍ଡି ବସିଲଣି ନା କଅଣ ? କାଇଁ, ଆମ ପିଲାଦିନେ ତ ଫାଣ୍ଡି ନାଁ ଶୁଣିନଥିଲୁ ଆମେ ଏ ଅଞ୍ଚଳରେ ! ମାଲିମକଦ୍ଦମା ହେଲେ ଆମେ ଯାଉଥିଲୁ କଟକ—ଏଠୁ ପନ୍ଦର କଲୋମିଟର ମୋଟେ । ତେବେ ତମର ଏଠି ଫାଣ୍ଡି ବସିଲ କେବେଠୁଁ ଯେ ?"

ଟୋକାମାନେ ପରସ୍ପର ମୁହଁକୁ ଗୁହାଁଗୁହିଁ ହେଲେ । ଲୋକଟାର କଥାରୁ ଏତେବେଳକେ ବୁଝିଲେ ସେମାନେ ଯେ, ସେ ହଉଚ ପ୍ରକୃତରେ ଏଇଠିକାର, ଏଇ ଅଞ୍ଚଳର । କନ୍ତୁ କିଏ ସେ ? କେବେ ତ ଦେଖିନାହାନ୍ତି କେହି ଏ ଲୋକକୁ ! ଏ କଅଣ ତାଙ୍କ ଅଞ୍ଚଳ ବାସିନ୍ଦା ? ସନ୍ଦେହ ବଢ଼ିଗଲ ସମସ୍ତଙ୍କର ।

Digitized by srujanika@gmail.com

"ଆପଣଙ୍କ ପିଲାଦିନଟା କଅଣ ଏଇ ଗାଁରେ କଟିଥିଲା ? ଆପଣ କ'ଣ ଏଇ ଗାଁ ପିଲା ? ଆମରିପରି ? ତେବେ ଆପଣଙ୍କ ଘରବାଡ଼ି ତ ଥିବ ଏ ଗାଁରେ ? ପୁଣି ଜାଗା ଖୋଜୁଛନ୍ତି କଅଣ ?" 'ସ୍ପୋର୍ଟିଂ ଗେଞ୍ଜି' ଉପରେ 'ଗାଭାସ୍କର' ଛାପ ମରାହୋଇଥିବା ଟୋକାଟାଏ ଏଥର ବଳଭଦ୍ରଙ୍କ ଦୃଷ୍ଟି ଆକର୍ଷଣ କଲା ।

"ମୁଁ ତ ଜାଗା ଖୋଜୁନାହିଁ ବାବୁ, ଖୋଜୁଛି ମୋ ପିଲାଦିନକୁ, ଆଉ ଭାବୁଛି ବୁଢ଼ାଦିନେ ଏ ଗାଁରେ ଘର ଖଣ୍ଡିଏ କରି ରହିବାକୁ । ଇଚ୍ଛାକଲେ ରହିପାରିବି କି ନା"—ବଳଭଦ୍ର 'ଗାଭାସ୍କର' ଛାପ ଉପରୁ ଆଖି ବୁଲେଇନେଲେ କେନାଲ ଆଡ଼କୁ । ସେପଟ ଘାଟରେ ସ୍ତ୍ରୀଲୋକମାନେ ତଥାପି ଗାଧୋଉଥାନ୍ତି ଦଳ ଦଳ ହୋଇ । ସେମାନଙ୍କ ଅର୍ଦ୍ଧନଗ୍ନ ସୁସ୍ଥସବଳ ଶରୀରଗୁଡ଼ିକର ପ୍ରତିବିମ୍ବ ଚହଲା ନେଳପାଣିର ଦର୍ପଣରେ ଦିଶୁଥାଏ ପୂର୍ବବତ୍ ଅସାମାନ୍ୟ, ସ୍ୱର୍ଗୀୟ ।

"ଆପଣଙ୍କ ପିଲାଦିନଟା କଅଣ ଏମିତି କଟିଥିଲେ ଆପଣ ?" ଟିକିଏ ଖୁଁ ଖୁଁ ହସ ସାଙ୍ଗରେ ସାମାନ୍ୟ ଜିଜ୍ଞାସାମିଶା ସ୍ୱରଟିଏ କାନରେ ପଡ଼ିଲା ବଳଭଦ୍ରଙ୍କର । ମୁହଁ ନ ବୁଲେଇ ପିଲାଟିକୁ ଆଡ଼ଆଖିରେ ଦେଖିନେଲେ ବଳଭଦ୍ର । ତାର ଚେହେରାରୁ ଦିଶୁଥାଏ ସେ ଫିଲ୍ମଷ୍ଟାର ଅମିତାଭ ବଚ୍ଚନର ଏକ ଗ୍ରାମୀଣ ସଂସ୍କରଣ—ପଦ୍ଧଚ ପିଲାଟି ପ୍ରତି କରୁଣା ଜାତ ହେଲା ତାଙ୍କର ।

"ହଁ ବାବୁ, ମୋ ପିଲାଦିନଟି କଟିଥିଲା ଏଇ କେନାଲ ବନ୍ଧ ଉପରେ, ପ୍ରାୟ ଏଇ ଜାଗାରେ, ଯୋଉଠି ବସିଚେ ଆମେ ଏଇଲେ ମଧ୍ୟ…"

"ଏ କଦମ୍ବଗଛ ଥିଲା ଏଠି ?"—ପୁଣି ଟିକିଏ ଖୁଁ ଖୁଁ ହସ ।

ବଳଭଦ୍ର ବେକ ଟେକ ଚାହିଁଲେ ଉପରକୁ । ବିଶାଳ କଦମ୍ବ ଗଛଟାର ସ୍ଥିତି ସମ୍ପର୍କରେ ସେ ପ୍ରାୟ ଅବହିତ ନଥିଲେ ସମ୍ଭବତଃ ପୂର୍ଣ୍ଣମାତ୍ରାରେ ଏଯାବତ୍ । ହଠାତ୍ ତାଙ୍କର ଅର୍ଦ୍ଧଶାୟିତ ଶରୀରଟି ସଳଖେଇଗଲା । ସେ ଉଠିବସିଲେ—ମେରୁଦଣ୍ଡକୁ ସଳଖ କରି ପଦ୍ମାସନରେ ବସିବାକୁ ଉଦ୍ୟତ ହେଲା ଭଳି ।

"କେବଳ କଦମ୍ବଗଛ ନୁହେଁ ବାବୁମାନେ, ଏଠି ଏଇ ଜାଗାରେ, ଏଇ କଦମ୍ବ ବୃକ୍ଷର ଡାଳରେ ବସି ବଂଶୀବାଦନ କରିବାର ଦୃଶ୍ୟ ଦେଖିଛି ମୁଁ ସ୍ୱଚକ୍ଷୁରେ—ହଁ ହଁ—ସ୍ୱଚକ୍ଷୁରେ ଦେଖିଚି ମୁଁ ଏଇଠି, ଏଇ ଗଛଡ଼ାଳରେ ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ।" ବଳଭଦ୍ରଙ୍କ ଦେହ ଗୋଟାକଯାକର ରୁମ ଟାଙ୍କୁରିଉଠିଲା । ଗାଁ ଟୋକାମାନେ ବଳଭଦ୍ରଙ୍କ ଶରୀରରେ ଟାଙ୍କୁରି ଉଠିଥିବା ରୁମଗୁଡ଼ିକୁ ଦେଖି କିଞ୍ଚିତ୍ ଉଲ୍ଲସିତ ଅନୁଭବକଲେ । କାହାରି କାହାରି ଦେହର କିଛି କିଛି ଅଂଶର

Digitized by srujanika@gmail.com

ରୋମାବଳି ମଧ୍ୟ ଆପେ ଆପେ ଝାଙ୍କୁରିଗଲା । ଏଥର ଏକ ସମ୍ମିଳିତ ପ୍ରଶ୍ନ ଉଦ୍‌ଗତ ହେଲା ଗାଁଝାବାଙ୍କ କଣ୍ଠରୁ—"ମିଛ କହୁଛନ୍ତି ଆପଣ ମଉସା, ମିଛ ! ଶ୍ରୀକୃଷ୍ଣଙ୍କୁ ଦେଖିଛନ୍ତି ଆପଣ ?"

ଏଭଳି ପ୍ରଶ୍ନର ଉତ୍ତର ନଥିଲା ଜାଣିଥିଲେ ବଳଭଦ୍ର । ତଥାପି ତାଙ୍କ ପାଟିରୁ ବାହାରିପଡ଼ିଲା, "କେବଳ ମୁଁ ନୁହେଁ—ଆମ ସମୟର ଅଧିକାଂଶ ଲୋକ, ବିଶେଷତଃ ଗ୍ରାମବାସୀ ଶ୍ରୀକୃଷ୍ଣଙ୍କ ଦର୍ଶନ ପାଉଥିଲେ ଏଇଠି ଏଇଭଳି ସ୍ଥାନରେ; ଯେଉଁଠି ଏଇ ଏଇ ଜିନିଷ ଏକାଠି ହବାର ଦେଖୁଥିଲେ ସେମାନେ ।"

"କି କି ଜିନିଷ ?" ଗୋଟିଏ ଦୀର୍ଘଶ୍ୱାସ ଭିତରୁ ଏ ପ୍ରଶ୍ନଟା ଆସିଲା କି ଆଉ ? ବୁଲି ଚାହିଁଲେ ବଳଭଦ୍ର । ପିଲାଟି ବଳଭଦ୍ରଙ୍କ ଆଖି ସାଙ୍ଗରେ ଟିକିଏ ସମୟ ଆଖି ମିଳେଇ ଦୃଷ୍ଟି ଅବନତ କରିନେବାବେଳେ ବଳଭଦ୍ରଙ୍କ ଆଖିରେ ପଡ଼ିଲା ତାର ଜିନ୍‌ସ୍ପ୍ୟାଣ୍ଟ—ଗୋଟାଏ ଅରଖ ନୂଆ ଜିନ୍‌ସ୍ପ୍ୟାଣ୍ଟ—ସମ୍ପୂର୍ଣ୍ଣ ଆଧୁନିକ, ଏବେକା ମାର୍କେଟର ନୂଆ ଅଭଥ୍ର "ହାଗ୍ ଇଣ୍ଟରନ୍ୟାସନାଲ୍" ! ଆଶ୍ଚର୍ଯ୍ୟ ହେଲେ ବଳଭଦ୍ର । ଏ ଟୋକାଟା କ'ଣ ଅନ୍ତରେ ଇଣ୍ଟରେଷ୍ଟେଡ୍ ନା ବଦ୍‌ମାସି କରିବାକୁ ଚାହୁଁଛି କୃଷ୍ଣତତ୍ତ୍ୱକୁ ନେଇ ? ସନ୍ଦେହ ହେଲା ତାଙ୍କର ।

"ଏ ଜିନ୍‌ସ୍ପ୍ୟାଣ୍ଟ ତମେ କୋଉଠୁ ପାଇଲ ? ଏ ତ ହାଲି ଆସିଛି ମାର୍କେଟକୁ ?" କୃଷ୍ଣତତ୍ତ୍ୱକୁ ଛାଡ଼ି ସମସ୍ତ ସ୍ୱେଚ୍ଛାକୃତ ଭାବେ ହାତଛଡ଼ା କରି ଜିନ୍‌ସ୍ ଆଡ଼କୁ ମୁହାଁଇ ଯାଉଥିଲେ ବଳଭଦ୍ର । କିନ୍ତୁ ତାଙ୍କର ପ୍ରତିବନ୍ଧକ ହୋଇ ଠିଆହେଲା ସେଇ "ହାସ ଇଣ୍ଟରନ୍ୟାସନାଲ୍" ସ୍ୱୟଂ ।

"କହନ୍ତୁ ନା ! କି କି ଜିନିଷ ଏକାଠି ହେଲେ କୃଷ୍ଣଙ୍କୁ ଦେଖିପାରୁଥିଲେ ଆପଣ ଆପଣଙ୍କ ପିଲାବେଳେ ? ବାରେଇ ଦଉଛନ୍ତି କାହିଁକି ସେ କଥାଟାକୁ", ହାଗ୍ ଇଣ୍ଟରନ୍ୟାସନାଲ୍ ଟୋକାଟା, ଯାହା ଜଣାପଡ଼ୁଥିଲା ସମସ୍ତଙ୍କ ଭିତରେ ଥିଲା ସବୁଠୁଁ ଚାଇଁ—ଚତୁର ।

ବଳଭଦ୍ରଙ୍କ ଓଠରେ ଖେଳିଗଲା ଟିକିଏ ସ୍ମିତହାସ୍ୟ । ପିଲାଟିକୁ ସାମଗ୍ରିକ-ଭାବେ ଆଉଥରେ ଆଖିପୁରେଇ ଦେଖିନେଇ ସାରି ସେ କଅଣ କହିବାକୁ ପାଟି ଖୋଲୁଥିଲେ; କିନ୍ତୁ ତାଙ୍କ ପାଟିରୁ ବାହାରିଆସିଲା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ—

"ତମର ବୟସ ବର୍ତ୍ତମାନ କେତେ ବାବୁ ?"

"ଅଠର ! ଭୋଟ୍‌ଦବା ବୟସ, ହେଁ ହେଁ—କଅଣ ଠଉରଉଛନ୍ତି କି ଆପଣ ? ଆମେ ଏଣିକି ଭୋଟ୍‌ଦେବୁ । ଶୁଣିଥିବେ ତ ଆପଣ ? ହେଁ ହେଁ..."

Digitized by srujanika@gmail.com

"ମୁଁ ସେଥିପାଇଁ ପଚାରୁନାହିଁ"—ବଳଭଦ୍ରଙ୍କ ଓଠରେ ସ୍ମିତହାସ୍ୟର ରେଖା କ୍ରମଶଃ ଶାଣିତ ହୋଇଆସୁଥିଲା ଅଧିକରୁ ଅଧିକତର।

"କଅଣ ପଚାରୁଛନ୍ତି ତେବେ?" ଟୋକାଟି ଜିନ୍ ପ୍ୟାଣ୍ଟ ପକେଟରେ ହାତ ପୂରେଇ ଠିଆହେଲା ଟି.ଭି. ବିଜ୍ଞାପନର ମଡ଼େଲ୍‌ଟିଏ ଭଳି।

ବଳଭଦ୍ର ଗମ୍ଭୀର ହୋଇଗଲେ। ଧୀରେ ଧୀରେ ତାଙ୍କର ସ୍ଥିରତା ଫେରି-ଆସୁଥିଲା। ହଠାତ୍ ତାଙ୍କ ପାଟିରୁ ବାହାରିଲେ—

"ତମକୁ ଅଠରବର୍ଷ ହେଲାଣି—ଭୋଟ୍‌ଦେବାପାଇଁ ଉପଯୁକ୍ତ ବୟସ ନିଶ୍ଚୟ। କିନ୍ତୁ ସତକରି କୁହ—ତମେ ପ୍ରେମ କଅଣ ଜାଣିଛ?"

ବଳଭଦ୍ରଙ୍କର ଏ ପ୍ରଶ୍ନ ଥିଲା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ବିଶେଷତଃ ଗାଁ ପିଲାମାନଙ୍କ ମଝିରେ ବଳଭଦ୍ରଙ୍କ ଭଳି ସଭ୍ୟ ଭବ୍ୟ ଶିକ୍ଷିତ ଓ ସଂସ୍କୃତ, ବୟସ୍କ ଲୋକ ମୁହଁରୁ ଏଭଳି ପ୍ରଶ୍ନ ପୁରାପୁରି ଅବାଂଛିତ ନ ହେଲେ ମଧ୍ୟ ଅପ୍ରତ୍ୟାଶିତ।

ପ୍ରେମ ଶବ୍ଦର ଉଚ୍ଚାରଣ ମାତ୍ରକେ ଟୋକାଗୁଡ଼ାକ ପୁରାପୁରି ହତୁଡ଼ିଗଲାଭଳି ସତର୍କ ହେଇଗଲେ, ଆଉ ପରସ୍ପରକୁ ଅନାଅନି ହେଇ ମୁରୁକେଇ ମୁରୁକେଇ ହସିବାକୁ ଆରମ୍ଭ କରୁ କରୁ ତୋକନା ଫୁଟିପଡ଼ିଲା ଗୋଟାଏ ବିଭତ୍ସ କୁତ୍ସିତ ହାସ୍ୟରୋଳ।

ବଳଭଦ୍ର ଲକ୍ଷ୍ୟ କଲେ—ନାଳ ସେପାଖ ତୁଠରେ ସ୍ୱଚ୍ଛନ୍ଦରେ ଏତେବେଳ-ଯାଏ ଗାଧୋଉଥିବା ସ୍ତ୍ରୀଲୋକମାନେ ବିଚଳିତ ହୋଇପଡ଼ିଲେ। ଶରୀରର ଅନାବୃତ ଅଂଶଗୁଡ଼ିକୁ ଆବୃତ କରିବାକୁ ତତ୍ପର ହୋଇପଡ଼ିଲେ ମଧ୍ୟ ସମସ୍ତେ। ପରିବେଶର ସମସ୍ତ ଶାନ୍ତମଧୁର ବାତାବରଣଟିକୁ ସମ୍ପୂର୍ଣ୍ଣ ଛିନ୍‌ଭିନ୍ କରିଦେଲା ସେଇ ବିକଟାଳ ଶବ୍ଦ—ଯୁବକମାନଙ୍କର ସମ୍ମିଳିତ ହାସ୍ୟରୋଳ, ଯାହାର ଉତ୍ସ ଅବଶ୍ୟ ସେଇ ପଦଟିଏ ଉଚ୍ଚାରଣ—ପ୍ରେମ!

ଗ୍ରାମାଞ୍ଚଳରେ ପ୍ରେମ ଶବ୍ଦଟା ଏତେ ବିଭତ୍ସତା ସୃଷ୍ଟି କରିପାରେ? ବଳଭଦ୍ର ସ୍ତମ୍ଭୀଭୂତ ହୋଇଗଲେ। ଅର୍ଦ୍ଧବର୍ଷ ଧରି ସେ ଗାଁକୁ ଆସିନଥିଲେ କି ଗାଁ ସହିତ ସମ୍ପର୍କ ରଖିନଥିଲେ। ତାଙ୍କର ରହଣି ସ୍ଥାନ ବମ୍ବେ। ରେଭେନ୍‌ସା କଲେଜରୁ ଆଇ. ଏସ୍‌ସି. ପାସ୍ କଲା ପରେ ସେ ଚାରିବର୍ଷ ଇଂଜିନିୟରିଂ ପାଠ ପଢ଼ିଥିଲେ ବନାରସ୍‌ର ବି. ଏଚ୍. ୟୁ. ରେ। ପରେ ପରେ କମ୍ପାନୀ ଚାକିରିରେ ପଶି ବମ୍ବେକୁ ହିଁ ନିଜର ବାସସ୍ଥାନ ରୂପେ ଗ୍ରହଣ କରିନେଇ ସାରିଥିଲେ। ଚାକିରିରୁ ଅବସର ଗ୍ରହଣ କଲାପରେ ପୈତୃକ ସମ୍ପତ୍ତିର ମୋହବଶତଃ ସେ ଫେରିଆସିଥିଲେ ନିଜ

Digitized by srujanika@gmail.com

ଜନ୍ମସ୍ଥାନ, କଟକ ଜିଲ୍ଲାର ଏଇ ତାଙ୍କର ଗାଁକୁ ମୋଟେ ଗଲାକାଲି । ଗାଁରେ ଯେ ତାଙ୍କୁ ଆଉ କେହି ଚିହ୍ନିବେ—ଏ ଆଶା ନଥିଲା ତାଙ୍କର । ରାତିଟା ଗାଁର ପୁରୁଣା ସ୍କୁଲ୍ ବାରଣ୍ଡାରେ କଟାଇଦେଇ ବଡ଼ଘରରୁ ସବୁରି ଅଜଣାରେ ସେ ଗାଁକୁ ବୁଲି ବାହାରିଥିଲେ । କେନାଲ କୂଳର ଏଇ ପୁରୁଣା କଦମ୍ବ ଗଛଟା ହଠାତ୍ ତାଙ୍କୁ ଚିହ୍ନିପାରିଥିଲା ବୋଧହୁଏ । ତେଣୁ ସେଇଠି, ତା'ର ମୂଳରେ ଜୋର୍‌କରି ବସେଇଦେଇଥିଲା ସେ ଗଛ; ସୂର୍ଯ୍ୟୋଦୟର ଦୃଶ୍ୟ ଦେଖାଇ ଦେବାର ପ୍ରଲୋଭନ ଛଳରେ, ଯେତେବେଳେ ବୋଲୁଅ ପକେଇ ସ୍ୱାଗତ କରିଥିଲେ ତାଙ୍କୁ ଗାଁର ଏଇ ଯୁବକମାନେ । ସେମାନଙ୍କର ସେଭଳି ବିବେଚିତ ବ୍ୟବହାରର ପ୍ରତ୍ୟୁତ୍ତର ଦେଇଥିଲେ ବଳଭଦ୍ର ସମ୍ପୂର୍ଣ୍ଣ ନିଜସ୍ୱ ରୀତିରେ, ଯାହା ଫଳରେ ଯୁବକମାନେ ତାଙ୍କୁ 'ମଉସା' ବୋଲି ସମ୍ବୋଧନ କରିଥିଲେ ଓ ଗ୍ରହଣ କରି ନେଇଥିଲେ କେତେକାଂଶରେ ।

କିନ୍ତୁ ବଳଭଦ୍ରଙ୍କ ବିସ୍ମୟର ସୀମା ଟପି ଏକ ଭିନ୍ନାନୁଭୂତି ତାଙ୍କୁ ବିଚଳିତ କରିପକାଇଲା ସେତିକିବେଳେ ଯେତେବେଳେ ସେଇ ଖାଉସ୍ତ ହସଟା ଯୋଗୁ ଗାଧୁଆଘାଟରେ ଗାଧୋଉଥିବା ସ୍ତ୍ରୀଲୋକମାନେ ତାଙ୍କର ଉପସ୍ଥିତି ପ୍ରତି ସଚେତନ ହୋଇଉଠିଲେ ଓ ପ୍ରତିବାଦ ସ୍ୱରୂପ ଅଧାଗାଧୁଆ, ଅଗାଧୁଆ ଘାଟ ଛାଡ଼ି ପଳାୟନ ପାଇଁ ବାଟ ଦେଖୁଥିଲେ ।

"ଦେଖ ! ସ୍ତ୍ରୀଲୋକମାନେ ସେପଟେ ଗାଧୋଇ ପାରୁନାହାନ୍ତି । ଏମିତି ବିକୃତ ଚିତ୍କାର କରନା କେହି ବାବୁମାନେ !" ବଳଭଦ୍ର ତାଙ୍କୁ ଘେରିଥିବା ଯୁବକମାନଙ୍କୁ ସତର୍କ କରି ଦଉ ଦଉ ଆହୁରି ପଦେ କହିଲେ, "ତମର ଏଠି ପ୍ରେମ ଶବ୍ଦଟା କଣ ଅଶ୍ଳୀଳ ? ମୁଁ ଜାଣିନଥିଲି । କ୍ଷମା କରିବ ବାବୁମାନେ ।"

ଏଥିରେ ଗାଁ ଟୋକମାନେ କୌଣସି କାରଣରୁ ଆହୁରି କୁତୁକ ଉଠିଲେ । ହୋ ହୋ ହେଇ ତାଳିମାରି ପରସ୍ପେ ନାଚିଗଲେ ବି ସେମାନେ । ବଳଭଦ୍ର ଆହୁରି ବିଚଳିତ ଅନୁଭବ କଲେ । କାରଣ ଏପଟରେ ଏ ଭଣ୍ଡାମିର ପ୍ରତିକ୍ରିୟା ସେପଟେ ଗାଧୋଉଥିବା ସ୍ତ୍ରୀଲୋକମାନଙ୍କ ଉପରେ କିପରି ପଡ଼ୁଛି ସେ ସ୍ପଷ୍ଟ ଦେଖିପାରୁଥିଲେ ।

ସେତିକିବେଳେ 'ଗାଙ୍ଗଷ୍ଟର' ଛାପମରା ଗେଞ୍ଜିବାଲା ଟୋକାଟି ବଳଭଦ୍ରଙ୍କ ସାମନାକୁ ଚାଲିଆସି ତାଙ୍କୁ ଚ୍ୟାଲେଂଜ କଲାଭଳି ପଚାରିଲା, "ଆଚ୍ଛା, ଆପଣ କହିଲେ

Digitized by srujanika@gmail.com

ମଉସା, ଆପଣଙ୍କ ପିଲାଦିନଟା ତ ଏଇ ଗାଁରେ କଟିଥିଲା ବୋଲି ଆପଣ କହୁଥିଲେ ଟିକଏ ଆଗରୁ । କହିଲେ—ଆପଣ ଆପଣଙ୍କ ପିଲାଦିନେ ଜାଣିଥିଲେ ପ୍ରେମ ଶବ୍ଦର ମାନେ ? ମାନେ ମୁଁ ପଚାରିବାକୁ ଚାହୁଁଛି ଆପଣ କାହାକୁ ପ୍ରେମ କରିଚନ୍ତି ଏ ଗାଁରେ, ଆପଣଙ୍କ ପିଲାଦିନେ ?"

ବଳଭଦ୍ର କିଛି ସମୟ ପାଇଁ ହତବାକ୍ ହୋଇପଡ଼ିଲେ । କଥାଟା କୁଆଡ଼ୁ ଆସି କୁଆଡ଼କୁ ଯାଉଚି ଜାଣିପାରି ସେ ଆହୁରି ଆହୁରି ସଙ୍କୁଚିତ ହୋଇପଡ଼ିଲେ । ଚେଲାମସାରୁ ଆଲିଙ୍ଗନ, ଆଲିଙ୍ଗନରୁ କୃଷ୍ଣତତ୍ତ୍ୱ, ପୁଣି କୃଷ୍ଣତତ୍ତ୍ୱରୁ ପ୍ରେମପଥ ଦେଇ ବ୍ୟାପାରଟି ବର୍ତ୍ତମାନ ଅଗ୍ରଗତି କରିଚାଲିଛି ତାଙ୍କ ଆତ୍ମଜୀବନୀ ଆଡ଼କୁ ଜାଣିପାରି ସେ ନିଜକୁ ଖୁବ୍ ସଂଯତ କରି ଧରିରଖିବାକୁ ଚେଷ୍ଟାକଲେ ।

ବଳଭଦ୍ରଙ୍କ ନୀରବତାକୁ ଗାଁ ଟୋକାମାନେ ତାଙ୍କର ଦୁର୍ବଳତା ବୋଲି ସେତେବେଳକୁ ବେଶ୍ ବୁଝିନେଇସାରିଥାନ୍ତି । ତେଣୁ ସେମାନଙ୍କର ପ୍ରଗଲ୍‌ଭତା ଯଥେଷ୍ଟ ବଢ଼ିଉଠିସାରିଥାଏ । ତାର କୁପ୍ରଭାବରେ ପରିବେଶଟି ସମ୍ପୂର୍ଣ୍ଣ ବିଷାକ୍ତ ହୋଇଉଠିଲା ଭଳି ଲାଗିଲାଣି ସେତେବେଳକୁ ବଳଭଦ୍ରଙ୍କୁ । ଶସ୍ୟଶ୍ୟାମଳ କୃଷିକ୍ଷେତ୍ର, ସୁନୀଳ ଆକାଶ, ନୀଳଜଳ, କଦମ୍ବ କୃଷ୍ଣ, ଗୋପୀ, ବଂଶୀ ପ୍ରଭୃତି ରଙ୍ଗ, ଛବି ଅଥବା ରୂପ ବା ରୂପକତା ହଠାତ୍ ନିରର୍ଥକ, ନିଷ୍ଫଳ ହୋଇଯାଉଚି ଜାଣି ବଳଭଦ୍ର ବିଚଳିତ ହୋଇଉଠିଲେ, ଆଉ ପଶ୍ଚାତ୍ତାପପୂର୍ବକ ସ୍ଥାନ ତ୍ୟାଗ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଚାଲିଥିଲେ ।

ଏତିକିବେଳେ କେନାଲ୍ ସେପାଖ ବନ୍ଧ ଉପରେ ଦେଖାଦେଲା ବଳଭଦ୍ରଙ୍କ ଦୃଷ୍ଟିକୁ ଏକ ସ୍ୱପ୍ନ ଭଳି କୌଣସି ଏକ ଦୃଶ୍ୟ । ବଳଭଦ୍ର ଚମକିପଡ଼ିଲେ । କିନ୍ତୁ ସେତିକିବେଳେ ତାଙ୍କର ଶ୍ରୁତିଗୋଚର ହେଲା ଏକ ଅଦ୍ଭୁତ ଶବ୍ଦ, "କିଏ, କୁନା କିରେ ?"

କୁନା ! ବଳଭଦ୍ରଙ୍କ ଡାକ ନାଁ ଥିଲା କୁନା—ପିଲାଦିନେ ଏଇ ଗାଁରେ ଡାକୁଥିଲେ ତାଙ୍କୁ ତାଙ୍କ ବାପ, ମା, ସାଇପଡ଼ିଶା । କିନ୍ତୁ ଆଜିକୁ ପ୍ରାୟ ପଚାଶବର୍ଷ ହେବ ଏ ଗାଁରେ ତ କେହି ଡାକିନଥିଲେ ତାଙ୍କୁ !

ଠିଆ ହୋଇପଡ଼ିଲେ ବଳଭଦ୍ର । କେନାଲ୍ ସେ ପାଖୁ, ସ୍ତ୍ରୀଲୋକଙ୍କ ଗାଧୁଆ ତୁଠରୁ କୌଣସି ସ୍ତ୍ରୀଲୋକର ପରିଚିତ କଣ୍ଠସ୍ୱର—

"କିଏ ? କୁନାଟି ! ଆରେ ତମେ କୋଉଦିନ ଆସିଚ ?"

Digitized by srujanika@gmail.com

ବଳଭଦ୍ର ଠିକ୍ ଲକ୍ଷ୍ୟ କରିପାରୁନଥିଲେ କିଏ ଡାକୁଛି ତାଙ୍କୁ । ଦଳଟିଏ ସ୍ତ୍ରୀଲୋକଙ୍କ ଭିତରୁ କିଏ ତାଙ୍କୁ ଚିହ୍ନିଛି ଆଉ ଡାକୁଛି ବୁଝିନପାରି ସେ ଥତମତ ହୋଇ କେବଳ ଅନାଇ ରହିଲେ କେନାଲ୍ ଆରପାଖକୁ ।

ଏତିକିବେଳେ ଶୁଭିଲା ନାରୀମାନଙ୍କର ସମ୍ମିଳିତ ହାସ୍ୟରୋଳ ଆଉ ତାର ସହିତ, "କଅଣ ଚିହ୍ନିପାରୁନା ? ତମ ପିଲାଦିନ ସାଙ୍ଗ ଲୀଳାବତୀକୁ ଚିହ୍ନିପାରୁନା କଅଣ ବା ! ବାଃ, ବଢ଼ିଆ ସାଙ୍ଗ ତ !"

ବଳଭଦ୍ରଙ୍କୁ ଘେରି ରହିଥିବା ଯୁବକମାନେ ସେତେବେଳକୁ ନିଜ ନିଜ ଭିତରେ ଠାରାଠାରି ହୋଇ କଅଣ ସବୁ କଥାବାର୍ତ୍ତା ହୋଇସାରିଥାନ୍ତି କେଜାଣି !

ହଠାତ୍ ଗୁଞ୍ଜିରେ "LOVE" ଅକ୍ଷର ଲେଖାଥିବା ଯୁବକଟି ବଳଭଦ୍ରଙ୍କୁ ଚମକେଇ ଦେଲା । ତା ମୁହଁରୁ ବାହାରିପଡ଼ିଲା, "ଓ ! ଆପଣ ତା'ହେଲେ ସେଇ ଲୁନା !"

"କୋଉ ଲୁନା ?" ବଳଭଦ୍ରଙ୍କ ଦୃଷ୍ଟି କେନାଲ ସେପାଖୁ ଫେରିଆସିଲା ଏପାଖକୁ ।

"ଲୀଳାମାଉସୀଙ୍କୁ ଆପଣ ତେବେ ପାଗଳ କରିଦେଇଚନ୍ତି ?"

"ହ୍ୱାଟ୍ ? ପାଗଳ କରିଦେଇଚି ? କାହାକୁ ? ଲୀଳାବତୀକୁ ? କିଏ ମୁଁ ?" ବଳଭଦ୍ରଙ୍କ ଆଖିଯୋଡ଼ିକ ବର୍ତ୍ତମାନ କେନାଲର ଏପାରି ସେପାରି ନାଚିବାକୁ ଲାଗିଲା ।

"ହଁ ଆପଣ ! ମୁଁ ସବୁ ଜାଣେ । ଆମେ ସବୁ କଥା ଜାଣୁ । ଲୀଳା ମାଉସୀଙ୍କୁ ଆପଣ ବାହାହେବା ପାଇଁ କଥା ଦେଇଥିଲେ । କିନ୍ତୁ···କିନ୍ତୁ···ଓ··· ତା'ହେଲେ ଏଇ ପ୍ରେମକଥା ପଢ଼ାଉଥିଲେ ଆପଣ ? ଏଇ କୃଷ୍ଣତତ୍ତ୍ୱ କହୁଥିଲେ ନା ଆମକୁ ? ଏଁ ?" ଏ ଥିଲା ଗାଉଣ୍ଡର ଗେଞ୍ଜି ଉପହାର ବଳଭଦ୍ରଙ୍କ ପ୍ରତି ।

କିନ୍ତୁ ବଳଭଦ୍ର କିଛି ହେଲେ କିଛି ବୁଝିପାରୁନଥିଲେ । ଲୀଳାବତୀନାମ୍ନୀ ଝିଅ-ଟିଏ ତାଙ୍କ ସହିତ ଚତୁର୍ଥ ଶ୍ରେଣୀରେ ପଢ଼ୁଥିଲା ଏଇ ଗାଁ ସ୍କୁଲ୍‌ରେ । ଝିଅଟି ଆସେ ଏଇ ତାଳଦଣ୍ଡା କେନାଲ୍ ସେପାଖୁ । ସେତେବେଳେ ଏଠି ଗୋଟିଏ ଉଙ୍ଗା-ଘାଟ ଥିଲା । କିନ୍ତୁ ଲୀଳାବତୀକୁ ବିବାହ କରିବାକୁ ସେ କେବେ କଥା ଦେଇ-ଥିଲେ ? ବା ଲୀଳାବତୀ ସହିତ ତାଙ୍କର ବିବାହ ପ୍ରସ୍ତାବ କେବେ କେହି ପକାଇ-

Digitized by srujanika@gmail.com

ଥିଲେ ? ଚେତେବ ? ବଳଭଦ୍ରଙ୍କୁ ନେଇ ଗଲା ଗୁଡ଼ାଏ ପଚିଶ ବର୍ଷ ଧରି ଏ ଲୋକାପବାଦର କାରଣ ?

ବଳଭଦ୍ର କେନାଲ୍ ସେପାଖ ଗାଧୁଆ ତୁଠକୁ ଟିକିଏ ଉଲ୍‌କର ନିରୀକ୍ଷଣ କରିବାକୁ କେନାଲ ଏପଟ ବନ୍ଧର ଅନ୍ତଡ଼ପାଦେଇ ମାଡ଼ିଆସିଲେ । ସେ ବ୍ୟଗ୍ର ହୋଇ ଅନାଉଥିଲେ—ଲୀଳାବତୀ—ତାଙ୍କର ପିଲାଦିନର ସାଙ୍ଗ—କିଏ ସେ ଭଦ୍ରମହିଳା, ତାଙ୍କୁ ଟିକିଏ ଦେଖିବାକୁ । କାରଣ ଲୀଳାବତୀର ପିଲାଦିନର ମୁହଁଟା ତାଙ୍କର ମନେପଡ଼ୁଥିଲେ ମଧ୍ୟ କୋଡ଼ିଏ ବର୍ଷ ପରବର୍ତ୍ତୀ ଲୀଳାବତୀକୁ ସେ ଆଜି ଚିହ୍ନିପାରୁ ନଥିଲେ ଅନ୍ୟ ମୁହଁଗୁଡ଼ିକ ଭିତରୁ ।

"ଲୀଳାମାଉସୀ ବାହା ହେଲେ ନାହିଁ—ଜାଣନ୍ତି ଆପଣ ?"

"କାହିଁକି ବାହାହେଲେ ନାହିଁ ?" ବଳଭଦ୍ର ମୁହଁ ବୁଲେଇ ପଚାରିଲେ ଟୋକାଙ୍କୁ ।

"ଆପଣଙ୍କ ଯୋଗୁ !"

ବଳଭଦ୍ରଙ୍କ ଦୃଷ୍ଟି ପୁଣି ଥରେ ଘୂରିଗଲା କେନାଲ୍ ସେପାଖ ବନ୍ଧକୁ ।

ମେଣ୍ଡକବେଳେ ସେପାଖେ ସ୍ୱପ୍ନଭଳି ଦିଶୁଥିବା ଇଲାକାଟି ହଠାତ୍ ଆଲୋକିତ ହୋଇଉଠିଲା । ତା'ର ସାଙ୍ଗେ ସାଙ୍ଗେ ବଳଭଦ୍ରଙ୍କ ମସ୍ତିଷ୍କରେ ଉଦିତ ହେଲା ଗୋଟିଏ ଦିନର ଘଟଣା । ଇତିହାସ ବହିରେ ପୃଥ୍ୱୀରାଜଙ୍କ ସଂଯୁକ୍ତାହରଣ ବିଷୟଟି ପଢ଼ାହେଉଥାଏ କ୍ଲାସରେ । ସଂଯୁକ୍ତାଙ୍କୁ ଘୋଡ଼ାପିଠିରେ ବସେଇ ପୃଥ୍ୱୀରାଜ ପଳାଇଯାଉଥିବା ବେଳେ ବଳଭଦ୍ରଙ୍କ ଆଖି କୌଣସି କାରଣରୁ ମିଶିଯାଇଥିଲା ସହପାଠିନୀ ଲୀଳାବତୀ ଆଖି ଦୁଇଟି ସାଥିରେ । ଆଉ ବଳଭଦ୍ର କଳ୍ପନାଚକ୍ଷୁରେ ଦେଖିଚାଲିଥିଲା—ଲୀଳାବତୀକୁ ଘୋଡ଼ା ପିଠିରେ ବସେଇ ସେ କେମିତି ଉଡ଼ିଚାଲିଛି ।

କିନ୍ତୁ, ବାସ୍ ! ଲୀଳାବତୀ ସହିତ ବଳଭଦ୍ରଙ୍କ ପ୍ରେମ ସମ୍ପର୍କ ମାତ୍ର ସେତିକି । ସେଇ କଳ୍ପନାରେ ତା ସହିତ ମୁହଁ ଖୋଲି ପଦଟିଏ କଥା ହୋଇନାହାନ୍ତି କେବେହେଲେ ବଳଭଦ୍ର । କିନ୍ତୁ ଏପରି ଏକ ଅପଯଶ ତାଙ୍କୁ ନେଇ ଏତେ କାଳ ଧରି ଏ ଗାଁରେ କେମିତି ସୃଷ୍ଟି ହେଲା ? କେମିତି ବଞ୍ଚିରହିଛି ମଧ୍ୟ ?

ଚିନ୍ତିତ ହେଲେ ବଳଭଦ୍ର ।

"ଆଚ୍ଛା ମଉସା, ଆପଣ ନିଜେ ବାହାସାହା ହେଇଚନ୍ତି କି ନା ?"

Digitized by srujanika@gmail.com

ବଳଭଦ୍ର ବିବ୍ରତ ହୋଇପଡ଼ିଲେ ।

"ଏବେ ବି ଟାଇମ୍ ଅଛି—ଲୀଳା ମାଉସୀ ବୁଢ଼ୀ ହୋଇଯାଇ ନାହାନ୍ତି । ଯଦି ଗୃହିଣୀ ଏବେ ମଧ୍ୟ···" ଟୋକାମାନେ ଏଥର ମଜାକରିବା ଆରମ୍ଭ କରିଦେଲେ ବଳଭଦ୍ରଙ୍କୁ ନେଇ ।

"ଦେଖ ! ଏ ଏକ ମିଛକଥା—ଘୋର ମିଛକଥା—ଏ ଅପବାଦର କାରଣ ମତେ ଜଣାନାହିଁ । ତମ ଲୀଳା ମାଉସୀଙ୍କୁ ମୁଁ କେବେ ପ୍ରତାରିତ କରିନାହିଁ । କେବେହେଲେ ଏଭଳି ପ୍ରସ୍ତାବ କଥା ମୁଁ ଶୁଣି ନାହିଁ···।" ବଳଭଦ୍ର ବ୍ୟସ୍ତ ହୋଇପଡ଼ିଲେ । ଘଡ଼ିଏ ପୂର୍ବରୁ ଯେତେବେଳେ ତାଙ୍କ ଉପରକୁ ଏଇ ଗାଁ ଟୋକାମାନେ ଢେଲା ପକାଉଥିଲେ, ସେତେବେଳେ ତାଙ୍କର ଯେଉଁ ଧୈର୍ଯ୍ୟ ସେ ପ୍ରଦର୍ଶନ କରିଥିଲେ, ଢେଲା ଫୋପାଡ଼ିବା ପିଲାକୁ କୁଣ୍ଢେଇ ପକେଇ ତାକୁ କୋଲକରି ସମସ୍ତଙ୍କୁ ମୁଗ୍ଧ କରିପାରିଥିଲେ, ବର୍ତ୍ତମାନ ସେ ପରିସ୍ଥିତି ଆଉ ନଥିଲା ।

ବଳଭଦ୍ର ବିଚଳିତ ହୋଇପଡ଼ିଲେ । ପିଲାଗୁଡ଼ାଙ୍କୁ ଠେଲିଦେଇ ସ୍ଥାନ ଛାଡ଼ି ଚାଲିଯିବାକୁ ଇଚ୍ଛାକରି ସେ ପାଦେ ଦୁଇପାଦ ଆଗେଇଗଲେ ମଧ୍ୟ । କିନ୍ତୁ ଆପଣା-ଛାଏଁ ଅଟକିଗଲା ତାଙ୍କର ପାଦ ।

"ଏଠି ଡଙ୍ଗାଘାଟ କୋଉଠିରେ ବାବୁମାନେ ?" ପିଲାମାନଙ୍କ ଆଡ଼କୁ ବୁଲିପଡ଼ି ପଚାରିଲେ ସେ ଅବିକଳ ଯେମିତି ଗାରଡ଼େଇ ଗାରଡ଼େଇ ଯେମିତି ଅନେଇଥିଲେ ସେ ସେମାନଙ୍କୁ ତାଙ୍କ ଉପରକୁ ଢେଲାପଡ଼ିଲାବେଳେ ।

"ଡଙ୍ଗା ନାହିଁ—ପୋଲ—ସରକାର ପୋଲ କରିଦେଲାଣି କୋଉଦିନୁ ମଉସା !"

"କାହିଁ ସେ ପୋଲ ?"—ବଳଭଦ୍ର ବିରକ୍ତ ହେଲାଭଳି ପଚାରିଲେ ।

"ଅନେକ ଉପରକୁ—ପ୍ରାୟ ଅଧମାଇଲିଏ ଉପରକୁ ।"

ସେତେବେଳକୁ ବଳଭଦ୍ର ତାଙ୍କ ଗୋଡ଼ରୁ ଚଟି ହଳକ କାଢ଼ି ପକେଇଥିଲେ ।

କେନାଲ ପାଣିକୁ ପଶିବା ପୂର୍ବରୁ ପଛରେ ରହିଯାଇଥିବା ଗାଁ ଟୋକାମାନଙ୍କ ଉଦ୍ଦେଶ୍ୟରେ ପଦଟିଏ ଉପଦେଶ ଛାଡ଼ିଦେଇଗଲେ ବଳଭଦ୍ର—

"ଢେଲାପକେଇଲାବାଲାକୁ କୋଳେଇନବ, ସେପାରିକୁ ଯିବାକୁ ହେଲେ ଡଙ୍ଗା ଖୋଜିବ ନାହିଁ—କଅଣ ବୁଝିଲ ତ ?"

Digitized by srujanika@gmail.com

ବଳିଭଦ୍ର ନାଳ ପହଁର ସେପଟକୁ ଯିବାବେଳେ ଗାଁ ଟୋକାମାନେ ତାଳି-ମାରୁଥିଲେ । ସେମାନେ କଅଣ ବୁଝୁଥିଲେ କେଜାଣି !

ଏଥର ଅଳ୍ପ ସମୟ ପରେ ତାଳଦଣ୍ଡା କେନାଲ୍ ପାଣିରେ ଗୋଟାଏ ଟେଙ୍ଗି ଭାସିଯିବାର ଦେଖାଗଲା । ସେ ଟେଙ୍ଗିଟା ଉପରେ ଲେଖା ହୋଇଥାଏ 'ଗାଭସ୍କର' । ତାର କିଛି ସମୟ ପରେ ଶୁଣାଗଲା—'ହେଃ ଶଳା ! ଫୋପାଡ଼ ଏ ସବୁକୁ !'

ବଳଭଦ୍ର କେନାଲ ଆରପାଖେ ପହଞ୍ଚିଲେ । ଓଦା ଜୁଡ଼ୁବୁଡ଼ୁ ହୋଇ ପାଣିରୁ ଉଠିଲେ । ତା'ର ପାଖକୁ ଶୁଣାଗଲା କର କର ହସ ସ୍ତ୍ରୀଲୋକମାନଙ୍କର ।

ଏ ପଟେ ଯୁବକମାନେ କଥାବାର୍ତ୍ତା ହେଉଥିଲେ—

"ଏ ଲୋକଟା ନିଶ୍ଚେ ତା' ପିଲାଦିନେ ଶ୍ରୀକୃଷ୍ଣଙ୍କୁ ଦେଖିଥିଲା ।"

"ଆରେ ଏଇଟା ଆମର ଗାଁ ଲୋକ ? କାହିଁ ବିଶ୍ୱାସ ହେଉନାହିଁ ତ !"

Digitized by srujanika@gmail.com

କଲେଜ ହତାରେ ଜହ୍ନରାତି

ରାତି ଜଗୁଆଳ ବାରବାହାଦୁର ବିରୁଦ୍ଧରେ ହଜାରେ ଅଭିଯୋଗ ଭିତରୁ ଗୋଟିଏ ଅଦ୍ଭୁତ ଅଥଚ ଖୁବ୍ ଗୁରୁତର ଅଭିଯୋଗ ହେଲା—ବାରବାହାଦୁର ଗୋଟାଏ ତାନ୍ତ୍ରିକ ! ସେ ତନ୍ତ୍ରମନ୍ତ୍ର ଜାଣେ । ଖାଲି ଜାଣେନା—ପ୍ରୟୋଗ କରେ ମଧ୍ୟ ।

କଲେଜର ବଡ଼ବାବୁ ଅଭିରାମ ଖୁଣ୍ଟିଆ ଅଧ୍ୟକ୍ଷ ବନବିହାରୀ ଚୌଧୁରୀଙ୍କ ଦୃଷ୍ଟିକୁ ବାରବାହାଦୁରର ଦାୟିତ୍ୱହୀନତା ବିଷୟ ନେଇ ସେ ଯୋଉ ଲମ୍ବା ନୋଟ୍‌ଟା ପ୍ରସ୍ତୁତ କରିପାରିଥିଲେ ସେଥିରେ ସେଇ ଅଭିଯୋଗଟା ତଳେ ଗୋଟାଏ ମୋଟା ନାଲିଗାର ପକାଇ ଅଧ୍ୟକ୍ଷ ଅନେଇଲେ ବଡ଼ବାବୁଙ୍କ ମୁହଁକୁ ଆଉ ପଚାରିଲେ—

"ତାନ୍ତ୍ରିକ ? ମାନେ ? ଉଚାଟନ, ବଶୀକରଣ ପ୍ରଭୃତି ସେଇସବୁ ବ୍ଲାକ୍-ମ୍ୟାଜିକ୍ ନା କଅଣ ?"

ବଡ଼ବାବୁ ଅଭିରାମ ଖୁଣ୍ଟିଆଙ୍କ ଗମ୍ଭୀର ବଦନମଣ୍ଡଳର ଏକ ସ୍ଥାୟୀ ସ୍ମିତହାସ୍ୟର ଅକ୍ଷାଂଶରେଖା ହଠାତ୍ ସଙ୍କୁଚିତ ହୋଇଗଲା ଏବଂ ତା'ର ସମ୍ମତ ଶୁଣାଗଲା—

"ଏ କଲେଜ ତ କଲେଜ ହୋଇ ନାହିଁ ସାର୍ ! ଆପଣ ତ ସବୁ ଶୁଣୁଥିବେ ।"

"କଅଣ ? କୋଉ ବିଷୟ ?" ଅଧ୍ୟକ୍ଷ ଚୌଧୁରୀ ବିସ୍ମିତ ହେଲେ ।

"ଏଇ ପୁଅଝିଅଙ୍କ କାରବାର !" ବଡ଼ବାବୁ ଅଭିରାମଙ୍କ ମୁଖମଣ୍ଡଳର ସେଇ ଅକ୍ଷାଂଶରେଖାଟି ପୁଣି ଥରେ ସମ୍ପ୍ରସାରିତ ହୋଇଆସିଲା କାନରୁ କାନଯାକେ ପ୍ରଲମ୍ବିତ ଏକ ସୁଦୀର୍ଘ ସ୍ମିତହାସ୍ୟକୁ ।

"ପୁଅ ଝିଅଙ୍କ କାରବାର ! ମାନେ ? ଆମ ପିଲାମାନଙ୍କ କଥା କହୁଚନ୍ତି ଆପଣ ? ଛାତ୍ରଛାତ୍ରୀ ?"—ଅଧ୍ୟକ୍ଷ ଚୌଧୁରୀଙ୍କ ଦୃଷ୍ଟି ବଡ଼ବାବୁଙ୍କ ମୁଖମଣ୍ଡଳ ଆଡ଼ୁ କ୍ରମଶଃ ଖସିଆସୁଥାଏ ତଳକୁ ତଳକୁ ।

Digitized by srujanika@gmail.com

"ଖାଲି ଛାତ୍ରଛାତ୍ରୀ କାହିଁକି ସାର୍ ! ଅଧ୍ୟାପକ-ଅଧ୍ୟାପିକା, ଆମେ ସମସ୍ତେ । ଦେଖୁନାହାନ୍ତି କି ଏସବୁ ବିଶୃଙ୍ଖଳା ! ଏ କଲେଜରେ ଆଜି ରକ୍ଷକ ଭକ୍ଷକ ଆପଣ ?" ବଡ଼ବାବୁଙ୍କ କଣ୍ଠସ୍ୱରରେ ଏକ ଦ୍ୱାର୍ଥକ ବ୍ୟଙ୍ଗର ଆତ୍ମପ୍ରକାଶ ଘଟିପାରିଥାଏ ସେତେବେଳକୁ । ସେଇ ବ୍ୟଙ୍ଗୋକ୍ତିର ସାହାଯ୍ୟ ନେଇ ଅବଶେଷରେ ମୁକ୍ତିଲାଭ କଲା ଏକ ଭୀଷଣ ଅଭିଯୋଗ କଲେଜ ପରିଚାଳନା ସମ୍ପର୍କରେ ଲୋକଟିର ମୁହଁରୁ, "ସାର୍, ଆପଣ ଶୁଣିଚନ୍ତି ନା ? ବାହାରେ ଲୋକେ ଖୁବ୍ କଥାବାର୍ତ୍ତା କରୁଛନ୍ତି—ଏଇ ରାତି ଜଗୁଆଳି ବାଗବାହାଦୁର ଜଣେ ଯୁବ ଅଧ୍ୟାପକଙ୍କୁ କଅଣ ଜଡ଼ିବୁଟି ଯୋଗେଇ ଦେଇଛି । ଫଳରେ ଏ ଅଧ୍ୟାପକ ମସୁଧା କରୁଚନ୍ତି ଛାତ୍ରୀନିବାସରୁ ଜଣେ ଛାତ୍ରୀଙ୍କୁ ହରଣଚାଳି କରିନେବାକୁ । ଆପଣ ଆଜି ରାତିରେ ଆସି କ୍ୟାମ୍ପସ୍ ଭିତରେ ନିଜେ ବୁଲି ଦେଖନ୍ତୁ । ଦେଖିବେ ସେ ଅଧ୍ୟାପକ ରାତି ଅଧରେ ବାଗବାହାଦୁର ପାଖରେ ବସି କି ବିଦ୍ୟା ଶିକ୍ଷା କରୁଚନ୍ତି ଛାତ୍ରୀ ନିବାସ ପାଖ ସେଇ ଆମ୍ବଗଛ ମୂଳରେ । ଆପଣ ନିଜେ ଆସି ଦେଖନ୍ତୁ । ଏ କଲେଜର ମାନମହତ ସବୁ ସରିଯିବ ସାର୍ ଯଦି ଏଭଳି କାଣ୍ଡ ଘଟିବାକୁ ଛାଡ଼ିଦେବେ ଆପଣ !"

ଅଧ୍ୟକ୍ଷ ବନବିହାରୀ ଗୈଁଧୁରୀ ଗମ୍ଭୀର ହୋଇ କିଛି ସମୟ ବସିରହିଲେ । ପ୍ରାୟ ପାଞ୍ଚ ମିନିଟ୍ ସେଇଭଳି ବସିରହିବା ପରେ ସେ ବଡ଼ବାବୁଙ୍କୁ ବିଦାୟ ଦେଲେ ଓ ପ୍ରତିଶ୍ରୁତି ମଧ୍ୟ ଦେଲେ ଯେ ଅଭିଯୋଗର ବିଧିବଦ୍ଧ ତଦନ୍ତ ଦାୟିତ୍ୱ ସେ ସେଇ ମୁହୂର୍ତ୍ତରୁ ନିଜ ହାତକୁ ନେଲେ ।

ସେଦିନ ସନ୍ଧ୍ୟାରେ ଅଧ୍ୟକ୍ଷ ଗୈଁଧୁରୀ ତାଙ୍କର ନୈଶଅଭିଯାନ ପାଇଁ କେତେକ ସାଜସରଂଜାମର ସଂଗ୍ରହରେ ଲାଗିପଡ଼ିଲେ । ଏକ ପାଞ୍ଚସେଲିଆ ଟର୍ଚ୍ଚ, ଖଣ୍ଡେ ବାଡ଼ି, କିଛି ଶୀତବସ୍ତ୍ର ବ୍ୟତୀତ ତାଙ୍କର ଦରକାର ଥିଲା ଗୋଟିଏ ଛୋଟ ଟେପ୍‌ରେକର୍ଡ଼ର । ଏସବୁ ସରଂଜାମ ସଂଗୃହୀତ ହୋଇଯିବା ପରେ ସେ ତାଙ୍କର ସହାୟକ ପିଅନ୍ ସୁଦାମକୁ ଆଦେଶ ଦେଲେ, "ମୋର ରାତିର ଖାଇବା ଶୀଘ୍ର ସରିବ ଯେମିତି ଦେଖ ! ବୁଝିଲ ତ ?"

ସନ୍ଧ୍ୟା ପ୍ରାୟ ନଅଟା ସୁଦ୍ଧା ଅଧ୍ୟକ୍ଷ ଗୈଁଧୁରୀ ତାଙ୍କର ନୈଶଅଭିଯାନ ପାଇଁ ନିଜକୁ ପ୍ରସ୍ତୁତ କରିନେଇସାରିଥାନ୍ତି । ରାତି ଖାଇବା କାମ ତୁଟିଯାଇସାରି ପିଅନ୍ ସୁଦାମ ତା ନିଜ କ୍ୱାର୍ଟରସ୍‌କୁ ବାହାରିଯିବା ପରେ ପରେ ଗୈଁଧୁରୀ ମଧ୍ୟ ବାହାରି-ପଡ଼ିଲେ ।

Digitized by srujanika@gmail.com

ଶୀତଦିନ—ଆକାଶରେ ଆକାଶେ ଜହ୍ନ । ଅଧକ୍ଷ ତାଙ୍କ କ୍ୱାର୍ଟରସ୍‌ରୁ ବାହାରିବା ବେଳକୁ ଚ୍ଛରିଆଡ଼ ଶୂନ୍‌ଶାନ୍ । ଶୀତଦିନ ରାତିଗୁଡ଼ାକ ସାଧାରଣତଃ ଏମିତି ଶୂନ୍‌ଶାନ୍ । ରାତି ନ'ଟା ବେଳକୁ ଲାଗେ ଯେମିତିକି ମଧ୍ୟରାତି କି ଆହୁରି ବେଶି ।

ଅଧକ୍ଷ ଶ୍ରୀ ଧୂସ ଯେଉଁ ଊଲେନ୍ ସ୍ୱେଟରଟି ପିନ୍ଧି ବାହାରକୁ ବାହାରି ପଡ଼ିଥିଲେ ହଠାତ୍ ସେଇଟା ଖୁବ୍ ଲଘୁ ଶୀତବସ୍ତ୍ର ଭଳି ମନେହେଲା ତାଙ୍କୁ । ତେଣୁ ସେ ପୁଣିଥରେ କ୍ୱାର୍ଟରସ୍‌କୁ ଫେରିଆସିଲେ । କବାଟରୁ ତାଲା ଖୋଲିଲେ । ରୁମ୍‌କୁ ଫେରି ସ୍ୱେଟର୍ ଉପରେ ଗୋଟିଏ କୋଟ୍ ପିନ୍ଧିଲେ । କୋଟ୍‌ଟା କଳା ରଙ୍ଗର । ଜହ୍ନରାତିରେ କଳାକୋଟ୍ ପିନ୍ଧି ବାହାରକୁ ବାହାରିଲେ କାଳେ ତାଙ୍କର ଗତିବିଧି ଲକ୍ଷ୍ୟ କରିହେବ, ସେଥିପାଇଁ ଚିନ୍ତିତ ହୋଇପଡ଼ିଲେ ସେ । ଜହ୍ନରାତିରେ ଧଳା ପୋଷାକରେ ମଣିଷ ଅଧିକ ଅଦୃଶ୍ୟ ହୋଇଯାଇବ ନା କଳା ପୋଷାକରେ— ଏଇ ଦ୍ୱନ୍ଦ୍ୱରେ ପଡ଼ି ସେ ତାର ସମାଧାନ କଲେ—ଶେଯ ଉପରୁ ଧଳା ବେଡ୍‌-ସିଟ୍‌ଟା କାଢ଼ି ନିଜକୁ ଭଲକରି ଆବୃତ କରିନେଲେ ସେ । ତାପରେ ଟର୍ଚ୍ଚ, ବାଡ଼ି ଓ ଟେପ୍‌ରେକର୍ଡ଼ର ଇତ୍ୟାଦି ସାଜସରଞ୍ଜାମଗୁଡ଼ିକୁ ସେଇ ଚଦର ତଳେ ସୁବିଧାରେ ଧରିବା ପାଇଁ କିଛି ସମୟ ଉଦ୍ୟମ କଲା ପରେ ସେ ଅବଶେଷରେ କ୍ୱାର୍ଟରସ୍‌ରୁ ବାହାରିବାକୁ ସକ୍ଷମ ହେଲେ ।

ନିଜ କ୍ୱାର୍ଟରସ୍ ହତା ଟପି ଶ୍ରୀ ଧୂସ ପଦାକୁ ବାହାରିଯିବା ମାତ୍ରେ କଲେଜ କ୍ୟାମ୍ପସ୍‌ର ମୂର୍ତ୍ତିମନ୍ତ ଶୂନ୍ୟତା ତାଙ୍କୁ ଆକଣ୍ଠ ଗ୍ରାସ କରିସାରିଥାଏ । ଆଶ୍ଚର୍ଯ୍ୟ ଲାଗିଲା ତାଙ୍କୁ । ଏତେବଡ଼ କଲେଜ—ହାରାହାରି ତିନିହଜାର ଛାତ୍ର, ତିନିଶ ଅଧାପକ-ଅଧାପିକା, କର୍ମଚ୍ଛରୀ—ଅଥଚ କି ନିର୍ଜନ ଏ ରାତି ! କୁଆଡ଼େ ଗଲେ ସେମାନେ ସମସ୍ତେ ? ଏ କଅଣ ଶୀତର ପ୍ରଭାବ ନା ଅନ୍ୟ କିଛି ? ବିସ୍ମିତ ହୋଇ ସେ ଚ୍ଛରିଆଡ଼କୁ ଆଉ ଥରେ ଭଲକରି ଚ୍ଛହିଁଲେ । ସେ ଯୋଉଠି ଠିଆହେଇ ତାଙ୍କ କଲେଜ କ୍ୟାମ୍ପସ୍‌ଟିକୁ ପର୍ଯ୍ୟବେକ୍ଷଣ କରୁଥିଲେ ସେଠୁ ବହୁଦୂର ପର୍ଯ୍ୟନ୍ତ ଗୋଟାଏ ବିସ୍ତୀର୍ଣ୍ଣ ପଡ଼ିଆ—କଲେଜ ପିଲାଙ୍କ ଖେଳପଡ଼ିଆ । ସେଇ ପଡ଼ିଆର ଉତ୍ତର କଡ଼ରେ ଠାଏ ଠାଏ ଗୋଟାଏ ଦୁଇଟା କ୍ୱାର୍ଟରସ୍, ଯୋଉଠି ଅଧାପକ-ଅଧାପିକା-ମାନେ ରହନ୍ତି । ଏହାର ଦକ୍ଷିଣ କଡ଼ରେ କଲେଜ ବିଲ୍ଡ଼ିଂ । ପଶ୍ଚିମ ଓ ପଙ୍ଗପଟେ ଦୁଇଟି ଛାତ୍ରାବାସ । ସେଥିଭିତରୁ ପଶ୍ଚିମପଟ ଛାତ୍ରାବାସଟି ହିଁ ଛାତ୍ରୀନିବାସ । କିନ୍ତୁ ଉତ୍ତର, ଦକ୍ଷିଣ, ପଶ୍ଚିମ ବା ପୂର୍ବ କୌଣସି ଦିଗରେ

Digitized by srujanika@gmail.com

କୌଣସି ଘର ଭିତରେ ବା ବାହାରେ ଆଲୁଅଟିଏ ଜଳୁନଥିବା ଦେଖି ଅଧ୍ୟକ୍ଷ ଚୌଧୁରୀ ପୁଣିଥରେ ହାତଘଡ଼ିକୁ ଚାହିଁଲେ । ଘଡ଼ିର ରେଡ଼ିୟମ୍ ଡାଏଲ୍ ଭିତରୁ ସେ ସମସ୍ତ ପଢ଼ିଲେ—ଏଗାରଟା—ରାତି ଏଗାରଟା ।

ଅଧ୍ୟକ୍ଷ ଚୌଧୁରୀ ଏଥର ମୁହାଁଇଲେ ଋଷୀନିବାସ ଆଡ଼କୁ । ଋଷୀନିବାସ ପାଖ ଆମ୍ବଗଛ । ସେଠାକୁ ଯିବାକୁ ହେଲେ ତାଙ୍କୁ ଉତ୍ତର ଦିଗରେ ଥିବା ନିଜ କ୍ୱାର୍ଟରସ୍‌ଠାରୁ ପଶ୍ଚିମପଟ ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ଖୁବ୍ ବେଶିରେ ଦୁଇଶହ ମିଟର । ସେଇ ଦୂରତ୍ୱକୁ ଅତିକ୍ରମ କରିବାକୁ ହେଲେ ତାଙ୍କୁ ଖୋଲାପଡ଼ିଆ ଭିତରେ ଯିବାକୁ ହିଁ ପଡ଼ିବ । କିନ୍ତୁ ଜହ୍ନରାତିରେ ଖୋଲାପଡ଼ିଆ ମଝିରେ ଚାଲିବା ସହିତ ତାଙ୍କ ନୈଶଅଭିଯାନ ଉଦ୍ଦେଶ୍ୟର ଅସଙ୍ଗତି ଅନୁଭବ କରିପାରି ସେ ଏକ ଭିନ୍ନ ମାର୍ଗ ଖୋଜିବସିଲେ । ସେଥିପାଇଁ ତାଙ୍କର ଆଖି ଖୋଜିବୁଲିଲା କଂକାଳ ହାତ କଡ଼େ କଡ଼େ ଅନ୍ଧାରିଆ ଗଛ ଗହଳିର ଆଢ଼ୁଆଳ ।

ଅଧ୍ୟକ୍ଷ ଚୌଧୁରୀ ସେଇ ଗଛ ଆଢ଼ୁଆଳରେ ନିଜକୁ ଲୁଚାଇଦେବା ଲକ୍ଷ୍ୟରେ ଧୀରେ ଧୀରେ ମୁକ୍ତ ପଡ଼ିଆର ଏକ ସଂକୀର୍ଣ୍ଣ ଅଂଶକୁ ଅତିକ୍ରମ କରିବା ପାଇଁ ଚେଷ୍ଟିତ ହେଉଥାନ୍ତି । ଟୋପା ଜହ୍ନ ଆଲୁଅରେ ତାଙ୍କର ଛାଇଟା ତାଙ୍କ ସାମ୍ନାରେ ଆସ୍ତେ ଆସ୍ତେ ପାଦ ପରେ ପାଦ ଗତିଶୀଳ ହେବା ଦେଖି କେଜାଣି କାହିଁକି ଅଧ୍ୟକ୍ଷଙ୍କ ଛାତି ଭିତରେ ସାମାନ୍ୟ ଏକ ଶିହରଣ ଖେଳିଗଲା । ସେ ଅଟକିଗଲେ । ପଛକୁ ବୁଲି ଚାହିଁଲେ । ଚମକିପଡ଼ିଲେ । କାରଣ, ସେତିକିବେଳେ ତାଙ୍କର ସ୍ମରଣ ହେଲା—ବଡ଼ବାବୁଙ୍କ ସତର୍କ ବାଣୀ—ରାତି ଜଗୁଆଳ ବୀରବାହାଦୁର ଜଣେ ତାନ୍ତ୍ରିକ !

ଅଧ୍ୟକ୍ଷ ଚୌଧୁରୀ ତନ୍ତ୍ରମନ୍ତ୍ର ଓ ଗୁଣି ଗାରେଡ଼ିରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ପରିସ୍ଥିତିଟା ଥିଲା ଭିନ୍ନ ପ୍ରକାର । ସେ ପୁଣି ଥରେ ଏକ ଶିହରଣ ଅନୁଭବ କଲେ—ଏଥର ସର୍ବାଙ୍ଗରେ । ସେ ମୁଣ୍ଡ ଟେକି ଜହ୍ନକୁ ଅନାଇଲେ । ତାଂକର ମନେହେଲା ଆକାଶରେ ସେ ଯୋଉ ଚକ୍ ଚକ୍ ଜିନିଷଟାକୁ ଏପର୍ଯ୍ୟନ୍ତ ଜହ୍ନବୋଲି ଭାବୁଥିଲେ ସେଇଟା ବୋଧହୁଏ ଜହ୍ନ ନୁହେଁ—ଗୋଟାଏ ଜଳନ୍ତା ଆଖି । ତାଙ୍କର ପ୍ରତ୍ୟେକ ଗତିବିଧିକୁ ସତେ ଯେମିତି ସେଇ ଆଖିଟା ଅନେକବେଳୁ ନିରୀକ୍ଷଣ କରିଚାଲିଛି । ଏଥର ଅଧ୍ୟକ୍ଷ ଚୌଧୁରୀଂକ ଦେହରୁ ସାମାନ୍ୟ ଶୀତଳ ଝାଳ ପ୍ରତି ଲୋମକୂପରୁ ନିର୍ଗତ ହେଲା ଭଳି ମନେହେଲା । "ଓଃ ନୋ..." ଅଧ୍ୟକ୍ଷଂକ

Digitized by srujanika@gmail.com

ଅଜାଣତରେ ଏଇଭଳି ଏକ ଧ୍ୱନି ତାଂକ ଅନ୍ତର୍ରାଜ୍ୟକୁ ପ୍ରତିଧ୍ୱନିତ କରି ନିସ୍ତବ୍ଧତା ଭିତରେ ଲୀନହୋଇଗଲା । ଏହା ସତ୍ତ୍ୱେ ତାଂକର ହୃଦକର୍ଣ୍ଣିକାର ଶୀତଳତା ମଧ୍ୟ କଟିଗଲା ଉଷ୍ଣତା ଲେଉଟିଆସିଲା । ସେ ଏଥର ଜହ୍ନଆଡ଼େ ମୁହଁ ବୁଲାଇ ନେଇ ଲୁଥିନିବାସ ପାଖ ସେଇ ଆମ୍ରଗଛ ଅର୍ଥାତ୍ ତାଂକର ଲକ୍ଷ୍ୟସ୍ଥଳ ଆଡ଼କୁ ନିରୀକ୍ଷଣ କଲେ ଏବଂ ସାମାନ୍ୟ ଭ୍ରୂକୁଞ୍ଚନରେ ଅପେକ୍ଷାକଲେ ।

ଲକ୍ଷ୍ୟସ୍ଥଳରେ ଅଧ୍ୟକ୍ଷ ଚୌଧୁରୀଙ୍କୁ ପହଞ୍ଚିବା ପାଇଁ ଖୁବ୍ ବେଶି ସମୟ ଲାଗି ନଥିବ ନିଶ୍ଚୟ । କିନ୍ତୁ ସେତେବେଳକୁ ଷାଣ୍ଢବାହାଦୁର ତା'ର ତାନ୍ତ୍ରିକ ହଟଯୋଗ ବୋଧହୁଏ ଆରମ୍ଭ କରିସାରିଥିଲା । ଅଧ୍ୟକ୍ଷ ଘଟଣାସ୍ଥଳଠାରୁ ପ୍ରାୟ ଦଶଫୁଟ ଦୂରତାର ପାର୍ଥକ୍ୟରେ ନିଜର ଉପସ୍ଥିତିକୁ ଗୋଟିଏ ବୁଦାମୂଳରେ ଏତର୍ ସତର୍କତାର ସହିତ ଲୁକ୍କାୟିତ କରିବାର ଅବସର ମଧ୍ୟରେ ତାଂକ ଆଖିରେ ପଡ଼ିଲା ସର୍ବପ୍ରଥମେ ଏକ ବିଚିତ୍ର ଦୃଶ୍ୟ । ଷାଣ୍ଢବାହାଦୁର ଆମ୍ରଗଛ ମୂଳରେ ଟେଣ୍ଡ୍ରେ ପଥର ଉପରେ ନିଜର ଆସ୍ଥାନ ଜମେଇ ଖୋଲା ଜ୍ୟୋତ୍ସ୍ନାସିକ୍ତ ପଡ଼ିଆଟା ଆଡ଼କୁ ମୁହଁ କରିଥାଏ—ଆଉ ତା ହାତ ପାହାନ୍ତରେ ତା ମୁହଁକୁ ନିର୍ନିମେଷ ନୟନରେ ଅନାଇ ରହିଥାନ୍ତି ଦୁଇହଳ ଜଳନ୍ତା ଆଖି ।

ଅଧ୍ୟକ୍ଷ ଚୌଧୁରୀଙ୍କ ସମଗ୍ର ଅସ୍ତିତ୍ୱ ହଠାତ୍ ଜାଗ୍ରତ ହୋଇଉଠିଲା । ତାଙ୍କୁ ଜଣାଗଲା ସେ ଆଖି ଦୁଇହଳ ଅନ୍ୟ କାହାରି ନୁହଁ—ସେଇ ଯୁବ ଅଧ୍ୟାପକ ଓ ଲୁଥିନିବାସର କୌଣସି ହତଭାଗିନୀ ଯୁବତୀ ! ତାନ୍ତ୍ରିକ ଷାଣ୍ଢବାହାଦୁର ସେମାନଙ୍କୁ ବଶୀଭୂତ କରି ନିଶ୍ଚୟ କୌଣସି ଖଳ ଉଦ୍ଦେଶ୍ୟ ଚରିତାର୍ଥ କରିବା ଲକ୍ଷ୍ୟରେ ଅପେକ୍ଷମାଣ—ଏଇ ସନ୍ଦେହଟା ତାଂକର ତତ୍‌କ୍ଷଣାତ୍ ସ୍ୱୀକୃତ ହୋଇଯିବା ମାତ୍ରେ ଚୌଧୁରୀ ଚିତ୍କାର କରିଉଠିଲେ—"ଷାଣ୍ଢବାହାଦୁର ! ଆରେ ବଦ୍‌ମାସ୍ ତାନ୍ତ୍ରିକ ! ତତେ ମୁଁ ଏଇଠି ଏଇକ୍ଷଣି ବନ୍ଧୁକରୁ ବନ୍ଧସ୍ତାରକଲି !"

ଅଧ୍ୟକ୍ଷ ଚୌଧୁରୀଙ୍କ ଉତ୍କଟାଳ ସ୍ୱର ସମଗ୍ର ନିର୍ଜନତାକୁ ଶିହରିତ କରି ଖୋଲା ମଇଦାନର ପ୍ରତ୍ୟେକଟି ଦିଗକୁ ପ୍ରତିଧ୍ୱନିତ କରିଦେଲା ଏବଂ ତା'ର ସହିତ ଆଖି ଦୁଇହଳ ମଧ୍ୟ ଦୃଶ୍ୟସ୍ଥଳରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲେ ।

ଷାଣ୍ଢବାହାଦୁର ତା'ର ବସିବା ଜାଗାରୁ ଝପ୍‌କିନା ଡେଇଁପଡ଼ିଲା ।

ଅଧ୍ୟକ୍ଷ ଚୌଧୁରୀ ମଧ୍ୟ ତାଙ୍କ ଲୁଚିବା ଜାଗାରୁ ଝପ୍‌କିନା ଡେଇଁପଡ଼ିଲେ ।

ଷାଣ୍ଢବାହାଦୁର ଅଧ୍ୟକ୍ଷଙ୍କୁ ସମ୍ପୂର୍ଣ୍ଣ ମିଲିଟାରି କାଇଦାରେ ଏକ ସାଲ୍ୟୁଟ୍ ଦେଇ ଷ୍ଟାଣ୍ଡବାଇ ସାବଧାନ ପୋଜସନ୍‌ରେ ଠିଆହୋଇ ରହିଗଲା ।

Digitized by srujanika@gmail.com

"ହୁଁ !"—ଅଧ୍ୟକ୍ଷ ହୁଙ୍କାର କରିଉଠିଲେ, "କହ କିଏ ସେ ଦୁଇଟା—କିଅଣ ତାଙ୍କ ନାଁ ? କହ, ଶୀଘ୍ର କହ ତାଙ୍କ ନାଁ !"

ଶେରବାହାଦୁର ସେଇଭଳି ସ୍ଥାଣୁ ଅବସ୍ଥାରେ ଠିଆହୋଇରହିଲା ।

"ଚୋପ ଗୁଜର ହେଉଛି ଶେରବାହାଦୁର ! ଯଦି ସେମାନଙ୍କ ନାଁ ନ କହିବୁ ତେବେ···ତେବେ···"—ଅଧ୍ୟକ୍ଷ ବନବିହାରୀ ଗର୍ଜିଉଠିଲେ । ଗର୍ଜି ଗଲେ ମଧ୍ୟ ଆତଙ୍କର କମ୍ପ ଥମିଗଲା ।

ଅବଶେଷରେ ଶେରବାହାଦୁରର ପାଟି ଫିଟିଲା । ଅଧା ଓଡ଼ିଆ ଅଧା ହିନ୍ଦୀରେ ଝେଁକେଇ ଝେଁକେଇ ସେ କହିଲା, "ସାର୍, ଗୋଟାକର ନାମ୍ ଅମିତାଭ ବଚ୍ଚନ୍ ଔର୍ ଦୁସରାଟା ଜମ୍ବୁ ଖଦୁଡ଼ ।"

"ସଟ୍ ଅପ୍ ! ମୋ ସାଙ୍ଗେ ଥଟ୍ଟା ? ତୋ ଜୀବନ ନେଇନେବି ଶେରବାହାଦୁର ! ତୁ ଏଠି ତନ୍ତ୍ର କରୁଚୁ ? କଲେଜ ଅଧ୍ୟାପକ କଲେଜ ପିଲାଙ୍କୁ ତନ୍ତ୍ର କରୁଚନ୍ତି ? ତୋର ଜାନ୍ ଖାଇଦେବି ଜାଣିଥା—ଜାନ୍ ଖାଇଦେବି !"

ଶେରବାହାଦୁର ପୁଣି ଥରେ ସେଇ ଅଧା ଓଡ଼ିଆ ଅଧା ହିନ୍ଦୀରେ କହିଲା, "ଓ ଦୋନୋ ଜାନୁଆର୍ ଅଛି ସାର୍—ଆଦ୍‌ମୀ ନାହିଁ - କସମ୍ ଖାଇ କହୁଚି ସାର୍, ସେ ଯୋଡ଼ାକ ଆଦ୍‌ମୀ ନୁହନ୍ତି···"

"କଅଣ କହିଲୁ ? ଆଦ୍‌ମୀ ନୁହନ୍ତି ? ମୋ ଆଖିକୁ ମୁଁ ଅବିଶ୍ୱାସ କରିବି ? ନିଜ ଆଖିରେ ଦେଖିଚି ! ମୋ ସାଙ୍ଗରେ ମିଛ ? ପୁଣି ପାଗଳାମି ?"—ଅଧ୍ୟକ୍ଷ ଚୌଧୁରୀ ଚିତ୍କାର କରିଉଠିଲେ ।

ଶେର୍‌ବାହାଦୁର କଣ୍ଠରୁ ଏଥର ଏକ କ୍ଷୀଣ ସ୍ୱର ଶୁଣାଗଲା । ସେ ବୋଧହୁଏ ତାର ତନ୍ତ୍ର ବା ମନ୍ତ୍ର ଉଚ୍ଚାରଣ କରି ଅଧ୍ୟକ୍ଷ ଚୌଧୁରୀଙ୍କୁ ବଶୀଭୂତ କରିବା ଉଦ୍ଦେଶ୍ୟରେ ସେପରି ସ୍ୱର ପ୍ରୟୋଗ କଲା ।

ସତକୁ ସତ ଅନତିବିଳମ୍ବ ପୂର୍ବରୁ ଅଧ୍ୟକ୍ଷ ଚୌଧୁରୀ ବଶୀଭୂତ ହୋଇ ସମ୍ପୂର୍ଣ୍ଣ ନିର୍ବାକ୍ ଅବସ୍ଥାରେ ସେଇ ଆମ୍ବଗଛମୂଳେ ବସିପଡ଼ିଲେ । ଶେରବାହାଦୁର ମଧ୍ୟ ତାଙ୍କ ପାଖାପାଖି ବସିପଡ଼ିଲା ।

ପୁଣିଥରେ ପୂର୍ବର ନୀରବତା ଦ୍ରୁତଗତିରେ ଫେରିପଡ଼ିଲା—ପାଣିଟିଏ ଗୋଟିଏ କାଟିଲା ପରି । ଜ୍ୟୋତ୍ସ୍ନାସିକ୍ତ କଲେଜ ପଡ଼ିଆର କେଉଁ ଗାତରୁ ସେ ଦୁହେଁ ପୁଣିଥରେ ବାହାରି ଆସିଲେ କେଜାଣି ! ଶେରବାହାଦୁର ସେମିତି କ୍ଷୀଣ ସ୍ୱରରେ ଗୁଣୁ ଗୁଣୁ ହେଉଥାଏ ।

Digitized by srujanika@gmail.com

କ୍ରମଶଃ ଜୀବ ଦୁଇଟି ଅଧକ୍ଷ ଚୌଧୁରୀଙ୍କ ପାଖକୁ ପାଖକୁ ଲଗିଆସିଲେ—ଦୁଇଟି ବଶୀଭୂତ ଆତ୍ମାପରି । ଯୋଡ଼ାଏ କୋକଶିଆଳ ! ବିଶୁଦ୍ଧ ସୁନା ରଙ୍ଗର କୋକଶିଆଳ । ଜହ୍ନ ଆଲୁଅରେ ସେମାନେ ଦିଶୁଥାନ୍ତି କି ଅଦ୍ଭୁତ !

ସେମାନେ ପାଖକୁ ପାଖକୁ ଲଗିଆସିଲେ । ବାରବାହାଦୁର ଏଥର ତାର କଳା ଓଭର୍‌କୋଟ୍ ପକେଟ୍‌ରୁ କଅଣ ମୁଠାଏ କାଢ଼ି ସେମାନଙ୍କ ଆଡ଼କୁ ଫିଙ୍ଗି-ଦେଇ କହିଲା···"ଦେଖନ୍ତୁ ସାର୍ ! ବଡ଼ାଟୋ ଅମିତାଭ ଔର୍ ରେଖାକା ନାମ୍ ଜପ୍ସା ! ଏ ଦୋନୋ ଆଦ୍‌ମୀ ସ୍ୱା ଜାନୁୱାର୍ ଖୁଦ୍ ଦେଖନ୍ତୁ ଆପଣ !"

ଅଧ୍ୟକ୍ଷ ଚୌଧୁରୀ ମୂକ ପାଲଟି ବସି ରହିଥାନ୍ତି । ତାଙ୍କ ମନରେ ତଥାପି ସନ୍ଦେହର ଧୂଆଁ କୁହୁଳୁଥାଏ । ସେ ଆଶ୍ଚର୍ଯ୍ୟ ହୋଇ ନିଜକୁ ନିଜେ ପଚାରି ଚାଲିଥାନ୍ତି—"ଏମାନେ କୋକଶିଆଳ ନା ମଣିଷ ? ଏ କଲେଜ ହତାରେ ତେବେ କଅଣ ସତରେ ଏଭଳି ଦୁଷ୍ପ୍ରାପ୍ୟ ଜନ୍ତୁ ଏବେ ମଧ୍ୟ ବଞ୍ଚି ରହିଛନ୍ତି ? ତିନିହଜାର ଛାତ୍ରଙ୍କ ଛ'ହଜାର ଆଖିରୁ ବଞ୍ଚି ଏମାନେ ରହିପାରିଛନ୍ତି କେମିତି ?"

ସାରା ରାତି ଅଧ୍ୟକ୍ଷ ବନବିହାରୀ ଚୌଧୁରୀ ସେଇ ରାତିଜଗୁଆଳ ବାରବାହାଦୁର ପାଖରେ ବସିରହିଲେ । ଚତୁର୍ଦ୍ଦିଗରେ ନିର୍ଜନତାର ରାଜୁତି ।

ସକାଳ ଆଡ଼କୁ ବାରବାହାଦୁରର ଏକ ନିବେଦନ ଶୁଣି ଅଧ୍ୟକ୍ଷଙ୍କ ଧ୍ୟାନ ଭାଙ୍ଗିଗଲା । ବାରବାହାଦୁର କହୁଥିଲା— "ସାର୍, ପାଞ୍ଚ ସାଲ ପହିଲେ ୪୦ଟି ଐସା ବହୁତ୍ ଜାନୁୱାର୍ ଥେ । ଅବ ସିର୍ଫ୍ ଏଇ ଯୋଡ଼ିଟା ବଚ୍‌କର୍ ବାକି ରହିଯାଇଛି । ଯେ ହମାରା ପୁରାନା ଦୋସ୍ତ ! ଇସ୍‌କୋ ମତ୍ ମାରିୟେ !"

'କିଏ ମାରିବ ଯାଙ୍କୁ ?'—ଚମକିପଡ଼ିଲେ ଅଧ୍ୟକ୍ଷ ଚୌଧୁରୀ ।

"ସାର୍, ଯୋଉଦିନ ମତେ ନିକାଲଦେବେ ନୌକରୀରୁ, ଉସି ଦିନ୍ ଓଭି ମର୍‌ଯାଏଙ୍ଗେ ! ଏ କଲେଜମେ ଉନ୍ ଦୋନୋକା ଔର୍ କେହି ଦୋସ୍ତ୍ ନାହାନ୍ତି—ସିର୍ଫ୍ ମୋ ଛଡ଼ା···ମୁହିଁ ତାଙ୍କର ଦୋସ୍ତ !"

"ତମକୁ କିଏ ନିକାଳିବ ନୌକରୀରୁ ମୁଁ ଥାଉଁ ଥାଉଁ, ବାରବାହାଦୁର !" ···ଅଧ୍ୟକ୍ଷ ବନବିହାରୀ ଚୌଧୁରୀଙ୍କର ଗୋଟିଏ ବାହୁ ରାତି ଜଗୁଆଳ ନେପାଳୀ ଗୁର୍ଖା ବାରବାହାଦୁରର କାନ୍ଧକୁ ନିବିଡ଼ଭାବେ ଜାକିଆଣୁଥାଏ ନିଜ ପାଖକୁ ।

ପୂର୍ବାକାଶରେ ସିନ୍ଦୂର ଫାଟି ସାରିଥାଏ ।

Digitized by srujanika@gmail.com

ମାଟିର ସ୍ୱପ୍ନ

ମଦନ ପାତ୍ରଙ୍କ ପାଞ୍ଚ ବର୍ଷର ପୁଅ ପଦନକୁ ଗତ ରାତ୍ରାନ୍ତ ପହରରେ ସ୍ୱପ୍ନ ହେଲା—"ଆରେ ଟୋକା ! ଶୋଇଛୁ କଅଣ ! ଉଠ ଉଠ ! ଯା ଦେଖିବୁ ଯା —ତମ ବିଲରେ ସୁନା ଫଳେଇଛି ।"

ପଦନ ଧଡ଼ପଡ଼ ହୋଇ ଉଠି ବସିଲା । ତା ବାପ ମା'ଙ୍କୁ କେଞ୍ଚକାଞ୍ଚ ଉଠେଇ ବସେଇଲା ନିଦରୁ । ପାହାନ୍ତି ପହର ନିଦ ଅଳସ ଦେହରୁ ଛଡ଼ଉ ନ ଛଡ଼ଉଣୁ ମଦନ ପାତ୍ରେ ଶୁଣିଲେ, "ବାପା ବାପା, ଆମ ବିଲରେ ସୁନା ଫଳେଇଛି—ଯାଅ ଆଣିବ । ମତେ ସପନରେ କହିଲା···"

"କିଏ କହିଲା ? କଅଣ କହିଲା ? ଏଁ ? ସୁନା ଫଳେଇଛି ? ବିଲରେ ? ହୋ ହୋ ହୋ ହୋ ! ଆରେ ବାୟାଟା କରେ ? ସୁନା କଅଣ ଫଳେ ? ସୁନା କଅଣ କାକୁଡ଼ି, କଖାରୁ ନା ଶିମ୍ବ ଯେ ଫଳେଇବ ବିଲରେ ?" ମଦନ ପାତ୍ରେ କନ୍ଥାଟାକୁ ପୁଣି ଥରେ ଦେହ ଉପରକୁ ଟାଣି ଆଣିଲେ । ମାଘମାସ ଜାଡ଼ । ଘନ ଅନ୍ଧାର ବାକି ଅଛି ଘଡ଼ିଏ କି ପହରେ । କବାଟ ଫାଙ୍କରେ ପଶୁଛି ଜହ୍ନ କିରଣ । କାନରେ ପଡ଼ୁଛି ନଶା ଗର୍ଜନ । ଘନ ଅନ୍ଧାର କେତେ ଅଛି କେଜାଣି !

କିନ୍ତୁ ମଦନ ପାତ୍ରଙ୍କ ସ୍ତ୍ରୀଙ୍କ ନିଦ ଭାଙ୍ଗି ଯାଇ ସାରିଥାଏ । ବିଲରେ ସୁନା ଫଳେଇଛି ! ସୁନା ଶବ୍ଦଟା "ସ୍ୱରଇନ୍" ବାତ୍ୟା ଭଳି ଆଖି ପିଛୁଳାକେ ଜଳିଗଲା ତାଙ୍କ ଦେହରେ । ଗଲା ବର୍ଷ ଏଇ ଦିନେ ଏଘରେ ତାଙ୍କର ଲାଗିଥିଲା "ସ୍ୱରଇନ୍" ପାଲି । ମଦନ ପାତ୍ରେ ବଡ଼ଦେଉଳରୁ ସମୁଦ୍ର କୂଳକୁ ଯାଇଥିଲେ । ବାଲିରୁ କଅଣଟାଏ ପାଇ ଘରକୁ ଆଣିଥିଲେ । ଖଇର ଭଳି ରଙ୍ଗ । ଶୁଂଘିଲେ ବାଟ-କଟିଆ ବାସ୍ନା ଯେ ମୁଣ୍ଡ ବୁଲେଇ ଦେବ । ପାତ୍ରେ ସେ ଜିନିଷଟାକୁ ନେଇ ଅସ୍ତରଙ୍ଗ ବଜାରରେ ଦେଖେଇଲେ ପାଞ୍ଚ ଜଣଙ୍କୁ । କେହି ଚିହ୍ନି ପାରିଲେ ନାହିଁ ଆଗ ଆଗ । ପାତ୍ରେ ଜିନିଷଟାକୁ ଅଣ୍ଟାରେ ଜାକି ଘରକୁ ଫେରିଲେ । କଅଣ ମନ ହେଲା—ସେଥିରୁ ଟିପେନାକୁ ନେଇ ସଳିତାରେ ଥୋଇଲେ । ନଡ଼ିଆ କତାରେ ନିଆଁ କରି ସବୁ ଭିତରେ ନିଆଁଟାକୁ ରଖିବା କ୍ଷଣି ଉଠିଲା ଧୂଆଁ । ବହୁଁ ବହୁଁ

Digitized by srujanika@gmail.com

ଘୁରିଆଉ ମହକ ଉଠିଲା ସେ ବାସ୍ନାରେ । ଗଲି ଅଇଲା ଲୋକେ ଅଟକିଗଲେ । ପଶିଆସିଲେ ଘର ଭିତରକୁ । ପଚାରିଲେ, "କଅଣ ଏମିତି ମହକଉଠୁ କରେ ମଦନା ?"

ମଦନ ପାତ୍ରେ କହୁ କହିବାକୁ ପାଟି ଖୋଲିବା ପୂର୍ବରୁ ପଂଝାଏ ଟୋକା ମାଡ଼ି ବସିଲେ ତାଙ୍କୁ । କନକଟାକୁ ଛଡ଼େଇ ନବା ପାଇଁ ମଦନ ପାତ୍ରଙ୍କ ସାଙ୍ଗେ ଟୋଟାଏ ଯୁଦ୍ଧ ହେଇଗଲା ଟୋକାଙ୍କର । ସେତିକିବେଳେ ଯାଇ ଜଣାପଡ଼ିଲା କ କନକ ନେ, କେଉଁ ନହରର ସେ ଚଜ ଯାହା ନାଁ ହିରଇନ୍ ।

ଟୋକାମାନେ 'ହିରଇନ୍' ମୁଣ୍ଡାଟାକୁ ଝାମ୍ପି ନେଇ ପଳେଇଗଲେ । ପରେ ଖବର ମିଳିଲା ମଦନ ପାତ୍ରେ କଅଣ ପାଇଥିଲେ ସମୁଦ୍ର କୂଳରୁ ଆଉ କଅଣ ହାରଇଲେ ନଜ ଅଜ୍ଞତାରୁ । ଆଜକାଲି ବଜାରରେ 'ହିରଇନ୍' ସୁନା ରୁପାଠୁଁ ବଳି ଦୁର୍ମୂଲ୍ୟ ଚଜ । କେ.ଜକୁ କୁଆଡ଼େ କୋଟିଏ ! ମୋ ବାପଲୋ ! ଆଉ ମଦନ ପାତ୍ରଙ୍କୁ ଲକ୍ଷ୍ମୀଠାକୁରାଣୀ ଦେଇଥିଲେ ଅଢ଼େଇଶ ଗ୍ରାମ ହିରଇନ୍ ଯାହା ଦାମ୍···ଇସ୍ !

ଗଲାବର୍ଷ ଏଇ ଦନ । ସ୍ୱାମୀ ସ୍ତ୍ରୀ ଦୁହେଁ ଗୁଡ଼ିରେ ମୁଣ୍ଡରେ ହାତ ପିଟି ବାହୁନଥିଲେ । ନଜର ଅଜ୍ଞତାକୁ ଦୋଷ ଦେଇ ମୁଣ୍ଡ ପିଟିଥିଲେ । ସିନ୍ଧୁସୁତା ଲକ୍ଷ୍ମୀଠାକୁରାଣୀଙ୍କୁ ନେହୁରା ହେଇ ସମୁଦ୍ର କୂଳରେ ଅଧିଆ ପଡ଼ିଥିଲେ, "ମା ! ଗରିବ ନୋକଙ୍କ ସାଙ୍ଗେ ଗେଲ ଖେଳିଲୁ କାହିଁ ଲୋ ମା ! ଏ ହାତରେ ଦେଇ ଆର ହାତରେ ନେଇଗଲୁ ନଜ ଦେଲା କନକ ନଜେ ? ପଳେଇଲା ଛେପ ପୁଣି ଘୁଟିଦେଲୁ !"

ମଦନ ପାତ୍ରଙ୍କ ସ୍ତ୍ରୀ ଫୁଲରାଣୀ ସେଇ ଦନୁ ନଜ ଅଜ୍ଞାନକୁ ନଜେ ଧିକ୍କାର ଆସିଛନ୍ତି । ଯାହାକୁ ଦେଖିଚନ୍ତି ତାକୁ କହିଛନ୍ତି—"ହଉ ହଉ 'ହିରଇନ୍' ଖଣ୍ଡିକ ସିନା ଛଡ଼େଇ ନେଲ—ଏ କପାଳଟାକୁ ତ ଛଡ଼େଇ ନେବେ ନାହିଁ ସେ ଯୋଗିମା-ଖିଆଏ—ମୋ ମୁଣ୍ଡରୁ ! ଆରେ ଯାହା କପାଳରେ ଯାହା ଲେଖା ଅଛି ତାକୁ ଛଡ଼େଇ ନବ କଏ ? ଏଥର ରହ । ଥରେ ସିନା ଭୁଲ୍ ହୋଇଗଲା—ଆଉ ସେ ଭୁଲ ହବକିରେ ? ଏଥର ଯାହା ମିଳିବ ତାର ଟେର ତମେ ପାଇବ ନା ତମ ବୋପା !"

ଫୁଲରାଣୀଙ୍କ କପାଳ ସତରେ ଘର ତେଜ । ସିନ୍ଧୁସୁତା ଲକ୍ଷ୍ମୀ ଠାକୁରାଣୀ ତାଙ୍କ ଗୁହାରି ଶୁଣିଲେ ବର୍ଷଟାଏ ଯାଇନାହିଁ । ସପନରେ ଯାହା କହି ଦେଇ

Digitized by srujanika@gmail.com

ଗଲେ ପାଞ୍ଚ ବରଷର ପିଲା ପୁଅଟିର କାନରେ ସେ କଥା ସତ ଫଳିଗଲା ।

ମଦନ ପାତ୍ରେ ଶୋଇଥାନ୍ତି । ଫୁଲବଣୀ ପିଲା ପୁଅକୁ ନେଇ ବିଲକୁ ବାହାରି-ଗଲେ । ଘର ବାଡ଼ିପଟେ ବିଲ । ବିଲ ବୋଇଲେ ଭୂମି ଗୁରୁଗୁଣ୍ଡ । ଡିପାଳିଆ ଜମି । ପାଣି ଉଠେ ନାହିଁ ବରଷା ଦିନେ ବି ଉପରକୁ । ହେଲେ ସମୁଦ୍ର ଜୁଆର ବର୍ଷେ ବର୍ଷେ କୂଳ ଲଂଘିଲେ ସବୁଆଡ଼େ ଲୁଣାପାଣି ମାଡ଼ିଯାଏ ସେଇ ଜମିଖଣ୍ଡକ ଛଡ଼ା । ପୂର୍ବେ ଏ ଜାଗାଟା ଥିଲା ସମୁଦ୍ର କୂଳରେ । ବନ୍ଦର ଥିଲା ଏଠି, ଯୋଉଠି ହଜାର ହଜାର ଜାହାଜ ନଙ୍ଗର ପକଉଥିଲେ । ଧନଧାନ୍ୟ ଭରପୂର ଏଇ ବନ୍ଦରଟାର ନାଁ ଥିଲା ଅସ୍ତରଙ୍ଗ । ଅସ୍ତରଙ୍ଗର ରଙ୍ଗ କୋଉ କାଳୁ ଅସ୍ତ ହେଇସାରିଲାଣି । ସମୁଦ୍ର ଘୁଞ୍ଚିଗଲାଣି କେତେ ଦୂରକୁ । ଯୋଉଠି ଜାହାଜମାନେ ନଙ୍ଗର ଭିଡ଼ୁଥିଲେ, ପାଲ ଉଡ଼େଇ କୋଉ କୋଉ ମୁଲକରୁ ଆସୁଥିଲେ ଆଉ ଯାଉଥିଲେ ବି କୋଉ କୋଉ ମୁଲକକୁ । ସେଠି ଏଇଲେ ବସିଚି ବଜାର—ଅସ୍ତରଙ୍ଗ ବଜାର । ବଜାରଟା ଗହ ଗହ ଜମୁଚି ଧନଧାନ୍ୟରେ ନୁହେଁ—ଅଲଣା କଥା ଅଲଣା ବ୍ୟବସାୟରେ—ଯାହା ନାଁ ଗଜମାଣ୍ଡ, ସେଇ ଗଜମାଣ୍ଡରେ ।

ଫୁଲବଣୀ ପିଲାପୁଅକୁ ନେଇ ବିଲ ଗୋଟାକଯାକ ଧୂନ୍ଦାଳ ପକେଇଲେ ।
"କାହିଁ ? ସୁନା କୋଉଠି ଲୁଚେଇଛି କରେ ପୁଅ ?"

ଫୁଲବଣୀଙ୍କ ପିଲା ପୁଅ । କଅଣ ଭାବିଲା, କହିଲା, "ବୋଉ ତ କରିବ ।"

ଫୁଲବଣୀ କହିଲେ, "ହଉ କର ।"

ପିଲାଟି ତ ବସିଥାଏ । ଜହ୍ନ ବୁଡ଼ିଗଲାଣି । ସିନ୍ଦୁର ଫାଟିଲାଣି । ଅସ୍ତରଙ୍ଗ ଉପରେ ସୂର୍ଯ୍ୟଙ୍କ ଉଦୟ ରଙ୍ଗର ପ୍ରଥମ କିରଣ ପଡ଼ିଚି କି ନାହିଁ ପିଲାଟି ଝଣ୍ଡିଏ ମାଟିଢେଲା ଉଠେଇ ଅଟେଇଦେଲା ମାତ୍ରେ କଅଣଟାଏ ଚକ୍‌ଚକ୍ ହଉଚି ଦେଖି ପାଟିକରି ଉଠିଲା, "ବୋଉଲୋ ସୁନା ।"

ଫୁଲବଣୀ ଦଉଡ଼ି ଆସିଲେ । ମାଟି ଆଡେଇ ଦେଇ ଦେଖିଲାବେଳକୁ ନାଲି ନାଲି ହାଣ୍ଡି ଗୋଟାକ ପରେ ଗୋଟାଏ । ହାଣ୍ଡି ଭିତରେ ଏ କଅଣ ଲୋ ମା !

ସେଦିନ ମଦନ ପାତ୍ରେ ଦିନଯାକ କବାଟ କିଳି ଘର ଭିତରେ ବସି-ରହିଲେ । ଫୁଲବଣୀ ପିଲା ପୁଅକୁ ବୁଝେଇ ଲାଗିଥାନ୍ତି, "କାହାକୁ କହିବୁ ନାହିଁ । ଭାରି ବିପଦ । ଲୋକେ ଜାଣିଲେ ମାରିପକେଇବେ ଆମକୁ । ସବୁ ବୋହି-ନେବେ ।"

Digitized by srujanika@gmail.com

ମଦନ ପାତ୍ରେ କଅଣ କରିବେ କିଛି ବୁଝିପାରୁନଥାନ୍ତି । ହାଣ୍ଡି ହାଣ୍ଡି ହେଇ ପାଞ୍ଚ ହାଣ୍ଡି ସୁନା, ରୁପା ଆଉ ନ ମ୍ବା । ସୁନା ସବୁ—ଆଉଟା ସୁନା । ଦିଶୁଥାଏ ପଲୁଡ଼ ଭଳି । ମାଟିତଳେ ଅଧା ଲଟେଇଲି ଭଳି ମାଟି ଭିତରେ କେତେ କାଳ ରହିଲାଣି କେଜାଣି ? କାହାର ଏ ସମ୍ପତ୍ତି, କିଏ ପୋତିଥିଲା କେଜାଣି ? ପୂର୍ବେ ଯେତେବେଳେ ଏଠି ବନ୍ଦର ଥିଲା, ବେପାର ବଣିଜ ଚଳୁଥିଲା ସେଇ କାଳର ନିଶ୍ଚେ । ସୁନାମୁଣ୍ଡା ଗୁଡ଼ାକରୁ ମାଟି ଛଡ଼େଇବା ପାଇଁ ସେଗୁଡ଼ାକୁ ମଦନ ପାତ୍ରେ ଧୋଇ ପକେଇବାକୁ ଅଜାଡ଼ ପକେଇଥାନ୍ତି ଗୋଟାଏ ବାଲ୍ଟି ଭିତରେ । ତାଙ୍କ ମନ କିନ୍ତୁ ଚଙ୍ଗଚଙ୍ଗ ହଉଥାଏ ।

"ହେ ଭଗବାନ, ହେ ମା ମଙ୍ଗଳା"—ମଝିରେ ମଝିରେ ପାଟିରୁ ବାହାରି-ପଡ଼ୁଥାଏ, "କାହା ସମ୍ପତ୍ତି ଏ କେଜାଣି ? ମତେ ଆଣିଦେଲୁ ଯଦି ରଖିବି କେମିତେ କହଲେ ମା !"

ମଲି ! ଫୁଲରାଣୀ ଚମକପଡ଼ିଲେ ପାତ୍ରଙ୍କ କଥାରେ । ତାଙ୍କ ପାଟିରୁ ବାହାରିଗଲା, "ମରଦଟାଏ ହେଇଚ, ମୁଣ୍ଡରେ ବୁଦ୍ଧି ନାହିଁ ? ରଖିବ କୋଉଠି ଭାବିଲେଣି ପଡ଼ିଛ ? ଇଶାଣ କଣରେ, ହାଣ୍ଡିଶାଳରେ ଗାତ ଖୋଳି ପୋତି ପକାଅ ।"

ପାତ୍ରେ କଟମଟ କରି ସ୍ତ୍ରୀର ମୁହଁକୁ ଚାହିଁଲେ । ପଚାରିଲେ, "କଅଣ ହେଲା ? ପୋତିପକେଇବ ?"

"ଆଉ କଅଣ କରିବ ?" ଫୁଲରାଣୀ ବୁଝିପାରିଲା ନାହିଁ ସ୍ୱାମୀର ମତଲବ ।

"ଆଲୋ ! ପୋତାଧନକୁ ପାଇ ତାକୁ ପୁଣି ପୋତିପକେଇଲେ ଲାଭ କଅଣ ? ଲକ୍ଷ୍ମୀ କଅଣ ଏଇଥିପେଇଁ ଦେଲେ ?" ମଦନ ପାତ୍ରେ ସୁନାମୁଣ୍ଡା ଗୁଡ଼ାକ ଧୋଇ-ଧାଇ ରଖୁରଖୁ ରୁପା ହାଣ୍ଡିଗୁଡ଼ାକ ଆଡ଼େ ହାତ ବଢ଼େଇଲେ । ତା ଆରପଟକୁ ତମ୍ବା—ଖାଲି ପୁରୁଣା ତମ୍ବା ପଇସାରୁ ହାଣ୍ଡିଏ ।

ଫୁଲରାଣୀ ଗୋଟାଏ ରସ ଡେକଚିରେ ସୁନାମୁଣ୍ଡା ଗୁଡ଼ାକ ରଖି ତା ମୁହଁରେ ଥାଳି ପଟେ ଥୋଇ ନଜର ଚରି ପାଟଶାଢ଼ି ଖଣ୍ଡେ କୋଉ କାଳର ବାହାର କରୁଥାନ୍ତି ବନ୍ଧାବନ୍ଧ କରିବା ପେଇଁ ।

ମଦନ ପାତ୍ରଙ୍କ ମୁହଁରୁ ବାହାରି ପଡ଼ିଲା ସେତିକିବେଳେ ତାଙ୍କ ମନକଥା । "ଆସୁଚି ଆଗକୁ ଇଲେକ୍‌ସନ । ବୁଝିଲୁ ? ଏଥର କିଏ ମତେ ଟିକେଟ ନଦବ

Digitized by srujanika@gmail.com

ଦେଖିବା । ଏମ୍‌. ଏଲ୍‌. ଏ. ହେବ, ମନ୍ତ୍ରୀ ହେବ, ମୁଖ୍ୟମନ୍ତ୍ରୀ ହେବ । ଖାଲି ସେତିକି···ପ୍ରଧାନମନ୍ତ୍ରୀ ପଦ ନ ହେଇଚି କୁହି ପାରିବୁ ମୋ ନାଁରେ··· ଜାଇଁଲୁଟି ? ଏଇଥିପେଇଁ ଆସିଲା ଏ ଧନ । ପୋଚାମାଲ ଏତେ ଦିନକେ ଉଦ୍‌ଘାହେଲା । ଓଡ଼ିଆ ପିଲାଙ୍କ ଭାଗ୍ୟ ଖୋଲିଲା ଏତେ ଦିନକେ । ଦେଶର ପ୍ରଧାନମନ୍ତ୍ରୀ ହବ ଜଣେ ଓଡ଼ିଆ ପିଲା—ବୁଝିଲୁ ? ସେଇଥିପେଇଁ ଟଙ୍କା ଦରକାର ଥିଲା—ଟଙ୍କା ! ଏଇ ଆସିଗଲା ତା ବେଳ । ଓଡ଼ିଶାମାଟି ଏତେ ଦିନକେ କଥା କହିଲା । ଆରେ, ଓଡ଼ିଶା ମାଟିକୁ କଅଣ କରି ପାଇଚୁ କି ? ଖବରର କାଗଜରେ ବାହାରେ ନାହିଁ—ଓଡ଼ିଶା ମାଟି ତଳେ କେତେ କେତେ ଖଣିଜ ଦରବ ପୋତି ହେଇ ରହିଛି ? ବାହାରେ ନାହିଁ—ଓଡ଼ିଶା ଏତେ ଧନୀ, କିନ୍ତୁ ଲୋକ-ଗୁଡ଼ାକ ଏତେ ଗରିବ ! ବଡ଼ ବଡ଼ ନେତାଏ କହନ୍ତି ନାହିଁ ? ଏବେ ଆସିଲା ସେ ଦିନ । ଓଡ଼ିଆପୁଅ ଏବେ କଅଣ ହବ ଦେଖିବୁ ଥା ।''

ସେମାନେ ଏମିତି ଫୁସୁରୁଫାସର ହଉଥାନ୍ତି ପଶିଆସିଲେ ଓଡ଼ିଆ ଗୁଏ । କାହିଁ ଥିଲେ ଭିଡ଼ ଆସିଲେ ଲୋକମାନେ । ସୁନା ବାସ୍ନା 'ହିରଇନ୍‌' ବାସ୍ନାକୁ ବଳିପଡ଼ିଲା ଏଥର । ଗତଥର 'ହିରଇନ୍‌' ବାସ୍ନା ପାଇ ଟୋକାମାନେ ଯେମିତି ମାଛି ଭଳି ବେଢ଼ି ଯାଇଥିଲେ ଏଥର ସୁନାବାସ୍ନା ଶୁଂଘି ବେଢ଼ିଗଲେ । ଖାଲି ଟୋକା ନୁହନ୍ତି—ବୁଢ଼ା ବୁଢ଼ୀ ଅଣ୍ଡାବଚା ପର୍ଯ୍ୟନ୍ତ ଯେ ଯୋଉଠି ଥିଲେ ସମସ୍ତେ ।

ମଦନ ଗାଝେ, ଫୁଲରାଣୀ, ପାଞ୍ଚ ବରଷର ପୁଅ ପଦନ ଆଁ କରି ଅନେଇ-ଥାନ୍ତି । ଲୋକମାନେ ଯେ ଯାହା ପାଇଲେ ବୋହିନେଇ ପଳେଇଲେ । ଧସ୍ତାଧସ୍ତିରେ ତିନିଜଣ ଯାକଙ୍କ ଦେହ ମୁଣ୍ଡରୁ ଠାଏ ଠାଏ ରକ୍ତ ବାହାରୁଥାଏ । ପାଚିଲା ଧାନ ବିଲରେ ହାତୀଦଳେ ପଶି ଚକଟାଚକଟି କରି ସର୍ବନାଶ କରିଦେଇଗଲା ଭଳି ମଦନ ପାହଙ୍କ ଘରଟା ଦିଶୁଥାଏ । ତା ପରଦିନ ସକାଳକୁ ଫୁଲରାଣୀ ବାହୁନୁଥାନ୍ତି, ''ହେ ମା ଲକ୍ଷ୍ମୀ ! ଏ କଅଣ କଲୁଟିଲା ମା ?' ମଦନ ଗାଝେ ବାହୁନୁଥାନ୍ତି, ''ଓଡ଼ିଆ ପୁଅଙ୍କୁ ଅଳକୂଳ ନାହିଁଲେ ! ଭଣ୍ଡି ଦେଲୁ ଲୋ ମାଆ ଓଡ଼ିଆଙ୍କୁ ସପନ ଦେଖେଇ ! ପାଞ୍ଚ ବରଷର ପୁଅ ପଦନ କିନ୍ତୁ କାନ୍ଦୁ ନଥାଏ । ସେ ଘରଟା ଯାକ ବୁଲି ବୁଲିକା କଅଣ ଉଣ୍ଡୁଥାଏ । ଭଙ୍ଗା ହାଣ୍ଡି, ଛିଣ୍ଡା କନା, କୁଲା ଟୋକେଇ—ଯୋଉଗୁଡ଼ାକ ଛିନଛତର ହୋଇ ପଡ଼ିଥାଏ ସ୍ଥିରଆଡ଼େ ଘରଟା ସାରା, ତାଆର

Digitized by srujanika@gmail.com

ଭିତରେ ଯେ କଅଣ ଖୋଜୁଥାଏ । କେତେ ସମୟ ପରେ ତା ପାଟି ଶୁଣାଗଲା···
"ବାପା ଏଇଟା କଅଣ—ଦେଖିଲ ?"

ମଦନ ପାଢେ, ଫୁଲରାଣୀଙ୍କ ବାହୁନା ବନ୍ଦ ହୋଇଗଲା । ପୁଅ ପାଖକୁ ଦଉଡ଼ି ଯାଇ, ତା ହାତରୁ ଜିନିଷଟାକୁ ଛଡ଼େଇ ନେଇ ଦେଖିଲେ—କିଛି ନୁହଁ, ପୁରୁଣା ତମ୍ବା ପଇସାଟାଏ କେବଳ । ପଇସାଟାକୁ ଓଲଟେଇ ପାଲଟେଇ ଦେଖୁ ଦେଖୁ ମଦନ ପାଢେ ଜାଣିଲେ ସେଇଟା ଗୋଟାଏ ହନୁମାନ ମାର୍କା ପଇସା । ଗୋଟିଏ ପଟେ ହନୁମାନ, ଆଉପଟେ ରାମାଭିଷେକ ଛବି—ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଇତ୍ୟାଦି ବସିଛନ୍ତି ଛତାତଳେ ।

ଫୁଲରାଣୀଙ୍କୁ ଦେଖେଇ ମଦନପାଢେ କହିଲେ "ଏଇ ଦେଖ ! ଏ କଅଣ ଜାଣ ? ଆମର ଭାଗ୍ୟ ଏଇଆ—ଏଇ ତମ୍ବା ପଇସାକର ଭାଗ୍ୟ ଆମର । ଏତେକରୁ କାହିଁକି ଆଶା କରିବା ?"

ଫୁଲରାଣୀ ମୁହଁ ମୋଡ଼ିଦେଲେ । ପୁଣି ପାଟିକରି ବାହୁନି ଲାଗିଲେ ।

ଠିକ୍ ବର୍ଷଟିଏ ପରେ—

ମଦନ ପାଢ ଫୁଲରାଣୀଙ୍କୁ ଚମକେଇଦେଲେ । ତାଙ୍କ କାନରେ ·ମୁହଁ ରଖି କହିଲେ, "ଶୁଣୁଚ ? ଜଣେ ପାଟି ଯାଚୁଛି ଲକ୍ଷେ ଟଙ୍କା—ତାକୁ କିଏ କହିଛି ଆମ ପାଖରେ ହନୁମାନ ମାର୍କା ପଇସାଟିଏ ଅଛି ବୋଲି ।"

"ଏଁ ଲକ୍ଷେ ଟଙ୍କା ?" ଚମକିପଡ଼ିଲେ ଫୁଲରାଣୀ ।

ତାର ପନ୍ଦରଦିନ ପରେ ମଦନ ପାଢେ ପୁଣି ଫୁଲରାଣୀଙ୍କ କାନରେ କହିଲେ, "ଆଉ ଗୋଟାଏ ପାର୍ଟି ଯାଚୁଛି—ଲକ୍ଷେ ପଚାଶ—କଅଣ କରିବା ? ଦେଇଦବା ?"

ଫୁଲରାଣୀ ଗୁମ୍ ମାରିଗଲେ । ତାଙ୍କ ଦେହ ଶୀତେଇଗଲା । ତାଙ୍କ ପାଟିରୁ ବାହାରିଗଲା, "ଏଥିରେ କିଛି ରହସ୍ୟ ଅଛି—ନହେଲେ ତମ୍ବା ପଇସାଟାକୁ ଯାଚୁଛନ୍ତି ଲକ୍ଷ ଲକ୍ଷ ଟଙ୍କା । କାହିଁକି ଯେ ? ଆଉ ଅପେକ୍ଷା କରିବାର ନୁହେଁ । ଶୀଘ୍ର ହାତଛଡ଼ା କରିଦିଅ । ନହେଲେ ଚୋର ମାଡ଼ିଆସିବେ ପୁଣି ଥରେ ।"

ମଦନ ପାଢେ ଓ ଫୁଲରାଣୀଙ୍କ ଭାଗ୍ୟରେ ଲକ୍ଷ୍ମୀଙ୍କ ଦର୍ଶନ ଯୋଗ ଲେଖାଥିଲା କେବଳ—ଭୋଗ ହବାର ନଥିଲା ।

Digitized by srujanika@gmail.com

ତମ୍ବାପଇସାଟିକୁ ବର୍ଫୀ କରିଦେବା ପାଇଁ ମନସ୍ଥ କରିବା ପରେ ପଇସାଟା କୁଆଡ଼େ ଉଭେଇଗଲା କେଜାଣି । ସ୍ୱାମୀ ସ୍ତ୍ରୀ ଘର ଦୁଆର ଚାରିଆଡ଼ ଖୋଜାଖୋଜ କଲେ—କୋଉଠି ମିଳିଲା ନାହିଁ ସେ ପଇସା ।

ଶେଷକୁ ପଦନ—ପାଞ୍ଚ ବରଷର ପୁଅ ମାନିଲା । ପଇସାଟାକୁ ଗୋଟିଏ ଦୋକାନୀକୁ ଦେଇ ଯୋଡ଼ିଏ ବରା ଓ ଗୋଟିଏ ରସଗୋଲା ଖାଇଦେଇଥାଏ ସେ । ଏକ ପଇସାରେ ଏତେ ଗୁଡ଼ାଏ ଜିନିଷ ଦୋକାନୀ କେମିତି ଦେଇ ପକେଇଲା—ଏଇକଥା ବାପମା ପଚାରୁ ପଚାରୁ କଥା ଧରାପଡ଼ିଗଲା । ବାପ ମା ମୁଣ୍ଡରେ ହାତ ବାଡ଼େଇ ପୁଣି ବାହୁନା ଆରମ୍ଭ କରିଦେଲେ ।

Digitized by srujanika@gmail.com

ଅଜିତ ରାୟଙ୍କ ସମାଧି ସ୍ତୂପ

ଖୋଲି ନଈକୂଳ । ସହରର ଉପକଣ୍ଠରେ ଏଭଳି ଏକ ନଈ ଅଛି ବୋଲି ଅଜିତ୍ ରାୟଙ୍କର ଧାରଣା ନଥିଲା । କୋଡ଼ିଏ ବର୍ଷ ତଳେ ସେ ଏ ସହରକୁ ଚାକିରି ଖୋଜି ଆସିଥିଲେ । କୋଡ଼ିଏ ବର୍ଷ ଭିତରେ ଅଜିତ ରାୟ ଚାକିରିରେ ତେର୍ ଉଞ୍ଚକୁ ଉଠିପାରିଥିଲେ । ଏ ସହର ତାଙ୍କୁ ଅନେକ କିଛି ଦେଇଛି ଏଇ କୋଡ଼ିଏ ବର୍ଷ ଭିତରେ । ଚାକିରି, ଘର ପାଇଁ ଜାଗା, ଘର, ସ୍ତ୍ରୀ, ପୁତ୍ର, କନ୍ୟା, ଗାଡ଼ି ମଟର, ସାମାଜିକ ସ୍ୱୀକୃତି, ଯଶ, ଖ୍ୟାତି ଇତ୍ୟାଦି ବହୁତ କିଛି ସେ ପାଇଥିଲେ ଏଇ ସହରରୁ । କିନ୍ତୁ ସହରଟା କେତେ ବଡ଼, କଅଣ ତା ଇତିହାସ, ସେ ସମ୍ପର୍କରେ ବିନ୍ଦୁ ବିସର୍ଗ ଧାରଣା ନଥିଲା ତାଙ୍କର । ଗଲା କୋଡ଼ିଏ ବର୍ଷ ଧରି ସେ ସତେକି ତଳକୁ ମୁହଁ ପୋତି ଗୋରୁଗାଈଙ୍କ ପରି କୌଣସି ପଡ଼ିଆରୁ ଘାସ ଚରିଚାଲିଥିଲେ—ହଠାତ୍ ମୁହଁ ଟେକି ଉପରକୁ ଚାହିଁଦେବା ମାତ୍ରେ ପ୍ରଥମେ ଦେଖାଗଲା ସେଇ ଅଚିହ୍ନ ଦୃଶ୍ୟଟି—ନଈ । ଏକ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା—ତା ମଝିରେ ସୁନା ଶେଯରେ ରୁପାର କନ୍ୟାଟିଏ ପରି ଧାରେ ପାଣି ।

ଅଜିତ୍‌ରାୟ କବିତା ପଢ଼ିନାହାନ୍ତି—ଗଳ୍ପ ଉପନ୍ୟାସ କଥା ଛାଡ଼ । କେବଳ ପୂର୍ବେ ଖୁବ୍ ସିନେମା ଦେଖୁଥିଲେ । ପ୍ରତି ସନ୍ଧ୍ୟାରେ ସ୍ତ୍ରୀକୁ ନେଇ କରି ରିକ୍ସାରେ ବସେଇ ସିନେମା ହଲ୍‌କୁ ନେବା ଥିଲା ତାଙ୍କର ଗୋଟିଏ ବଡ଼ ସଉକ, ନୂଆ ନୂଆ ବାହାହେବା ବେଳେ । ପରେ ସିନେମା ଦେଖାର ନିଶା ଖସିଆସିଲା । ସପ୍ତାହକୁ ଥରେ ହାରରେ କେତେବର୍ଷ ତଥାପି ସିନେମା ଦେଖି ଯାଆନ୍ତି ରାୟଦମ୍ପତି । ଅବଶ୍ୟ ସେତେବେଳକୁ ଅଜିତ୍ ରାୟ ଚାକିରିରେ ମାତିବାକୁ ଆରମ୍ଭ କରି ଦେଇଥାଏ । ଚେଷ୍ଟ କରଣି ଚାକିରିରୁ ଉଠିବା ପାଇଁ ହେଲେ ସ୍ତ୍ରୀକୁ ପ୍ରତି ସନ୍ଧ୍ୟାରେ ସିନେମା ଦେଖାଇବା କଥା ତ ଆଦୌ ହୋଇପାରେନା । ତେଣୁ ଅନ୍ତତଃ ସପ୍ତାହରେ ଥରେ ସ୍ୱାମୀ ସ୍ତ୍ରୀ ସିନେମା ଦେଖି ବାହାରନ୍ତି । ଏଇ ଅଭ୍ୟାସଟା ପାଞ୍ଚ ସାତ ବର୍ଷ ବନ୍ଦ ରହିପାରିଥିଲା । କିନ୍ତୁ ଚାକିରି ଆଉ ସ୍ତ୍ରୀ ଦୁହିଁଙ୍କୁ ଦି' କାର୍ଯ୍ୟରେ ବସେଇ ଚଉଦ ପନ୍ଦରବର୍ଷ କଷ୍ଟେମଷ୍ଟେ ଆଗେଇଗଲା

Digitized by srujanika@gmail.com

ପରେ ଗୃହକଣରେ ଓଜନ ଏତେ ବଢ଼ିଗଲା ଯେ ଅଜିତ୍‌ଗୁପ୍ତ ବାଧ୍ୟହୋଇ ସ୍ତ୍ରୀକୁ କାନ୍ଧରୁ ଓହ୍ଲାଇଦେଲା । ଗଲା କିଛିବର୍ଷ ହବ ସେ ସ୍ତ୍ରୀ ସହିତ ଆଦୌ ସିନେମା ଯାଇନାହିଁ । ଖାଲି ସିନେମା କାହିଁକି, ସ୍ତ୍ରୀ ସହିତ ସେ ଆଦୌ ସମ୍ପର୍କ ରଖିନାହିଁ କହିଲେ ଚଳେ । କିନ୍ତୁ ଗୃହକଣକୁ ମୁଣ୍ଡେଇ ମୁଣ୍ଡେଇ ସେ ଜଟିଳିଣି ଅନେକ ଉଚ । ଏଇନେ ଅଜିତ୍‌ଗୁପ୍ତ ଆଉ କିରାଣୀଟିଏ ନୁହେଁ ସେକ୍ରେଟେରିଏଟ୍‌ରେ—ତା ନାଁ ତଳେ ଲେଖାଯାଉଛି—ଡେପୁଟି ସେକ୍ରେଟେରୀ ।

ସେକ୍ରେଟେରିଏଟ୍‌ର ଡେପୁଟି ସେକ୍ରେଟେରୀ ଅଜିତ୍‌ଗୁପ୍ତ ସହର ଉପକଣ୍ଠର ଏ ନଈକି ଆଡ଼େ ବୁଲି ଆସିବାର ଅବଶ୍ୟ କୌଣସି ବିଶେଷ କାରଣ ଥିଲା । ସେ ଖାଲି ନଈକୂଳରେ ବୁଲି ଟିକିଏ ହାଉଆ ଖାଇବା ଉଦ୍ଦେଶ୍ୟରେ ଏଠିକି ଆସିନଥିଲା । ତାଙ୍କ ଅଫିସ୍‌ର ଜଣେ ପିଅନ ତାକୁ କଥା ପ୍ରସଙ୍ଗରେ ଥରେ ଖବରଟିଏ ଦେଇଥାଏ—ସାର୍ ! ଭଲ ଜମି ପାଞ୍ଚ ଏକର ପଡ଼ିଚି, ରଖିନଅନ୍ତୁ ।

ଅଜିତ୍‌ଗୁପ୍ତ ସେତେବେଳେ ନୂଆପଲ୍ଲୀରେ ଘର ତିଆରି କାର୍ଯ୍ୟରେ ମନୋ-ନିବେଶ କରିଥାଏ । ଗୋଟାଏ ଘର ତିଆରି ନସରୁଣୁ ପୁଣି ଜାଗା, ପୁଣି ଘରବାଡ଼ି କଥା ତା ମନକୁ ଧରିଲା ନାହିଁ । ପିଅନ୍ ମୁହଁକୁ ନ ଅନେଇ ସେଦିନ ଉପର-ଠାଉରିଆ ଜବାବଟାଏ ସେ ଖାଲି ଦେଇଥିଲା, "ରହ ! ଲଟେରୀଟାଏ ଟେଲିଚି । ଯଦି ବାଜିଯାଏ କହିବି ତତେ—ବୁଝିଲୁ ?"

ସେ ପ୍ରାୟ ପାଞ୍ଚବର୍ଷ ତଳ କଥା । କିନ୍ତୁ ଆଶ୍ଚର୍ଯ୍ୟ ହେଲେ ସେଦିନ ଅଜିତ୍‌ଗୁପ୍ତ ଯେଉଁଦିନ ସେ ପିଅନ ପୁଣିଥରେ ଆସି କହିଲା, 'ସାର୍ ! ଲଟେରି ତ ଜିତିଲେ । ସୁନା ଜମି ପାଞ୍ଚ ଏକର ହାତରୁ ଖସିଯିବ ଜାଣିଥାନ୍ତୁ । ଏଇଲେ ମାରୁଆଡ଼ି କିଛି ପଞ୍ଜାବୀମାନେ ଲାଗିପଡ଼ିଲେଣି ହେବିକାଶୋରିରେ ଜାଗା ଗୋଟେଇବାକୁ । କିଣିନଅନ୍ତୁ ସାର୍ ।'

ଅଜିତ୍‌ଗୁପ୍ତ କାବା ହୋଇ ଅନେଇଲା ପିଅନ୍ ମୁହଁକୁ । ପଚାରିଲା, 'କି ଲଟେରି ? ଲଟେରି କଅଣ ଜିତିଲି ମୁଁ ?'

ଖେଁ ଖେଁ ହୋଇ ହସିଉଠିଲା ଦାନ୍ତୁରି ହରିଜନ ଲୋକଟା । ସବୁଜାଣିଲା ଭଳି କହିଲା, "ସାର୍, ଲଟେରି ନୁହେଁ ଆଉ କଅଣ କି ଏ ଫାଇଲ୍‌ଗୁଡ଼ାକ ? ଏଗୁଡ଼ାକ ଗୋଟାଏ ଗୋଟାଏ ଲଟେରି ଟିକେଟ୍ ସାର୍ । କୋଟିଏ, ପାଞ୍ଚକୋଟି, ଦଶକୋଟି ଟଙ୍କାର ଟେଣ୍ଡର ଫାଇଲ୍ ଯେଉଁ କଲମ ତଳେ ଯାଆସ କରୁଚି

Digitized by srujanika@gmail.com

ସାର୍, ତାକୁ କୋଉ ନାଗାଲାଣ୍ଡ ଲଟେରି କୋଉ ଭୁଟାନ ଲଟେରି ବଳେଇ ପଢ଼ିବ କହୁନାହାନ୍ତି ?'

ଅଜିତ୍‌ରାୟ କଟମଟ କରି ଗୁହାଁରିହେଲା ଚାଲିଗିଆ ହରିଜନ ପିଅନ୍‌ଟାର ମୁହଁକୁ। ସେତେବେଳେ ତାର ଇଚ୍ଛା ହଉଥିଲା ଲୋକଟାର ତଣ୍ଟିକୁ ସିଧା ଚାପିରେ ଭିଡ଼ିକରି ଖୁଣିଦବାକୁ—କିନ୍ତୁ କିଛି କରିପାରିଲା ନାହିଁ ସେ। ନଟ ମଳିକ ହରିଜନ ପିଅନ୍‌ର ରୁମଟିଏ ମଧ୍ୟ ଛୁଇଁ ପାରିବ ନାହିଁ— ଜାଣିଥିଲା ସେ। ଅଗତ୍ୟା ସେ ଉତ୍ସାହବିହୀନ ସ୍ୱରରେ ପଚାରିଲା—'କୋଉଠି ସେ ଜାଗା ?'

"ଆଜ୍ଞା, ନଈକୂଳେ।" ନଟ ମଳିକ ପାଦେ ଦୁଇପାଦ ଆଗେଇ ଆସିଲା ଅଜିତ୍ ରାୟର ଟେବୁଲ ପର୍ଯ୍ୟନ୍ତ।

"କୋଉ ନଈ ?"

"ଆଜ୍ଞା, କୁଆଖାଇ—" ନଟ ମଳିକ ସେତେବେଳକୁ ଅଜିତ ରାୟ ଦେହକୁ ଦେହ ଲଗେଇ ଠିଆହୋଇ ସାରିଲାଣି ପ୍ରାୟ।

"ଆରେ, କୁଆଖାଇ ଯେ—କୁଆଖାଇର କେଉଁଠି ? କୋଉ କୂଳରେ ? ପୂର୍ବ ନା ପଶ୍ଚିମ ?"

ଖେଁ ଖେଁ ହୋଇ ପୁଣି ହସିଲା ନଟ ମଳିକ। ତା ମୁହଁରୁ ଛେପ କେଇବୁନ୍ଦା ଆସି ପଡ଼ିଲା ଅଜିତ୍ ରାୟର ହାତ ଉପରେ।

"ଆଜ୍ଞା—ନଈଟା ପଶ୍ଚିମରୁ ପୂର୍ବକୁ ବହୁଛି। ସେଇ ଢଗରେ ଜମି କିଏ ବିକିବ ଆପଣଙ୍କୁ ? ନଈର ଦକ୍ଷିଣ ପଟେ ପାଣି ପମ୍ପ କରାହଉଚି ଦେଖି ନାହାନ୍ତି—ପଳାଶୁଣିକୁ ପାଣି ଉଠୁଛି ଯୋଉଠି ନଈରୁ ? ଜମିଟା ସେଇଠି। ସେଇ ପାଖରେ। ପାଞ୍ଚ ଏକର—ପୂରା ପାଞ୍ଚ ଏକର।" ସେତେବେଳକୁ ନଟମଳିକ ନଇଁ ପଡ଼ି ସାରିଲାଣି ଅଜିତ୍ ରାୟର କାନ ପାଖକୁ।

"ଏକର ଦର କେତେ ଏଇଲେ ସେଠି ?" ଅଜିତ୍ ରାୟର ସ୍ୱର ଶୁଭୁଥାଏ ଗାଉଁ ଗାଉଁ।

"ଦର କିଛି ନୁହେଁ ସାର୍—ସେ କଥା ପକୋଉଛନ୍ତି କାହିଁକି ? ଆମକୁ ସରକାର ଦେଲା ମାଗଣା—ଆମେ କ'ଣ ଆପଣଙ୍କୁ ବିକିବୁ ଲକ୍ଷେରେ ନା ପାଞ୍ଚ ଲକ୍ଷରେ ? ଆପଣ ଯାଆନ୍ତୁ ଆଗ ଜମିଟା ଦେଖି ଦେଇ ଆସନ୍ତୁ। ଏକବାରେ ନଈ ଉପରେ। ରାସ୍ତାପଡ଼ିଚି। ଜଣେ ମାରୁଆଡ଼ି ଯାଇ ଉଣ୍ଡୁଥିଲା। ମୁଁ ପଚାରିଲି, କଣ କଉ ? ସେ କିଛି କହିଲା ନାହିଁ। କିନ୍ତୁ ମତେ କୋଉ ଜିନିଷ ଅଛପା ସାର୍ ?

Digitized by srujanika@gmail.com

ସେଠି ଗୋଟିଏ ହୋଟେଲ୍ କରିବା ମତଲବ ଅଛି ତାର । ଆଜିକାଲି ହୋଟେଲ ପାଇଁ ସରକାର ତ ଟଙ୍କା ଯାଚୁଛି । ସାର୍, ବାହାର ଲୋକେ ପଶିବେ କାହିଁକି—ଆମ ଜାଗାରେ ଆମ ଓଡ଼ିଆ ନପଶିବେ କାହିଁକି ? ଆପଣ ଦେଖନ୍ତୁ ଆଗ ଜେଗାଟା ।"

ଅଜିତ୍‌ରାୟ ସେଦିନ ଘରକୁ ଫେରି ଚୁପ୍‌ଚାପ୍ ବସିପଡ଼ିଲେ ଗୋଟାଏ ଜାଗାରେ । ଆଇଡ଼ିଆଟାକୁ ବହୁ ଦିଗରୁ ମୁଣ୍ଡରେ ଏପଟ ସେପଟ କଲେ । ସେତିକି-ବେଳେ ତା ଦୃଷ୍ଟି ପଡ଼ିଲା ସଂଜିବ୍ ଓ ସଂଜିତ୍ ପୁଅ ଯୋଡ଼ାଙ୍କ ଉପରେ । ଗୋଟାଏ ପଢ଼ୁଥାଏ ପ୍ଲସ୍ ଥ୍ରିରେ ଅନ୍ୟଟା ପ୍ଲସ୍ ଟୁରେ । ଟୋକା ଯୋଡ଼ାକ ବୁଢ଼ା ବାଳୁଙ୍ଗା । ଦିନରାତି ଯୋଡ଼ାଏ ସ୍କୁଟର ଧରି କୁଆଡ଼େ କୁଆଡ଼େ ବୁଲନ୍ତି ।

ସେଇ ଟୋକା ଦି'ଟାଙ୍କୁ ଅନେଇଦେବା ମାତ୍ରେ ଅଜିତ୍ ରାୟର ମନ ପରିଷ୍କାର ହୋଇଗଲା । ସେ ତତ୍‌କ୍ଷଣାତ୍ ସ୍ତ୍ରୀକୁ ଡାକି କହିଲା, "ବୁଲିବାକୁ ଯିବ ?"

"ବୁଲିବାକୁ ? ଏତେ ରାତିରେ ?" କାନକୁ ବିଶ୍ୱାସ କରି ପାରିଲେ ନାହିଁ ଶ୍ରୀମତୀ ରାୟ ।

"ନଈ କୂଳକୁ—ଗୋଟାଏ ଜାଗା ଦେଖି ।" ଅଜିତ୍‌ରାୟ ଖୁବ୍ ଅନ୍ୟମନସ୍କ ଭଳି କଥାଟା କହୁଥାଏ ତଥାପି ।

"କୋଉ ନଈଲେ ମା ! ତମ ମୁଣ୍ଡ ଖରାପ ହେଲାଣି ? ଏତେ ରାତିରେ ନଈ କୂଳକୁ ଯିବ ଜାଗା ଦେଖି ?" ଶ୍ରୀମତୀ ରାୟ ତାଙ୍କର ପୃଥୁଳ ଶରୀରଟିକୁ ବୋହି ଆଣି ବସିପଡ଼ିଲେ ଅଜିତ୍ ରାୟର ପାଖ ଚେୟାରରେ ।

"ସଂଜିବ୍ ସଂଜିତ୍‌ଙ୍କୁ ଦେଖୁଛ ? ତାଙ୍କୁ ବାଟକୁ ଆଣିବାକୁ ପଡ଼ିବ । ଏମାନଙ୍କ ଦେହ ପଢ଼ାପଢ଼ି ହେବନାହିଁ । ତାଙ୍କୁ ବିଜିନେସ୍‌ରେ ଭର୍ତ୍ତିକରି ଦବାକୁ ପଡ଼ିବ ଖୁବ୍ ଶୀଘ୍ର । ନଈକୂଳରେ ଗୋଟାଏ ପାଞ୍ଚଏକରିଆ ପ୍ଲଟ ମିଳୁଛି । କିଣିବା ?" ଅଜିତ୍ ଅନେଇଲା ସ୍ତ୍ରୀ ମୁହଁକୁ ।

"କଣ ହେବ ସେ ଜମିରେ ? ସେମାନେ କଣ ଜମି ଚାଷ କରିବେ ? ସେମାନେ ପରା କହୁଛନ୍ତି—ଜଣେ ହବ କପିଳଦେଓ, ଆଉ ଜଣେ ଲେଣ୍ଡ୍ରଲ । କ୍ରିକେଟ ଟେନିସ୍‌ରେ ମାତିଛନ୍ତି । ଦେଖୁନ କି ତାଙ୍କୁ ?"

"ସେଗୁଡ଼ାକ ବାଲୁତ୍ୱପ୍ରେମ—କାଫ୍ ଲଭ୍ । ଛାଡ଼ ସେସବୁ କଥା । ମୋ ଆଇଡ଼ିଆ ଶୁଣ । ନଈ କୂଳରେ ହୋଟେଲ୍—ଗୋଟାଏ ବଢ଼ିଆ ଆଇଡ଼ିଆ । ମୁଁ ସମୁଦ୍ର କୂଳ ହୋଟେଲ୍ ଦେଖିଛି, କିନ୍ତୁ ନଈ ଗୋଟାଏ ଭିନ୍ନ ଜିନିଷ । ନଈକୂଳ

ଗୋଟାଏ ଅଦ୍ଭୁତ ସ୍ଥାନ । ପିଲାଦିନେ ଖୁବ୍ ବୁଲୁଥିଲି ନଈକୂଳରେ । ସେତିକିବେଳୁ ମୋ ମୁଣ୍ଡରେ ଅଛି—ରହିବି ଯଦି ନଈକୂଳରେ ରହିବି । ନୂଆପଲ୍ଲୀରେ ଘରଟା କରିଦେଲି ସିନା, କିନ୍ତୁ ସେ ଗୋଟାଏ ଶୁଖିଲା ଜାଗା । ଯାଉ—କାଲି ଅଫିସ୍‌ରୁ ଫେରି ଯିବା ସେ ଜାଗାଟା ଦେଖିବାକୁ । ସାଙ୍ଗରେ ନଟମଲିକଙ୍କୁ ଆଣିଥିବ । ସେ ଜାଗାଟା କୁଆଡ଼େ ତା'ର । ତାକୁ ସରକାର ଦେଇଛି······" ଅଜିତ୍ ରାୟ କହିଯାଉଥାଏ ।

ହଠାତ୍ ଶ୍ରୀମତୀ ରାୟ ଗର୍ଜିଉଠିଲେ, "କଣ ହେଲା ? ସେ ନଟ ମଲିକ ତମକୁ ବି ଶଗା କାଟିବାକୁ ବସିଲାଣି ନା କଣ ? ଜମି ଗାଣ୍ଡ ଦି'ଟା କିଣିଦେବ ବୋଲି ମୋଠୁ ଦି' ହଜାର ଟଙ୍କା ଆଗୁଆ ନେଇଛି ସେ ଦି' ବର୍ଷ ତଳେ । ତମକୁ କହିବ ବୋଲି କହିନାହିଁ ଏଯାଏ ।"

"କଏ···ନଟ ମଲିକ ? ତମଠୁଁ ଦି' ହଜାର ଟଙ୍କା ନେଇଛି ?"—ବୁଲି ପଡ଼ିଲେ ଅଜିତ୍ ରାୟ ଚେୟାର ସମେତ ।

"ଖାଲି ଦି' ହଜାର ନୁହେଁ—ଆଉଥରେ ପୂରା ପାଞ୍ଚ ହଜାର ଦେଇଛି ମୁଁ ତାକୁ ।"

"ଏଁ···ପାଞ୍ଚ ହଜାର ! ନଟମଲିକକୁ ଦେଇପାରିଛ ତମେ ?" ଅଜିତ୍ ରାୟ ଉଠି ଠିଆହୋଇପଡ଼ିଲା । ସାମ୍ନାରେ ଆଜୁ ବସ୍ତାଟାଏ ଭଳି ଦିଶୁଥିବା ସ୍ତ୍ରୀଲୋକଟା ସେ ତା ସ୍ତ୍ରୀ ବିଶ୍ୱାସ କରିପାରିଲା ନାହିଁ ସେ ଆଦୌ । ଗଲା ପାଞ୍ଚ ସାତ ବର୍ଷ ଭିତରେ ମାଇପିଟା ଫୁଲିଯାଇଛି ସତେ ! ଆଶ୍ଚର୍ଯ୍ୟ ହେଇଗଲା ସେ ଆହୁରି ବେଶି ନିଜ ସ୍ତ୍ରୀର ମୂର୍ତ୍ତିଟାକୁ ଦେଖି ଦେଖି । ତା'ପରେ ଲଥ୍ କିନା ବସିପଡ଼ିଲା ସେ ପୁଣିଥରେ ନିଜ ଚେୟାର୍ ଉପରେ ।

"ସେମିତି ଉଠୁଚ ପଡ଼ୁଚ କାହିଁକି ବା ? କଥାଟା ଆଗ ବୁଝନା ! ନଟ ମଲିକ ସେ ଯୋଉ ପାଞ୍ଚହଜାର ନେଇଛି ସେଇଟା ତମ ଭଲ ପାଇଁ । ସେଥିପାଇଁ ମନ କଷ୍ଟ ନାହିଁ । କିନ୍ତୁ ସେ ଆର ଦି' ହଜାର—ଗାଈ କଣା ପଇସା ତାଠୁ ଆଦାୟ କରିବା ଦରକାର ।" ଶ୍ରୀମତୀ ରାୟ ଆଶ୍ୱାସନା ଦେବା ଉଦ୍ଦେଶ୍ୟରେ ଅଜିତ୍ ରାୟର ସରୁଆ ହାତଟିକୁ ଟାଣିଆଣି ତାଙ୍କ କୋଳରେ ରଖିଲେ ।

"କିନ୍ତୁ ସେ ପାଞ୍ଚ ହଜାର ? କି ଭଲ କଲା ନଟ ମଲିକ ?" ଅଜିତ୍ ରାୟ ରାଗରେ ନିଜ ହାତଟାକୁ ଟାଣି ନେଲେ ।

"ଆଃ, ସେମିତି କାହିଁକି ହଉଚ ବା ? ନଟ ମଲିକ ଆମକୁ ଠକି ଦେବେ

Digitized by srujanika@gmail.com

ଆମେ ତାକୁ ରିଟ୍‌ଫଟାଙ୍ଗ କରିଦବା ନାହିଁ ? କିନ୍ତୁ ସେ ପାଞ୍ଚ ହଜାର ତ ଠିକ୍ କାମ ଦେଲା ପୁଣି ! ସେଥିରେ ତାକୁ କିଛି କହିବାର ନାହିଁ ।”

“କି କାମ କରୁନ କାହିଁକି ?” ଚିଡ଼ଉଠିଲା ଅଜିତ୍ ଗୁପ୍ତ ।

“କି କାମ କରିଣ ମ ? ତମ ନିଜ କାମ ତ, ଆଉ କାହାର ? ତମ ସାଙ୍ଗେ ଲଢ଼ୁ ନଥିଲେ ପଞ୍ଚାଟାଏ ? ତମକୁ କିଏ ଡେପୁଟି ସେକ୍ରେଟେରୀ କରେଇ ଦେଇଥାନ୍ତେ କି ? ନଟମଲଜୀର ସବୁଠେଇଁକି ଯାଆସ ଅଛି । ସେ ମନ୍ତ୍ରୀଙ୍କ ଚିହ୍ନେ, ବାବାଜୀଙ୍କୁ ଚିହ୍ନେ । ମନ୍ତ୍ରୀଙ୍କୁ ଦେଇଥିଲେ ଲକ୍ଷେ ପଡ଼ିଥାନ୍ତା । ବାବାଙ୍କୁ ମୋଟେ ପାଞ୍ଚହଜାର ଦବାକୁ ପଡ଼ିଲା । ନଟମଲଜୀ ବାବାଜୀଙ୍କୁ ଆଣିଥିଲା ସେ ! ଖୁବ ଭଲ ବାବାଜୀ । ତାଙ୍କର ମନ୍ତ୍ରରେ ପାଧ ପଡ଼ିଲେ ସିନା ତମ ଶତ୍ରୁମାନେ ! ତମେ ଜାଣ କ’ଣ ?” ଅଜିତ୍‌ଗୁପ୍ତର ହାତଟାକୁ ପୁଣି ଥରେ ମାଡ଼ିବସିବାକୁ ଚେଷ୍ଟାକଲେ ଶ୍ରୀମତୀ ଗୁପ୍ତ ।

ଅଜିତ୍‌ଗୁପ୍ତ ବିଶ୍ୱାସ କରିପାରିଲା ନାହିଁ ସ୍ତ୍ରୀର କଥାକୁ । ଖାଲି ଗାରଡ଼େଇ କରି ଚାହିଁଲା ଥରେ ସେ ସେଇ ଓଲୁ ମୋଟୀ କାବାଡ଼ ସ୍ତ୍ରୀଲୋକଟାର ଦେହ ମୁହଁକୁ । ଆଶ୍ଚର୍ଯ୍ୟ ଲାଗିଲା ତାକୁ – ଏଇ ସ୍ତ୍ରୀଲୋକଟାକୁ ସାଙ୍ଗରେ ଧରି ସିନେମା ଯାଉଥିଲା ସେ ପ୍ରତିଦିନ ସନ୍ଧ୍ୟାରେ ?

ପରଦିନ ଅଫିସ୍‌ରେ ନଟମଲଜୀକୁ ଦେଖି ସେ ଉଁ କି ଚୁଁ କିଛି କହିଲା ନାହିଁ । ଲୋକଟା ତା ବିଷୟରେ ସବୁ ଜାଣେ, ଘରର ଅନ୍ଧକନ୍ଦି ବି ଜଣା ତାକୁ । ଏଇ ସନ୍ଦେହରେ ଖାଲିହେଇ ବସିରହିଲା ସେ ଦିନ ତମାମ୍ ଅଫିସ୍ ଚେୟାର୍‌ରେ ।

ନଟ ମଲଜୀ ତଥାପି ଛାଡ଼ୁନଥାଏ ତା ପାଖ ।

“ସାର୍, ଜମି ଦେଖିଯିବେ ପରା ? ସନ୍ଧ୍ୟାରେ ମା’ଙ୍କୁ ନେଇଆସନ୍ତୁ । ଠିକ୍ ପମ୍ପହାଉସ୍ ପାଖରେ । ନାଲି ରାସ୍ତା ପଡ଼ୁଛି । ପାଞ୍ଚ ଏକର ପଡ଼ିଆ । ଅବଶ୍ୟ ଦି’ ଗୁଟିଏ ସମାଧି ଦେଖିବେ ସେଠି । ସେଗୁଡ଼ାକ କିଛି ନୁହେଁ । ଜାଗାଟା ସରକାର ବନ୍ଦୋବସ୍ତ ଦେଇଛି ଆମ ବାପାଙ୍କୁ । ପଟା ଅଛି । ଦେଖେଇଦେବି ଚାହିଁଲେ । ମାଲୁଆଡ଼ ଟାକ ବସିଚ ।”

ଅଫିସ୍ ସାରି ଅଜିତ୍‌ଗୁପ୍ତ ଗାଡ଼ି ବାହାରିକଲା । ଘରକୁ ନଯାଇ ସିଧା ଗ୍ଭଲିଲା କୁଆଖାଇ ନଈ ଆଡ଼େ । ନଈ ପୋଲ ତଳକୁ ନାଲି ରାସ୍ତା ଗଡ଼ିଯାଇଚି ପମ୍ପହାଉସ୍ ଆଡ଼େ । ଅଜିତ୍‌ଗୁପ୍ତ ଗାଡ଼ି ଗଡ଼େଇଲା ସିଆଡ଼କୁ । ପମ୍ପହାଉସ୍ ଟପି

Digitized by srujanika@gmail.com

ଚାଲିଗଲା ଆହୁରି ଆଗକୁ । ତା ଆଖି ଖୋଜୁଥାଏ ସମାଧି କେଉଁଠି ଅଛି ଦେଖି-ବାକୁ । ଜାଗାଟା ବିଷୟରେ ନଟ ମଲିକ ସତ କହୁଛି କି ମିଛ କହୁଛି ଜାଣିବାକୁ ଚାହୁଁଥିଲା ସେ ।

ସୂର୍ଯ୍ୟାସ୍ତ ବେଳ । ନଦୀଶଯ୍ୟାର ସୁନେଲି ବାଲି । ତା ଭିତରେ ଚକ୍ ଚକ୍ ରୁପା ଧାରଟିଏ । ଆଃ କି ନିର୍ଜନ ! କି ଚମତ୍କାର ସ୍ଥାନ ସତରେ ! ଏଇଠି ଯଦି ସତରେ ହୋଟେଲ୍‌ଟାଏ କରାଯାଇପାରନ୍ତା··· !

ଠିକ୍ ସେତିକିବେଳେ ଡାହାଣ ପଟକୁ ଅନେଇଦେଇ ଅଜିତ୍‌ବାବୁ ଚମକି-ପଡ଼ିଲା । ସମାଧି ସ୍ତୂପଗୁଡ଼ିକ ସତକୁ ସତ ଦେଖାଗଲା ତାକୁ ନଈ କୂଳରେ । କିନ୍ତୁ ଏ କଅଣ ? ସ୍କୁଟରଟିଏ ଥୁଆହୋଇଛି ଷ୍ଟାଣ୍ଡରେ । ନଈ କୂଳରେ ସ୍ତ୍ରୀଲୋକଟିଏ···ପୁରୁଷଟିଏ । ସୂର୍ଯ୍ୟ ବୁଡ଼ିଯାଇ ଗୋଧୂଳି ଆଲୁଅରେ ରଙ୍ଗସବୁ ମଉଳିଗଲାଣି । ଖାଲି କଳା ଧଳା ।

ଅଜିତବାବୁର ଈର୍ଷା ହେଲା । ତାକୁ ଲାଗିଲା ମାରୁଆଡ଼ି ବୋଧହୁଏ ତା ସ୍ତ୍ରୀକୁ ଧରି ଜାଗାଟା ଦେଖଉଛି ।

ଅଜିତବାବୁ ନିଜ ଉପରେ ରାଗିଲା । ମୁଁ କାହିଁକି ମୋ ସ୍ତ୍ରୀକୁ ନଆଣି ଏକା ଆସିଲି ?—ପ୍ରଶ୍ନ କଲା ସେ ନିଜକୁ ।

ଗାଡ଼ି ରଖିଦେଇ ଓହ୍ଲାଇଲା ଅଜିତ୍‌ବାବୁ । ଗାଡ଼ିର ଡୋର୍ ବନ୍ଦ କଲାବେଳେ ଯେତିକି ଆୱାଜ୍ ହେଲା, ସେଥିରେ ନଦୀକୂଳର ନିସ୍ତବ୍ଧତା ଅନେକ ନଷ୍ଟ ହୋଇଗଲା ।

ସ୍ତ୍ରୀ ପୁରୁଷ ଦୁହେଁ ବୁଲିପଡ଼ିଲେ । ନଈ ଆଡ଼ୁ ମୁହଁ ବୁଲେଇ ପଛକୁ ଚାହିଁ କଅଣ ଦେଖିଲେ କେଜାଣି ଦୁହେଁ ପରସ୍ପରଠୁ ଦୂରଛଡ଼ା ହୋଇଗଲେ ।

ଅଜିତ୍‌ବାବୁ ଆଗେଇଲା । ହଠାତ୍ ତା ଆଖିରେ ପଡ଼ିଲା ସ୍କୁଟର୍ ନମ୍ବର । ଆରେ, ଏଇଟା ତ ନଟ ମଲିକ ସ୍କୁଟର ! ଚମକିପଡ଼ିଲା ସେ । ନଟ ମଲିକ ତେବେ ଆଗରୁ ତା ମନକୁ ଆସି ହାଜର୍ ! ସେ କେମିତି ଜାଣିଲା ମୁଁ ଆସିବି ବୋଲି ଜାଗା ଦେଖିବାକୁ ? ଆଶ୍ଚର୍ଯ୍ୟ ହୋଇଗଲା ସେ ।

'ସାର୍ ନମସ୍କାର ! ଆପଣଙ୍କୁ ଏତେ ଡାକିଲି ଆସିଲେ ନାହିଁ । ମାଡ଼ାମ୍‌ଙ୍କୁ ନେଇଥିପାଇଁ ନେଇଆସିଲି ଜାଗାଟା ଦେଖେଇଦବାକୁ । ଏଇ ଦେଖନ୍ତୁ—ଏ ନଈ-କୂଳଠୁଁ ରାସ୍ତା ଯାକେ ଏପଟେ ଆଉ ସେପଟେ ପମ୍ପହାଉସ୍ କଡ଼ରୁ ଧରିନଅନ୍ତୁ ହେଇ

Digitized by srujanika@gmail.com

ଟିସ ଆମ୍ବତୋଟା ଯାଟକ । ମୋ'ର ଜାଗା । ଆମର ଜାଗା । ମଳଧୂଳ ନାହିଁ । ଏକର ଏଠି ଆଜ୍ଞା ସେତେ ନୁହେଁ ଯେତେ ସରକାର କରୁଚ । ସରକାର ତ କରୁଚ ଦଶଲକ୍ଷ ନା କଅଣ ଏକରକୁ—ଆମର ଏଠି ଖାଲି ଲକ୍ଷେ । ପୂରା ପାଞ୍ଚଏକର ଅଛି । ଗୋଟାଏ ପ୍ଲଟ ଦେଖନ୍ତୁ ଏପଟେ···ଆହା କି ସୁନ୍ଦର ଦୃଶ୍ୟ ! ନଈକୂଳ ଭଲ ଜାଗା ଆଉ ଥାଏ ?—ନଟ ମଳକ ଗପିଯାଉଥାଏ ।

ଆରପଟକୁ ଶ୍ରୀମନ୍ତ ସାହୁ ବୁଲବୁଲକା ଜାଗାଟା ଉପରେ ଆଖି ବୁଲେଇ ବୁଲଥାନ୍ତି ।

ଅଜିତ୍‌ସାହୁ ଚୁପ୍ ହୋଇ ଠିଆ ହୋଇ ପଡ଼ିଥାଏ । ସତେକି ସେ ଏକ ସମାଧିସ୍ତୂପ ପାଲଟି ଯାଇଥାଏ ।

ଶ୍ରୀମନ୍ତ ସାହୁ ନଈକୂଳ ଆଡ଼କୁ ବୁଲିବାକୁ ଆସିଲେ । ଅଜିତ୍‌କୁ ହଲେଇ ଦେଇ କହିଲେ—ହେ, ଦେଖୁଚନା—କେଡ଼େ ସୁନ୍ଦର ଜାଗା ! ନଟ ଆମର ଖୁବ୍ ଭଲ ମଣିଷ, ଅତି ବିଶ୍ୱସ୍ତ ଲୋକ । ସେ ଆମକୁ ଠକିବ ନାହିଁ ଆଦୌ । ଏ ଜାଗା ଖଣ୍ଡିକ ସେ ଯଦ ବିକିଦବାକୁ କହୁଚି ତେବେ ମାରୁଆଡ଼ି ନବ କାହିଁକି—ଆମେ ନ ନବା କାହିଁକି ? କଅଣ କହୁଚ ?

ଅଜିତ୍ ସାହୁ ସେମିତି ସମାଧିସ୍ତୂପ ଭଳି ଠିଆ ହୋଇ ରହିଥାଏ ।

Digitized by srujanika@gmail.com

ଅଗଷ୍ଟ ପନ୍ଦର

ସକାଳ ହୋଇଗଲାଣି ଅନେକ ବେଳୁ । ଜୟନ୍ତ ଏପର୍ଯ୍ୟନ୍ତ ଶୋଇରହିଛନ୍ତି । ପାଖ ଘରୁ ଟି.ଭି.ରୁ ଆୱାଜ ଆସୁଛି—ଜନ-ଗଣ-ମନ ! ଜୟନ୍ତଙ୍କ କାନରେ ବାଜୁଛି ଶବ୍ଦଗୁଡ଼ାକ । ହଠାତ୍ ତାଙ୍କର ମନେହେଲା ଉଠିପଡ଼ି ସିଧା ସାବଧାନରେ ଠିଆ ହୋଇପଡ଼ିବେ କି ଆଉ ! କିନ୍ତୁ ସେଇ ମନ ଭିତରେ କିଏ ପ୍ରତିବାଦ କଲା—ହେ ଥାଉ ମ ! ଢେର୍ ଆଟେନ୍‌ସନ୍ ହଆହୋଇ ସାରିଲିଣି ଏ ଜୀବନରେ ! ଏଣିକି ଟିକେ ଆରାମରେ ଶୋଉ ହେଲେ ମଣିଷ ।

ତଥାପି ଜୟନ୍ତ ଆଉ ଶୋଇ ରହିପାରିଲେ ନାହିଁ । ତାଙ୍କୁ ଲାଗିଲା କିଏ ସବୁ ତାଙ୍କୁ ଯେମିତିକି ଓ୍ୱାର୍ କରୁଛନ୍ତି । ତାଙ୍କର ଗତିବିଧି ତଥାପି ଯେମିତିକି ନୋଟ୍ କରାହେଉଛି ତାଙ୍କ ଅଜାଣତରେ । ସେ ଧଡ଼ପଡ଼ ହୋଇ ଉଠି ବସିଲେ । ଜନ-ଗଣ-ମନର ପର ପର ପଦଗୁଡ଼ାକ ଅଜାଡ଼ି ହୋଇପଡ଼ୁଥାଏ ତାଙ୍କ ଚାରିପଟେ ଗଜଗଜ ହୋଇ—କଣା ଧାନ ଓଳିଆରୁ ଧାନଗୁଡ଼ାକ ଚଳିଗଲା ଭଳି । ଶେଷରେ ଓଳିଆଟା ନିଃଶେଷ ହୋଇଗଲା ବୋଧହୁଏ । ଜୟ ହେ···ଜୟ ହେ···ଜୟ ହେ – ପରେ ଗୋଟିଏ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ଜୟନ୍ତ ଆଟେନ୍‌ସନ୍ ପୋଜିସନ୍‌ରୁ ସହଜ ଅବସ୍ଥାକୁ ଫେରାଇ ଆଣିଲେ ନିଜକୁ । ଏହା ପରେ ସେ ବାହାରିପଡ଼ିଲେ ଶୋଇବାଘରୁ ।

ସରସ୍ୱତୀ ବହୁତ ପୂର୍ବରୁ ଶଯ୍ୟା ତ୍ୟାଗ କରିସାରିଥାନ୍ତି । ଘର ଭିତରଟା ତଥାପି ଶୂନ୍‌ଶାନ୍ ଶୁଭୁଥାଏ ଖୁବ୍ । ବୋଧହୁଏ ପିଲାମାନେ ଏପର୍ଯ୍ୟନ୍ତ ଉଠି ନାହାନ୍ତି । ଛୁଟି ଦିନ । ଗଲା ରାତିରେ ଢେର୍ ଡେରିଯାକେ ଟି. ଭି. ଦେଖି ଅନିଦ୍ରା ହୋଇଥିବେ । ତା ଛଡ଼ା ବଡ଼ପୁଅ ସୁବ୍ରତ ଏସବୁରେ ନ ଥାଏ । ଏସବୁର ଧାର ଧାରେ ନାହିଁ ସେ । ସେ ଜଣେ ମେଧାବୀ ଛାତ୍ର ସହିତ—ତଥାପି ଏସବୁ ପ୍ରତି ତାର ଭୀଷଣ ପ୍ରତିକ୍ରିୟା ଖୁବ୍ ପିଲାଟି ଦିନୁ । ତା କାନରେ ଜନ ଗଣ ବାଜିଲେ ମୁହଁ ନେଫେଡ଼ିଦିଏ ସେ । କହେ—ପୁଲିସ୍ ଗୀତ – ୟୁନିଫର୍ମ ଗୀତ – ଆମର କ'ଣ ଯାଏ ଆସେ ? ତା ତଳ ପୁଅ ସୁଖ୍ୟାତ ଆହୁରି ରିଆକ୍‌ସନାରୀ ।

Digitized by srujanika@gmail.com

ସେ ଭଲ ଷ୍ଟୁଡେଣ୍ଟ ନୁହେଁ ନିଶ୍ଚୟ; କିନ୍ତୁ କ୍ରିକେଟ୍‌ରେ ଷ୍ଟେଟ୍ ପ୍ଲେୟାର୍ ହବାର ଯୋଗ୍ୟତା ଅଛି ତାର । କଥାକଥାକେ ସୁନିଲ୍ ଗାଭାସ୍କର, କପିଳଦେବଙ୍କ ନାଁ ତା ମୁହଁରେ ଶୁଣାଯାଏ—ସତା କମ୍ୟୁନିଷ୍ଟଙ୍କ ମୁହଁରେ ମାର୍କସ ଲେନିନ ନାଁ ପରି । କିନ୍ତୁ ଭାରତମାତା ବା ମହାତ୍ମାଗାନ୍ଧି ଶବ୍ଦ ତା କାନରେ ବାଜିଲେ ଷଣ୍ଢକୁ ନାଲିକନା ଦେଖେଇଲା ଭଳି ଫଁ ଫଁ ହୁଏ ସେ । ଅଗଷ୍ଟ ପନ୍ଦର ବା ଜାନୁଆରି ଛବିଶ ଦିନଟାକୁ ସେ ମନେକରେ ଜାତୀୟ ଦିବସ ନୁହେଁ—ଜାତୀୟ ଆଳସ୍ୟ ଦିବସ । ଏସବୁ ଦିନ ସେ ପ୍ରାୟ ଶୋଇରହେ । ଉଠେଇଲେ ଚଟେ । ଚିତ୍କାର କରିଉଠେ, "କୁଆଡେ଼ ଯିବ ? ଆଜି ତ ସବୁ ବନ୍ଦ । ଷ୍ଟାଡ଼ିଅମରେ କୁଆ ଉଡୁଥିବେ ।"

ଜୟନ୍ତଙ୍କର ଏଇ ଦୁଇପୁଅ ଛଡ଼ା ଝିଅଟିଏ ଅଛି । ସେ ସବା ସାନ । ସ୍କୁଲରେ ପଢ଼େ । ହାଇସ୍କୁଲ । ସୁବ୍ରତ ସୁଖ୍ୟାତଙ୍କ ପରି ଝିଅ ସୁଦେଷ୍ଣା ଏପର୍ଯ୍ୟନ୍ତ ଜାତୀୟ ଦିବସ ବା ଜାତୀୟସଙ୍ଗୀତ ପ୍ରତି ଏତେଟା ବୀତସ୍ପୃହ ହୋଇ-ନାହିଁ ବୋଲି ଜୟନ୍ତଙ୍କର ଧାରଣା । କିନ୍ତୁ ସ୍କୁଲ ଶିକ୍ଷାର ଅଗ୍ରଗତି ସହିତ ତାର ଜାତୀୟତା ବିରୋଧୀ ଭାବନା କ୍ରମଶଃ ବଦ୍ଧମୂଳ ହେଉଥିବାର ଅନେକ ପ୍ରମାଣ ହାତେ ହାତେ ପାଇସାରିଲେଣି ଜୟନ୍ତ । ଏଇ ଅଳ୍ପଦିନ ତଳେ ରେଡ଼ିଓରେ ରବୀନ୍ଦ୍ର ସଙ୍ଗୀତ ବୋଲାହେଉଥିବା ଶୁଣି ସେ ହଠାତ୍ ଏତେ ଅସହିଷ୍ଣୁ ହୋଇ-ଉଠିଲା ଯେ ରେଡ଼ିଓଟାକୁ ସୁଇଚ୍ ଅଫ୍ କରିଦେଇ କହିଲା, "କାହିଁକି—ଆମର କେହି ଓଡ଼ିଆ କବି ନାହାନ୍ତି ନା କଅଣ ? ସବୁବେଳେ ସେଇ ଗୋଟାଏ ନାଁ ରବୀନ୍ଦ୍ରନାଥ ରବୀନ୍ଦ୍ରନାଥ ! କି ଗୀତ ଲେଖିଚନ୍ତି କି ସେ ଏମିତି ?"

ଜୟନ୍ତ ପିଲାମାନଙ୍କ ଶୋଇବାଘର ଆଡ଼ୁ ମୁହଁ ବୁଲେଇ ଆଣିଲେ । ସରସ୍ୱତୀଙ୍କୁ ଖୋଜିଲେ । ପ୍ରତିଦିନ ସକାଳବେଳା ଏଇ ସମୟକୁ ସରସ୍ୱତୀ ଥାଆନ୍ତି ରୋଷେଇଘରେ କିମ୍ବା ଠାକୁରଘରେ । ସକାଳ ଆଠଟା ସୁଦ୍ଧା ରୋଷେଇ ପ୍ରାୟ ଶେଷ କରି ଦେଇଥାନ୍ତି ସେ । ପିଲାମାନେ ଖାଇପିଇ ନଅଟା ସାଢେ଼-ନଅଟା ସୁଦ୍ଧା ଘରୁ ବାହାରିବେ । ପ୍ରଥମେ ବାହାରିବ ସୁଦେଷ୍ଣା—ତାର ସ୍କୁଲ ଟିକିଏ ଦୂର । ତାକୁ ସ୍କୁଲରେ ଛାଡ଼ିବା କାମ ଜୟନ୍ତଙ୍କର । ଝିଅକୁ ସ୍କୁଟରରେ ବସେଇ ସ୍କୁଲରେ ଛାଡ଼ିସାରି ସେ ପୁଣି ଘରକୁ ଫେରିବେ । ସେଇଠୁ ଘରର ଗ୍ରୋସେରି କେଇଟା କାମ କରିସାରି, ତରବର ହୋଇ ଗଣ୍ଡାଏ ଖାଇଦେଇ, ସେ ବାହାରିଯିବେ ଅଫିସ । ତାପରେ ବାହାରିବ ବଡ଼ପୁଅ । ସୁବ୍ରତ ଏମ୍. ଏସ୍‌ସି.

Digitized by srujanika@gmail.com

ପାସ୍ କରି ଏଇଲେ ବିଶ୍ୱବିଦ୍ୟାଳୟରେ ପୁଣି ଥରେ ନାଁ ଲେଖେଇଛି ଏମ୍. ଫିଲ୍. ପଢ଼ିବାକୁ । ସୁଖ୍ୟାତି ଡିଗ୍ରୀ କଲେଜରେ ଚୁଷ । କଲେଜରେ କ୍ଲାସ ତାର ପ୍ରାୟ ନଥାଏ । ବର୍ଷର ଆଠ ମାସ ଛୁଟି । ବାକି ଦିନଗୁଡ଼ାକ ସଭାସମିତି, ଇଲେକ୍ସନ ବା ଷ୍ଟ୍ରାଇକ୍‌ରେ କଟିଯାଏ । ତେବେ ସେ ପ୍ରାୟ ସେସବୁରେ ନଥାଏ । ଦିନ ତିନଟା ଘଣ୍ଟାରୁ ଆରମ୍ଭ ହୁଏ ତାର ପ୍ରକୃତ ଦିନ । କ୍ରିକେଟ୍ ବ୍ୟାଟ୍ ଓ ଅନ୍ୟାନ୍ୟ ସାଜସରଞ୍ଜାମ ନେଇ ସେ ପ୍ରାୟ ଗୋଟାଏ ଦିଇଟା ବେଳେ ଘରୁ ବାହାରି-ଯାଏ – ଫେରେ ରାତି ଦଶରେ । ଏସବୁ ଭିତରେ କ୍ରିକେଟ୍ ମ୍ୟାଚଗୁଡ଼ାକର ଦିନର ରୁଟିନ ତାର ଅବଶ୍ୟ ଭିନ୍ନ । ସେସବୁ ଦିନମାନଙ୍କରେ ସେ ବଡ଼ ସକାଳୁ ବାହାରି ଚାଲିଯାଏ । ସହର ବାହାରେ ଟୁର୍ଣ୍ଣାମେଣ୍ଟରେ ଖେଳିବାର ଥିଲେ ସପ୍ତାହ ସପ୍ତାହ ଧରି ତାର ଦେଖା ମିଳେନା; କିନ୍ତୁ ଯେଉଁସବୁ ଦିନ ସୁଖ୍ୟାତି ଘରେ ରହେ ସେସବୁ ଦିନ ସରସ୍ୱତୀଙ୍କର ରୋଷେଇଘରର କାମ ଭିଡ଼ ସବୁଠୁଁ ବେଶି । କାରଣ ଏଇ ଖେଳଓ୍ୱାଡ଼ ପୁଅଟି ତାଙ୍କର ହେଉଛି ଏକମାତ୍ର ଖାଇବାର ପିଲା ଏ ଘରେ । ଖାଇବାକୁ ନେଇ ତାର ସବୁଠୁଁ ବେଶି ଜୁଲମ ମା ଉପରେ । ସୁଖ୍ୟାତିର ଖାଇବାକୁ ନେଇ ଦିନେ ଦିନେ ସରସ୍ୱତୀ ବି ଆତଙ୍କିତ ହୋଇ-ଉଠନ୍ତି । ମାତୃ ହୃଦୟ ତାଙ୍କର ଆଶଙ୍କିତ ହୋଇଉଠେ । ବିଚଳିତ ଅବସ୍ଥାରେ ତାଙ୍କ ପାଟିରୁ ବାହାରିପଡ଼େ, "ଥାଉ, ସେତିକି ଥାଉ ! ଆଉ ରୁଟି ନାହିଁ ଭିତରେ ।" ସେଦିନ ମା ପୁଅଙ୍କର ଝଗଡ଼ା ଲାଗେ । ସୁବ୍ରତ ଓ ସୁଦେଷ୍ଣା ଜୟନ୍ତଙ୍କ ଆଗରେ ଫେରାଦ ହୁଅନ୍ତି, "ରୁଟି ଭିତରେ ଆଉ ରୁଟି ନାହିଁ ବାପା ! ସୁଖ୍ୟାତି ଖ୍ୟାଳିଶ ପଚିଶ ରୁଟି ଏକା ଖାଇଦେଇ ଆହୁରି ଖାଇବାକୁ ମା ସଙ୍ଗେ କଳିକରୁଛି । ତାକୁ ହଷ୍ଟେଲରେ ଏଥର ରଖିଦିଅ ବାପା !"

ଜୟନ୍ତ ହସିଦିଅନ୍ତି । କହନ୍ତି, "ଖାଉ ! ମୁଁ ତ ଯାହା ଦେଖୁଛି ତମ ଭିତରୁ ଆଗ ସେଇ ପାଇବ ଚାକିରି । ଆଜିକାଲି ଖେଳରେ ଯାହା ଅଛି ପଢ଼ାରେ ନାହିଁ । ସୁବ୍ରତ ପରି ଥ୍ରୁଆଉଟ ଫାଷ୍ଟକ୍ଲାସ । ପୁଣି ଏମ୍. ଏସ୍‌ସି.ରେ ଫିଜିକ୍ସ ଭଳି ପାଠରେ ଫାଷ୍ଟ କ୍ଲାସ ଫାଷ୍ଟ ! କାହିଁ ? ଚାକିରି ମିଳିଲାକି ତାକୁ ଏଯାଏ ?"

ଏଇଥିରୁ ଆରମ୍ଭ ହୋଇଯାଏ ଆଉ ଗୋଟାଏ ପ୍ରକାର ସମସ୍ୟା ଜୟନ୍ତଙ୍କ ପାରିବାରିକ ଜୀବନରେ । ସୁବ୍ରତ ଚିତ୍କାର କରିଉଠେ, "କେମିତି ମିଳିବ ?

Digitized by srujanika@gmail.com

ଏମ୍. ଏସ୍‌ସି. ଗୋଟାଏ କ ଡିଗ୍ରୀ କ ? ଗଣ୍ଡା ଗଣ୍ଡା ଫାଷ୍ଟ କ୍ଲାସ ଫାଷ୍ଟ ଗଲା ପାଞ୍ଚ ବର୍ଷର ବସିଚନ୍ତି ଆମ ଉପରେ । ସେମାନେ ସମସ୍ତେ ପଶିଚନ୍ତି ରିସର୍ଚ୍ଚରେ । ଆଜିକାଲି ଅଧ୍ୟାପକ ଚାକିରିଟିଏ ପାଇବାକୁ ହେଲେ ମିନିମମ୍ ପି. ଏଚ୍. ଡି. ଟାଏ ଦରକାର । ଆହୁରି ପାଞ୍ଚ ବର୍ଷ ପରେ ଯାଇ କହିବ ମତେ—ମୁଁ ଯୋଗ୍ୟ କି ଅଯୋଗ୍ୟ ଚାକିରି ଖଣ୍ଡେ ପାଇଁ ! ଏ କ'ଣ ତମ ବେଳ ହେଇଚି କି ମ୍ୟାଟ୍ରିକ ଖଣ୍ଡିଏ ପଢ଼ି କରାଣି ଚାକିରିରେ ପଶିଗଲେ ବାହାରିବ ଯାଇ ଜଏଣ୍ଟ ସେକ୍ରେଟେରି କି ଆଡ଼ିସନାଲ ସେକ୍ରେଟେରିରେ ?"

ଜୟନ୍ତ ବାସ୍ତବିକ ସେକ୍ରେଟେରିଏଟ୍‌ରେ ତାଙ୍କ ବିଭାଗର ଡେପୁଟି ସେକ୍ରେଟାରି ପଦକୁ ପ୍ରମୋଶନ ପାଇଥାନ୍ତି ଅଳ୍ପ କେତୋଟା ଦିନ ତଳେ । ତାଙ୍କର କ୍ୱାଲିଫିକେସନ ଯଦିଓ ସୁବ୍ରତ କହିଲା ଭଳି ଖାଲି ମ୍ୟାଟ୍ରିକ ଖଣ୍ଡିଏ ନୁହେଁ; ସେ ବି. ଏ. ପାସ୍ କରିଥିଲେ ସେକାଳେ, ତଥାପି ସୁବ୍ରତର ଆକ୍ଷେପ ପକ୍ଷରେ ଅନ୍ୟ ଏକ ଉଦାହରଣ କାମ କରୁଥାଏ । ଜୟନ୍ତଙ୍କର ଉପର ଅଫିସର ଅଶ୍ୱିନୀବାବୁ ବର୍ତ୍ତମାନ ତାଙ୍କ ବିଭାଗର ଜଏଣ୍ଟ ସେକ୍ରେଟେରି । ସେ ପ୍ରକୃତରେ ଜଣେ ମ୍ୟାଟ୍ରିକୁଲେଟ । କଥା ପ୍ରସଙ୍ଗରେ ଜୟନ୍ତ କେତେଥର ଘରୋଇ ଆଲୋଚନା ଭିତରେ ଅଶ୍ୱିନୀଙ୍କର ଏଇ ସୌଭାଗ୍ୟ ବିଷୟରେ ନିଜ ପିଲାମାନଙ୍କୁ ଖୋଣ୍ଟା ଦେଇଚନ୍ତି, "ଆରେ କି ପାଠ ତମେମାନେ ପଢ଼ୁଚ ଆଜିକାଲି ? ଆମ ବେଳର ମ୍ୟାଟ୍ରିକ ପାଖରେ ତମ ପି. ଏଚ. ଡି., ଡି. ଏସ୍. ସି. କିଛି ନୁହେଁ । ଦେଖୁନ ଏଇ ଅଶ୍ୱିନୀବାବୁଙ୍କୁ ! ସେ ପୁଣି ମୋ ଉପରେ ବସିଚନ୍ତି ତ ! ଆମେ ବି. ଏ.—ସେ ମ୍ୟାଟ୍ରିକ । ଧନ୍ୟ କହିବ ବ୍ରିଟିଶ ସିଷ୍ଟମ୍‌କୁ । ପାଠ ଅପେକ୍ଷା ଏଫିସିଏନ୍‌ସିକୁ ସେମାନେ ମୂଲ୍ୟ ଦେଇ ଜାଣିଥିଲେ । ଆଜିକାଲି ଡିଗ୍ରୀସର୍ବସ୍ୱ ଯୁଗ—ସେଇଥି-ପାଇଁ ଏ ଦୁର୍ଦ୍ଦଶା । କଲେଜରେ କପି—ବିଶ୍ୱବିଦ୍ୟାଳୟ ଡିଗ୍ରୀ ବି ମିଳୁଚି ପଇସା ନେଲେ । ଆମ ବେଳେ ସ୍କୁଲ କଲେଜରେ ଯୋଉ ପାଠ ପଢ଼ା ହଉଥିଲା ଆଜିକାଲି କାହିଁ ସେ ପାଠ ?"

ସୁବ୍ରତ ସୁଦେଷ୍ଣା ଏକା ସାଙ୍ଗେ ଜୟନ୍ତଙ୍କର ସମ୍ମୁଖୀନ ହୋଇ ଥଟ୍ଟା କରି-ଉଠନ୍ତି ସେତେବେଳେ, "ଆମେ ତ ସେଇଆ କହୁଚୁ—ବ୍ରିଟିଶ ଶାସନ ଖୁବ୍ ଭଲ ଥିଲା ଏ ଦେଶ ପାଇଁ । ତମମାନଙ୍କୁ କିଏ କହୁଥିଲା କି ସେମାନଙ୍କୁ ତଡ଼ି ଏ କଂଗ୍ରେସରମାନଙ୍କୁ ଡାକିଆଣିବାକୁ ଏଠିକି ?"

ଜୟନ୍ତ ବ୍ୟସ୍ତ ହୋଇଉଠୁଥିଲେ । ଆଜିକାଲିକା ପିଲାଙ୍କ ମୁହଁରେ ବାଡ଼ବଟା

Digitized by srujanika@gmail.com

ନାହିଁ ଜାଣନ୍ତି ସେ । ଦେଶର ଯେକୌଣସି ପଦପଦବୀରେ ରହିଥିବା ଯେ କେହି ବ୍ୟକ୍ତିବିଶେଷଙ୍କ ପ୍ରତି ଆଜିକାଲିକା ପିଲାଙ୍କର ଲେଶ ମାତ୍ର ସମ୍ମାନବୋଧ ନାହିଁ— ଜାଣନ୍ତି ସେ । କିନ୍ତୁ ଏସବୁ ମହାବିପଜ୍ଜନକ କଥା ବୁଝିଥାନ୍ତି ସେ । ସେଇଥିପାଇଁ କଥାଟାକୁ ଆଉ ବଢ଼ିବାକୁ ନଦେଇ ସେ ମୂର୍ତ୍ତିମାନ ବିଅନ୍ତି ହେଇଠି, "ହଉ ଥାଉ । ସ୍ୱାଧୀନତାର ଅର୍ଥ ତମେମାନେ କାହୁଁ ବୁଝିବ ? ତମେମାନେ ତ ସେ ଯୁଗର ମଣିଷ ନୁହଁ ? ତମେ ବ୍ରିଟିଶ ଦେଖିନ କି ମହାତ୍ମାଗାନ୍ଧି ଦେଖିନ । ତମେ ଖୁବ୍ ବଡ଼ରେ ଦେଖିଚ ଜଣେ ଅମିତାଭ ବଚ୍ଚନ ନହେଲେ ଗାଭାସ୍କର୍ ବା କପିଳଦେବଙ୍କୁ । ହଉ ଯାଅ—ମନ ଦେଇ ପାଠପଢ଼—ଯାହା ଭାଗ୍ୟରେ ଥିବ ।"

ସରସ୍ୱତୀଙ୍କୁ ଖୋଜ ଖୋଜ ଜୟନ୍ତ ନୟାନ୍ତ ହେଇପଡ଼ଲେଣି ସେତେବେଳକୁ । ରୋଷେଇଘର, ଠାକୁରଘର, ଗାଧୁଆଘର ଖୋଜ ସାର ସେ ବାହାରିଗଲେ ଦାଣ୍ଡପିଣ୍ଡାକୁ । କ୍ୱାଟରର ସାମ୍ନା ପଟେ ଅଳ୍ପ ଟିକିଏ ଜାଗା । ସେଇ ଅଳ୍ପ ଜାଗାରେ ସରସ୍ୱତୀଙ୍କର ଫୁଲ ଫଳ ବଗିଚା । ମନ୍ଦାର ଗଛ, ଟଗର ଗଛ, କାମିନୀ ଗଛ, ଗଙ୍ଗଶିଉଳି ଓ ସ୍ଥଳପଦ୍ମ ଛଡ଼ା ସେଇଠି ଶୀତ ଦିନେ ଫୁଟେ କିଛି ଗେଣ୍ଡୁ ଓ ଜିନିଆ । ଖରାଦିନେ ମଲ୍ଲୀ କେଇ ବୁଦାରେ ବୋଝେଇ ହେଇଯାଏ ଫୁଲ । ଏସବୁ ଛଡ଼ା କେଇ ବୁଦା ଲଙ୍କା, କେଇ ବୁଦା ବାଇଗଣ, ଗଛେ ଦି'ଗଛ କଦଳୀ ବି ଥାଏ ତାଆରି ଭିତରେ । ଏସବୁ ଗଛବୃଛର ଦାୟିତ୍ୱ ଏକା ସରସ୍ୱତୀଙ୍କର । ପିଲାମାନେ ସେ ଆଡ଼କୁ ଆଡ଼ ଆଖିରେ ବି ଅନାନ୍ତି ନାହିଁ । ଖରାଦିନେ ଗଛ-ଗୁଡ଼ାକ ପାଣି ନପାଇ ମଲା ଭଳି ଝାଉଁଳ ପଡ଼ିବାର ଦେଖିଲେ ବି ପିଲାମାନଙ୍କ ମନକୁ କଥାଟା କୁଏଁ ବି ନାଇଁ ଯେ ବାଲ୍ଟିଏ କି ମଗେ ପାଣି ଝାଉଁଳା ଗଛ ମୂଳକୁ ନେଇ ଡାଳି ଦେଇ ଆସିବାକୁ । ଏ ବିଷୟରେ ସରସ୍ୱତୀ ମୁହଁ ଖୋଲିଲେଇ ଏଡ଼େ ଏଡ଼େ ପିଲା ନିର୍ବିଘ୍ନରେ ପାଟି କରିଉଠନ୍ତି, "ଯିଏ ଲଗେଇବ ସେଇ ପାଣି ଦବ । ତା' ଛଡ଼ା ଆମର ଏ ବଂଶସୃଷ୍ଟି ପ୍ରୋଗ୍ରାମରେ ବିଶ୍ୱାସ ନାହିଁ । ସ୍କୁଲରେ କଲେଜରେ ଯୋଉଠି ଦେଖ ସେଠି ସ୍କୁଲତ ବୃକ୍ଷ-ରୋପଣ । ସବୁ ବର୍ଷ ଲଗୁଚି । ହଜାର ହଜାର ଟଙ୍କା ଖର୍ଚ୍ଚ—କିନ୍ତୁ ଗୋଟାଏ ବି ଉଧେଇଲଣି ନା ଏତେ ବର୍ଷ ଭିତରେ ? କି ଦରକାର ଏ ସୋ'ରେ ? ଆମେ ଏ ସୋ' ଫୋ'ରେ ନାହୁଁ । ଯାହାର ଦରକାର ସେଇ ଲଗଉ ଗଛ ।"

ସରସ୍ୱତୀ ବିସ୍ମିତ ହୁଅନ୍ତି । ପଚାରନ୍ତି, "କଲେଜ ସ୍କୁଲରେ ସିନା ସୋ'

Digitized by srujanika@gmail.com

କରୁଚ — ଏଠି ଏ ଟଗର ମନ୍ଦାର ସ୍ଥଳପଦ୍ମମାନେ ତମ ଆଖିକୁ କଣ ସୋ’ ଭଳି ଦିଶୁଚନ୍ତି ନା କ’ଣ ?”

“ନିଶ୍ଚୟ ! ଏ ଗୁଡ଼ାକ କି କାମରେ ଲାଗୁଚନ୍ତି କହୁନ !” ସୁଖ୍ୟାତ ମା’କୁ ଚିଡ଼ାଏ ବେଶି ଏସବୁ କଥା ଆରମ୍ଭ ହେଲେ । ଆଖି ଠାର ମାରି, ବଡ଼ ଭାଇ ସାନ ଭଉଣୀଙ୍କୁ ସାକ୍ଷୀ ରଖି ପଚାରେ, “ଏ ସବୁ ଲାଗୁଚି ଯୋଡ଼ାଏ କାମରେ ନିଶ୍ଚୟ । ପ୍ରଥମେ ଚୋରଙ୍କର । ତା’ପରେ ତମ ଠାକୁରଙ୍କର । ଚୋରମାନେ ରାତି ପାହାନ୍ତାରୁ ବଗିଚାରୁ ଫୁଲ ଚୋରି କରି ବଜାରରେ ବିକି ଦି’ ପଇସା ରୋଜଗାର କରନ୍ତି । ପୁଣି ସେ ଫୁଲ ସେଠୁ କୁଆଡ଼େ ଯାଏ ଜାଣ ? ଅନ୍ୟ ଚୋରଙ୍କ ବେକକୁ ! ଏ ସହରରେ ଗଜରା ଫୁଲମାଳ ବେଶି କିଏ ପିନ୍ଧେ କହିଲ ମା ? ଚୋରମାନେ— ଯିଏ ଉଡ଼ାଜାହାଜରୁ ଓହ୍ଲାନ୍ତି କି ଉଡ଼ାଜାହାଜକୁ ଉଠନ୍ତି । ଗଦା ଗଦା ଫୁଲମାଳ ତାଙ୍କର ମୋଟ ମୋଟ ବେକ ପାଇଁ ନିଅଣ୍ଟ । ସେଠୁ ଯାହା ବଳେ ସେତକ ଲାଗିହୁଏ ଆଉ ଚୋରଙ୍କ ବେକରେ—ତମରି ସେ ଚୋର ଠାକୁର ପଞ୍ଝାକ, ଖଟୁଲିରେ ବସି ଦିନରାତି ଢୁଳୋଉଥାନ୍ତି ଯୋଉମାନେ । ଏ ଚୋରଙ୍କୁ ପୋଷିବାକୁ ପୂଜା କରିବାକୁ ଏତେ ପରିଶ୍ରମ ? ପୁଣି ପାଣି ଖର୍ଚ୍ଚ ? ଆଜିକାଲି ପାଣିର ଦାମ୍ କେତେ ଜାଣିଚ ତ ମା ?”

ସରସ୍ୱତୀ ଚିଡ଼ିଉଠନ୍ତି । କିନ୍ତୁ ସାଙ୍ଗେ ସାଙ୍ଗେ ହସିଦିଅନ୍ତି ବି । ମଝିଆଁ ପୁଅ ଏଇ ସୁଖ୍ୟାତଟି ତାଙ୍କର ଏ ଘରେ ପ୍ରକୃତରେ କାଣ୍ଡ କାମର ପିଲା । ସେ ସିନା ଗଛବୁଛରେ ପାଣି ଦିଏ ନାହିଁ, ତଥାପି ବଜାର ହାଟ କାମକୁ ସେ ପଚ୍ଛାଏ ନାହିଁ । ତାକୁ ଜିନିଷପତ୍ରର ଦରଦାମ୍ ଜଣା । ବଜାରରେ କୋଉ ଦୋକାନରେ କି ଜିନିଷ କି ଭାଉରେ ମିଳେ ଜଣା ତାକୁ । ତାର କ୍ରିକେଟ୍ ଖେଳାଳି ସାଙ୍ଗ-ମାନଙ୍କ ଜରିଆରେ ଦୋକାନୀମାନେ ସୁଖ୍ୟାତକୁ ଚିହ୍ନନ୍ତି ଜାଣନ୍ତି । ଖାଲି ସେତିକି ନୁହେଁ — ଏଇ ଗୁଣର ପୁଅଟି ଯୋଗୁ ସରସ୍ୱତୀଙ୍କ ସବୁଠୁ ବଡ଼ ଝଞ୍ଜଟା ଏ ଘରେ ସବୁଠୁ କମ୍, ନହେଲେ ଆଜିକାଲି ଏମିତି କୋଉ ଘର ଅଛି ଯୋଉଠି ବଡ଼ିଲା ଝିଅଟିଏ ଥାଉଣୁ ମା’ ବାପଙ୍କୁ ରାତିରେ ନିଦ ହୁଏ ଏ ଦେଶରେ ? ଯୋଉଠି ଝିଅଙ୍କୁ ରାସ୍ତାରେ ଚାଲେଇ ଦିଅନ୍ତି ନାହିଁ ଛତରା ବଜାରୀ ବାସ୍ତ୍ରବମାନେ, ଘରେ ବି ବସେଇ ଉଠେଇ ଦିଅନ୍ତି ନାହିଁ ଟେଲିଫୋନଟାଏ ଯଦି ଥାଏ ସେ ଘରେ, ରାସ୍ତାରେ ପଂଝା ପଂଝା ହେଇ ସାଇକେଲରେ ପଇଁତରା ମାରୁଥିବେ ଟୋକାମାନେ ତମ ଘର ଆଗରେ, ଆଉ ନାଁ ଧରି ଡାକମାରୁଥିବେ ଦିନ ଦିପହରେ, ହେଠି

Digitized by srujanika@gmail.com

ସରସ୍ୱତୀଙ୍କ ଭଳି ନିଖାଦ ମା'ବଶୁଆଟିର ଗୁଣ କଅଣ ? କିନ୍ତୁ ଏଇ କ୍ରିକେଟ୍ ଖେଳାଳି ସୁଖ୍ୟାତି ଯୋଗୁ ସରସ୍ୱତୀ ନିଶ୍ଚିନ୍ତରେ ଟିକିଏ ଦିନ କାଟନ୍ତି । ସୁଦେଷ୍ଣାଙ୍କୁ ନେଇ ଦୁଶ୍ଚିନ୍ତା ତାଙ୍କର ପ୍ରାୟ ନାହିଁ କହିଲେ ଚଳେ ।

ବଗିଚା କାମ ବିଷୟରେ ପିଲାମାନଙ୍କୁ ବେଶି ନ ଚଳେଇ ସରସ୍ୱତୀ ଏକା ଏକା ମ୍ୟାନେଜ କରିନିଅନ୍ତି ସେସବୁ କାମ । କିନ୍ତୁ ଗୋଟିଏ ଶ୍ରେଣୀର କାମ ଥାଏ ଏ ଘରେ ଯୋଉଥିପାଇଁ ଏକା ଜୟନ୍ତଙ୍କ ଉପରେ ନିର୍ଭର କରନ୍ତି ସେ । ଯେଉଁଟି ହେଲା—ଇଲେକ୍ଟ୍ରିକ୍, ପାଣି, ଟେଲିଫୋନ ପ୍ରଭୃତିର ବିଲ୍ ଆସିଲେ ବିଲ୍ ଠିକ୍ କି ଭୁଲ ପରୀକ୍ଷା କରି ବିଲ୍ ପେମେଣ୍ଟ କରିବା । ଏଥିପାଇଁ ବହୁତ ବର୍ଷର ପୁରୁଣା ବିଲ୍‌ଗୁଡ଼ିକୁ ପୂରା ଅଫିସ କାଇଦାରେ ଫାଇଲରେ ରଖାଯିବା ଦରକାର—ଯୋଉ କାମଟା ଜୟନ୍ତଙ୍କ ଛଡ଼ା ଏ ଘରେ ଆଉ କାହାର ହେବ ହବାର ନୁହେଁ । ସରସ୍ୱତୀ ଫାଇଲ୍ କାମ ନାଁ ଶୁଣିଲେ ଡରିଯା'ନ୍ତି । ରସିଦଗୁଡ଼ାକୁ ଲୁଚେଇ ପୁଟେଇ ଯେତେ କାଇଦାରେ ଯାଇନ୍ତ ରଖିଲେ ମଧ୍ୟ ଠିକ୍ ବେଳକୁ ଜମା ମିଳନ୍ତି ନାହିଁ ସେମାନେ । ପାଞ୍ଚବର୍ଷ ତଳର ପାଣି ରସିଦ ଖଣ୍ଡିଏ ନ ମିଳିବାରୁ ଥରେ ତାଙ୍କୁ ବହୁତ ଗାଳି ଶୁଣିବାକୁ ପଡ଼ିଥିଲା ଜୟନ୍ତଙ୍କଠୁଁ । ସେଥର ପାଣି ବିଲ୍‌ରେ ଏରିଅର୍ ଟଙ୍କାର ପରିମାଣଟାକୁ ଅନେଇ ଦେଇ ଜୟନ୍ତ ଝୋଲାମରା ହେଇଯାଇଥା'ନ୍ତି । ସରସ୍ୱତୀଙ୍କୁ ବଡ଼ ପାଟିରେ ଡାକପକେଇଲେ ସେ, "ହଇଓ ! ଆମ ଉପରେ ପାଞ୍ଚ ପାଞ୍ଚ ବର୍ଷର ପାଣି ଟଙ୍କା ଏରିଅର୍ କେମିତି ଉଠିଲା ଏ ବିଲ୍‌ରେ ? ଆମେ ତ ପ୍ରତି ମାସରେ ଦେଇ ଆସୁଚେ ବିଲ୍, କ୍ଲିଅର କରୁଚେ—ପୁଣି ଏ ଟଙ୍କା ? ଏତେଗୁଡ଼ାଏ ଟଙ୍କା ! ଟିକେ ଦେଖିଲ ! ରସିଦଗୁଡ଼ାକ ରଖିଚଟି ?"

ସରସ୍ୱତୀ ଦଉଡ଼ି ଗଲେ ଶୋଇବା ଘରକୁ । ଶେଯ ତଳ ଦରାଣ୍ଡି ପକେଇଲେ । ସେଇଠୁ ଦଉଡ଼ିଗଲେ ଲୁଗା ଆଲମାରି ପାଖକୁ । ଗଦାଏ ଲୁଗା ଗଦେଇ ପକେଇଲେ ତଳକୁ । ସେଇଠୁଁ ଧାଇଁଗଲେ ପିଲାଙ୍କ ପଢ଼ା ଟେବୁଲ ପାଖକୁ । ଡ୍ରୟରଗୁଡ଼ାକୁ ଗୋଟା ଗୋଟା କରି ଟାଣିଆଣି ଅଜାଡ଼ି ପକେଇଲେ । କିନ୍ତୁ ସମୁଦ୍ର ମନ୍ଥନରୁ ଖାଲି ମିଳିଲା ଗରଳ । ଜୟନ୍ତଙ୍କ ଗାଳି, ପିଲାଙ୍କ ଉପହାସ ଛଡ଼ା ପାଞ୍ଚ ବର୍ଷ ତଳର ପାଣିବିଲ୍ ବା ରସିଦର ନାଁ ଗନ୍ଧ କୋଉଠି ହେଲେ କୋଉଠି ଦିଶିଲା ନାହିଁ ତାଙ୍କୁ । ଜୟନ୍ତ ରଡ଼ି ପକଉଥାନ୍ତି, "ତିନି ହଜାର

Digitized by srujanika@gmail.com

ଟଙ୍କାରେ ବୁଡ଼େଇ ଦେଲ ମତେ ସରସ୍ୱତୀ ! କାଗଜ ଖଣ୍ଡିକୁ ହଜେଇ ଦେଲ ? ବର୍ତ୍ତମାନ ହବ କ'ଣ ?"

ବଡ଼ ପୁଅ ସୁବ୍ରତ ପଢ଼ିଲେ ପଢ଼ିଲେ ମା'ର ଧାଁଧପଡ଼ ଦେଖି ଖୁବ୍ କୁରୁକୁରୁଥିଲା । କିନ୍ତୁ ତା' ଉପରେ ବାପାଙ୍କ ଧାଉଡ଼ ଦେଖି ମା' ପଖିଆ ହୋଇ କହିଲା, "ପାଞ୍ଚ ବର୍ଷ ତଳର ରସିଦ ଏଠି କୋଉଠି ମିଳିବ ? ତାଙ୍କ ଅଫିସରେ ନଥିବ ?"

ଜୟନ୍ତ ଆଖି ତରଡ଼େଇ ଚାହିଁଲେ ସୁବ୍ରତକୁ । କହିଲେ, "କେଉଁଠା ଅଫିସ ଦେଖିଛୁ ତୁ ଶୁଣେ ? ଜୀବନରେ ଅଫିସ କି ଜିନିଷ ଜାଣିବ ନାହିଁ କେବେହେଲେ ତମେମାନେ । ତମକୁ ଏଲ୍. ଡି. କିରାଣି ଚାକିରି ଖଣ୍ଡେ କେବେହେଲେ ମିଳିବ ନା ? ପୁଅ କଥା କହୁଛନ୍ତି କେମିତି ଦେଖ ! ପାଟିରେ ବାଟୁଲି ବାଜୁନାହିଁ । ଆରେ, ଟଙ୍କା ଦେଲ, ରସିଦ ଆଣିଲ — ରସିଦ ରଖିବା ତମ କାମ ନା ତାଙ୍କ କାମ ? ଅଫିସ୍‌ର କି ଦୋଷ ତମ ରସିଦ ତମେ ହଜେଇଲେ, ଏଁ ?"

ସୁବ୍ରତ ସେତେବେଳେ ପି. ଜି. ରେ ଆଡ୍‌ମିଶନ ନେଇଥିଲା ନୂଆ କରି । କିରାଣି ଚାକିରି ପ୍ରତି ତା'ର ଜନ୍ମରୁ ଘୃଣା, ବୋଧହୁଏ ବାପକୁ ତାର ମୂଳରୁ ସେ କିରାଣି ଚାକିରିରେ ଦେଖିଥିବାରୁ କି କଅଣ ପାଇଁ କେଜାଣି । ତାକୁ ଆଇ. ଏ. ଏସ୍. ପରୀକ୍ଷା ଦବାକୁ ଜୟନ୍ତ ଯେତେ ପ୍ରବର୍ତ୍ତାନ୍ତି ସେ ସେତିକି କଠୋର ଜବାବ ଦିଏ ମୁହେଁ ମୁହେଁ ତାଙ୍କର —

"ବିଲାତି କୁକୁରଙ୍କୁ ରାସ୍ତାକୁ ଛାଡ଼ିଦେଲେ କ'ଣ ଦଶା ହୁଏ ତାଙ୍କର ଜାଣିଛନ୍ତି ବାପା ! ବିଲାତିଲୋକେ କୁକୁର ପାଳିଥିଲେ । ସେମାନେ ଚାଲିଗଲେ । ରହିଗଲେ କୁକୁରମାନେ । ଘର ଛାଡ଼ି ରାସ୍ତାରେ ବୁଲିଲେ । ସ୍ୱାଧୀନତାରୁ ଏତିକି ଲାଭ ହେଲା । ଏଇଲେ ଦେଶରେ ଦେଶୀ କୁକୁରଙ୍କ ଛୁଆମାନେ ବିଲାତି କୁକୁରଙ୍କ ଭଳି ଦିଶୁଛନ୍ତି ସିନା; କିନ୍ତୁ ବିଲାତି କୁକୁର ଘିଅ ଖାଉ ନଥିଲେ । ଏମାନେ ସମସ୍ତେ ଘିଅ ଖାଉଛନ୍ତି !"

ଜୟନ୍ତ ସମ୍ଭାଳି ପାରିଲେ ନାହିଁ । ଚଟି ପଟେ ପାଦରୁ କାଢ଼ି ସୁବ୍ରତକୁ ମୁଣ୍ଡରୁ ଗୋଡ଼ଯାଏଁ ସେକିଦେଇଗଲେ । ସରସ୍ୱତୀ ମୁଣ୍ଡ ପିଟିଦେଲେ ।

ସେଇଦିନୁ ବିଲ୍ ଓ ରସିଦ ରଖିବା କାମ ଏକା ଜୟନ୍ତଙ୍କର । ଏ ବିଲ୍ ଓ ରସିଦଗୁଡ଼ାକ ରହେ ଛାତ ଉପରେ ଶିଡ଼ି ଘରକୁ ଲାଗି ଗୋଟିଏ ଟ୍ରଙ୍କ ବାକ୍ସରେ, ଯୋଉଠିକି ଏକା ଜୟନ୍ତଙ୍କ ଛଡ଼ା ଅନ୍ୟ କାହାରି ପ୍ରବେଶ ନିଷେଧ । ସେ ରୁମ୍‌ରେ

Digitized by srujanika@gmail.com

ଜୟନ୍ତଙ୍କ ସବୁ ଫାଇଲ୍ ସଜା ହୋଇ ରହିଥାଏ ଗୋଟିଏ ଲମ୍ବା ର୍ୟାକରେ । ଏ ରୁମ୍‌ର ସ୍ୱତନ୍ତ୍ର ଘର ମାଲିକ ରଖିଛନ୍ତି—କାରଣ ଏ ଘରେ ତାଙ୍କର ଘରୋଇ ଅଫିସ କାମ ନିରୋଳାରେ କରିବା ପାଇଁ ଖୁବ୍ ଉପଯୁକ୍ତ ଜାଗା । ଏଇଠି ବସିଲେ ପୂରା ଛାତଟା ନଜରକୁ ଆସେ । ଖରା ବର୍ଷା ଶୀତ ଋତୁର ସ୍ପର୍ଶ ପାଇବାକୁ ହେଲେ ଜୟନ୍ତ ମଧ୍ୟ ଚଳେଇ ଆସନ୍ତି ଏଇ ଛାତ ଉପରକୁ ।

ସରସ୍ୱତୀଙ୍କୁ ତଳ ମହଲରେ ସବୁଆଡେ ଖୋଜିପାରି ନ ପାଇ ଜୟନ୍ତ ଉଠିଲେ ଶିଢ଼ି ଘର ଦେଇ ଛାତ ଉପରକୁ । ସେତିକିବେଳେ ସରସ୍ୱତୀ ମଧ୍ୟ ଛାତ ଉପରୁ ତରବର ହୋଇ ଓହ୍ଲେଇ ଆସୁଥାନ୍ତି ।

"ଆରେ !"—ଚମକି ପଡ଼ିଲେ ଜୟନ୍ତ, "ଏତେ ସକାଳୁ ସକାଳୁ ଛାତ ଉପରକୁ ଆସିଚ କାହିଁକି ତମେ ? ମୁଁ ତମକୁ ତଳେ ଖୋଜି ଖୋଜି ନୟାନ୍ତ । କଅଣ କରୁଥିଲ କି ଉପରେ ?"

"ଯାଅ ଦେଖିବ"—ସରସ୍ୱତୀଙ୍କ ମୁରୁକି ହସାରୁ କିଛି ବୁଝିପାରିଲେ ନାହିଁ ଜୟନ୍ତ । ବରଂ ତାଙ୍କର ସନ୍ଦେହ ହେଲା—ଫାଇଲପତ୍ର ଦରାଣ୍ଡୁଥିଲ କି ଆଉ ଉପର ଘରେ ! ମାଇପିଟାର ଗତିବିଧି ତାଙ୍କୁ କେମିତି କେମିତି ଜଣାଗଲା । ସେ ତରବର ହୋଇ ବାକିତକ ପାହାଚ ଉଠିଗଲେ ଉପରକୁ ।

ଏକ ଅଦ୍ଭୁତ ସକାଳ । ଆକାଶ ମେଘାଚ୍ଛନ୍ନ । କିନ୍ତୁ ବର୍ଷା ନାହିଁ । ସୂର୍ଯ୍ୟ ଭଗବାନଙ୍କର କେତେ ଉଚ୍ଚକୁ ଉଠିବେଣି ହଠାତ୍ ଜାଣିହେଉ ନାହିଁ ବାଦଲ ମେଘଗୁଡ଼ାକ ଯୋଗୁ । କିନ୍ତୁ ଚାରିଆଡ଼େ ଏଡ଼େ ସୁନ୍ଦର ରଙ୍ଗ, ଏତେ ନିର୍ମଳ ଏତେ ଶୀତଳ ! ଜୟନ୍ତଙ୍କ ପାଦ ଖୋଲାଛାତ ଉପର ଆଡ଼କୁ ଖୋଲି ଯାଉ ଯାଉ ମନଟା ବି ତାଙ୍କର ଖୋଲିଗଲା । ଚାରି ପାଖର ଦୋମହଲା ତିନିମହଲା ଘର ମଝିରେ ତାଙ୍କର ଏଇ ଏକମହଲିଆ ଘରଟାର ଗୋଟିଏ ବିଶେଷତ୍ୱ ଥିଲା—ସେଇଟା ହେଲା, ଏଇ ଛାତର ଗୋଟିଏ ସ୍ଥାନରେ ଠିଆହୋଇ ସାମ୍ନାକୁ ଅନେଇଲେ ଦୁଇ ବଡ଼ ବଡ଼ କୋଠା ଫାଙ୍କରେ ଚେନାଏ ଆକାଶ ଦିଶେ ଯାହା ମଝିରେ ଲିଙ୍ଗରାଜ ମନ୍ଦିରର ବିଧ୍ୱଜନିତ ଓ ମନ୍ଦିର ଚୂଳର ପତାକା ବେଶ୍ ସ୍ପଷ୍ଟଭାବେ ଦିଶେ—ଟେଲିସ୍କୋପରେ ଚାହିଁ ଦିଶିଲା ଭଳି ଆଖିକୁ । ଶିବରାତ୍ରି ଦିନ ମଧ୍ୟରାତ୍ରିରେ ମହାଦୀପ ଉଠିଲାବେଳେ ଏଇ ଛାତରୁ ସେ ଅପୂର୍ବ ଦୃଶ୍ୟ ଦେଖନ୍ତି ପ୍ରତିବର୍ଷ । ଜୟନ୍ତଙ୍କ ସାଥିରେ ସରସ୍ୱତୀ ମଧ୍ୟ । କିନ୍ତୁ ଆଜି ବଡ଼ ସକାଳଟାରୁ କି

Digitized by srujanika@gmail.com

ଦୃଶ୍ୟ ଦେଖିଲେ କି ସରସ୍ୱତୀ ସେଠି ସେ ଫାଙ୍କରେ ଯେ ଏତେ କୁତ୍ସିତ ଉଠୁଛନ୍ତି ! ସନ୍ଦେହରେ ପଡ଼ିଗଲେ ଜୟନ୍ତ ।

ତରବର ହୋଇ ଘ୍ରାତ ଉପରେ ପୋଜିସନ୍ ନବାକୁ ଆଗେଇଗଲେ ଜୟନ୍ତବାବୁ ସେଇଟିକି ଯୋଉଠୁ ଦିଶେ ଲିଙ୍ଗରାଜ ମନ୍ଦିରର ଉଦ୍ଧିନଉଡ ଆଉ ପତାକା । କିନ୍ତୁ ହଠାତ୍ ତାଙ୍କର ଦୃଷ୍ଟିପଥ ଅବରୋଧ କଲା ଆଉ ଏକ ଜିନିଷ । ଏକ ଲମ୍ବା ବାଉଁଶ—ତା' ଉପରେ ପତାକାଟିଏ । ପତାକାଟା ଫରଫର ହୋଇ ଉଡୁଥାଏ । ବେଶ୍ ବଡ଼ ପତାକାଟାଏ ବି । ତାର ଉପର ପଟର ଗେରୁଆ ରଙ୍ଗ, ମଝିର ଧଳା ଓ ତଳର ସବୁଜ । ମଝିରେ ଚକ୍ର ଚିହ୍ନ ସ୍ପଷ୍ଟ ଦିଶୁଥାଏ ଆଖିକୁ । ଓଃ ! ସରସ୍ୱତୀ ତେବେ ସକାଳୁ ଏଇଆ କରୁଥିଲେ ଘ୍ରାତ ଉପରେ ! କିନ୍ତୁ କୋଉଠୁ ଯୋଗାଡ଼ କଲେ ସେ ଏସବୁ ସରଞ୍ଜାମ ? ଏ ଖୁଣ୍ଟ, ଏ ପତାକା ! ଚାରିଆଡ଼କୁ ଆଖି ବୁଲେଇନେଲେ ଜୟନ୍ତ । ମାଇଲ ମାଇଲ ବ୍ୟାପୀ ଖାଲି କୋଠା ଆଉ କୋଠା—ଦୋମହଲା, ତିନି ମହଲା, ଚାରି ମହଲା । କଂକ୍ରିଟ୍ ଜଙ୍ଗଲ । କିନ୍ତୁ ଆଶ୍ଚର୍ଯ୍ୟ କଥା—କୌଣସି ଘର ଉପରେ କାହିଁ ଗୋଟିଏ ହେଲେ ପତାକା ତ ଆଖିରେ ପଡ଼ୁନି ! ଏ ସମଗ୍ର ଅଞ୍ଚଳରେ ଏକା ଏଇ ସାନ ଏକମହଲା ଘରଟି ଉପରେ ଉଡ଼ୁଛି ପତାକାଟିଏ—ଜାତୀୟ ପତାକା ! ସରସ୍ୱତୀ ତେବେ ଏଇ କାମରେ ଲାଗିପଡ଼ିଥିଲେ ସେତିକି ପାହାନ୍ତିଆରୁ ! ଘ୍ରାତ ଉପରଟା କେମିତି କେମିତି ଲାଗିଗଲା ତାଙ୍କର । ମୁହୂର୍ତ୍ତକ ଭିତରେ ଜୟନ୍ତଙ୍କର ରୂପାନ୍ତର ଘଟିଗଲା ସତେ କି ? କୃତଜ୍ଞତାରେ ଭରିଉଠିଲା ମନଟା ତାଙ୍କର ପ୍ରଥମେ ନିଜ ସ୍ତ୍ରୀ ସରସ୍ୱତୀଙ୍କ ପ୍ରତି । ପରେ ପରେ ଉଚ୍ଛୁଳିଉଠିଲା ସେ କୃତଜ୍ଞତାର ପାଣି—ତାଙ୍କର ସାନଘରଟି । ତାଙ୍କୁ ଲାଗିଲା—ଖୁବ୍ ବଡ଼ ପାଟି କରି ଉଠିବେ । ଡାକପକେଇବେ ତାଙ୍କର ଶୋଇଲା ପିଲାମାନଙ୍କୁ ଖାଲି ନୁହେଁ—ତାଙ୍କ ଚାରିପାଖେ ଶୂନ୍ୟ ଘ୍ରାତଗୁଡ଼ିକ ତଳେ ଯେତେ ସବୁ ଯିଏ ଯୋଉଠି ଶୋଇଛନ୍ତି, ବସିଛନ୍ତି, ଛୁଟି ଭୋଗିବାକୁ ମସୁଧା କରୁଛନ୍ତି, ସମସ୍ତଙ୍କୁ ଡାକପକେଇ ଉଠେଇ ଆଣିବେ ନିଜ ନିଜ ଘ୍ରାତ ଉପରକୁ ଆଉ ଦେଖେଇଦେବେ ସରସ୍ୱତୀଙ୍କ କୃତିତ୍ୱ ସହିତ ତାଙ୍କର ଠିକ କରାଣିଆ ଘରଟିର ସେଇ ମହତ୍ତ୍ୱ କୀର୍ତ୍ତିଟିକୁ ! ଓଃ ! ସମ୍ଭାଳି ପାରିଲେ ନାହିଁ ଆଉ ଜୟନ୍ତ ନିଜକୁ । ମନେପଡ଼ିଗଲା ତାଙ୍କର ସେଇ ପିଲାଦିନର ଗୋଟିଏ ଏଇଭଳି ଅଦ୍ଭୁତ ସକାଳର କଥା । ୧୯୪୭ ଅଗଷ୍ଟ ପନ୍ଦର ସକାଳ । ଯେତେବେଳେ ସେ ଥିଲେ ସ୍କୁଲ ଛାତ୍ର । ଦେଶ ସେଇଦିନ ସ୍ୱାଧୀନ ହୋଇଥିଲା ପ୍ରଥମ

Digitized by srujanika@gmail.com

କଲ । ମହାତ୍ମାଗାନ୍ଧି ବଞ୍ଚିଥିଲେ ସେଦିନ । ଆଃ ! ଚିତ୍କାର କରି ଉଠିଲେ ଜୟନ୍ତ, ନିଜ ଗୁଣ୍ଡ ଭିତରୁ ଏକ ନାହିଁନଥିବା ଚିତ୍କାର । ସେ ଚିତ୍କାର ମହା-ଆନନ୍ଦର କି ମହାଦୁଃଖ ମହାଶୋକର ଜାଣିପାରୁନଥିଲେ ସେ ନିଜେ । ଜାଣି ପାରିଲେନାହିଁ ଅନ୍ୟ କେହି ।

ପନ୍ଦର ମିନିଟ୍ ଭିତରେ ଜୟନ୍ତଙ୍କ ଘର ଚାରିପାଖ ଜନାକୀର୍ଣ୍ଣ । ଯେ ଶୁଣିଲ ସେ ଧାଇଁ ଆସିଲ । ସମସ୍ତଙ୍କ ମୁହଁରେ ଆହା ଆହା ! କିନ୍ତୁ କାରଣଟା କଅଣ କେହି ସେପର୍ଯ୍ୟନ୍ତ ଜାଣିପାରୁନଥାନ୍ତି ସ୍ପଷ୍ଟକରି ।

ମେଡ଼ିକାଲ୍‌କୁ ଫୋନ୍ କରି କରି ବହୁବେଳ ପର୍ଯ୍ୟନ୍ତ ଆମ୍ବୁଲାନ୍‌ସ ନ ଆସିବାରୁ ବାଧ୍ୟ ହୋଇ ତିନୋଟି ରିକ୍‌ସା କରାଗଲେ । ଗୋଟିକରେ ବସିଲେ ଜୟନ୍ତ ତାଙ୍କ ବଡ଼ ପୁଅ ସୁବ୍ରତକୁ କୋଳରେ ଧରି । ଅନ୍ୟଟିରେ ସରସ୍ୱତୀ କୁଣ୍ଢେଇ ଧରିଥାଆନ୍ତି ସୁଦେଷ୍ଣାକୁ । ତୃତୀୟ ରିକ୍‌ସାରେ ଆଉ ଜଣେ କିଏ ମାଡ଼ି ବସିଥାନ୍ତି ସୁଖ୍ୟାତକୁ । ଏତେ ବଡ଼ ଟୋକାଟା । କ୍ରିକେଟ ଖେଳ ଖେଳ ତା ପିଠିଟା ଚଉଡ଼ା ହୋଇ ଯାଇଥାଏ, ଆଉ କି ଲମ୍ବା ଲମ୍ବା ସୁଗଠିତ ଗୋଡ଼ ଆଉ ହାତଗୁଡ଼ାକ ! କିନ୍ତୁ ମଲ୍ଲ ବାଘଟିଏ ଭଳି ଲମ୍ବି ପଡ଼ିଥାଏ ତା ଶରୀରଟା ଯାହାକୁ କୌଣସିମତେ ମାଡ଼ିବସି କୁଣ୍ଢେଇ ଧରିଥାଏ କିଏ ଜଣେ ସେ କେଜାଣି ?

ସରସ୍ୱତୀ ବାହୁନୁଥାନ୍ତି, "ମୋ ପିଲାଙ୍କ ମାରିଦେଲେ—ମାରି ପକେଇଲେ ଗୋ ମା···"

ଆହା କି କରୁଣ ସେ କାନ୍ଦଣା ! ଦେଖଣାହାରିଏ ଆଖି ପୋଛୁଥାନ୍ତି । ରିକ୍‌ସା ତିନିଟା ଗଲ—ମେଡ଼ିକାଲ୍ ଅଭିମୁଖେ । ସମସ୍ତେ ତଥାପି ପଚରାଉଚରା ହଉଥାନ୍ତି, "କଅଣ ହେଲା ? କିଏ ମାରିଲା ? କଅଣ ଆତ୍ମହତ୍ୟା ? ନା ଆଉ କଅଣ ?"

ସେଦିନ ଡାକ୍ତରଖାନାରେ ସୁବ୍ରତ, ସୁଖ୍ୟାତ ଓ ସୁଦେଷ୍ଣାଙ୍କ କାଠୁଆ ଦିହ ତିନିଟା କେବଳ ରିକ୍‌ସାରୁ ଅନ୍‌ଲୋଡ୍ କରାଯାଇନଥିଲା—ଆସିଲେ ଗୋଟିକ ପରେ ଗୋଟିଏ, ଯୋଡ଼ିକ ପରେ ଯୋଡ଼ିଏ, ରିକ୍‌ସା, କାର୍, ଟ୍ୟାକ୍‌ସି, ଟ୍ରାକ୍ଟରରେ ଅନେକଟି ଶରୀର । କାଠୁଆ ଦେହ । ମରି ନଥାନ୍ତି କେହି ସେପର୍ଯ୍ୟନ୍ତ ଅବଶ୍ୟ । କିନ୍ତୁ ସମସ୍ତଙ୍କର ସେଇ ଏକା ଦଶା ! ପାରାଲିସିସ୍··· । ଡାକ୍ତରମାନେ ଅଟକ୍ଷ ପନ୍ଦର ଛୁଟି ପାଉଥିଲେ ନିଜ ନିଜ କ୍ୱାର୍ଟର୍ସରେ ।

Digitized by srujanika@gmail.com

ଡକାଡ଼କ ହୋଇ ଆସୁ ଆସୁ ସ୍ୱାଧୀନତା ଦିବସର ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠି-ସାରିଥାନ୍ତି । ଆକାଶ ମେଘାଚ୍ଛନ୍ନ । ସୂର୍ଯ୍ୟଙ୍କ ମୁହଁ ଟିକିଏ ଅଦୃଶ୍ୟ ।

ସେଦିନ ଟି.ଭି.ର ଘୋଷଣା ଶୁଣି ପାରିଲେ ସମସ୍ତେ—ତେଲ ! ତେଲ ! ତେଲ ! ଅପମିଶ୍ରିତ ତେଲରୁ ତିଆରି ବ୍ରେଡ୍—ଯେ ଖାଇଛି ସେ ପାଇଛି ! ଏଇଲେ ଡାକ୍ତରଖାନାରେ ଦେଢ଼ଶ' ପାରାଲିସିସ୍ କେଶ୍ ! ସମସ୍ତେ ଛୋକା ଛୋକା ! ଦେଶର ସବୁ ନାଗରିକ ! ସମ୍ବାଦପତ୍ରରେ ହୁଲସ୍ଥୁଲ—ମାର ! ମାର ! ମାର !

ସନ୍ଧ୍ୟା ହୋଇଗଲାଣି । ଜୟନ୍ତଙ୍କ ଘରଉପରେ ତିରଙ୍ଗା ପତାକାଟି ସେମିତି ଉଡ଼ୁଥାଏ ଯେମିତି ଦେଖିଯାଇଥିଲେ ସକାଳେ ଜୟନ୍ତବାବୁ ନିଜେ । ପତାକାଟାକୁ ରାତି ଆସିବା ପୂର୍ବରୁ ଓହ୍ଲାଇ ଆଣିବା କଥା । କିନ୍ତୁ କେହି ନଥିଲେ ସେ ଘରେ । କାହାରି ଆଖିକୁ ବି ଦିଶୁନଥିଲା ସେ ଦୃଶ୍ୟ । ମନେପଡ଼ୁନଥିଲା ସେତେବେଳକାର କର୍ତ୍ତବ୍ୟ କାହାରି ହେଲେ । ତେଲ ! ତେଲ ! ତେଲ !··· ଶୁଭୁଥାଏ ଭୟ ଓ ଅଜଣା ଆତଙ୍କର ଆର୍ତ୍ତନାଦ ।

Digitized by srujanika@gmail.com